ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ସୋମବାର, ଡିସେମ୍ବର ୪/୨୦୨୩ (୧୬ ପୃଷ୍ଠା) | Bhubaneswar, Monday, December 4/2023 | Page 16 | ₹ 7.00
୫୦ଶ ଭାଗ ୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 11 | ମୂଲ୍ୟ ₹୭/-

# ୪ରୁ ୩ ପଦ୍ମ



୩ ରାଜ୍ୟରେ ବିଜୟ ପରେ ମଧ୍ୟପ୍ରଦେଶ ଜବଲପୁରଠାରେ ଉଲ୍ଲସିତ ଭାଜପା କର୍ମୀ।

- ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ରେ ଭାଜପାର ବିପୁଳ ବିଜୟ
- ତେଲଙ୍ଗାନାରେ କେସିଆର୍‌ଙ୍କ ହାତରୁ କ୍ଷମତା ଛଡ଼ାଇନେଲା କଂଗ୍ରେସ

ନୂଆଦିଲ୍ଲୀ, ୩।୧୨
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

୩ ହିନ୍ଦୀଭାଷୀ ରାଜ୍ୟ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ ଭାରତୀୟ ଜନତା ପାର୍ଟି (ଭାଜପା) ବିପୁଳ ବିଜୟ ଲାଭକରି ସରକାର ଗଠନ ଦିଗରେ ଅଗ୍ରସର ହୋଇଥିବାବେଳେ ତେଲଙ୍ଗାନାରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ର ଦୁର୍ଗ ଭୁଶୁଡ଼ିଛି। ସେଠାରେ କଂଗ୍ରେସ କ୍ଷମତାସୀନ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଶାସନ ଓ ଗ୍ୟାରେଣ୍ଟି ଆଗରେ ଫିକା ପଡ଼ିଯାଇଛି କଂଗ୍ରେସର ମନଲୋଭା ପ୍ରତିଶ୍ରୁତି। ମଧ୍ୟପ୍ରଦେଶରେ ଭାଜପା ଦୁଇତୃତୀୟାଂଶ ବହୁମତ ହାସଲ ସହ ସ୍ଥିତାବସ୍ଥା ବଜାୟ ରଖିଛି। ଏଠି କଂଗ୍ରେସ ନେତା କମଲନାଥଙ୍କ ମୁଖ୍ୟମନ୍ତ୍ରୀ ଆଶା ପୁନର୍ବାର ମଉଳିଯାଇଛି। ରାଜସ୍ଥାନ ଭୋଟର ପାଳି କରି ଦୁଇ ବୃହତ୍ ଜାତୀୟ ଦଳ ଭାଜପା ଓ କଂଗ୍ରେସକୁ ସରକାର ଗଢ଼ିବା ସୁଯୋଗ ପ୍ରଦାନ ନେଇ ୩ ଦଶନ୍ଧିର ପରମ୍ପରାକୁ ବଜାୟ ରଖିଛନ୍ତି। ଫଳରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ଯାଦୁ ଆଉ କାମ କରିନାହିଁ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଓ ନିର୍ବାଚନର କିଛିମାସ ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ହୋଇଥିବା ଟି.ଏସ୍. ସିଂହଦେଓଙ୍କ ମଧ୍ୟରେ କ୍ଷମତା ପାଇଁ ଟଣାଓଟରା ସାଙ୍ଗକୁ ମହାଦେବ ଆପ୍ ଜରିଆରେ ଜନତାଙ୍କ ଅର୍ଥ ଲୁଟ୍ ଅଭିଯୋଗ ଶାସକ କଂଗ୍ରେସକୁ ଧରାଶାୟୀ କରିଛି। ଫଳରେ ୫ ବର୍ଷ ପରେ ଭାଜପା ପୁଣି ସରକାର ଗଠନ ପାଇଁ ସୁଯୋଗ ପାଇଛି। ତେଲଙ୍ଗାନା ଗଠନ ହେବା ପରଠୁ ଦୀର୍ଘ ୧୦ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଆସିଥିବା କେ. ଚନ୍ଦ୍ରଶେଖର ରାଓ (କେସିଆର)ଙ୍କଠାରୁ କ୍ଷମତା ଛଡ଼ାଇବାରେ ସଫଳ ହେବା କଂଗ୍ରେସ ପାଇଁ କିଛି ମାତ୍ରାରେ ଆଶ୍ୱସ୍ତି ଆଣିଦେଇଛି। ଏହାସତ୍ତ୍ୱେ ୨୦୨୪ ସାଧାରଣ ନିର୍ବାଚନର ସେମି ଫାଇନାଲ କୁହାଯାଉଥିବା ସଦ୍ୟ ଜନାଦେଶ ସର୍ବପୁରାତନ ଦଳକୁ ଆହୁରି ଆତ୍ମସମୀକ୍ଷାର ଆବଶ୍ୟକତା ଥିବା ସନ୍ଦେଶ ☞ପୃଷ୍ଠା-୪

**ରାଜସ୍ଥାନ: ୧୯୯**
ଭାଜପା-୧୧୫
କଂଗ୍ରେସ-୬୯
ବିଏପି-୩
ବିଏସ୍ପି-୨
ଅନ୍ୟାନ୍ୟ-୧୦



**ମଧ୍ୟପ୍ରଦେଶ:୨୩୦**
ଭାଜପା-୧୬୩
କଂଗ୍ରେସ-୬୬
ବିଏପି-୧



**ଛତିଶଗଡ଼ :୯୦**
ଭାଜପା-୫୪
କଂଗ୍ରେସ-୩୫
ଜିଜିପି-୧



**ତେଲଙ୍ଗାନା: ୧୧୯**
କଂଗ୍ରେସ-୬୪
ବିଆର୍‌ଏସ୍-୩୯
ଭାଜପା-୮
ଏଆଇଏମ୍ଆଇଏମ୍-୭
ସିପିଆଇ-୧






## ଜନାଦେଶକୁ ବିନମ୍ରତାର ସହ ଗ୍ରହଣ କରୁଛୁ: ରାହୁଲ

ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ଜନାଦେଶକୁ କଂଗ୍ରେସ ବିନମ୍ରତାର ସହ ଗ୍ରହଣ କରୁଛି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ତେବେ ନୀତି ଆଦର୍ଶର ଲଢ଼େଇ ଜାରି ରହିବ।



ତେଲଙ୍ଗାନା ଜନସାଧାରଣ କଂଗ୍ରେସ ସପକ୍ଷରେ ଜନାଦେଶ ଦେଇ ଇତିହାସ ସୃଷ୍ଟି କରିଥିବାରୁ ସେମାନଙ୍କୁ ଧନ୍ୟବାଦ। ଏହା ସେହି ରାଜ୍ୟବାସୀ ଓ ପ୍ରତ୍ୟେକ କଂଗ୍ରେସ କର୍ମୀଙ୍କ ବିଜୟ। ନିର୍ବାଚନ ପ୍ରଚାର ବେଳେ କଂଗ୍ରେସ ଦେଇଥିବା ସମସ୍ତ ପ୍ରତିଶ୍ରୁତିକୁ ପ୍ରାଥମିକତାର ସହ ପୂରଣର କରାଯିବ ବୋଲି ରାହୁଲ କହିଛନ୍ତି।

## ଦେଶବାସୀ ସୁଶାସନ ସହ ଅଛନ୍ତି: ମୋଦି

ଭାଜପା ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ ବିଜୟୀ ହେବାକୁ ଯାଉଥିବାବେଳେ ଜନସାଧାରଣ ସୁଶାସନ ଓ ବିକାଶ ରାଜନୀତି ସହ ଦୃଢ଼ ଭାବେ ରହିଥିବା ଫଳାଫଳରୁ ସ୍ପଷ୍ଟ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଛନ୍ତି। ଭାଜପା ସବୁବେଳେ ସୁଶାସନ ଓ ବିକାଶକୁ ଗୁରୁତ୍ୱ ଦେଇଆସିଛି। ନିର୍ବାଚନ ଫଳାଫଳ ପାଇଁ 'ଆମେ ଜନତା ଜନାର୍ଦ୍ଦନଙ୍କ ନିକଟରେ ମୁଣ୍ଡ ନୁଆଉଛୁ ବୋଲି ମୋଦି ଏକ୍ସରେ ପୋଷ୍ଟ କରିଛନ୍ତି। ସେ ୩ ରାଜ୍ୟର ଜନସାଧାରଣଙ୍କୁ ସେମାନଙ୍କ ସମର୍ଥନ ପାଇଁ ଧନ୍ୟବାଦ ଜଣାଇବା ସହ ସେମାନଙ୍କ ଉନ୍ନତି ଲାଗି ଅବିଶ୍ରାନ୍ତ କାମ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ସେମାନଙ୍କ କଠିନ ପରିଶ୍ରମ ଲାଗି ସ୍ୱତନ୍ତ୍ର ଭାବେ ଧନ୍ୟବାଦ ଜଣାଇଛନ୍ତି। ତେଲଙ୍ଗାନାରେ କଂଗ୍ରେସ ବିଜୟୀ ହେବାକୁ ଯାଉଥିବାବେଳେ ଭାଜପାକୁ ସମର୍ଥନ ବଢ଼ିଥିବାରୁ ପ୍ରଧାନମନ୍ତ୍ରୀ ସେଠାର ଜନସାଧାରଣଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।



# ସୁଶାନ୍ତ ସାହୁଙ୍କୁ ଏନ୍‌କାଉଣ୍ଟର

- ୬୬ରୁ ଊର୍ଦ୍ଧ୍ୱ ମାମଲା ରହିଛି
- ୫ ଜିଲାରେ ୨ ଗ୍ୟାଙ୍ଗ ଗଠନ କରିଥିଲେ
- ସହଯୋଗୀମାନେ ଫେରାର ହୋଇଗଲେ

ନିଶ୍ଚିନ୍ତକୋଇଲି,୩।୧୨
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ପୋଲିସ ଶନିବାର ବିଳମ୍ବିତ ରାତିରେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଏହି ବ୍ଲକର ଅସୁରେଶ୍ୱଠାରେ ଏନ୍‌କାଉଣ୍ଟର କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଧୀନ ବାଲିପାଟଣା ଗ୍ରାମର ସୁଶାନ୍ତ ସାହୁ ଓରଫ ଦିପୁ (୩୨)। ତାଙ୍କ ବାମଗୋଡ଼ରେ ଗୁଳି ବାଜିଛି। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସୁଶାନ୍ତଙ୍କ ପାଖରୁ ଦେଶୀ ବନ୍ଧୁକ, ଗୋଟିଏ ରାଉଣ୍ଡ ଅଫୁଟା ଗୁଳି, ମୋବାଇଲ ଫୋନ ସମେତ ୧୦୯୦ ଟଙ୍କା ଜବତ କରାଯାଇଛି। ତାଙ୍କ ନାମରେ ବିଭିନ୍ନ ଥାନାରେ ୬୬ରୁ ଊର୍ଦ୍ଧ୍ୱ ମାମଲା ରହିଛି। ସେ ଦୀର୍ଘଦିନ ହେବ ପୋଲିସକୁ ଚକମା ଦେଇ ଘୂରି ବୁଲୁଥିଲେ। ୫ଟି ଜିଲାରେ ୨ଟି ଗ୍ୟାଙ୍ଗ ଗଠନ କରି ଅପରାଧ ଘଟାଉଥିଲେ। ଆପରାଧିକ ଷଡ଼ଯନ୍ତ୍ର କରୁଥିବା ସମୟରେ ପୋଲିସ କାବୁ କରିବାକୁ ଯାଇ ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ସୁଶାନ୍ତ ୨ରାଉଣ୍ଡ ଗୁଳି ଫୁଟାଇଥିବା ବେଳେ ପୋଲିସ ଏକ ରାଉଣ୍ଡ ଗୁଳି କରି ତାଙ୍କୁ କାବୁ କରିଥିଲା। ତେବେ ସୁଶାନ୍ତଙ୍କୁ ଏନକାଉଣ୍ଟର ପରେ ଅନ୍ୟ ଅପରାଧୀଙ୍କ ମନରେ ଛନକା ପଶିଛି।

ସୂଚନା ଅନୁଯାୟୀ, ଶନିବାର ନିଶ୍ଚିନ୍ତକୋଇଲି ଥାନା ଏସ୍‌ଆଇ ତପନ ନାୟକ ପାଟ୍ରୋଲିଂରେ ଯାଇଥିଲେ। ଏହି ସମୟରେ ଅସୁରେଶ୍ୱର ଖେଳପଡ଼ିଆ ନିକଟରେ କେତେଜଣ ଆପରାଧିକ କାର୍ଯ୍ୟ ପାଇଁ ଯୋଜନା କରୁଥିବା ଖବର ପାଇଥିଲେ। ଏହାପରେ ପୋଲିସ ଟିମ୍ ସେଠାରେ ପହଞ୍ଚିଥିଲା। ପୋଲିସକୁ ଦେଖି ଅଭିଯୁକ୍ତମାନେ ଦୁଇରାଉଣ୍ଡ ଗୁଳି ଚଳାଇଥିଲେ। ୨ଟି ଯାକ ଗୁଳି ପୋଲିସ ଗାଡିରେ ବାଜିଥିଲା। ପରେ ଏସ୍‌ଆଇ ନାୟକ ସୁଶାନ୍ତଙ୍କୁ ଏନ୍‌କାଉଣ୍ଟର କରିଥିଲେ। ସୁଶାନ୍ତଙ୍କ ଜଂଘରେ ଗୁଳି ବାଜିଥିଲା। ସେ ଗୁରୁତର ହୋଇ ସେଠାରେ ପଡ଼ିଯାଇଥିଲେ। ହେଲେ ତାଙ୍କ ସହଯୋଗୀମାନେ ପୋଲିସକୁ ଚକମା ଦେଖାଇ ଫେରାର ହୋଇଯାଇଥିଲେ। ଏହାପରେ ସୁଶାନ୍ତଙ୍କୁ ପୋଲିସ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛି। ଅପରପକ୍ଷରେ ଥାନାରେ ୨୧୬/୨୦୨୩ରେ ଆଇପିସିର ଦଫା ୨୯୪, ୩୩୨, ୩୦୭,୫୦୬ ଓ ୩୪ ଏବଂ ଆର୍ମସ ଆକ୍ଟ ୨୫/୨୭ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରବିବାର ପୂର୍ବାହ୍ନରେ ଡିଏସ୍‌ପି ସ୍ମୃତିରଞ୍ଜନ କରଙ୍କ ନିର୍ଦ୍ଦେଶକ୍ରମେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତକୁ କ୍ରିୟାଶୀଳ କରିଥିବା ଥାନା ଅଧିକାରୀ ଯୁଗଳ ଦାସ ପ୍ରକାଶ କରିଛନ୍ତି।

### ମାହାଙ୍ଗା ପୋଲିସ ଧରିବାକୁ ଜାଲ ବିଛାଇଥିଲା

ସୁଶାନ୍ତ ମାହାଙ୍ଗାର ଏକ ଲୁଟ୍ ଘଟଣାର ମୁଖ୍ୟ ଅଭିଯୁକ୍ତ ଥିଲେ। ସେ କିଛିଦିନ ତଳେ ସହଯୋଗୀଙ୍କ ସହ ମିଶି ମାହାଙ୍ଗା ଥାନା ଅନ୍ତର୍ଗତ ମଧୁପୁର ଗ୍ରାମର ସୁକାନ୍ତି ଦାସଙ୍କ ଘରୁ ସଶସ୍ତ୍ର ଡକାୟତି କରିଥିଲେ। ସୁକାନ୍ତିଙ୍କ ଝିଅ ଓ ବୋହୂଙ୍କୁ ବନ୍ଧୁକ ଦେଖାଇ ଘରେ ☞ପୃଷ୍ଠା-୪

# ସୃଷ୍ଟି ହେଲା ବାତ୍ୟା 'ମିଗ୍‌ଜୋମ୍'

## ଓଡ଼ିଶାକୁ ୩ଦିନ ଭାରି ବର୍ଷା

- ସ୍ଥଳଭାଗ ଛୁଇଁବାବେଳେ ୧୦୦ କିମି ବେଗରେ ପବନ
- ଆନ୍ଧ୍ର-ତାମିଲ୍‌ନାଡୁ ଉପକୂଳ ଛୁଇଁବା ସମ୍ଭାବନା

ଭୁବନେଶ୍ୱର,୩।୧୨
(ଅନୁରାଧା ମହାରଣା)

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ରବିବାର ସାମୁଦ୍ରିକ ଝଡ଼ ବା ବାତ୍ୟାର ରୂପ ନେଇଛି। ଭାରତୀୟ ପାଣିପାଗ ବିଭାଗ(ଆଇଏମଡି)ର ସୂଚନାନୁସାରେ, ରବିବାର ସନ୍ଧ୍ୟା ୭ଟା ୪୫ ସୁଦ୍ଧା ଏହା ପୁଡୁଚେରୀଠାରୁ ପ୍ରାୟ ୨୪୦ କି.ମି. ପୂର୍ବ, ଚେନ୍ନାଇଠାରୁ ୨୧୦ କି.ମି. ପୂର୍ବ-ଦକ୍ଷିଣ-ପୂର୍ବ, ନେଲ୍ଲୋରଠାରୁ ୩୩୦ କି.ମି. ଦକ୍ଷିଣ-ଦକ୍ଷିଣ ପୂର୍ବ ଏବଂ ମଛଲିପଟନମ୍‌ଠାରୁ ୪୫୦ କି.ମି. ଦକ୍ଷିଣ-ଦକ୍ଷିଣ ପୂର୍ବରେ କେନ୍ଦ୍ରୀଭୂତ ହୋଇଛି। ଏହା ଘଣ୍ଟା ପ୍ରତି ୮ କି.ମି. ବେଗରେ ଆଗକୁ ବଢ଼ୁଛି। କ୍ରମଶଃ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଆହୁରି ଘନୀଭୂତ ହୋଇ ୪ ତାରିଖ ସୋମବାର ସକାଳ ସୁଦ୍ଧା ଦକ୍ଷିଣ ଆନ୍ଧ୍ରପ୍ରଦେଶ ଏବଂ ସଂଲଗ୍ନ ଉତ୍ତର ତାମିଲନାଡୁ ଉପକୂଳ ନିକଟ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରରେ ପହଞ୍ଚିବ। ଏହାପରେ ପ୍ରାୟ ସମାନ୍ତରାଳ ଭାବେ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ନିକଟରେ ଗତିକରି ୫ ତାରିଖ ପୂର୍ବାହ୍ନରେ ନେଲ୍ଲୋର ଓ ମଛଲିପଟନମ୍ ମଧ୍ୟରେ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବ। ଏହି ସମୟରେ ଘଣ୍ଟା ପ୍ରତି ସର୍ବାଧିକ ୯୦ରୁ ୧୦୦ କି.ମି. ବେଗରେ ପବନ ବହିବ। ଏହାର ପ୍ରଭାବରେ ଓଡ଼ିଶାରେ ୩ଦିନ ଭାରି ବର୍ଷାର ସମ୍ଭାବନା ରହିଥିବାରୁ ଏନେଇ ସତର୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଅନୁସରଣ କରି ବିଫଳ

# କୋଇଲା ଫେଜ୍ ଆଉଟ୍‌କୁ ଭାରତର ବିରୋଧ

## କପ୍‌୨୮ରେ ପୁନଃନବୀକରଣଯୋଗ୍ୟ ଶକ୍ତି ସଂକଳ୍ପରୁ ଦୂରେଇଲା

ଦୁବାଇ,୩।୧୨(ପି.ଟି.)

୨୦୩୦ ସୁଦ୍ଧା କୋଇଲା ବ୍ୟବହାରକୁ ପର୍ଯ୍ୟାୟକ୍ରମେ ବାଦ୍ ଦେଇ ବୈଶ୍ୱିକ ପୁନଃନବୀକରଣଯୋଗ୍ୟ ଶକ୍ତି ସାମର୍ଥ୍ୟ ୩ ଗୁଣ ବଢ଼ାଇବା ପାଇଁ ଅଣାଯାଇଥିବା ସଂକଳ୍ପରେ ସ୍ୱାକ୍ଷର କରିବାରୁ ଭାରତ ଦୂରେଇ ରହିଛି। ପର୍ଯ୍ୟାୟକ୍ରମେ କୋଇଲା ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବା ସର୍ତ୍ତକୁ ନୂଆଦିଲ୍ଲୀ ସମର୍ଥନ କରୁ ନ ଥିବା ଭାରତୀୟ ପ୍ରତିନିଧିଙ୍କ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ଜି୨୦ ସମିଟ୍‌ରେ ଏହାର ଅଧ୍ୟକ୍ଷତା କରୁଥିବା ଭାରତ ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନ ବଢ଼ାଇବା ଲାଗି ପ୍ରତିଶ୍ରୁତିବଦ୍ଧ ଥିଲା। ଅଥଚ କପ୍‌୨୮ରେ ବିଶ୍ୱର ଅକ୍ଷୟ ଶକ୍ତି ସାମର୍ଥ୍ୟ ୨୦୩୦ ସୁଦ୍ଧା ତିନିଗୁଣ ବଢ଼ାଇବା ପାଇଁ ୧୧୮ଟି ଦେଶ ପ୍ରତିଶ୍ରୁତିବଦ୍ଧ ହୋଇଥିବାବେଳେ କୋଇଲା ଫେଜ୍ ଆଉଟ୍ ସର୍ତ୍ତ ଉଲ୍ଲେଖ ଥିବାରୁ ଚିଠା ପ୍ରସ୍ତାବରେ ସ୍ୱାକ୍ଷର କରିବାରୁ ଉଭୟ ଭାରତ ଓ ଚାଇନା ଦୂରେଇ ରହିଛନ୍ତି। କେବଳ କୋଇଲା ନୁହେଁ, ସମସ୍ତ ଜୀବାଶ୍ମ



ଇନ୍ଧନ ବ୍ୟବହାର ପର୍ଯ୍ୟାୟକ୍ରମେ ବନ୍ଦ କରିବା ପାଇଁ ଭାରତ ବିଭିନ୍ନ ଦେଶକୁ କହିଥିଲା। ଗତ ସେପ୍ଟେମ୍ବରରେ ଦିଲ୍ଲୀରେ ଅନୁଷ୍ଠିତ ଜି୨୦ ସମିଟ୍‌ରେ ନବୀକରଣଯୋଗ୍ୟ ଶକ୍ତି କ୍ଷମତା ତିନିଗୁଣ କରିବା ଚୁକ୍ତିରେ ଭାରତ ସମ୍ମତି ପ୍ରଦାନ କରିଥିଲା। ଯେଉଁ ଦେଶଗୁଡ଼ିକ ଏଥିରେ ସଂକଳ୍ପ ନେଇଥିଲେ, ସେମାନେ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ଫ୍ରେମ୍‌ୱାର୍କ (ୟୁଏନ୍‌ଏଫ୍‌ସିସିସି) ପରିସରରୁ ବାହାରେ ଥିଲେ। ନିରନ୍ତର କୋଇଲା ଶକ୍ତିର ବ୍ୟବହାରକୁ ପର୍ଯ୍ୟାୟକ୍ରମେ ହ୍ରାସ କରିବା ଏବଂ କୋଇଲା ଚାଳିତ ନୂଆ ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକୁ ଆର୍ଥିକ ସହଯୋଗ ବନ୍ଦ କରିବା ପାଇଁ ଉକ୍ତ ସଂକଳ୍ପରେ ଆହ୍ୱାନ ଦିଆଯାଇଥିଲା। ନିରନ୍ତର ଜୀବାଶ୍ମ ଇନ୍ଧନ ସାଧାରଣତଃ ଉତ୍ସର୍ଜନ ହ୍ରାସ ଲାଗି ଉଦ୍ୟମ ନ କରି କୋଇଲା, ତୈଳ ଓ ଗ୍ୟାସ୍‌ର କ୍ରମାଗତ ବ୍ୟବହାରକୁ ବୁଝାଏ। ଏହା ସତ୍ତ୍ୱେ ଏହି ସାର୍ବଜନୀନ ଗ୍ରହଣୀୟ ତଥା ସଂଜ୍ଞା ଥିବା ଏହି ସର୍ତ୍ତ ବର୍ତ୍ତମାନର ଚିଠା ସଂକଳ୍ପରେ ନ ଥିବା ଜଣାପଡ଼ିଛି।




ରଣବୀର କପୁର

## ୨ ଦିନରେ 'ଆନିମଲ'ର ୨୦୦ କୋଟି ରୋଜଗାର

**ମୁମ୍ବାଇ:** ଅଭିନେତା ରଣବୀର କପୁରଙ୍କ ଅଭିନୀତ ଫିଲ୍ମ 'ଆନିମଲ' ଗତ ଶୁକ୍ରବାର ରିଲିଜ୍ ହୋଇଥିଲା। ଏଥିରେ ରଣବୀର ମୁଖ୍ୟ ଭୂମିକାରେ ନଜରକୁ ଆସିଛନ୍ତି। ଫିଲ୍ମ ଏବେ ବକ୍ସ ଅଫିସରେ ଧମାଲ କରୁଛି। ରିଲିଜ୍ ପୂର୍ବରୁ ଫିଲ୍ମ ବକ୍ସ ଅଫିସରେ ବହୁ ଆୟ କରିବ ବୋଲି କୁହାଯାଉଥିଲା। ରିଲିଜ୍ ପରେ ଏହା ସତ ହେବ ବୋଲି ଦର୍ଶକ କହୁଛନ୍ତି। ଦର୍ଶକଙ୍କଠୁ ଆରମ୍ଭ କରି ନିର୍ମାତା ସମସ୍ତେ ସିନେମାକୁ ବେଶ୍ ପସନ୍ଦ କରିଛନ୍ତି। ତେବେ ଫିଲ୍ମ ୨ ଦିନରେ ୨୦୦ କୋଟି ଟଙ୍କା ଆୟ କରିଥିବା ଜଣାପଡ଼ିଛି। କେବଳ ଭାରତ ନୁହେଁ, ବିଶ୍ୱ ବକ୍ସ ଅଫିସ ଆୟକୁ ମିଶାଇ ଏହା ଆକଳନ କରାଯାଇଛି। ମୁଭି ରିଲିଜ୍‌ର ପ୍ରଥମ ଦିନରେ ୬୦ କୋଟିରୁ ଅଧିକ ଆୟ କରିଥିଲା। ଏବେ ମୋଟ ଆୟ ୧୩୧ କୋଟିରେ ପହଞ୍ଚିଛି। ବିଶ୍ୱ ବକ୍ସ ଅଫିସ ଆୟକୁ ମିଶାଇ ଫିଲ୍ମ ମୋଟ ୧୩୬ କୋଟି ଆୟ କରିଥିବା ଜଣାପଡ଼ିଛି। ଫିଲ୍ମରେ ଅନ୍ୟ ଅଭିନେତାଙ୍କ ମଧ୍ୟରେ ବବି ଦେଓଲ, ରଶ୍ମିକା ମାନ୍ଦାନା, ପରିଣିତି ଚୋପ୍ରା, ଅନିଲ କପୁର, ଶକ୍ତି କପୁରଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଏହି ଫିଲ୍ମ ପାଇଁ ବବିଙ୍କ କ୍ୟାରିୟରରେ ଭିନ୍ନ ମୋଡ଼ ଆସିଛି।

# ନୌସେନାର ୪୧୧ ବର୍ଷର ଇତିହାସ



## ଭାରତୀୟ ନୌସେନା ଦିବସ

ଭାରତୀୟ ନୌସେନା ଦିବସ ପ୍ରତିବର୍ଷ ୪ ଡିସେମ୍ବରରେ ପାଳନ କରାଯାଇଥାଏ। ଦେଶର ସାମୁଦ୍ରିକ ସୀମା ସୁରକ୍ଷାରେ ନୌସେନାର ସଫଳତା ଏବଂ ଭୂମିକା ନେଇ ଏହିଦିବସ ପାଳନ ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ୧୯୭୧ ଯୁଦ୍ଧରେ ଭାରତୀୟ ନୌସେନାର ଅବିସ୍ମରଣୀୟ ବିଜୟକୁ ସ୍ମରଣ କରିବା ସହ ଯୁଦ୍ଧରେ ଶହୀଦ ହୋଇଥିବା ସମସ୍ତ ନୌସେନା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ଏହି ଦିବସ ପ୍ରତିବର୍ଷ ପାଳନ କରାଯାଇଥାଏ। ୧୬୧୨ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ଭାରତୀୟ ନୌସେନା ପ୍ରତିଷ୍ଠା କରାଯାଇଥିଲା। ୩ ଡିସେମ୍ବର ୧୯୭୧ରେ ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ପାକିସ୍ତାନ ଭାରତୀୟ ବାୟୁସେନା ଉପରେ ଆକ୍ରମଣ କରିଥିଲା। ଏହି ଆକ୍ରମଣର ମୁକାବିଲା କରି ଭାରତୀୟ ନୌସେନା ୩ଟି ଯୁଦ୍ଧଜାହାଜ ଆଇଏନ୍‌ଏସ୍ ବୀର, ଆଇଏନ୍‌ଏସ୍ ନିପାତ ଏବଂ ଆଇଏନ୍‌ଏସ୍ ନିର୍ଘାଟ କରାଚୀ ମୁହାଁ ହୋଇ ପାକିସ୍ତାନ ନୌସେନାକୁ କଡ଼ା ଜବାବ ଦେଇଥିଲେ।

ଏହି ଅପରେଶନ ସମୟରେ ଭାରତୀୟ ନୌସେନା ପାକିସ୍ତାନ ସେନାର ୩ଟି ଜାହାଜକୁ ନଷ୍ଟ କରିବାକୁ ସକ୍ଷମ ହୋଇଥିଲା। ଭାରତର ନୌସେନାକୁ ଏହି ସଫଳତା ଦେବା ପଛରେ ଆକ୍ରମଣର ନେତୃତ୍ୱ ନେଇଥିବା କମାଣ୍ଡର କେ. ପି. ଗୋପାଳ ରାଓ ହିଁ ଥିଲେ। ଅପରେଶନ ଟ୍ରାଇଡେଣ୍ଟ ନାମରେ ପ୍ରସିଦ୍ଧ ଏହି ଘଟଣାକୁ ସ୍ମରଣୀୟ କରିବା ପାଇଁ ଭାରତୀୟ ନୌସେନା ପକ୍ଷରୁ ଏହି ଦିବସ ପାଳିତ ହୋଇଥାଏ।

୧୯୭୧ ଡିସେମ୍ବର ୪ରେ ଅପରେଶନ ଟ୍ରାଇଡେଣ୍ଟ ସମୟରେ ଭାରତୀୟ ନୌସେନା ପିଏନ୍‌ଏସ୍ ଖାଇବର ସମେତ ଚାରିଟି ପାକିସ୍ତାନୀ ଜାହାଜକୁ ଧ୍ୱଂସ କରିଥିଲା। ଏହି ଘଟଣାରେ ଶହେରୁ ଅଧିକ ପାକିସ୍ତାନୀ ସୈନ୍ୟଙ୍କ ମୃତ୍ୟୁ ଘଟିଥିଲା। ଏହି ଯୁଦ୍ଧରେ ଶହୀଦ ହୋଇଥିବା ଭାରତୀୟ ଯବାନଙ୍କ ସ୍ମୃତିରେ ନୌସେନା ଦିବସ ପାଳନ କରାଯାଇଥାଏ। ଭାରତୀୟ ନୌସେନାରେ ୬୭,୦୦୦ରୁ ଅଧିକ କର୍ମଚାରୀ ଏବଂ ପ୍ରାୟ ୧୫୦ ଜାହାଜ ଏବଂ ବୁଡ଼ାଜାହାଜ ସାମିଲ ଅଛନ୍ତି। ୨୧ ଅକ୍ଟୋବର ୧୯୪୪ରେ ରୟାଲ ଇଣ୍ଡିଆନ ନେଭି ପକ୍ଷରୁ ପ୍ରଥମ ଥର ପାଇଁ ନୌସେନା ଦିବସ ପାଳନ କରାଯାଇଥିଲା। ନୌସେନା ଦିବସ ପାଳନ କରିବାର ମୁଖ୍ୟ ଲକ୍ଷ୍ୟ ଥିଲା ସାଧାରଣ ଲୋକଙ୍କ ମଧ୍ୟରେ ନୌସେନା ବିଷୟରେ ସଚେତନତା ବୃଦ୍ଧି କରାଯିବା। ୧୯୪୫ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧ ଡିସେମ୍ବରରେ ନୌସେନା ଦିବସ ପାଳନ କରାଯାଇଥିଲା। ୩୦ ନଭେମ୍ବର ୧୯୪୫ ରାତିରେ ନୌସେନା ଦିବସ ପାଳନ ଅବସରରେ ଇନ୍‌କିଲାବ ଜିନ୍ଦାବାଦ ସ୍ଲୋଗାନ ଦିଆଯାଇଥିଲା।

୫୦ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ପ୍ରଭୁ ଶ୍ରୀଜଗନ୍ନାଥ ନୀଳଗିରିବାସୀଙ୍କୁ ସୁସ୍ଥ, ନୀରୋଗ, ନିରାମୟ ଜୀବନ ବଞ୍ଚିବାରେ ସହାୟକ ହୁଅନ୍ତୁ, ପରିବାରରେ ସୁଖ, ସମୃଦ୍ଧି, ପ୍ରଗତିରେ ଭରି ଦିଅନ୍ତୁ ଏତିକି କାମନା।
ଭାରତୀୟ ଜନତା ପାର୍ଟି, ନୀଳଗିରି

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବର କାଗଜ ଧରିତ୍ରୀର ୫୦ ତମ ବାର୍ଷିକ ଉତ୍ସବ ଅବସରରେ ଛତ୍ରପୁର ନିର୍ବାଚନ ମଣ୍ଡଳୀର ସମସ୍ତ ଜନ ସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା
ବି. ରାଜୁବାବୁ
ନଗର ସଭାପତି, ଛତ୍ରପୁର

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବର କାଗଜ ଧରିତ୍ରୀର ୫୦ ତମ ବାର୍ଷିକ ଉତ୍ସବ ଅବସରରେ ଛତ୍ରପୁରର ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା
ପ୍ରଧାନ ଶିକ୍ଷକ, ପବ୍ଲିକ ସ୍କୁଲ
ଛତ୍ରପୁର, ଗଞ୍ଜାମ

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବର କାଗଜ ଧରିତ୍ରୀର ୫୦ ତମ ବାର୍ଷିକ ଉତ୍ସବ ଅବସରରେ ଛତ୍ରପୁର ଏନଏସିର ୯ ନମ୍ବର ୱାର୍ଡର ସମସ୍ତ ଜନ ସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା
ଶ୍ରୀମତି ପ୍ରତିଚ୍ଛନ୍ଦା ସାମଲ
କାଉନସିଲର, ୯ ନମ୍ବର ୱାର୍ଡ ଛତ୍ରପୁର ଏନଏସି

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବରକାଗଜ ଧରିତ୍ରୀର ୫୦ତମ ବାର୍ଷିକ ଉତ୍ସବ ଅବସରରେ ଛତ୍ରପୁରର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ
ଛତ୍ରପୁର, ଗଞ୍ଜାମ

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବରକାଗଜ ଧରିତ୍ରୀର ୫୦ତମ ବାର୍ଷିକ ଉତ୍ସବ ଅବସରରେ ଛତ୍ରପୁର ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
CPI
ସିପିଆଇ

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବରକାଗଜ ଧରିତ୍ରୀର ୫୦ତମ ବାର୍ଷିକ ଉତ୍ସବ ଅବସରରେ ଛତ୍ରପୁର ବ୍ଲକ୍‌ର ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ପ୍ରଧାନ ଶିକ୍ଷକ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
କାଳିଆବାଲି, ଛତ୍ରପୁର, ଗଞ୍ଜାମ

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବର କାଗଜ ଧରିତ୍ରୀର ୫୦ ତମ ବାର୍ଷିକ ଉତ୍ସବ ଅବସରରେ ଛତ୍ରପୁର ର ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା
EUROKIDS
EUROKIDS
• EUROKIDS- PG, NURSERY
• THE NEW AGE EURO SCHOOL- LKG TO STD-8
Add.: Bajarangi Nagar, Near Govt. Sc. College, Chatrapur
Contact : 9348597771

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବରକାଗଜ ଧରିତ୍ରୀର ୫୦ତମ ବାର୍ଷିକ ଉତ୍ସବ ଅବସରରେ ଛତ୍ରପୁରର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ଶୁଭେଚ୍ଛୁ
ଛତ୍ରପୁର, ଗଞ୍ଜାମ

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବରକାଗଜ ଧରିତ୍ରୀର ୫୦ତମ ବାର୍ଷିକ ଉତ୍ସବ ଅବସରରେ ଓଡ଼ିଶାର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ମିଶନ ଶକ୍ତି
ମିଶନ ଶକ୍ତି
ଛତ୍ରପୁର, ଗଞ୍ଜାମ

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବରକାଗଜ ଧରିତ୍ରୀର ୫୦ତମ ବାର୍ଷିକ ଉତ୍ସବ ଅବସରରେ ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ଏଲ୍. ଗୁଣ୍ଡିଚା
ଲକ୍ଷ୍ମୀ ନରସିଂହ ଟ୍ରାନ୍ସପୋର୍ଟ, ସାନ ଆର୍ଯ୍ୟପଲ୍ଲୀ, ଛତ୍ରପୁର, ଗଞ୍ଜାମ

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବରକାଗଜ ଧରିତ୍ରୀର ୫୦ତମ ବାର୍ଷିକ ଉତ୍ସବ ଅବସରରେ ଭିକାରିପଲ୍ଲୀ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ମମତା ସୁବୁଦ୍ଧି
ସରପଞ୍ଚ, ଭିକାରିପଲ୍ଲୀ, ଛତ୍ରପୁର ବ୍ଲକ୍

ଦେଶର ଅଗଣିତ ପାଠିକା ଓ ପାଠକଙ୍କ ସ୍ନେହ ଓ ଭଲ ପାଇବାର ନିଚ୍ଛକ ପ୍ରଦର୍ଶନ ଯୋଗୁ ଧରିତ୍ରୀ ଆଜି ୫୦ ବର୍ଷରେ ପାଦ ଦେଇଛି। ଆଗକୁ ଏହା ଆହୁରି ଲୋକଙ୍କ ପାଇଁ କାମ କରୁ ଏବଂ ପବିତ୍ର ସ୍ୱନକ୍ଷତ୍ର ଅବସରରେ ନୀଳଗିରି ନିର୍ବାଚନ ମଣ୍ଡଳୀ ପକ୍ଷରୁ ଧରିତ୍ରୀକୁ ଢେର ସାରା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।
ଇଂ ସୁକାନ୍ତ କୁମାର ନାୟକ
ନୀଳଗିରି ବିଧାୟକ, ନୀଳଗିରି, ବାଲେଶ୍ୱର
ଧରିତ୍ରୀର ଶୁଭଚିନ୍ତକ

ଶୁଭେଚ୍ଛା ବାର୍ତ୍ତା
ଦୈନିକ ଖବର କାଗଜ ଧରିତ୍ରୀର ୫୦ ତମ ବାର୍ଷିକ ଉତ୍ସବ ଅବସରରେ ଛତ୍ରପୁର ନିର୍ବାଚନ ମଣ୍ଡଳୀର ସମସ୍ତ ଜନ ସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା
ସୁବାସ ଚନ୍ଦ୍ର ବେହେରା
ବିଧାୟକ, ଛତ୍ରପୁର

ଧରିତ୍ରୀ ଓଡ଼ିଆ ଖବରକାଗଜର ୫୦ତମ ଜନ୍ମବାର୍ଷିକୀ ଅବସରରେ ଧରିତ୍ରୀ ଓ ବାଲେଶ୍ୱରବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ। ବାଲେଶ୍ୱର ଜିଲ୍ଲାର ପ୍ରଗତି ରଥର ସାରଥି ଆପଣମାନେ, ମୁଁ ନିମିତ୍ତ ମାତ୍ର। ଆପଣମାନଙ୍କ ସ୍ନେହ, ଆଶୀର୍ବାଦକୁ ପାଥେୟ କରି ଉନ୍ନୟନ କାର୍ଯ୍ୟକୁ ଆଗେଇନେବାକୁ ବଦ୍ଧପରିକର, ଏ ଦିଗରେ ଆପଣମାନଙ୍କର ସହଯୋଗ କାମନା କରୁଛି।
ମଦନମୋହନ ମାଝୀ
ଅଧ୍ୟକ୍ଷ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ବାଲେଶ୍ୱର
(ନୀଳଗିରି, ଔପଦା, ଜଳେଶ୍ୱର)
ଧରିତ୍ରୀର ଶୁଭଚିନ୍ତକ

# ‘ରାସ୍ତାରୁ ପାର୍କିଂ ଗାଡ଼ି ହଟାଅ’

## କେନ୍ଦୁଝର ଦୁର୍ଘଟଣା ପାଇଁ ଏନ୍‌ଏଚ୍‌ଏଆଇକୁ ଦୋଷ ଦେଲେ ସଚିବ

- ପାଟ୍ରୋଲିଂ ପାଇଁ ସମସ୍ତ ଆର୍‌ଟିଓଙ୍କୁ ନିର୍ଦ୍ଦେଶ
- ଦାୟିତ୍ୱରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ



ଭୁବନେଶ୍ୱର, ୩।୧୨ (ସୁନିତ୍ ମିଶ୍ର)

ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଏବେ ‘ଶୂନ୍ୟ ମୃତ୍ୟୁ ସପ୍ତାହ’ ପାଳନ ହେଉଥିବାବେଳେ ପ୍ରତିଦିନ ରାସ୍ତା ଦୁର୍ଘଟଣାରେ ବହୁ ଜୀବନ ଯାଉଛି। ବିଭିନ୍ନ ଜିଲାରେ ବଡ଼ ବଡ଼ ଦୁର୍ଘଟଣା ଘଟିଥିବାବେଳେ ଜାତୀୟ ରାଜପଥ(ଏନ୍‌ଏଚ୍)ରେ ସର୍ବାଧିକ ଦୁର୍ଘଟଣାଜନିତ ମୃତ୍ୟୁ ସାମ୍ନାକୁ ଆସିଛି। ଏହାକୁ ନେଇ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ଉଦ୍‌ବେଗ ପ୍ରକାଶ କରିବା ସହ ରାଜ୍ୟର ସବୁ ଆର୍‌ଟିଓମାନଙ୍କୁ ଶନିବାର ଚିଠି ଲେଖି ପାଟ୍ରୋଲିଂ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଦାୟିତ୍ୱରେ ଅବହେଳା ହେଲେ କାର୍ଯ୍ୟାନୁଷ୍ଠାନର ଧମକ ମଧ୍ୟ ଦେଇଛନ୍ତି। ଅନ୍ୟପଟେ କେନ୍ଦୁଝର ଦୁର୍ଘଟଣାକୁ ନେଇ ପରିବହନ ସଚିବ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ)ଙ୍କୁ ଦୋଷ ଦେଇଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଗତ ୧ ତାରିଖରେ କେନ୍ଦୁଝର ଜିଲା ବାଲିଯୋଡ଼ିସ୍ଥିତ ୨୦ ନମ୍ବର ଜାତୀୟ ରାଜପଥରେ ଘଟିଥିବା ଏକ ଦୁର୍ଘଟଣାରେ ୮ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ରାସ୍ତା ଉପରେ ପାର୍କିଂ କରିଥିବା ଏକ ଗାଡ଼ି ପଛରେ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଗାଡ଼ି ପିଟି ହୋଇଯାଇଥିଲା। ଏହିପରି ରାସ୍ତା ଉପରେ ପାର୍କିଂ କାରଣରୁ ରାଜ୍ୟରେ ବହୁ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ଦୁର୍ଘଟଣା ପରେ ରାସ୍ତା ଉପରେ ପଡ଼ି ରହୁଥିବା ଗାଡ଼ିଗୁଡ଼ିକୁ ତୁରନ୍ତ ହଟାଇବା ଲାଗି ସବୁ ଆର୍‌ଟିଓଙ୍କୁ ସଡ଼କ ସୁରକ୍ଷା ପାଣ୍ଠିରୁ ଲକ୍ଷେ ଟଙ୍କା ଲେଖାଏ ଦିଆଯାଇଛି। ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ‘ଶୂନ୍ୟ ମୃତ୍ୟୁ ସପ୍ତାହ’ର ସ୍ଥିତି ଅନୁଧ୍ୟାନ କରାଯାଉଛି। ତେଣୁ ପ୍ରତ୍ୟେକ ସମୟରେ ଏନ୍‌ଏଚ୍‌ରେ ପାଟ୍ରୋଲିଂ କରି ରାସ୍ତାରେ ପାର୍କିଂ କରୁଥିବା ଗାଡ଼ିଗୁଡ଼ିକୁ ହଟାଅ। ଆବଶ୍ୟକ ହେଲେ ଚଳିତ ସପ୍ତାହ ଲାଗି ଭଡାରେ ଆହୁରି ଗାଡ଼ି ଆଣି ଏହି କାର୍ଯ୍ୟରେ ବିନିଯୋଗ କର। ଏସ୍‌ପି ଏବଂ ପୋଲିସ୍ ଡେପୁଟି କମିଶନରଙ୍କୁ ଅନୁରୋଧ କରି ପୋଲିସ୍ ଫୋର୍ସଙ୍କୁ ପାଟ୍ରୋଲିଂ କାର୍ଯ୍ୟରେ ନିଯୋଜିତ କର। ଯଦି କୌଣସି ଅବହେଳା କାରଣରୁ ରାସ୍ତାରେ ଦୁର୍ଘଟଣା ଘଟେ, ତେବେ ଦାୟିତ୍ୱରେ ଥିବା ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି।

ସଚିବ ପାଢ଼ୀ ଆଉ ଏକ ଚିଠି ମଧ୍ୟ ଏନ୍‌ଏଚ୍‌ଏଆଇର ଚିଫ୍ ଜେନେରାଲ ମ୍ୟାନେଜରଙ୍କୁ ଲେଖିଛନ୍ତି। ସେ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ‘ଶୂନ୍ୟ ମୃତ୍ୟୁ ସପ୍ତାହ’ ଲାଗି କ୍ଷେତ୍ରସ୍ତରୀୟ ଅଧିକାରୀମାନେ ନିଜର ଉତ୍ତମ ପ୍ରଦର୍ଶନ ଦେବାକୁ ଚେଷ୍ଟା କରୁଛନ୍ତି। ହେଲେ ଗତ ୧ ତାରିଖରେ କେନ୍ଦୁଝରଠାରେ ଯେଉଁ ସଡ଼କ ଦୁର୍ଘଟଣା ହେଲା ସେହି ସ୍ଥାନକୁ ସଡ଼କ ପରିବହନ ଏବଂ ହାଇୱେ ମନ୍ତ୍ରଣାଳୟ ଚିହ୍ନଟ କରିଥିବା କଥା ଆପଣଙ୍କୁ ଜଣାଅଛି। ଏନ୍‌ଏଚ୍‌ଏଆଇର ପିଡିଙ୍କୁ ମଧ୍ୟ ଏ ବାବଦରେ ଜଣାଅଛି। ଦୁଇ ଦିନ ତଳେ କେନ୍ଦୁଝର ଜିଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଦୁର୍ଘଟଣା ଘଟିଥିବା ସ୍ଥାନରେ ଟ୍ରାଫିକ କ୍ଲେମିଂ ବ୍ୟବସ୍ଥା ଗ୍ରହଣ କରିବାକୁ ପିଡି ଏନ୍‌ଏଚ୍‌ଏଆଇଙ୍କୁ କୁହାଯାଇଥିଲା। ଏହା ସହ ଦୁର୍ଘଟଣା ଘଟିବା ପରେ କେନ୍ଦୁଝର ଆର୍‌ଟିଓ ଘଟଣାସ୍ଥଳରେ ପହଞ୍ଚିବା ଲାଗି ହାଇୱେ ପାଟ୍ରୋଲିଂ ଟିମ୍ ଏବଂ ଏନ୍‌ଏଚ୍‌ଏଆଇ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ସେମାନେ ଆନ୍ଦୋଳନରେ ଥିବାରୁ ଆସିବାକୁ ମନା କରିଦେଇଥିଲେ। ଏନ୍‌ଏଚ୍‌ଏଆଇ ପାଟ୍ରୋଲିଂ ଟିମ୍ ଠିକ୍ ଭାବେ ନିଜ ଦାୟିତ୍ୱ ତୁଲାଉନାହାନ୍ତି। ସଡ଼କ କଡ଼ରେ ଗାଡ଼ିଗୁଡ଼ିକ ପାର୍କିଂ କରିବା ରାଜ୍ୟର ଏକ ବଡ଼ ସମସ୍ୟା। ଏନ୍‌ଏଚ୍‌ଏଆଇ ଏକ ଘରୋଇ ଟିମ୍ ସହ ଚୁକ୍ତି ସ୍ୱାକ୍ଷର କରି ଏନ୍‌ଏଚ୍‌ରୁ ବେଆଇନ ପାର୍କିଂ ହଟାଇବା, ଦୁର୍ଘଟଣାଗ୍ରସ୍ତ ଗାଡ଼ି ହଟାଇବା, ମୃତ ପଶୁପକ୍ଷୀଙ୍କ ମୃତ ଶରୀର ହଟାଇବା ଦାୟିତ୍ୱ ନେଇଛନ୍ତି। ହେଲେ ସେମାନେ ତାଙ୍କ କାର୍ଯ୍ୟ ଠିକ୍ ଭାବେ କରୁନାହାନ୍ତି। କାହା ଦାୟିତ୍ୱହୀନତା ଲାଗି ଲୋକଙ୍କ ଜୀବନ ଯିବା କଥାକୁ ଅଣଦେଖା କରାଯିବ ନାହିଁ। ଆନ୍ଦୋଳନରେ ଥିଲେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଉ। ଏଭଳି ଘଟଣା ଆଗକୁ ଘଟିଲେ ସେମାନଙ୍କ ବିରୋଧରେ ଫୌଜଦାରି ମକଦ୍ଦମା ଗ୍ରହଣ କରାଯିବ ବୋଲି ପାଢ଼ୀ କହିଛନ୍ତି।

# ୩ ଦିନରେ ଗଲାଣି ୩୦ରୁ ଊର୍ଦ୍ଧ୍ୱ ଜୀବନ

### ‘ଶୂନ୍ୟ ମୃତ୍ୟୁ ସପ୍ତାହ’ରେ ବି କମୁନି ଦୁର୍ଘଟଣା

ଭୁବନେଶ୍ୱର, ୩।୧୨ (ସତ୍ୟଜିତ୍ ରାଉତ)

ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ରୋକିବାକୁ ଡିସେମ୍ବର ପ୍ରଥମ ସପ୍ତାହକୁ ରାଜ୍ୟ ସରକାର ‘ଶୂନ୍ୟ ମୃତ୍ୟୁ ସପ୍ତାହ’ ଭାବେ ପାଳନ କରୁଛନ୍ତି। ବ୍ୟାପକ ସଚେତନତା ସହ ରାସ୍ତାରେ ଚେକିଂ, ଆହତଙ୍କୁ ତୁରନ୍ତ ଉଦ୍ଧାର, ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆଦି ନେବାକୁ ଜିଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ହୋଇଛି। ହେଲେ ଏହି ସପ୍ତାହ ଆରମ୍ଭରୁ ଦୁର୍ଘଟଣା ବଢ଼ିବା ଚିନ୍ତା ବଢ଼ାଇଛି। ‘ଶୂନ୍ୟ ମୃତ୍ୟୁ ସପ୍ତାହ’ର ପ୍ରଥମ ୩ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘଟିଥିବା ଦୁର୍ଘଟଣାରେ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି। ଗମନାଗମନ କ୍ଷେତ୍ରରେ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିଲେ ହେଁ ଦୁର୍ଘଟଣା କମାଇବାକୁ ଏହା ପର୍ଯ୍ୟାପ୍ତ ହେଉନାହିଁ। ଡିସେମ୍ବର ୧ ଶୁକ୍ରବାର କେନ୍ଦୁଝର ଜିଲା ବାଲିଯୋଡ଼ି ନିକଟ ଜାତୀୟ ରାଜପଥ ଦୁର୍ଘଟଣାରେ ୮ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିଦିନ ବିଳମ୍ବିତ ରାତିରେ ଭୁବନେଶ୍ୱର ପାହାଳ ନିକଟ ଜାତୀୟ ରାଜପଥରେ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ଶନିବାର ନୂଆପଡ଼ା ଜିଲା ଲଖନା ଥାନା ଅନ୍ତର୍ଗତ ମେଣ୍ଟାଟାଲ ଛକରେ ଡମ୍ଫର ଧକ୍କାରେ ବଡ଼ବାପା ଓ ଝିଆରୀଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଦିନ ଭୁବନେଶ୍ୱର ନୟାପଲ୍ଲୀ ଡେଲ୍‌ଟା ଛକରେ ସ୍କୁଟି ଓ ଅଟୋ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଯୁବକଙ୍କ ଜୀବନ ଯାଇଥିଲା। ରବିବାର ମଧ୍ୟ ପାହାଳ ଓ ଚନ୍ଦ୍ରଶେଖରପୁରରେ ଘଟିଥିବା ପୃଥକ ଦୁର୍ଘଟଣାରେ ୨ଜଣଙ୍କ ଜୀବନ ଯାଇଛି। ଏଥିସହ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସଡ଼କ ଦୁର୍ଘଟଣା ଘଟି ଏକାଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଫଳରେ ରାଜ୍ୟ ପରିବହନ ବିଭାଗର ‘ଶୂନ୍ୟ ମୃତ୍ୟୁ ସପ୍ତାହ’ ପାଳନ ଶୈଳୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ ଗତ ଏପ୍ରିଲ ୧ରୁ ୭ ପର୍ଯ୍ୟନ୍ତ ପ୍ରଥମ ‘ଶୂନ୍ୟ ମୃତ୍ୟୁ ସପ୍ତାହ’ ପାଳନ ହୋଇଥିଲା। ଉକ୍ତ ସପ୍ତାହରେ ବୌଦ୍ଧ, ରାୟଗଡ଼ା, ସୋନପୁର, ଭଦ୍ରକ, ମାଲକାନଗିରି, ନୟାଗଡ଼ ଓ ସମ୍ବଲପୁରରେ ଦୁର୍ଘଟଣାରେ କୌଣସି ମୃତ୍ୟୁ ହୋଇ ନ ଥିଲା। ହେଲେ ଅନ୍ୟ ଜିଲାଗୁଡ଼ିକରେ ପ୍ରାୟ ୧୨୫ ବଡ଼ ଦୁର୍ଘଟଣାରେ ୭୦ ଜଣଙ୍କ ଜୀବନ ଯାଇଥିଲା। ଏସବୁ ଦୁର୍ଘଟଣା ପାଇଁ ପରିବହନ ବିଭାଗ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)କୁ ଦାୟୀ କରିଥିଲା। ଜାତୀୟ ରଜପଥଗୁଡ଼ିକରେ ବେଆଇନ ପାର୍କିଂ, ବ୍ରେକ୍‌ଡାଉନ୍ ହୋଇଥିବା ବଡ଼ଗାଡ଼ି ଏବଂ ମୃତ ପଶୁପକ୍ଷୀଙ୍କୁ ରାସ୍ତା ମଝିରେ ହଟା ନ ଯିବା ଆଦି କାରଣରୁ ଦୁର୍ଘଟଣା ଅଧିକ ଘଟିଲା ବୋଲି ବିଭାଗ କହିଥିଲା। ହେଲେ ଏହାର ସ୍ଥାୟୀ ନିରାକରଣ ପାଇଁ ପଦକ୍ଷେପ ନିଆ ନ ଯାଇ ଏବେ ରାଜ୍ୟ ପରିବହନ ବିଭାଗ ପୁରୁଣା ଢ଼ଙ୍ଗରେ ଏନ୍‌ଏଚ୍‌ଆଇକୁ ଦୋଷ ଦେଇ ଚିଠି ଲେଖିଛି।

ରାଜ୍ୟରେ ପରିବହନ ବିଭାଗ ତଥ୍ୟ ଅନୁଯାୟୀ, ୨୦୨୩ ଜାନୁୟାରୀରୁ ସେପ୍ଟେମ୍ବର ଅର୍ଥାତ ୯ ମାସ ମଧ୍ୟରେ ରାଜ୍ୟରେ ୮ ହଜାର ୯୩୯ ସଡ଼କ ଦୁର୍ଘଟଣାରେ ୪ ହଜାର ୧୭୮ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭ ହଜାର ୮୯୮ଜଣ ଆହତ ହୋଇଥିଲେ। ତେବେ ଦ୍ରୁତଗତି, ରାସ୍ତାରେ ବେଆଇନ ପାର୍କିଂ, ଖରାପ ରାସ୍ତା, ମଦ୍ୟପାନ, ବିନା ହେଲ୍‌ମେଟ୍, ରଙ୍ଗ୍ ସାଇଡ୍ ଓ ମୋବାଇଲ୍‌ରେ କଥା ହୋଇ ଗାଡ଼ି ଚଳାଇବା ଆଦି ଯୋଗୁ ଦୁର୍ଘଟଣା ଘଟୁଛି। କିନ୍ତୁ ସଚେତନତା ଦିଗରେ ସେଭଳି କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଦୁର୍ଘଟଣା ବଢୁଥିବା କୁହାଯାଉଛି।

# ପାଟ୍ରୋଲିଂ ଇନ୍‌ଚାର୍ଜଙ୍କୁ ନୋଟିସ

### ଦୁର୍ଘଟଣାରେ ୮ ତୀର୍ଥଯାତ୍ରୀ ମୃତ୍ୟୁ ଘଟଣା

କେନ୍ଦୁଝର, ୩।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ଥାନା ବାଲିଯୋଡ଼ି ଗ୍ରାମ ନିକଟ ୨୦ ନଂ. ଜାତୀୟ ରାଜପଥରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ତାରିଣୀ ଦର୍ଶନ ପାଇଁ ଆସୁଥିବା ୮ ଜଣଙ୍କ ମୃତ୍ୟୁ ଘଟିଥିଲା। ଘଟଣାରେ ପରିବହନ ବିଭାଗ ଅଭିଯୋଗ ଆଧାରରେ ଘଟଗାଁ ପୋଲିସ ଏନ୍‌ଏଚ୍‌ଏଆଇର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବିରୋଧରେ ମାମଲା ରୁଜୁ କରିଛି। ଘଟଣାରେ ଶନିବାର ପାଟ୍ରୋଲିଂ ପାଇଁ ନିଯୁକ୍ତି ଘରୋଇ ସଂସ୍ଥାର ଇନ୍‌ଚାର୍ଜଙ୍କ ସମେତ ଦୁଇ ଜଣଙ୍କୁ ଡକାଇ ପଚରାଉଚୁରା କରିଥିଲା। ତଦନ୍ତରେ ସହଯୋଗ କରିବାକୁ ପାଟ୍ରୋଲିଂ ଇନ୍‌ଚାର୍ଜଙ୍କୁ ରବିବାର ନୋଟିସ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଏନ୍‌ଏଚ୍‌ରେ ବ୍ରେକ୍ ଡାଉନ ବା ଦୁର୍ଘଟଣା ଗାଡ଼ିକୁ ସାଇଡ୍ କରିବା ଏନ୍‌ଏଚ୍‌ଏଆଇର ଦାୟିତ୍ୱ। ଏଣୁ ଏହି କାମ କରିବାକୁ ଏନ୍‌ଏଚ୍‌ଏଆଇ ଏକ ଘରୋଇ ସଂସ୍ଥା ସହିତ ଚୁକ୍ତି କରିଛି। ତେବେ ଉକ୍ତ ଦିନ ଏକ କୋଇଲା ବୋଝେଇ ଟ୍ରକ୍ ରାସ୍ତାରେ ବ୍ରେକ୍ ଡାଉନ ହୋଇଥିବା ବେଳେ ପଛ ପାଖରୁ ଯାତ୍ରୀବାହୀ ଭ୍ୟାନ ପିଟି ଦେଇଥିଲା। ଫଳରେ ୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨ ଜଣ ଆହତ ହୋଇଥିଲେ। ଘଟଣାରେ ଆତ୍ମସମର୍ପଣ କରିଥିବା ଭ୍ୟାନ ଚାଳକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେହିପରି ଏନ୍‌ଏଚ୍‌ଆଇ ବିଭାଗ ମୁଖ୍ୟଙ୍କ ବିରୋଧରେ ମାମଲା କରି ପୋଲିସ ତଦନ୍ତ କରୁଛି। ଘଟଣାରେ ଶନିବାର ପାଟ୍ରୋଲିଂ ଇନ୍‌ଚାର୍ଜଙ୍କୁ ଗିରଫ କରାଯାଇଥିବା ଆଲୋଚନା ହୋଇଥିଲା। ଆଲୋଚନାକୁ ନେଇ ଘଟଗାଁ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗେଇ କହିଛନ୍ତି, ଗିରଫ ନୁହେଁ ଥାନା ପକ୍ଷରୁ ପାଟ୍ରୋଲିଂ ଇନ୍‌ଚାର୍ଜଙ୍କୁ ସିଆରପିସିର ଧାରା ୪୧(ଏ) ରେ ନୋଟିସ କରାଯାଇଛି। ତଦନ୍ତ ଅଧିକାରୀଙ୍କ ନିକଟରେ ହାଜର ହୋଇ ତଦନ୍ତରେ ସହଯୋଗ କରିବାକୁ କୁହାଯାଇଛି। ଏଥିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



72198 21111 | BAJAJ FINANCE LTD - AF | BAJAJ SECURE • AMC • ROAD SIDE ASSISTANCE
ସର୍ତ୍ତ ଓ ନିୟମାବଳୀ ଲାଗିବ । *ପଲ୍‌ସର୍ 125 ନିଅନ୍, ପଲ୍‌ସର୍ 125 କାର୍ବନ୍ ଫାଇବର୍ ଓ NS125 ପ୍ରକାରର ପ୍ରାରମ୍ଭିକ ମୂଲ୍ୟ । ଫାଇନାନ୍‌ସିଅର୍ ଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍‌ସ । ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍ କାଢ଼ିନେବାର ଅଧିକାର ସଂରକ୍ଷିତ ରଖୁଛି । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ । ନିର୍ଦ୍ଦିଷ୍ଟ ମଡେଲଙ୍କ ପାଇଁ ଓ ନିର୍ଦ୍ଦିଷ୍ଟ ପ୍ରଦେଶମାନଙ୍କରେ ଏଏମ୍‌ସି ଉପଲବ୍ଧ । ଅଧିକ ବିବରଣୀ ଡୀଲରଙ୍କୁ ପଚାରି ବୁଝନ୍ତୁ । ରୋଡ୍‌ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ ।

Authorised Dealers for BAJAJ Auto Ltd.: Bhubaneswar: Lewis Road MSB BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Puri MSB BAJAJ 7077735752 • Pipili MSB BAJAJ 7077735755 • Cuttack: Badambadi SURAJ BAJAJ 8093066603 • Rahama MAITREE BAJAJ 9668801781, Nayagarh MSB BAJAJ 7790048130 • Rajsunakhala MSB BAJAJ 9668820967 • Daspalla MSB BAJAJ 7873925390 • Phulbani MSB BAJAJ 8917341979 • Keonjhar JR BAJAJ 9937697094 / 9439008692• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722 • Chandikhole TARINI BAJAJ 9937310800. Authorised Service Centre: Balianta 7978570067, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Sundarpada 9777042612, Iginia 7064422415, Nimapada 9437030368, Charichak 8018881850, Kakatpur 9776125534,, Tangi 8984562569, Phulnakhara 9437410737, Niali 9437511829, Choudwar 7735864350, Salepur 9040452661, Jagatsinghpur 9437273939, Balikuda 9777683351, JajpurTown 9937888777, Bhuban 9438570111, Rasol 9938656276/9937513419, Kuakhia 9937312014, Chhatia 9040084846, Kamakhyanagar 9437079287, Barbil 9437086335, Jashipur 9437443161/8117041821. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 7077746576, Athgarh 9937289417, Bidharpur 7008503281, Banki 7978336450, Rambha 7381099445. Narsinghpur 7978288573, Badamba 9937643504 Adaspur 9439735529, Pattamundai 7064987720, Balikuda 9861130954, Kendrapara 7008576945, Nischintakoili 8917622159

ଧରିତ୍ରୀ 50 Years
ଭୁବନେଶ୍ୱର, ସୋମବାର, ୪ ଡିସେମ୍ବର, ୨୦୨୩



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟଙ୍କା ଯା'ର
ମାମଲା ତା'ର ।**

ଆଜିର ଅର୍ଥ ସର୍ବସ୍ୱ ଦୁନିଆରେ ଟଙ୍କା ହିଁ ସବୁକିଛି । ଟଙ୍କା ବଳରେ ବ୍ୟକ୍ତି ସବୁକିଛି ଅନାୟାସରେ ହାସଲ କରିପାରେ, ନିଜ ଇଚ୍ଛାମୁତାବକ ଜୀବନ ବିତାଇ ପାରେ । ଧନୀକ ଶ୍ରେଣୀର ବ୍ୟକ୍ତି ଅର୍ଥବଳରେ ଆଇନକାନୁନ ବା ନ୍ୟାୟ ନିଶାପକୁ ନିଜ ହାତମୁଠାକୁ ଆଣିବାରେ ସକ୍ଷମ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଟୋକୁଲିଟିଏ
ଟୋକୁଲି ହାତରେ ଚକୁଲିଟିଏ ।**

କେତେକଙ୍କର ଟକଳା ପ୍ରକୃତି ରହିଥାଏ । ଯାଉଣୁ ଆସୁଣୁ ସବୁବେଳେ ତାଙ୍କର ପାଟି ଚାଲୁଥାଏ । ଯେତେ ଖାଇଥିଲେ ମଧ୍ୟ ପାଟିରେ କ'ଣ ଟିକିଏ ନ ପକେଇଲେ ଭଲ ଲାଗି ନ ଥାଏ । ଟକଳି ଝିଅଟିର ଖାଦ୍ୟାଭ୍ୟାସ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ୪ ବିଭାଗର ଯାଞ୍ଚ ସତ୍ତ୍ୱେ କାରଣ ଅସ୍ପଷ୍ଟ

**ପାରାଦୀପରେ ଜାହାଜରୁ କୋକେନ ଜବତ ଘଟଣା**

- ଏପର୍ଯ୍ୟନ୍ତ ମାମଲା ରୁଜୁ ହୋଇନାହିଁ
- ଫେରିଗଲେ ତଦନ୍ତକାରୀ ଅଧିକାରୀ
- କୋକେନ୍ ପ୍ୟାକିଂ କରାଯାଇଥିବା ପଲିଥିନ୍ ବ୍ରିଟେନର
- ପ୍ୟାକେଟ୍‌ରେ ଲାଗିଥିବା ଚୁମ୍ବକ ଆଫ୍ରିକୀୟ ଦେଶର

ପାରାଦୀପ,୩।୧୨(ଶରତ ରାଉତ)

ପାରାଦୀପ ବନ୍ଦରର ଘରୋଇ ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ) ବର୍ଥରୁ ଡିସେମ୍ବର ୩୦ ରାତିରେ 'ଏମ୍‌ଭି ଦେବୀ' ନାମକ ଜାହାଜରୁ ୨୨ ପ୍ୟାକେଟ୍ କୋକେନ ଧରାପଡ଼ିଥିଲା । ଏହି ଘଟଣାରେ ୪ ତଦନ୍ତକାରୀ ସଂସ୍ଥା ଗତ ୨ ଦିନରେ ଜାହାଜ, ନାବିକ ଓ କୋକେନ୍ ସମ୍ପର୍କରେ ଯାଞ୍ଚ କରିଥିଲେ । ଏହାପରେ ରବିବାର ତଦନ୍ତକାରୀ ସଂସ୍ଥା ଆଇବି, ଏନ୍‌ସିବି ଓ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍‌ର ଅଧିକାରୀମାନେ ଫେରିଯାଇଛନ୍ତି । ଏବେ କେବଳ କଷ୍ଟମ୍ସ ବିଭାଗ ଯାଞ୍ଚ କରୁଛି । ଏତେ ଯାଞ୍ଚ ସତ୍ତ୍ୱେ କୋକେନ୍ କିପରି ଓ କେଉଁ ପରିସ୍ଥିତିରେ ପାରାଦୀପ ବନ୍ଦର ଭିତରକୁ ଆସିଲା ତାହା ଜଣାପଡ଼ିନାହିଁ । ଏପରିକି ରବିବାର ସନ୍ଧ୍ୟା ସୁଦ୍ଧା ଏହି ଘଟଣାରେ ମାମଲା ରୁଜୁ ହୋଇନାହିଁ । ଏ ସମ୍ପର୍କରେ କଷ୍ଟମ୍ସ ବିଭାଗ ପକ୍ଷରୁ କୁହାଯାଇଛି, ଭୁବନେଶ୍ୱର ଟିମ୍ ଏହି ଘଟଣାରେ କେସ୍ କରିବ ଏବଂ ପରବର୍ତ୍ତୀ ରିପୋର୍ଟ ପ୍ରେସ୍ ରିଲିଜ୍ ଜରିଆରେ ଜଣାଯିବ ।

ତଦନ୍ତ କରିଥିବା ଟିମ୍‌ର ଜଣେ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି କୋକେନ୍ ବାହାର ଦେଶର କୌଣସି ବ୍ୟକ୍ତି ଜାହାଜରେ ରଖିଥିବା ସନ୍ଦେହ କରାଯାଉଛି । ଏ ସମ୍ପର୍କରେ ଜାହାଜର କ୍ୟାପ୍‌ଟେନ୍ କିମ୍ବା କ୍ରୁ ମେମ୍ବର(ନାବିକ)ଙ୍କୁ ଜଣାନାହିଁ । ସେମାନେ ଜାଣିଥିଲେ ନିଜଆଡୁ ସୂଚନା ଦେଇ ନ ଥାନ୍ତେ । ତେବେ ଯେଉଁ ପଲିଥିନ ଦ୍ୱାରା କୋକେନ୍ ପ୍ୟାକିଂ କରାଯାଇଛି ତାହା ବ୍ରିଟେନ୍‌ର । ଯେଉଁମ୍ୟାଗନେଟ୍(ଚୁମ୍ବକ)ସେଥିରେ ରହିଛି ତାହା ଆଫ୍ରିକୀୟ ଦେଶର । ଇଣ୍ଡୋନେସିଆରୁ ଜାହାଜ ଆସିଥିଲେ ହେଁ ସେଠାକାର କୌଣସି ପ୍ରମାଣ ମିଳିନାହିଁ । ଇଣ୍ଡୋନେସିଆ ପୂର୍ବରୁ ଜାହାଜ ଇଜିପ୍ଟରୁ ଆସିଥିଲା । ଏନେଇ ପ୍ରମାଣ ମିଳିବା କଷ୍ଟକର ହେଉଛି । ଜାହାଜ ଭିତରୁ ଆଉ ଅଧିକ କୋକେନ୍ ମିଳିନାହିଁ ବୋଲି ସମ୍ପୃକ୍ତ ଅଧିକାରୀ କହିଛନ୍ତି । ଅପରପକ୍ଷେ ଦେବୀ ଜାହାଜ ବର୍ଥରେ ସେମିତି ରହିଛି । ସେଥିରେ ପ୍ରାୟ ୫ରୁ ୬ ହଜାର ମେଟ୍ରିକ ଟନ୍ ଷ୍ଟିଲ କାର୍ଗୋ ବୋଝେଇ ହୋଇ ରହିଛି । ସେସବୁ ଲିଆସିଙ୍ଗ (ସମତୁଲ କରାଯାଇ ବନ୍ଧା ଯିବା)ହୋଇନାହିଁ । ଏହାଦ୍ୱାରା ଜାହାଜ (ସେଲିଂ କରିବା) ଚାଲିବା ଅବସ୍ଥାରେ ନାହିଁ । ଜାହାଜ ଜବତ ହେଲେ ଆଇଏମ୍‌ଓ (ଇଣ୍ଟରନ୍ୟାଶନାଲ ମେରିଟାଇମ ଅର୍ଗାନାଇଜେଶନ)ନିୟମାନୁସାରେ ଯିବା ପାଇଁ ସମୟସାପେକ୍ଷ ହେବ । ୨୧ ଜଣ ନାବିକ ଓ କ୍ୟାପଟେନ୍‌ଗିରଫ ହେବେ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ତେବେ କୋକେନ୍ ଧରା ପଡିବାପରେ ଯେଉଁଭଳି ଚର୍ଚ୍ଚା ଜୋର୍ ଧରିଥିଲା ତାହା ଏବେ ଶିଥିଳ ପଡ଼ିଯାଇଥିବା କୁହାଯାଉଛି ।

# ଲକ୍ଷ୍ମଣାନନ୍ଦ ସରସ୍ୱତୀ ସ୍ୱାଭିମାନର ପରିଚୟ: ଧର୍ମେନ୍ଦ୍ର

## ଜନ୍ମମାଟିରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ଅନାବରଣ

ତାଳଚେର,୩।୧୨(ମନୋଜ ନନ୍ଦ)

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ସ୍ୱାଭିମାନ, ସଂଘର୍ଷ, ସାମାଜିକ ସମରସତ୍ତା ଓ ସମର୍ପଣର ପରିଚୟ । ରବିବାର ଅନୁଗୋଳ ଜିଲା ତାଳଚେର ବ୍ଲକ ଗୁରୁଜାଙ୍ଗ ନିଜ ଗ୍ରାମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଭବ୍ୟ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ପିଲାଟି ଦିନରୁ ମୁଁ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ । ଓଡ଼ିଶାର ସମସ୍ୟା କ'ଣ ଏବଂ ଏହାକୁ ସମାଧାନ କରିବା ପାଇଁ ଯୁବବର୍ଗଙ୍କ ଭୂମିକା କ'ଣ ତା ଉପରେ ସେ ଆମକୁ ମାର୍ଗଦର୍ଶନ ଦେଇଥିଲେ । ସମାଜର ବଞ୍ଚିତ ବର୍ଗଙ୍କ ସେବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସମର୍ପଣ ଭାବନା ତିଆରି କରିବା ଲାଗି ଲକ୍ଷ୍ମଣାନନ୍ଦ ପ୍ରେରିତ କରୁଥିଲେ । ଓଡ଼ିଶାର ଉପାନ୍ତ ଅଞ୍ଚଳ କନ୍ଧମାଳରେ ସେ ଜାତି, ଧର୍ମ ଓ ଦେଶ ପାଇଁ ବଳିଦାନ ଦେଇଥିଲେ । ସ୍ୱାମୀ ଲକ୍ଷ୍ମଣାନନ୍ଦଜୀଙ୍କ ଜନ୍ମସ୍ଥାନରେ ତାଙ୍କ ସ୍ମୃତିରେ ଭକ୍ତଙ୍କ ଆଗ୍ରହ ଓ ପ୍ରଚେଷ୍ଟା କାରଣରୁ ଆଜି ତାଙ୍କର ଏକ ପୂର୍ଣ୍ଣ ଅବୟବ ମୂର୍ତ୍ତି ଉନ୍ମୋଚନ ହୋଇଛି । ଆଜିର ଦିନରେ ତାଙ୍କ ବିଚାରକୁ ପାଥେୟ କରି ଆମେ ଲକ୍ଷ୍ମଣାନନ୍ଦଙ୍କ ବ୍ୟକ୍ତିତ୍ୱକୁ ବ୍ୟାପକ କରିପାରିବା ।




କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି ।

ସେ ଆହୁରି କହିଛନ୍ତି, ତାଳଚେରର ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନ ଯେତେବେଳେ ଇଂରେଜଙ୍କ ଅତ୍ୟାଚାର ବିରୋଧରେ ଲଢେଇ କରୁଥିଲେ, ତାଙ୍କୁ ଏହି ଗ୍ରାମର ସାହସୀ ଲୋକମାନେ ସୁରକ୍ଷା ଦେଇଥିଲେ । ଆମ ପୂର୍ବଜ ସ୍ୱାମୀ ଲକ୍ଷ୍ମଣାନନ୍ଦ ଜୀ ଓ ପବିତ୍ର ମୋହନ ପ୍ରଧାନଙ୍କ ବିଚାରକୁ ଅନୁସରଣ କରାଯିବା ଉଚିତ । କାର୍ଯ୍ୟକ୍ରମକୁ ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ସାଧାରଣ ସମ୍ପାଦକ ପଣ୍ଡିତ ମହେଶ ସାହୁ ସଂଯୋଜନା କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଓଡ଼ିଶା ପଶ୍ଚିମପ୍ରାନ୍ତ ସଂଘ ଚାଳକ ବିପିନ ବିହାରୀ ନନ୍ଦ, ବିଶ୍ୱହିନ୍ଦୁ ପରିଷଦ କ୍ଷେତ୍ର ସହ ସେବା ପ୍ରମୁଖ ହରିଶ ଚନ୍ଦ୍ର ପ୍ରଧାନ, ସ୍ୱାମୀ ସଚ୍ଚିଦାନନ୍ଦ ଜୀ, ମହାରାଜ, ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରୀ, ଲକ୍ଷ୍ମଣାନନ୍ଦଙ୍କ ସହଯୋଗୀ କବିଚନ୍ଦ୍ର ନାଥ, ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ଜୀ, ବିଶେଷ ଚୈତନ୍ୟ ଜୀ, ସନ୍ଥ ପ୍ରଭୁପାଦ ଦାସ, ସନ୍ଥ ଅନ୍ତର୍ଯ୍ୟାମୀ ଦାସ, ମଦନ ମୋହନ ଦାସ, ଗ୍ରାମ ସଭାପତି ପ୍ରସନ୍ନ ପାଣି, ସମ୍ପାଦକ ତୁଷାର କାନ୍ତ ପାଣିଙ୍କ ସମେତ ଶତାଧିକ ସାଧୁସନ୍ଥ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଭାଜପା ନେତା ରୁଦ୍ର ନାରାୟଣ ପାଣି, ଏନ୍‌ଏସଆଇସିର ଡାଇରେକ୍ଟର କାଳନ୍ଦୀ ସାମଲ, ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

## ୪ରୁ ୩ ପଦ୍ମ...

ପ୍ରଥମ ପୃଷ୍ଠାରୁ...

ଦେଇଛି । କେବଳ ଏତିକି ନୁହେଁ, ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍‌ର ଭବିଷ୍ୟତ ଉପରେ ମଧ୍ୟ ଏହି ପରିଣାମ ପ୍ରଶ୍ନଚିହ୍ନ ଲଗାଇଛି । ଅନ୍ୟପକ୍ଷେ କଂଗ୍ରେସ ଜନାଦେଶକୁ ସମ୍ମାନର ସହ ଗ୍ରହଣ କରିଥିବାବେଳେ ଆଗାମୀ ଲୋକ ସଭା ନିର୍ବାଚନରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛି ।

ନଭେମ୍ବର ୭ ଓ ୧୭ ଦୁଇଟି ପର୍ଯ୍ୟାୟରେ ଛତିଶଗଡ଼ ବିଧାନସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯାଇଥିଲା । ୧୭ ତାରିଖରେ ଏମ୍‌ପିର ୨୩୦, ୨୫ରେ ରାଜସ୍ଥାନର ୧୯୯ ଓ ୩୦ରେ ତେଲଙ୍ଗାନା ବିଧାନସଭାର ୧୧୯ ଆସନ ପାଇଁ ମତଦାନ ହୋଇଥିଲା । ଏହି ୪ ଗୁରୁତ୍ୱପୂର୍ଣ୍ଣ ରାଜ୍ୟର ଭୋଟ ଗଣତି ରବିବାର ସକାଳ ୮ଟାରେ ଆରମ୍ଭ ହୋଇଥିଲା । ୩୦ ସନ୍ଧ୍ୟାରେ ପ୍ରକାଶିତ ଅଧିକାଂଶ ଏକ୍‌ଜିଟ୍ ପୋଲ୍ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଭାଜପା ବିଜୟୀ ହେବା ଏବଂ ଛତିଶଗଡ଼ ସହ ତେଲଙ୍ଗାନାରେ କଂଗ୍ରେସ ସରକାର ଗଠନର ସଙ୍କେତ ମିଳିଥିଲା ।

କିନ୍ତୁ ଭାଜପା ୩ ହିନ୍ଦୀଭାଷୀ ରାଜ୍ୟ ଦଖଲ କରିବାକୁ ଯାଉଛି ବୋଲି ଗଣତି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଲଗାତର ଭାବେ ରହିଆସିଥିବା ଟ୍ରେଣ୍ଡ୍ ସୂଚାଇଦେଇଥିଲା । ଛତିଶଗଡ଼ ବିଧାନସଭାକୁ ପଦ୍ମଦଳ ଦଖଲ କରିବାର ସ୍ପଷ୍ଟ ସଙ୍କେତ ସମସ୍ତଙ୍କୁ ଚକିତ କରିଦେଇଥିଲା । ନିର୍ବାଚନ ଅନୁଷ୍ଠିତ ହୋଇଥିବା ସବୁଠୁ ବଡ଼ ରାଜ୍ୟ ହେଉଛି ମଧ୍ୟପ୍ରଦେଶ । ଏଠାରେ ସରକାର ବିରୋଧୀ ହାୱା ବହୁଥିବା ପ୍ରଚାର ଯୋଗୁ କ୍ଷମତାସୀନ ଭାଜପା ଶିବରାଜ ସିଂ ଚୌହାନଙ୍କୁ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରି ନ ଥିଲା । ୧୮ ଏମ୍‌ପି ଏବଂ ୪ ଜଣ କେନ୍ଦ୍ରମନ୍ତ୍ରୀଙ୍କୁ ବିଧାୟକ ପ୍ରାର୍ଥୀ କରାଯିବା ପରେ ଭାଜପାର ରଣନୀତିକୁ ବୁଝିପାରି ନ ଥିଲେ ଅନେକ ରାଜନୈତିକ ବିଶ୍ଲେଷକ । କିନ୍ତୁ ୩ ଥର ମୁଖ୍ୟମନ୍ତ୍ରୀ ଥିବା ଶିବରାଜଙ୍କ ଅକ୍ଳାନ୍ତ ପ୍ରଚାର, ତାଙ୍କ ସରକାରର ଜନକଲ୍ୟାଣକାରୀ ଯୋଜନା ଏବଂ ସର୍ବୋପରି ପ୍ରଧାନମନ୍ତ୍ରୀ ମୋଦିଙ୍କ ଲୋକପ୍ରିୟତା ସହ ତୋଫାନୀ ଗସ୍ତ ସବୁ କଳ୍ପନାଜଳ୍ପନାରେ ରୋକ୍ ଲଗାଇଦେଲା । ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟାନୁସାରେ ଏମ୍‌ପିର ମୋଟ୍ ୨୩୦ ଆସନ ମଧ୍ୟରୁ ଭାଜପା ୧୬୩ ଆସନ ଦଖଲ କରିଛି, ଯାହାକି ୨୦୧୮ ତୁଳନାରେ ୫୪ ଅଧିକ । ମ୍ୟାଜିକ୍ ନମ୍ବର ୧୧୬ଠାରୁ ୪୭ ଅଧିକ ଆସନ ଦଖଲ କରିବା ପରେ ମାମୁ (ଶିବରାଜଙ୍କୁ ଶ୍ରଦ୍ଧାରେ ସମ୍ବୋଧନ) ବିଜୟର ଶ୍ରେୟ ଭଉଣୀ, ଭାଣିଜୀ ଓ ଭଣଜା (ଏମ୍‌ପି ଭୋଟର) ଏବଂ ପ୍ରଧାନମନ୍ତ୍ରୀଙ୍କ ଡବଲ ଇଞ୍ଜିନ ବିକାଶ କାର୍ଯ୍ୟକ୍ରମକୁ ଦେଇଛନ୍ତି । ଅନ୍ୟପକ୍ଷେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମଧ୍ୟପ୍ରଦେଶ କଂଗ୍ରେସ କମିଟି (ଏମ୍‌ପିସିସି) ଅଧ୍ୟକ୍ଷ କମଲନାଥଙ୍କୁ ଫଳାଫଳ ଝଟ୍‌କା ଦେଇଛି । ୭୭ ବର୍ଷୀୟ କମଲନାଥ ଛିନ୍ଦୱାଡ଼ା ଆସନରେ ବିଜୟୀ ହୋଇଥିଲେ ମଧ୍ୟ ତାଙ୍କ ଆଶା ଆଶାରେ ରହିଗଲା । ଆଉ ୫ ବର୍ଷ ପରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଏହି ଭେଟେରାନ୍‌ଙ୍କ ବର୍ଦ୍ଧିତ ବୟସକୁ ଦେଖି କଂଗ୍ରେସ ତାଙ୍କୁ ଆଉ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରାଇ ନ ପାରେ । ତେଣୁ ୨୦୧୮ ଡିସେମ୍ବରରୁ ୧୫ ମାସ ଧରି ମୁଖ୍ୟମନ୍ତ୍ରୀ ଚୌକିରେ ଆସୀନ ହେବା ସମ୍ଭବତଃ ତାଙ୍କ ପାଇଁ କ୍ଷମତାର ଶେଷ ପାଳିଥିଲା ।

ଉତ୍ତର ଭାରତର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ରାଜସ୍ଥାନରେ ଦୀର୍ଘ ୩୦ ବର୍ଷ ହେଲା ଭୋଟର କୌଣସି ଦଳକୁ ଲଗାତର ଦୁଇଥର ସରକାର ଗଢ଼ିବାକୁ ସୁଯୋଗ ଦେଇନାହାନ୍ତି । ଥରେ କଂଗ୍ରେସ ଓ ଆର ଥରକୁ ଭାଜପା ଜିତିଆସିଛି । ୨୦୧୮ ନିର୍ବାଚନରେ କଂଗ୍ରେସ ସରକାର ଗଢ଼ିବା ପରଠୁ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଆଭ୍ୟନ୍ତରୀଣ ବିଦ୍ରୋହର ସାମ୍ନା କରିଆସିଥିଲେ । ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍‌ଙ୍କ ବିକ୍ଷୋଭ, ଧାରଣା, ଶୋଭାଯାତ୍ରା, ଦିଲ୍ଲୀ ଧାଇଁବା ଆଦି ଗେହଲଟ୍‌ଙ୍କ ମୁଣ୍ଡବ୍ୟଥା ବଢ଼ାଇଦେଇଥିଲା । ଇତିମଧ୍ୟରେ ସେ ଅନେକ ଜନକଲ୍ୟାଣକାରୀ ଯୋଜନା ଗଢ଼ି ଯୁବ, ମହିଳା, କୃଷକଙ୍କ ସମେତ ସବୁ ବର୍ଗର ଭୋଟରଙ୍କୁ ଆକର୍ଷିତ କରିବାକୁ ପ୍ରାଣପଣେ ଉଦ୍ୟମ କରିଥିଲେ । କଂଗ୍ରେସ ହାଇକମାଣ୍ଡଙ୍କ ହସ୍ତକ୍ଷେପ ଯୋଗୁ ଗେହଲଟ୍‌ଙ୍କ ଆସନ ବର୍ତ୍ତିଯାଇଥିଲା ସିନା, ମୋଦିଙ୍କ ଲୋକପ୍ରିୟତା ଆଗରେ ଯାଦୁକରଙ୍କ ଯାଦୁ ଆଉ କାମ କରି ନ ଥିଲା । ନିର୍ବାଚନ ପ୍ରଚାରର ଅନ୍ତିମ ପର୍ଯ୍ୟାୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ସିନ୍ଧିଆଙ୍କ ସହ ଗୋଟିଏ ମଞ୍ଚରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତି ରାଜସ୍ଥାନ ଭୋଟରଙ୍କ ମନରୁ ସନ୍ଦେହ ଦୂରକରି ନୂଆପ୍ରାଣ ଭରିଦେଇଥିଲା । ଏପରି କି ଫଳାଫଳ ଆସିବା ପୂର୍ବରୁ ସମ୍ଭାବ୍ୟ ବିଜୟୀ ଓ ବିଦ୍ରୋହୀ ବିଧାୟକ ପ୍ରାର୍ଥୀମାନଙ୍କ ସହ ବସୁନ୍ଧରାଙ୍କ ଯୋଗାଯୋଗ ରାଜ୍ୟରେ ପଟ୍ଟ ପରିବର୍ତ୍ତନର ଆଭାସ ଦେଇଥିଲା । ତେବେ ରବିବାର ପରିଣାମ ଆସିବା ପରେ ମୁଖ୍ୟମନ୍ତ୍ରୀ ଦୌଡ଼ ପାଇଁ କସରତ ବଢ଼ିଯାଇଛି । ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଭଳି ନାଥ ସମ୍ପ୍ରଦାୟର ଆବାଳ ସନ୍ନ୍ୟାସୀ ମହନ୍ତ ବାଳକନାଥଙ୍କ ନାମ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ପଦ ପାଇଁ ଚର୍ଚ୍ଚାର ସର୍ବାଗ୍ରେ ରହିଛି । ୪୦ ବର୍ଷୀୟ ଅଲ୍‌ୱର ଏମ୍‌ପି ବାଳକନାଥ ତିଜାରା ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱୀ ଇମ୍ରାନ୍ ଖାନ୍‌ଙ୍କୁ ୬,୧୭୩ ଖଣ୍ଡ ଭୋଟ ବ୍ୟବଧାନରେ ହରାଇଛନ୍ତି । ୨୦୨୪କୁ ଦୃଷ୍ଟିରେ ରଖି ମୋଦି ତାଙ୍କୁ ମୁଖ୍ୟମନ୍ତ୍ରୀ କଲେ ଶାସନ କ୍ଷମତାର ଶୀର୍ଷରେ ଆଉ ଜଣେ ମହନ୍ତଙ୍କ ଅଭ୍ୟୁଦୟର ସାକ୍ଷୀ ହେବ ଭାରତୀୟ ରାଜନୀତି । କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଓ ଅନ୍ୟ କେତେଜଣ ମଧ୍ୟ ଦୌଡ଼ରେ ଥିବା କୁହାଯାଉଛି । ରାଜସ୍ଥାନରେ ଭାଜପାକୁ ୧୧୫ ଆସନ ମିଳିଛି, ଯାହାକି ଗତ ନିର୍ବାଚନ ତୁଳନାରେ ୪୨ ଅଧିକ । ମ୍ୟାଜିକ୍ ନମ୍ବର ୧୦୦ ହୋଇଥିବାବେଳେ କଂଗ୍ରେସ ୬୯ରେ ସୀମିତ ରହିଯିବା ଦଳୀୟ କନ୍ଦଳର ପ୍ରକୃତ ସମାଧାନ ଓ ସଙ୍ଗଠନକୁ ତଳୁ ଠିକ୍ କରିବା ଆବଶ୍ୟକତାର ଗୁରୁତ୍ୱ ସମ୍ପର୍କରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।

କଂଗ୍ରେସକୁ ସବୁଠୁ ବେଶି ଝଟ୍‌କା ଦେଇଥିବା ରାଜ୍ୟ ହେଉଛି ଛତିଶଗଡ଼ । ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ପଟନ ଆସନରେ ନିଜ ପୁତୁରା ତଥା ଭାଜପା ଏମ୍‌ପି ବିଜୟ ବଘେଲଙ୍କଠାରୁ ଜିତିଯାଇଥିଲେ ମଧ୍ୟ ରାଜ୍ୟରେ କଂଗ୍ରେସ ଶାସନକୁ ବଞ୍ଚାଇପାରି ନାହାନ୍ତି । ଉପମୁଖ୍ୟମନ୍ତ୍ରୀ ଟି.ଏସ୍. ସିଂହଦେଓ ଓ ଗୃହମନ୍ତ୍ରୀ ତାମ୍ରଧ୍ୱଜ ସାହୁଙ୍କ ସମେତ ୯ ବରିଷ୍ଠ ମନ୍ତ୍ରୀ ପରାଜୟର ମୁହଁ ଦେଖିଛନ୍ତି । ୯୦ ଆସନ ବିଶିଷ୍ଟ ବିଧାନସଭା ଦଖଲ କରିବା ପାଇଁ ୪୬ଟିରେ ବିଜୟ ଆବଶ୍ୟକ । କିନ୍ତୁ କଂଗ୍ରେସ ମାତ୍ର ୩୫ଟିରେ ସୀମିତ ହୋଇଯାଇଛି । ଭାଜପା ପ୍ରାର୍ଥୀମାନେ ୫୪ ଆସନରେ ଜିତି ଛତିଶଗଡ଼ରେ ୫ ବର୍ଷ ପରେ ପୁନର୍ବାର ପଦ୍ମ ଫୁଟାଇବାରେ ସକ୍ଷମ ହୋଇଛନ୍ତି । ୩ ଥର ମୁଖ୍ୟମନ୍ତ୍ରୀ ହୋଇସାରିଥିବା ଡକ୍ଟର ରମଣ ସିଂ ଏଥର ବି ଦୌଡ଼ରେ ଆଗୁଆ ଥିବାବେଳେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ବରିଷ୍ଠ ନେତା ଅଭୟରାମ ସାଓଙ୍କ ପୁଅ ଅରୁଣ ସାଓ ଏବଂ ଅବସରପ୍ରାପ୍ତ ଅମଲାତନ୍ତ୍ରୀ ଓ.ପି. ଚୌଧରୀଙ୍କ ନାମ ଚର୍ଚ୍ଚାରେ ରହିଛି । କ୍ରିକେଟରରୁ ନେତ୍ରୀ ସାଜିବା ପରେ ମୋଦିଙ୍କ କ୍ୟାବିନେଟ୍‌ରେ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରୂପେ ସ୍ଥାନ ପାଇଥିବା ରେଣୁକା ସିଂ ମଧ୍ୟ ସିଏମ୍ ରେସ୍‌ରେ ଥିବା କୁହାଯାଉଛି ।

ଭାରତ ବର୍ଷର ସର୍ବକନିଷ୍ଠ ରାଜ୍ୟ ତେଲଙ୍ଗାନା ୨୦୧୪ରେ ଅସ୍ତିତ୍ୱକୁ ଆସିବା ପରଠୁ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) କ୍ରମାଗତ ୨ଟି ନିର୍ବାଚନରେ ସଫଳତା ପାଇ ସରକାର ଗଢ଼ିଥିଲା । କିନ୍ତୁ ମୁଖ୍ୟମନ୍ତ୍ରୀ କେସିଆର୍‌ଙ୍କ ପ୍ରଧାନମନ୍ତ୍ରୀ ମହତ୍ତ୍ୱାକାଂକ୍ଷା ବଢ଼ିବାରୁ ସେ ଜାତୀୟ ରାଜନୀତିରେ ଅଧିକ ମନୋନିବେଶ କରିବାରେ ଲାଗିଲେ । ଏହିକ୍ରମେ ସେ ଟିଆର୍‌ଏସ୍‌କୁ ବିଆର୍‌ଏସ୍‌ରେ ପରିଣତ କଲେ । କଂଗ୍ରେସର ନେତୃତ୍ୱକୁ ପ୍ରତ୍ୟାଖ୍ୟାନ କରି ଇଣ୍ଡିଆ ବ୍ଲକ୍‌ଠାରୁ ବି ଦୂରେଇ ରହିଲେ । ଏହି ଜାତୀୟ ସ୍ୱପ୍ନ ସାଙ୍ଗକୁ ପାରିବାରିକ ରାଜନୀତିକୁ ପ୍ରଶ୍ରୟ ଦେବା, ଦୁର୍ନୀତି ପ୍ରତି ଆଖି ବୁଜିଦେବା, ବିକାଶ ନାମରେ କେବଳ ଯୋଜନା ଗଢ଼ିଚାଲିବା ଆଦି ପ୍ରସଙ୍ଗ କେସିଆର୍‌ଙ୍କ ସାମ୍ରାଜ୍ୟର ପତନର କାରଣ ହୋଇପାରେ ବୋଲି ରାଜନୈତିକ ପଣ୍ଡିତମାନେ କହୁଛନ୍ତି । ଗତମାସରେ ନିର୍ବାଚନ ଅନୁଷ୍ଠିତ ହୋଇଥିବା ଏହି ଏକମାତ୍ର ଦକ୍ଷିଣ ଭାରତୀୟ ରାଜ୍ୟରେ କଂଗ୍ରେସ ଆଶାତୀତ ସଫଳତା ପାଇଛି । ସର୍ବପୁରାତନ ଦଳ ୬୪ ଆସନ ଦଖଲ କରିପାରିଛି । ବିଆର୍‌ଏସ୍ ପୂର୍ବାପେକ୍ଷା ୪୯ ଆସନ ହରାଇ ୨ ନମ୍ବରକୁ ଖସିଛି । ଭାଜପା ୮ଟି ଆସନ ଦଖଲ କରିଥିବାବେଳେ ଅସାଦୁଦ୍ଦିନ ଓୱାଇସିଙ୍କ ଏଆଇଏମ୍‌ଆଇଏମ୍ ୭ ସିଟ୍ ଜିତିପାରିଛି । କେସିଆର୍ ଗଜୱେଲ ଆସନରେ ଜିତିଥିବାବେଳେ କାମାରେଡ୍ଡୀ ନିର୍ବାଚନମଣ୍ଡଳୀରେ ପରାଜିତ ହୋଇଛନ୍ତି । ତାଙ୍କ କ୍ୟାବିନେଟର ବହୁ ମନ୍ତ୍ରୀ ଶୋଚନୀୟ ପରାଜୟ ବରଣ କରିଛନ୍ତି । କାମାରେଡ୍ଡୀ ନିର୍ବାଚନମଣ୍ଡଳୀରେ ବିଆର୍‌ଏସ୍ ମୁଖ୍ୟ କେସିଆର୍ ଏବଂ ତେଲଙ୍ଗାନା ପିସିସି ସଭାପତି ଏ.ରେଭନ୍ତ ରେଡ୍ଡୀଙ୍କୁ ଭାଜପା ପ୍ରାର୍ଥୀ ହରାଇଦେଇଛନ୍ତି । କେସିଆର୍‌ଙ୍କ ପୁଅ କେ.ଟି. ରାମାରାଓ (କେଟିଆର୍) ଏହାକୁ ସାମୟିକ ପରାଜୟ ଭାବେ ଅଭିହିତ କରିବା ସହ ବିଆର୍‌ଏସ୍ ନିଜ ଜାତୀୟ କାର୍ଯ୍ୟସୂଚୀକୁ ଆଗେଇ ନେବ ବୋଲି କହିଛନ୍ତି । ରାଜ୍ୟରେ ପ୍ରଥମ ଥର ପାଇଁ କଂଗ୍ରେସ ସରକାର ଗଢ଼ିବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ଆସନ ପାଇଁ କାହା ମୁଣ୍ଡରେ ହାତୀ ସୁନାକଳସ ଢାଳୁଛି ତାହା ସୋମବାର ସ୍ପଷ୍ଟ ହୋଇଯିବ ।

ଅନ୍ୟପକ୍ଷେ ନଭେମ୍ବର ୭ରେ ଅନୁଷ୍ଠିତ ମିଜୋରାମ ବିଧାନସଭା ନିର୍ବାଚନର ଭୋଟ ଗଣତି ମଧ୍ୟ ରବିବାର କରାଯିବା ପାଇଁ ସ୍ଥିର ହୋଇଥିଲା । ତେବେ ଖ୍ରୀଷ୍ଟିଆନ ବହୁଳ ଏହି ଉତ୍ତର ପୂର୍ବାଞ୍ଚଳ ରାଜ୍ୟର ଭୋଟରଙ୍କ ଅନୁରୋଧ କ୍ରମେ ନିର୍ବାଚନ କମିଶନ ଗଣତିକୁ ଦିନେ ଅର୍ଥାତ୍ ସୋମବାର ପର୍ଯ୍ୟନ୍ତ ଘୁଞ୍ଚାଇଦେଇଛନ୍ତି । ଉପରୋକ୍ତ ୪ ରାଜ୍ୟ ପରେ ଏବେ ମିଜୋରାମ ଫଳାଫଳ ଉପରେ ନଜର ।

## ସୁଶାନ୍ତ ସାହୁଙ୍କୁ...

କଳାକନା ବୁଲାଇ ଦେଇଥିଲେ । ଏହି ଘଟଣାରେ ମାହାଙ୍ଗା ପୋଲିସ ୩୫୧/୨୦୨୩ରେ ମାମଲା ରୁଜୁ କରି ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମାତ୍ର ସୁଶାନ୍ତ ଫେରାର ଥିଲେ । ତାଙ୍କୁ ଧରିବା ପାଇଁ ମାହାଙ୍ଗା ପୋଲିସ ୩ଟି ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା । ଅପରପକ୍ଷରେ କମିଶନରେଟ ପୋଲିସ ମଧ୍ୟ ଏକ ସ୍ୱତନ୍ତ୍ର ଟିମ୍ କରି ତାଙ୍କୁ ଖୋଜି ବୁଲୁଥିଲା । ତେବେ ସୁଶାନ୍ତ ଚତୁରତାର ସହ ହ୍ୱାଟସଆପ ଓ ଇନ୍‌ଷ୍ଟାଗ୍ରାମ୍ ଭଳି ସାମାଜିକ ଗଣମାଧ୍ୟମ ଜରିଆରେ ଟିମ୍ ଗଠନ କରି ନିଜର ଆପରାଧିକ କାର୍ଯ୍ୟକଳାପ ଚଳାଇଥିଲେ । ବିଶେଷକରି କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ଖୋର୍ଦ୍ଧା ଆଦି ଜିଲାକୁ ସେ ଟାର୍ଗେଟ କରୁଥିଲେ । ଶନିବାର ବିଳମ୍ବିତ ରାତିରେ ସେ ଜଗତ୍‌ସିଂହପୁର ଜିଲାର ଏକ ଗହଣା ଦୋକାନରୁ ଲୁଟ୍ କରିବା ପାଇଁ ପ୍ରଥମେ ଷଡ଼ଯନ୍ତ୍ର କରିଥିଲେ ହେଁ ପରମୁହୂର୍ତ୍ତରେ ଅସୁରେଶ୍ୱର ଆସି ଅନ୍ୟ ଏକ ସ୍ଥାନରୁ ଲୁଟ୍ ପାଇଁ ଯୋଜନା କରିଥିଲେ । ଏ ବିଷୟରେ ଖବରପାଇ ସୁଶାନ୍ତଙ୍କୁ ଧରିବା ପାଇଁ ମାହାଙ୍ଗା ପୋଲିସ ଜାଲ ବିଛାଇ ଗତିବିଧି ଉପରେ ନିରୀକ୍ଷଣ କରୁଥିଲା । ମାତ୍ର ତାଙ୍କୁ ଧରିବାରେ ନିଶ୍ଚିନ୍ତକୋଇଲି ପୋଲିସକୁ ସଫଳତା ମିଳିଛି ବୋଲି ମାହାଙ୍ଗା ଥାନା ଅଧିକାରୀ ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି ।

## ସୃଷ୍ଟି ହେଲା ବାତ୍ୟା...

କରିଛି ପାଣିପାଗ ବିଭାଗ । ପ୍ରବଳ ବର୍ଷାର ପୂର୍ବାନୁମାନ କରି ସୋମବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି ହୋଇଛି । ସେହିପରି ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ପୁରୀ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ରୁ ୨୦ ସେମି) ହେବ । ମଙ୍ଗଳବାର ୬ ତାରିଖରେ ଗଞ୍ଜାମ, ଗଜପତି, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କନ୍ଧମାଳ, କୋରାପୁଟ, ମାଲକାନଗିରି ଓ ରାୟଗଡ଼ା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା (୭ରୁ ୧୧ ସେମି) ହେବାର ସମ୍ଭାବନା ରହିଛି । ଉପକୂଳ ଓଡ଼ିଶାର ଅଧିକାଂଶ ଜିଲାରେ, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, କୋରାପୁଟ ଜିଲାର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବଜ୍ରପାତ ହେବାର ସମ୍ଭାବନା ରହିଛି ।

ଅନ୍ୟପକ୍ଷରେ ୪ ତାରିଖ ସନ୍ଧ୍ୟାରୁ ୫ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହିବ । ତେଣୁ ୫ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଗଭୀର ସମୁଦ୍ର ଭିତରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି । ଏଥିସହ ୬ ତାରିଖ ପର୍ଯ୍ୟନ୍ତ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ସହ ଓଡ଼ିଶା ଉପକୂଳ ଅଞ୍ଚଳକୁ ସତର୍କତା ଜାରି ହୋଇଛି । ସେହିଭଳି ବାତ୍ୟା କ୍ଷେତରେ ଛିଡ଼ା ହୋଇଥିବା ଫସଲ ଓ ପନିପରିବା, କଚ୍ଚା ରୋଡ୍ ଏବଂ କଚ୍ଚା ଘରଗୁଡ଼ିକୁ କ୍ଷତି ପହଞ୍ଚାଇପାରେ । ତେଣୁ ପାଚିଲା ଧାନ, ମାଣ୍ଡିଆ, ବାଜରା, କପା ଓ ଅନ୍ୟାନ୍ୟ ଫସଲ, ଉଦ୍ୟାନ କୃଷି ଫସଲ ଓ ପନିପରିବା ଅମଳ ୩ ତାରିଖ ସୁଦ୍ଧା ଶେଷ କରି ସୁରକ୍ଷିତ ସ୍ଥାନରେ ରଖିବା ସହ ଫସଲ ଥିବା ଚାଷଜମିରୁ ଅତିରିକ୍ତ ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ଆଇଏମ୍‌ଡି ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ଦିନଟିରେ ତରବର ନ ହୋଇ ଧୀରସ୍ଥିର ପଦକ୍ଷେପ ନେଲେ ଉପକୃତ ହେବେ । ଦୂରଯାତ୍ରାର ସୁଯୋଗ ପାଇବେ, ମାତ୍ର ରାସ୍ତାରେ କୌଣସି ବ୍ୟକ୍ତିଙ୍କ ସହ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି । ଆଜି ହିଁ ସମ୍ପନ୍ନ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି । ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ ।

**ବୃଷ** — ପ୍ରତ୍ୟେକ କ୍ଷେତ୍ରରେ ବିନୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲୁକା କରିବେ । ପରିଜନ ସହ ଅର୍ଥ, ଭୋଗବିଳାସ ମଧ୍ୟରେ ସମୟଟି ଭଲରେ କଟିବ । ପାରିବାରିକ କ୍ଷେତ୍ରରେ ସୁଯୋଗ ପାଇବା ସାଙ୍ଗକୁ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ ।

**ମିଥୁନ** — ଚିନ୍ତା ନ କରି ନିର୍ଭୟରେ ଆଗକୁ ମାଡ଼ି ଚାଲନ୍ତୁ, ଦେଖିବେ ଚେଷ୍ଟା ନିଶ୍ଚିତ ଫଳବତୀ ହେବ । ସନ୍ଧ୍ୟାରେ ହଠାତ୍ ସାଧାରଣ କଥାକୁ କେନ୍ଦ୍ର କରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ । ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହନ୍ତୁ ଅନ୍ୟଥା ତାହା ହିଁ ସମସ୍ୟାର କେନ୍ଦ୍ରବିନ୍ଦୁ ହୋଇପଡ଼ିବ । କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ ।

**କର୍କଟ** — କର୍ମକ୍ଷେତ୍ରରେ ମଉଜିଆ କଥା କହି ଅନ୍ୟମାନଙ୍କୁ ନିଜର କରିବାରେ ସକ୍ଷମ ହେବେ । ଅତି ନିକଟରେ ରହୁଥିବା ମିତ୍ରମାନେ କିଛି ପାଇବା ଆଶାରେ ପ୍ରଶଂସା ଗାଇ ବୁଲିବେ । କ୍ରୀଡ଼ା, କଳା, ସାହିତ୍ୟ, ସାମ୍ବାଦିକତା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ । ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି ।

**ସିଂହ** — ଅତୀତ ଘଟଣାର ସମୀକ୍ଷା କରି ଭାବବିହ୍ୱଳ ହେବା ସାଙ୍ଗକୁ କୌଣସି ଅସୁବିଧା ନ ଥାଇ ମଧ୍ୟ ମନଟି ଭଲ ଲାଗିବ ନାହିଁ । ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ଋଣ ସୂତ୍ରରେ ଅର୍ଥଲାଭ କରିବେ ଏବଂ ବାଣିଜ୍ୟ, ବ୍ୟବସାୟରେ ଉନ୍ନତି ଘଟିବ । ପାରିବାରିକ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ ।

**କନ୍ୟା** — ଭାବୁଥିବା କାମଟି ବିଧିବଦ୍ଧ ଭାବରେ କରିପାରିବେ ନାହିଁ । ଫଳରେ ସୁଯୋଗ ହାତଛଡ଼ା ହୋଇପାରେ । ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଖୁସି ରହିବେ । ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି ।

**ତୁଳା** — ସମ୍ପର୍କୀୟଙ୍କ ଶତ୍ରୁତା ଯୋଗୁ ବିଚଳିତବୋଧ କରିବାକୁ ପଡ଼ିବ । କୌଣସି କ୍ଷେତ୍ରରେ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ । ପାରିବାରିକ ସଦ୍‌ଭାବ ଅକ୍ଷୁଣ୍ଣ ରହିବ ମାତ୍ର ନିଜକୁ ଟିକିଏ ନରମି କହିବାକୁ ପଡ଼ିପାରେ । ନିର୍ମାଣ କିମ୍ବା କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ପରିସ୍ଥିତି ଗମ୍ଭୀର ରହିବ ଏବଂ ଟଙ୍କା, ପଇସାର ଘୋର ଅଭାବ ପରିଲକ୍ଷିତ ହେବ ।

**ବିଛା** — ଲୋକସମ୍ପର୍କ ବୃଦ୍ଧି ପାଇବାରେ ନିଜ ଲୋକମାନେ ହିଁ ପ୍ରତିବନ୍ଧକ ସୃଷ୍ଟି କରିବେ । ବନ୍ଧୁମାନଙ୍କ ବିଷୟରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ । ମାତ୍ର କର୍ମକ୍ଷେତ୍ରରେ ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ । ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ ।

**ଧନୁ** — କର୍ମକ୍ଷେତ୍ରରେ କୌଶଳ ପ୍ରୟୋଗ କରି ପ୍ରତିଷ୍ଠିତ ହେବାର ସମ୍ଭାବନା ରହିଛି । ବନ୍ଧୁମାନଙ୍କ ଆହ୍ୱାନକ୍ରମେ କୌଣସି ଶୁଭକାର୍ଯ୍ୟରେ ଯୋଗଦେଇପାରନ୍ତି । ରାଜନୀତି, ପ୍ରକାଶନ, ପ୍ରଶାସନ, ଗବେଷଣା ଓ ଆନୁଷ୍ଠାନିକ କାର୍ଯ୍ୟ ପାଇଁ ଦିନଟି ବହୁତ ଭଲ । ସାହିତ୍ୟ, ସାମ୍ବାଦିକତା, ସଂଗଠନ ଓ ସଭା ସମିତିରେ ସୁନାମ ଅର୍ଜନ କରିବେ ।

**ମକର** — ପ୍ରତ୍ୟେକ କ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ନିଜ ଜିଦ୍‌ରେ ଅଟଳ ରହିବେ । ଆଶା ପୂରଣ ହେବାରେ ଜଣେ ବାଲ୍ୟବନ୍ଧୁ ସାହାଯ୍ୟ କରିବେ । ପରିସ୍ଥିତି ମଧ୍ୟରେ ଅଧିକାଂଶ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି । ଏଣେ କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ ।

**କୁମ୍ଭ** — ଗତକାଲି ସମସ୍ୟା ସମାଧାନରେ ରାସ୍ତା ଖୋଜି ପାଇବାରେ ସମର୍ଥ ହେବେ । ଭୁଲ୍ ବୁଝାମଣା ଓ ସନ୍ଦେହ ବୃଦ୍ଧି ପାଇବା କାରଣରୁ ପରିବାରରେ ବିଶୃଙ୍ଖଳା ଦେଖା ଦେଇପାରେ । ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ଅନ୍ୟଥା ଅଦଳବଦଳ ହୋଇଯାଇପାରେ । ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବେ ।

**ମୀନ** — ପ୍ରତ୍ୟେକ ବିଷମ ପରିସ୍ଥିତିରେ ମଧ୍ୟ ସାହସିକତାର ପରିଚୟ ଦେଇ ପ୍ରଶଂସିତ ହେବେ । ନିଜେ କଷ୍ଟ ସ୍ୱୀକାର କଲେ ମଧ୍ୟ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ । ସ୍ୱାର୍ଥ ସାଧନର ମସୁଧା କରି ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି । ଅଧିକାଂଶ ସମୟରେ ଭାବପ୍ରବଣତା ଯୋଗ ମନୋବଳ କ୍ରମଶଃ ହ୍ରାସ ପାଇବ ।

ଆଜି ମାର୍ଗଶିର କୃଷ୍ଣ ସପ୍ତମୀ ସୋମବାର, ଡିସେମ୍ବର ୪ ତାରିଖ, ଭାରତୀୟ ନୌସେନା ଦିବସ, ରାଶି ନକ୍ଷତ୍ର- ମଘା/ସିଂହ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଘ.୦୬।୧୦ ମି. ଗତେ, ଘ.୦୭।୩୧ ମି. ମଧ୍ୟେ, ଘ.୦୯।୦୪ମି. ଗତେ, ଘ.୧୧।୧୪ ମି. ମଧ୍ୟେ ଶୁଦ୍ଧ ଶୁଭବେଳା । ସକାଳ ଘ. ୦୭।୩୧ମି. ଗତେ, ଘ.୮।୫୩ ମି. ମଧ୍ୟେ ରାହୁକାଳ ॥






ଭଦ୍ରାପଡା ଗାଁମୁଣ୍ଡ ଜଙ୍ଗଲ ପାଖ ପୋଖରୀରେ ହାତୀ ଫସି ରହିଛି।

# ଫସଲ ଖାଇବାକୁ ଆସି ଫସିଲା

### ପୋଖରୀରେ ପଡ଼ିଥିବା ହାତୀ ଉଦ୍ଧାର

ସବ୍‌ଡେଗା,୩।୧୨ (ଅନନ୍ତ ପଟେଲ)

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକର ଡମକୁଡା ଗ୍ରାମପଞ୍ଚାୟତ ଭଦ୍ରାପଡା ଗାଁମୁଣ୍ଡ ଜଙ୍ଗଲ ପାଖ ପୋଖରୀରେ ପଡ଼ି ଫସିରହିଥିବା ଦନ୍ତାହାତୀକୁ ରବିବାର ମଧ୍ୟାହ୍ନରେ ଉଦ୍ଧାର କରାଯାଇଛି। ପରେ ହାତୀ ଜଙ୍ଗଲକୁ ଦୌଡ଼ି ପଳାଇଯାଇଛି। ଶନିବାର ରାତିରେ ହାତୀଟି ଫସଲ ଖାଇବାକୁ ଆସି ଛୋଟିଆ ପୋଖରୀରେ ପଡ଼ିଯାଇଥିଲା। ପାଣି, କାଦୁଅ ଅଧିକ ଥିବାରୁ ଓ ପୋଖରୀ ହୁଡ଼ା ସମତୁଲ ନ ଥିବାରୁ ହାତୀଟି ଉଠିପାରି ନ ଥିଲା। ସକାଳେ ଲୋକେ ଜଙ୍ଗଲ ପାଖକୁ ଯାଇଥିବାବେଳେ ହାତୀକୁ ପୋଖରୀରେ ପଡ଼ିଥିବା ଦେଖିଥିଲେ। ଖବର ଚାରିଆଡ଼େ ପ୍ରଚାର ହୋଇଯିବାରୁ ହାତୀକୁ ଦେଖିବା ପାଇଁ ପୋଖରୀ ପାଖରେ ଲୋକଙ୍କର ଭିଡ଼ ଜମି ଯାଇଥିଲା। ପରେ ବନ ବିଭାଗକୁ ଖବର ଦିଆଯିବାରୁ ସ୍ଥାନୀୟ ବନ ବିଭାଗର କର୍ମଚାରୀମାନେ ପହଞ୍ଚିଥିଲେ। ହାତୀକୁ ବାହାରକୁ ବାହାର କରିବାକୁ ପ୍ରୟାସ କରିଥିଲେ। ଜେସିବି ମେଶିନ ମଗାଇ ପୋଖରୀ ହୁଡ଼ାକୁ ସମତୁଲ କରିଥିଲେ। ପରେ ହାତୀ ସେହି ସମତୁଲ ରାସ୍ତାରେ ପୋଖରୀ ଉପରକୁ ଉଠିଆସି ଜଙ୍ଗଲକୁ ପଳାଇଥିଲା। ଏହି ଅଞ୍ଚଳରେ ହାତୀପଲ ଉପଦ୍ରବ ଚଳାଇ ଆସୁଛନ୍ତି। ଏହି ହାତୀଟି ପଲରୁ ଖସି ଆସିଥିବାବେଳେ ପୋଖରୀରେ ପଡ଼ିଯାଇଥିଲା ବୋଲି ବନ କର୍ମଚାରୀ କହିଛନ୍ତି।

# ବାଘଛାଲ ଜବତ: ୩ ବ୍ୟବସାୟୀ ଜେଲ ଗଲେ

- ଫୁଲବାଣୀରେ ଶିକାର, ନୟାଗଡ଼ରେ ବିକ୍ରି
- ଅଟକର ୩ ଦିନ ପରେ କୋର୍ଟ ଚାଲାଣ

ନୟାଗଡ଼,୩।୧୨ (ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡ ଇଟିରି ପଞ୍ଚାୟତ ଝରଦେଇ ପୀଠ ନିକଟରୁ ନୟାଗଡ଼ ବନବିଭାଗ ଓ ମହାନଦୀ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଚଢ଼ାଉ କରାଯାଇ କଲରାପତରିଆ ବାଘଛାଲ ଜବତ କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ୩ ବ୍ୟବସାୟୀଙ୍କୁ ଗିରଫ କରାଯାଇ ରବିବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ଇଟାମାଟି ଥାନା ଟିପୁରା ଗାଁର ସୁବାସ ଜେନା(୨୯), ପୁତୁରା ସୁନୀଲ ଜେନା(୨୪), ବିରୁଡା ଗାଁର ଆକାଶ ମଲ୍ଲିକ(୨୪)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଯାଇଛି। ଅନ୍ୟପକ୍ଷେ ବାଘ ଶିକାର ଫୁଲବାଣୀ ଜଙ୍ଗଲରେ ହୋଇଥିବାବେଳେ ନୟାଗଡ଼ ଜଙ୍ଗଲରେ ବାଘଛାଲ ବିକ୍ରି ପାଇଁ ଡିଲ୍ କରାଯାଇଥିବା ଜଣାପଡ଼ିଛି। ବନବିଭାଗ ୩ ଅଭିଯୁକ୍ତଙ୍କୁ ୧ ତାରିଖରୁ ଅଟକ ରଖି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କୁ ୨୪ ଘଣ୍ଟା ଭିତରେ କୋର୍ଟଚାଲାଣ ପାଇଁ ଆଇନ ରହିଛି। ତେବେ ନିୟମକୁ ଅଣଦେଖା କରାଯାଇ ୩ ଦିନ ପର୍ଯ୍ୟନ୍ତ ଅଟକ ରଖି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ ପରେ ବନବିଭାଗର କାର୍ଯ୍ୟ ସନ୍ଦେହ ଘେରକୁ ଆସିଛି। ବନବିଭାଗ ସୂଚନା ଅନୁସାରେ, ଫୁଲବାଣୀ ଜଙ୍ଗଲରେ ଶିକାର ହୋଇଥିବା କଲରାପତରିଆ ବାଘକୁ ଟିପୁରା ଗାଁର ସୁବାସ ୫୦ ହଜାର ଟଙ୍କାରେ କିଣିଥିଲେ। ସୁବାସଙ୍କ ପୁତୁରା ସୁନୀଲ ଓ ବିରୁଡା ଗାଁର ଆକାଶ ବାଘ ଛାଲ ବିକ୍ରି କରୁଥିଲେ। ଅଧିକ ଅର୍ଥ ପାଇବାକୁ ସୁବାସ ନିଜ ପୁତୁରାଙ୍କୁ ବାଘଛାଲକୁ ବିକ୍ରି କରିବାକୁ ଦେଇଥିଲେ। ସୁନୀଲ ଓ ଆକାଶ ବାଘଛାଲ ବିକ୍ରି ପାଇଁ ଉଦ୍ୟମ କରିଥିଲେ। ହେଲେ ବନ ବିଭାଗ କର୍ମଚାରୀ ଗ୍ରାହକ ସାଜି ୧ ତାରିଖରେ ସେମାନଙ୍କୁ ଧରି ଅଟକ ରଖି ପଚରାଉଚୁରା କରୁଥିଲା। ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ ଓ ମହାନଦୀ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ଫାଲ୍‌ଗୁନୀ ସାରଥି ମଲ୍ଲିକଙ୍କ ସହ କର୍ମଚାରୀ ବାଘ ଛାଲ ଜବତ କରିଥିଲେ।

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ସମାରୋହ ଉଦ୍‌ଯାପିତ

## ଦିବ୍ୟାଙ୍ଗଙ୍କ ଉଦ୍ୟମକୁ ପ୍ରୋତ୍ସାହନ ଦେବା ଦରକାର: ମୁଖ୍ୟମନ୍ତ୍ରୀ




ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସମେତ ଅନ୍ୟ ଅତିଥିମାନେ ଜଣେ କୃତୀ ଦିବ୍ୟାଙ୍ଗଙ୍କୁ ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର, ୩।୧୨ (ଅସମାପିକା ସାହୁ)

ରାଜ୍ୟର ଦିବ୍ୟାଙ୍ଗ ବ୍ୟକ୍ତିମାନେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଦକ୍ଷତା ଦେଖାଇଛନ୍ତି। କଳା, ସାହିତ୍ୟ, ଶିକ୍ଷା, କ୍ରୀଡ଼ା ସବୁକ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ସାରା ଦେଶର ଯୁବ ସମାଜ ପାଇଁ ଏକ ଆଇକନ୍ ହୋଇପାରିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଦେଶର ଗୌରବ ବୃଦ୍ଧି କରିଛନ୍ତି। ତେଣୁ ଶାରୀରିକ ଅକ୍ଷମତା ବ୍ୟକ୍ତିଗତ ଉନ୍ନତି ଓ ସଫଳତାରେ ପ୍ରତିବନ୍ଧକ ନୁହେଁ। ମନୋବଳ ଉପରେ ସବୁ ନିର୍ଭର କରେ। ତେଣୁ ଦିବ୍ୟାଙ୍ଗମାନେ ଯେପରି ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିପାରିବେ ସେ ଦିଗରେ ସମାଜ ଓ ପରିବାର ତାଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା ଆବଶ୍ୟକ। ଦିବ୍ୟାଙ୍ଗଙ୍କ ଉଦ୍ୟମକୁ ପ୍ରୋତ୍ସାହନ ଦେବା ଦରକାର ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ତିନିଦିନିଆ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସର ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ ଏହି ବାର୍ତ୍ତା ଦେଇଛନ୍ତି। ଏଥିସହ ରାଜ୍ୟ ସରକାର ସବୁବେଳେ ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ କାମ କରୁଛନ୍ତି ଓ କରିଚାଲିବେ ବୋଲି ସେ ପ୍ରକାଶ କରିଛନ୍ତି।

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସମାରୋହରେ ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଦିବ୍ୟାଙ୍ଗଙ୍କ ପ୍ରତି ଆମର ବ୍ୟବହାର ଓ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିବାକୁ ପଡ଼ିବ ବୋଲି କହିଥିଲେ। ବିଏମ୍‌ସି ମେୟର ସୁଲୋଚନା ଦାସ, ବିଧାୟକ ସୁଶାନ୍ତ କୁମାର ରାଉତ ଉପସ୍ଥିତ ରହିଥିଲେ। ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଲେ, ଦିବ୍ୟାଙ୍ଗମାନେ ବିଭିନ୍ନ ପ୍ରତିବନ୍ଧକ ଓ ଆହ୍ୱାନର ସମ୍ମୁଖୀନ ହୋଇ ମଧ୍ୟ ସମାଜକୁ ପ୍ରେରଣା ଯୋଗାଉଥିବାରୁ କୌଣସି ବୈଷମ୍ୟ ଓ ତାରତମ୍ୟ ନ ରଖି ସେମାନଙ୍କୁ ସାମଗ୍ରିକ ବିକାଶରେ ଅନ୍ତର୍ଭୁକ୍ତ କରିବାକୁ ହେବ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଅତିଥିମାନେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଦିବ୍ୟାଙ୍ଗ ବ୍ୟକ୍ତିତ୍ୱ ତଥା କୃତୀ ଫଟୋଗ୍ରାଫରମାନଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିଥିଲେ। ବିଭାଗର ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନଖଳା ଜଗିଥିଲେ, ହାତୀ ଦଳିଦେଲା

କେନ୍ଦୁଝର,୩।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଭେଜିଡିହି ଗ୍ରାମରେ ଧାନଖଳା ଜଗିଥିବାବେଳେ ଶନିବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କୁ ହାତୀ ଦଳିଦେଇଛି। ମୃତକ ଜଣକ ହେଲେ ସୁଡ଼ଙ୍ଗ ଗ୍ରାମ ଜାମୁଡ଼ିହି ସାହିର ବନମାଳୀ ମୁଣ୍ଡା(୪୭)। ସେ ଗତ କିଛିବର୍ଷ ହେବ ଭେଜିଡିହି ଗ୍ରାମର ଶିରିଶ ବେହେରାଙ୍କ ଘରେ ରହି କାମ କରୁଥିଲା। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାର ଲୋକଙ୍କୁ ୬୦ ହଜାର ଟଙ୍କା ଅଗ୍ରିମ ପ୍ରଦାନ କରାଯାଇଛି ବୋଲି ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜର ନୟନକାନ୍ତ ସାହୁ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ଅନ୍ତର୍ଗତ ନୟାକୋଟ ବିଟ୍ ଅଞ୍ଚଳରେ ୨୦ ଟିକିଆ ହାତୀପଲ ଗତ କିଛିଦିନ ହେବ ବୁଲୁଛନ୍ତି। ସେଥିରୁ ୨ ଦନ୍ତାହାତୀ ଅଲଗା ହୋଇ ଖାଦ୍ୟ ଅନ୍ୱେଷଣରେ ଶନିବାର ରାତି ପ୍ରାୟ ୧ଟାରେ ଗାଁରେ ପ୍ରବେଶ କରି ଧାନ ଖଳାରେ ଧାନ ଖାଇଥିଲେ। ସେଠାରେ ପଲା ବାନ୍ଧି ଶୋଇଥିବା ବନମାଳୀ ମୁଣ୍ଡାଙ୍କୁ ଦଳି ଦେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ସହିତ ଥଣ୍ଡାରୁ ରକ୍ଷା ପାଇଁ ସେଠାରେ ଜଳୁଥିବା ନିଆଁ ଲାଗି ଏକ ଅସ୍ଥାୟୀ ଘର ମଧ୍ୟ ପୋଡ଼ିଯାଇଥିବା ଜଣାପଡିଛି। ଗଜସାଥୀଙ୍କଠାରୁ ସୂଚନା ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ନୟାକୋଟ ପୋଲିସ ଅପମୃତ୍ୟୁ ମାମଲା (ନଂ. ୩୧/୨୦୨୩) ରୁଜୁ କରି ବ୍ୟବଚ୍ଛେଦ କରାଇ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ୨ ଲକ୍ଷ ଆବାସ ନିର୍ମାଣ କରି ଓଡ଼ିଶା ଆଗରେ

## ପିଏମ୍‌ଏୱାଇ(ଜି)

- ଉତ୍ତରପ୍ରଦେଶ ଦ୍ୱିତୀୟ, ଆସାମ ତୃତୀୟ ସ୍ଥାନରେ
- ଦେଶରେ ଚଳିତ ଆର୍ଥିକ ବର୍ଷରେ ୧୧,୮୩,୭୭୯ ଘର ନିର୍ମାଣ ସରିଛି

ଭୁବନେଶ୍ୱର, ୩।୧୨ (ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ବା ପିଏମ୍‌ଏୱାଇ(ଜି)ରେ ଚଳିତ ଆର୍ଥିକ ବର୍ଷରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ପକ୍କାଘର ନିର୍ମାଣ କରି ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ମିଳିଥିବା ସୂଚନା ମୁତାବକ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ସମଗ୍ର ଦେଶର ୧୧ ଲକ୍ଷ ୮୩ ହଜାର ୭୭୯ ପକ୍କାଘର ନିର୍ମାଣ ହୋଇଛି। ସେଥିମଧ୍ୟରୁ ଓଡ଼ିଶାରେ କେବଳ ୨ ଲକ୍ଷରୁ ଅଧିକ ଗୃହ ନିର୍ମାଣ ହୋଇଛି। ସାରା ଦେଶରେ ଓଡ଼ିଶା ସବୁଠାରୁ ଆଗରେ ଥିବାବେଳେ ଉତ୍ତରପ୍ରଦେଶ ଦ୍ୱିତୀୟ ଏବଂ ଆସାମ ତୃତୀୟ ସ୍ଥାନ ଅଧିକାର କରିଛି।

ମିଳିଥିବା ତଥ୍ୟ ଅନୁଯାୟୀ, ଉତ୍ତର ପ୍ରଦେଶ ଏବଂ ଆସାମ ଦେଢ଼ ଲକ୍ଷ ଘର ନିର୍ମାଣ କରିଥିବାବେଳେ ମଧ୍ୟପ୍ରଦେଶରେ ୮୯ ହଜାର, ଗୁଜରାଟରେ ୮୫ ହଜାର, ତ୍ରିପୁରାରେ ୭୦ ହଜାର ୯୨୫, ଛତିଶଗଡ଼ରେ ୭୦ ହଜାର, ତାମିଲନାଡୁରେ ୬୫ ହଜାର, ବିହାରରେ ୫୫ ହଜାର, ମହାରାଷ୍ଟ୍ରରେ ୫୪ ହଜାର, ଝାଡ଼ଖଣ୍ଡରେ ୪୫ହଜାର, ଜମ୍ମୁ କଶ୍ମୀରରେ ୨୩ ହଜାର, କର୍ଣ୍ଣାଟକରେ ୧୮ ହଜାର, ରାଜସ୍ଥାନରେ ୧୪ ହଜାର, ଆନ୍ଧ୍ରପ୍ରଦେଶରେ ୧୪ ହଜାର, ଉତ୍ତରାଖଣ୍ଡରେ ୧୨ ହଜାର, ଅରୁଣାଚଳ ପ୍ରଦେଶରେ ୧୧ ହଜାର, ପଶ୍ଚିମବଙ୍ଗରେ ୮ ହଜାର, ମେଘାଳୟରେ ୭ ହଜାର, କେରଳରେ ୩ ହଜାର, ହରିୟାଣାରେ ୧୯୦୦, ନାଗାଲାଣ୍ଡରେ ୧୮୦୦, ହିମାଚଳ ପ୍ରଦେଶରେ ୧୭୩୯, ମିଜୋରାମରେ ୧୬୬୫, ମଣିପୁରରେ ୧୬୫୦, ପଞ୍ଜାବରେ ୯୪୫, ଲଦାଖରେ ୫୯୮, ଦାଦ୍ରା ଏବଂ ନଗର ହାବେଳିରେ ୨୬୬, ସିକିମ୍‌ରେ ୧୪୯, ଗୋଆରେ ୭୫, ଆଣ୍ଡାମାନ ଏବଂ ନିକୋବରରେ ୨୨, ଡାମନ ଏବଂ ଡିଉରେ ୩, ଲାକ୍ଷାଦ୍ୱୀପରେ ୧ ଘର ନିର୍ମାଣ ହୋଇଛି। ପୁଡୁଚେରୀ ଏବଂ ତେଲଙ୍ଗାନାରେ ଗୋଟିଏ ହେଲେ ପିଏମ୍‌ଏୱାଇ(ଜି) ଆବାସ ଚଳିତ ଆର୍ଥିକ ବର୍ଷରେ ହୋଇ ନ ଥିବା ତଥ୍ୟରେ ଉଲ୍ଲେଖ ରହିଛି। ପଞ୍ଚାୟତିରାଜ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଗତ ୯ ବର୍ଷ ମଧ୍ୟରେ ଓଡ଼ିଶାରେ ୩୩ ଲକ୍ଷରୁ ଊର୍ଦ୍ଧ୍ୱ ଗୃହ ନିର୍ମାଣ ହୋଇଛି। ତୁରନ୍ତ ଗୃହ ନିର୍ମାଣ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ଏ ବାବଦରେ ବର୍ତ୍ତମାନ ପର୍ଯ୍ୟନ୍ତ ୮ ଲକ୍ଷ ୩୦ ହଜାର ପରିବାରକୁ ୧୩୬୩ କୋଟି ଟଙ୍କା ପ୍ରଦାନ କରାଯାଇଛି।



> ଚିର ଅବିଶ୍ୱାସୀ ଏଇ ମଣିଷ । ନିଜ ଭିତରୁ ପୋଛି ଚାଲିଥାଏ ଅହର୍ନିଶ ଭଗବାନଙ୍କୁ । ଅନ୍ଧକାର ଭଳି ବିଚରଣ କରୁଥାଏ ସେ- କାଳର ପପଥ ବିପଥରେ । ଏଣେ ପୁଣି ଲୋପ କରି ଚାଲିଥାଏ ତାରକା ମଣ୍ଡଳୀଙ୍କୁ ତା' ମୁଣ୍ଡ ଉପରୁ ଏବଂ ମନ ବୁଦ୍ଧି ତା'ର ଏକମାତ୍ର ବ୍ୟାଖ୍ୟାକାର । ସେହି ମନର ଓ ବୁଦ୍ଧିର ସଂଶୟ ମେଘମାନେ ଘୋଡାଇପକାନ୍ତି ସୂର୍ଯ୍ୟ-ନିଃସୃତ ବାଣୀମାନଙ୍କୁ । **-ଶ୍ରୀଅରବିନ୍ଦ**

# ଅନୁସରଣ କରି ବିଫଳ

ନିକଟରେ ଶେଷ ହୋଇଥିବା ୫ ରାଜ୍ୟ ବିଧାନସଭା ନିର୍ବାଚନ ମଧ୍ୟରୁ ମିଜୋରାମ ବ୍ୟତୀତ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ଓ ତେଲଙ୍ଗାନାର ଫଳାଫଳ ୩ ଡିସେମ୍ବରରେ ପ୍ରକାଶ ପାଇଛି । ହିନ୍ଦୀଭାଷୀ ରାଜ୍ୟ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନରେ ଭାରତୀୟ ଜନତା ପାର୍ଟି (ଭାଜପା) ବିଜୟ ହାସଲ କରିଥିବା ବେଳେ ତେଲଙ୍ଗାନାରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)କୁ ହଟାଇ କଂଗ୍ରେସ ଏକାକୀ ସଂଖ୍ୟାଗରିଷ୍ଠ ଦଳ ହୋଇପାରିଛି । ଏହି ନିର୍ବାଚନୀ ଫଳାଫଳ ଭାରତକୁ ଏକପ୍ରକାର ଦୁଇ ଭାଗରେ ବିଭକ୍ତ କରିଛି । ଦକ୍ଷିଣରେ ଭାଜପା ବିରୋଧରେ ସ୍ପଷ୍ଟ ମତ ରହିଥିବା ବେଳେ ହିନ୍ଦୀଭାଷୀ ରାଜ୍ୟରେ କଂଗ୍ରେସ ବିପକ୍ଷରେ ଓ ହିନ୍ଦୁତ୍ୱ ସପକ୍ଷରେ ବାରମ୍ବାର ମତ ପ୍ରକାଶ ପାଉଛି । କେତେକ ରାଜନୈତିକ ପର୍ଯ୍ୟବେକ୍ଷକ ଉପରଲିଖିତ ରାଜ୍ୟର ଫଳାଫଳ ୨୦୨୪ ସାଧାରଣ ନିର୍ବାଚନ ଉପରେ ପ୍ରଭାବ ପକାଇବ ବୋଲି କହୁଥିଲା ବେଳେ ଆଉ କେତେକେ କହୁଛନ୍ତି, ଏହା ସେମିଫାଇନାଲ ନୁହେଁ ବରଂ ଲୋକ ସଭା ନିର୍ବାଚନ ବେଳକୁ ସ୍ଥିତି ବଦଳିଯାଇପାରେ । ଏହି ପରିପ୍ରେକ୍ଷୀରେ ଯଦି ଏକ୍‌ଜିଟ୍ ପୋଲକୁ ଦେଖାଯାଏ ତେବେ ଛତିଶଗଡ଼ କ୍ଷେତ୍ରରେ ଅନୁମାନ ସମ୍ପୂର୍ଣ୍ଣ ଭୁଲ୍ ପ୍ରମାଣିତ ହୋଇଛି । ସେଠାରେ କଂଗ୍ରେସ ଆସିପାରେ ବୋଲି କୁହାଯାଉଥିଲା । ତେଲଙ୍ଗାନାରେ କଂଗ୍ରେସ ଆସିବା ନେଇ ଅନୁମାନ ଲଗାଯାଇଥିବା ବେଳେ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଭାଜପା-କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ହେବ ବୋଲି କୁହାଯାଇଥିଲା ।

ମଧ୍ୟପ୍ରଦେଶରେ ୨୦୦୩ରୁ ଅଦ୍ୟାବଧି ଭାଜପା କ୍ରମାଗତ କ୍ଷମତା ବଜାୟ ରଖିଆସିଛି ବୋଲି କୁହାଯାଇପାରେ । ୨୦୧୮ ବିଧାନସଭାରେ କମଲନାଥଙ୍କ ନେତୃତ୍ୱରେ କଂଗ୍ରେସ କେବଳ ୧୫ ମାସ ପାଇଁ ଶାସନ କରିଥିଲା । ଜ୍ୟୋତିରାଦିତ୍ୟ ସିନ୍ଧିଆ ଅସନ୍ତୁଷ୍ଟ ୨୨ ବିଧାୟକଙ୍କୁ ନେଇ କଂଗ୍ରେସ ଶିବିରରୁ ଭାଜପା ଜାହାଜକୁ ଲମ୍ଫ ପ୍ରଦାନ କରିବା ପରେ ସେଠାରେ ରାଜନୈତିକ ସମୀକରଣ ବଦଳିଯାଇଥିଲା । ଭାଜପା ପୁନଶ୍ଚ କ୍ଷମତାସୀନ ହୋଇଥିଲା । ୨୦୨୩ ବିଧାନସଭା ଭୋଟ ବେଳେ କୁହାଯାଉଥିଲା ଯେ, ଭାଜପାର ଦୀର୍ଘବର୍ଷ ଶାସନ ସରକାର ବିରୋଧୀ ହାୱାରେ ଉଡ଼ିଯିବ । କିନ୍ତୁ ତାହା ହେଲା ନାହିଁ । ବରଂ ନରମ ହିନ୍ଦୁତ୍ୱବାଦକୁ ଅନୁସରଣ କଂଗ୍ରେସ ପାଇଁ କାଳ ହେଲା । ପୂର୍ବରୁ ଭାଜପା ସହିତ ରହିଆସିଥିବା ଦକ୍ଷିଣପନ୍ଥୀ ଗୋଷ୍ଠୀ ବଜରଙ୍ଗ ସେନା ସହ କଂଗ୍ରେସ ମିଶିଥିଲା । ଏଥିସହିତ କେତେକ ପୂଜାରୀଙ୍କୁ ଜମି ଅଧିକାର ଦେବା ସହ ଅନେକ ତୁଷ୍ଟୀକରଣ ଯୋଜନା ବିଷୟରେ ଘୋଷଣା କରିଥିଲା । ଛତିଶଗଡ଼ରେ କଂଗ୍ରେସ କ୍ଷମତାସୀନ ଥିଲେ ମଧ୍ୟ ସରକାରୀ ସ୍ତରରେ ଘଟିଥିବା ଦୁର୍ନୀତିକୁ ଭାଜପା ଲୋକଙ୍କ ପାଖରେ ପହଞ୍ଚାଇଥିଲା । ରାଜସ୍ଥାନରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ଦଳର ଅନ୍ୟତମ ତୁଙ୍ଗ ନେତା ସଚିନ ପାଇଲଟଙ୍କ ମଧ୍ୟରେ କ୍ରମାଗତ କଳି ଦଳକୁ ପରାଜୟ ଆଡ଼କୁ ଠେଲି ଦେଇଥିଲା । ଏମିତି ଦେଖିଲେ ଦୀର୍ଘ ୩ ଦଶନ୍ଧି ଧରି ରାଜସ୍ଥାନରେ ବିକଳ୍ପ ଦଳକୁ ଭୋଟର ବାଛିବାର ନଜିର ରହିଥିବାରୁ ଚଳିତ ଥର ଏହା ଭାଜପା ଭାଗରେ ପଡ଼ିଲା ବୋଲି କୁହାଯାଉଛି । ଅନ୍ୟପକ୍ଷରେ ତେଲଙ୍ଗାନାରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତା ତଥା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କୁ ଟକ୍କର ଦେବା ଲାଗି ଯୁବନେତା ତଥା ପ୍ରଦେଶ କଂଗ୍ରେସ ମୁଖ୍ୟ ରେଭନ୍ତ ରେଡ୍ଡୀଙ୍କୁ ପ୍ରଦର୍ଶନ କରିବାରୁ କଂଗ୍ରେସ ସୁଫଳ ପାଇପାରିଛି । ଏଥିସହିତ ଆଞ୍ଚଳିକ ଦଳ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍)କୁ ଏକ ସର୍ବଭାରତୀୟ ଦଳରେ ପରିଣତ କରିବାର କେସିଆର୍‌ଙ୍କ ଉଦ୍ୟମ ତାଙ୍କ ପାଇଁ ବିପର୍ଯ୍ୟୟର କାରଣ ହୋଇଥାଇପାରେ ବୋଲି ଆଲୋଚନା ହେଉଛି । ଦେଖିବାକୁ ଗଲେ ତେଲଙ୍ଗାନାରେ ନୂଆ ମୁହଁ ଦେଇ କଂଗ୍ରେସ ବିଜୟ ହୋଇଛି । କିନ୍ତୁ ହିନ୍ଦୀଭାଷୀ ରାଜ୍ୟରେ ବରିଷ୍ଠ ନେତା, ଯେଉଁମାନଙ୍କୁ ଜନସାଧାରଣ ଚାହୁଁ ନ ଥିଲେ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ଭାବେ କଂଗ୍ରେସ ପ୍ରୋଜେକ୍ଟ କରିବାରୁ ଫଳାଫଳ ଅସ୍ୱାଭାବିକ ହେଲା । ଏଥିସହିତ କଂଗ୍ରେସ ଆଶା କରିଥିଲା ଯେ ନରମ ହିନ୍ଦୁତ୍ୱ ଓ ତୁଷ୍ଟୀକରଣ ଉପାୟ ଅବଲମ୍ବନ କଲେ ଭୋଟରଙ୍କ ହୃଦୟ ଜିଣିପାରିବ । ସାଧାରଣ ଲୋକଙ୍କ ସହ ନ ମିଶି ଦୀର୍ଘବର୍ଷ ଧରି ଧର୍ମକୁ ନେଇ ଭାଜପା ଯେଉଁ ଆସନ ସଂରକ୍ଷଣ କରିଆସିଛି, ତାହାକୁ କଂଗ୍ରେସ ଅନୁଧାବନ କରିବାରୁ ଗାତରେ ପଡ଼ିଗଲା । ସ୍ୱକୀୟ ଚିନ୍ତା ଓ ଦେଶ ପାଇଁ ଦରକାର ହେଉଥିବା ଦୃଢ଼ ଅର୍ଥନୈତିକ ନୀତି ବିଷୟରେ ଭୋଟରଙ୍କୁ ଅବଗତ କରିଥିଲେ ହୁଏତ ଫଳ ଭିନ୍ନ ହୋଇଥାଆନ୍ତା ।

ଏପଟେ ଭାଜପା ବିଜୟ ହେବାର ଅନେକ କାରଣ ରହିଛି । ମଧ୍ୟପ୍ରଦେଶରେ ଶିବରାଜ ସିଂ ଚୌହାନଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ସେଭଳି ପ୍ରୋଜେକ୍ଟ କରାଯାଇ ନ ଥିଲା । ଛତିଶଗଡ଼ରେ ଡାକ୍ତର ରମଣ ସିଂଙ୍କ ଅପେକ୍ଷା ବରିଷ୍ଠ ଆର୍‌ଏସ୍‌ଏସ୍ ନେତା ଅଭୟରାମ ସାଓଙ୍କ ପୁଅ ତଥା ଯୁବନେତା ଅରୁଣ ସାଓକୁ ଗୁରୁତ୍ୱ ଦିଆଯାଇଥିଲା । ଅନୁରୂପ ଭାବେ ରାଜସ୍ଥାନରେ ବସୁନ୍ଧରା ରାଜେଙ୍କ ପରିବର୍ତ୍ତେ ଗୈରିକ ବସ୍ତ୍ରଧାରୀ ସାଧୁ ତଥା ରାଜସ୍ଥାନର ଯୋଗୀ ଭାବେ ପରିଚିତ ବାଲକନାଥ ଏବଂ କେନ୍ଦ୍ରରେ ମନ୍ତ୍ରୀ ଥିବା ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ଅଧିକ ଗୁରୁତ୍ୱ ଦିଆଯିବାରୁ ଭାଜପା ସଫଳତା ପାଇଥିବା କୁହାଯାଉଛି । ଏଥିସହିତ ହିନ୍ଦୀଭାଷୀ ଅଞ୍ଚଳରେ ସ୍ଥାନୀୟ ନେତାଙ୍କ ଅପେକ୍ଷା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା କାମ ଦେଇଛି । ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ମହିଳା ଭୋଟରଙ୍କ ପାଇଁ ଭାଜପା ବିଭିନ୍ନ ହିତକାରୀ ଯୋଜନା ଘୋଷଣା କରିଥିଲା । ମଧ୍ୟପ୍ରଦେଶରେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ କ୍ଷମତାରେ ରହିବା ଓ ଛତିଶଗଡ଼ରେ ଦଳର ସ୍ଥିତି ଦୁର୍ବଳ ଥିଲେ ମଧ୍ୟ ଉଚିତ ସମୟରେ ଦଳୀୟ ସଙ୍ଗଠନକୁ ମଜଭୁତ କରିବାରେ ଭାଜପା ସକ୍ଷମ ହୋଇଥିଲା । କଂଗ୍ରେସର ନିର୍ଦ୍ଦିଷ୍ଟ ବର୍ଗଙ୍କୁ ତୁଷ୍ଟ କରିବା ଲାଗି ନେଇଥିବା ପଦକ୍ଷେପକୁ ପ୍ରତିହତ କରିବା ସକାଶେ ଭାଜପାର ହିନ୍ଦୁତ୍ୱ, ବିକାଶ ଓ ଜନମଙ୍ଗଳ ଯୋଜନାର ମିଶ୍ରିତ କୌଶଳ ଆଗରେ ରହିଲା ବୋଲି କୁହାଯାଉଛି । କଂଗ୍ରେସ 'ଇଣ୍ଡିଆ' ମେଣ୍ଟରେ ନେତୃତ୍ୱ ନେବ ବୋଲି ଯାହା ଭାବିଥିଲା, ତାହା ବର୍ତ୍ତମାନ ଫସର ଫାଟିଲା । ଆଞ୍ଚଳିକ ଦଳଗୁଡ଼ିକୁ ଅଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କରିଥିଲେ କଂଗ୍ରେସର ସ୍ଥିତି ଭିନ୍ନ ହୋଇଥାଆନ୍ତା । ଅବଶ୍ୟ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ଅନ୍ୟ କୌଣସି ଆଞ୍ଚଳିକ ଦଳ ନ ଥିବାରୁ ସେସବୁ ରାଜ୍ୟରେ କଂଗ୍ରେସ ମୁଖ୍ୟ ବିରୋଧୀ ଭୂମିକା ଗ୍ରହଣ କରିଛି । ଏହି ନିର୍ବାଚନୀ ଫଳାଫଳ ପ୍ରମାଣ କରିଦେଉଛି ଯେ, କଂଗ୍ରେସର ଆୟୁଷ ପୂରିବା ସତ୍ତ୍ୱେ ସେହି ଦଳ ତା'ର ତ୍ରୁଟି ସୁଧାରିପାରୁ ନାହିଁ ।



# ବୟସ୍କମାନେ ଦେଶର ସମ୍ପଦ

ବୈକୁଣ୍ଠନାଥ ମିଶ୍ର

୨୦୧୧ ଜନଗଣନା ଓ ୨୦୨୧ ଆକଳନ ଅନୁସାର ଭାରତ ଯୁବପିଢ଼ିର ଦେଶଭାବେ ବିବେଚିତ ହେଉଛି । କିନ୍ତୁ ମିଳିତ ଜାତିସଂଘର ଜନସଂଖ୍ୟା ପାଣ୍ଠି (ପପୁଲେଶନ ଫଣ୍ଡ)ର ଏକ ସଦ୍ୟ ଆକଳନ ଅନୁଯାୟୀ ୨୦୫୦ ଭାରତ ଆଉ ଯୁବକ ଓ କିଶୋରଙ୍କ ଦେଶ ନ ହୋଇ ବୟସ୍କଙ୍କ ଦେଶ ଭାବେ ପରିଗଣିତ ହେବ । ବର୍ତ୍ତମାନ ଭାରତରେ ବୟସ୍କଙ୍କ ସଂଖ୍ୟା ୧୪କୋଟିରୁ ଅଧିକ(ପ୍ରାୟ ଏକ ଦଶମାଂଶ), ଯାହା ୨୦୫୦ ସୁଦ୍ଧା ୩୦ କୋଟି ଛୁଇଁବ, ସେତେବେଳର ଜନସଂଖ୍ୟାର ପ୍ରାୟ ଏକ ପଞ୍ଚମାଂଶ ହୋଇଥିବ । ସେହି ସମୟକୁ କିଶୋର ଓ ପ୍ରୌଢ଼(୧୫ରୁ ୫୯ବର୍ଷ ବୟସ୍କ)ଙ୍କ ସଂଖ୍ୟା ସମପରିମାଣରେ ହ୍ରାସ ପାଇଥିବ । ସେତେବେଳର ଭାରତ ଆଉ ଯୁବବର୍ଗର ଦେଶ ନ ହୋଇ ବୟସ୍କଙ୍କ ଦେଶରେ ପରିଣତ ହୋଇଥିବ । ଏଜ୍.ୱେଲ୍ ଫାଉଣ୍ଡେଶନର ଜାତୀୟ ରିପୋର୍ଟ ଅନୁସାର ଦେଶରେ ବୟସ୍କଙ୍କ ଆୟ ଓ ବ୍ୟୟଧାରାରେ ପରିବର୍ତ୍ତନ ଆସିଛି । ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ୬୦.୫ ପ୍ରତିଶତ ବୃଦ୍ଧାବୃଦ୍ଧଙ୍କ ମାସିକ ପେନ୍‌ସନ ସେମାନଙ୍କ ଆୟର ମୂଳଉତ୍ସ । ଶତକଡା ୩୭ ବୃଦ୍ଧାବୃଦ୍ଧ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ । ପେନ୍‌ସନ ବ୍ୟତୀତ ୧୯.୫ ପ୍ରତିଶତ ଜମିରୁ ଆୟ, ଘରଭଡା ଓ ଆର୍ଥିକ ନିବେଶରୁ ସୁଧ ପାଉଛନ୍ତି । ୪୮.୦୫ ପ୍ରତିଶତ ବୟସ୍କଙ୍କ ନିକଟରେ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ରହିଛି । କିନ୍ତୁ ବୟସ୍କଙ୍କ ଆୟର ଏକ ସିଂହଭାଗ ଅର୍ଥାତ୍ ପ୍ରାୟ ଏକ ତୃତୀୟାଂଶ ଔଷଧ ଓ ଚିକିତ୍ସା କ୍ଷେତ୍ରରେ ଖର୍ଚ୍ଚ ହେଉଛି । ବୟସ୍କଙ୍କ ମଧ୍ୟରୁ ୭୦ ପ୍ରତିଶତଙ୍କର ଆଣ୍ଠୁଗଣ୍ଠି ରୋଗ ଓ ୮୦ ଭାଗଙ୍କର ମଧୁମେହ ରୋଗ ରହିଛି । ବୃଦ୍ଧଙ୍କ ମଧ୍ୟରେ ପ୍ରାୟ ଶତକଡା ୨୫ ବିପତ୍ନୀକ ଭାବେ ଦୟନୀୟ ଜୀବନ ଜିଉଁଥିବା ବେଳେ ୪୯ ପ୍ରତିଶତ ଜୀବନସାଥୀଙ୍କ ସହ ବାସ କରନ୍ତି । ୨୯.୫ ପ୍ରତିଶତ ବୃଦ୍ଧାବୃଦ୍ଧ ପିଲାମାନଙ୍କ ସହ ଏକତ୍ର ବାସ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୭୫ ଭାଗ ଘୋର ଅବହେଳିତ ।

ସଭ୍ୟତା ଯେତେ ଆଗକୁ ବଢ଼ୁଛି ଆମ ମାନସିକତା ସେତେ ନିମ୍ନଗାମୀ ହେଉଛି । ନିଜଛଡା ଅନ୍ୟକଥା ଚିନ୍ତା କରିବାକୁ ଆମ ପାଖରେ ସମୟ ନାହିଁ । ଏପରି କି ନିଜ ମାତାପିତା ଘୋର ଅବହେଳିତ । ଅଭାବ ଅନଟନ ମଧ୍ୟରେ ରହି ମଧ୍ୟ ନିଜ ପିଲାଙ୍କର ପାଠପଢା କଥା ବୁଝି ଦୁନିଆ ଦାଣ୍ଡରେ ଉତ୍ତମ ମଣିଷଟିଏ କରି ଗଢି ତୋଳିବାରେ ମାତାପିତାଙ୍କର କଠିନ ସାଧନାର ପଟାନ୍ତର ନାହିଁ । ପିଲାମାନେ ଆଜି ନିଜ ଗୋଡରେ ଠିଆ ହୋଇଛନ୍ତି, ପ୍ରତିଷ୍ଠା ଅର୍ଜନ କରିଛନ୍ତି । କିନ୍ତୁ ଯେଉଁମାନଙ୍କ ଯୋଗୁ ସେମାନଙ୍କର ଆଜି ଏ ସମ୍ଭ୍ରାନ୍ତ ପରିଚିତ, ସେହି ମାତାପିତା ଚରମ ଅବହେଳିତ ହୋଇ ଦୁର୍ଦ୍ଦିନରେ କାଳକାଟି ଶେଷଦିନର ଅବଗଣନା କରୁଛନ୍ତି । ଯେଉଁମାନେ ବାଧ୍ୟତାବଶତଃ ନିଜ ପିଲାଙ୍କ ସହ ସହରରେ ରହୁଛନ୍ତି ସେମାନେ ଏକପ୍ରକାର



ବନ୍ଦୀ ଜୀବନ ବିତାଉଛନ୍ତି । ନା ସେମାନଙ୍କର ଅଛି ମତାମତ ଦେବାର ଅଧିକାର ଅବା ନାତି ନାତୁଣୀଙ୍କ ସହ ହସକୌତୁକ କରିବାର ଅବସର । ଏପରି କି ଗାଉଁଲି ମଳିମୁଣ୍ଡିଆ ଭାବି ନାତୁଣୀନାତିଙ୍କୁ ତାଙ୍କଠାରୁ ଦୂରେଇ ରଖାଯାଉଛି । ତାଙ୍କୁ ସ୍ପର୍ଶ କରିବା ମଧ୍ୟ ମନା । ବସ୍ତୁତଃ ବୃଦ୍ଧାବୃଦ୍ଧମାନେ ଏକପ୍ରକାର ଅପାଂକ୍ତେୟ, ଅସ୍ପୃଶ୍ୟ, ଅନାଦୃତ ଓ ଅଲୋଡା ।

ସହରରେ ରହୁଥିବା ବୃଦ୍ଧାବୃଦ୍ଧମାନେ ସହରୀ କଟକଣା, ଅସହ୍ୟ ବେଦନା ଓ ସର୍ବୋପରି ପ୍ରଦୂଷିତ ବାୟୁମଣ୍ଡଳରେ ନିକ୍ଷେପିତ ହୋଇ ପଲ୍ଲୀର ଶାନ୍ତସ୍ନିଗ୍ଧ ପରିବେଶକୁ କେବଳ ଝୁରି ହେଉଛନ୍ତି । ପଲ୍ଲୀର ଉନ୍ମୁକ୍ତ ବାତାବରଣ, ସୁଶୀତଳ ତରୁଛାୟା, ସୁବିସ୍ତୀର୍ଣ୍ଣ ମନଲୋଭା ଗ୍ରାମ୍ୟ ତଟିନୀର ବାଲୁକାପୂର୍ଣ୍ଣ ବେଳାଭୂମି, ଆମ୍ବ, ନଡିଆ, ପଣସ ବୃକ୍ଷର ସମ୍ଭାର ସହ ଅପରୂପ ଶସ୍ୟକ୍ଷେତ୍ରର ଦୃଶ୍ୟ, ଭାଇ ବନ୍ଧୁ ଜ୍ଞାତି କୁଟୁମ୍ବଙ୍କ ସ୍ନେହ ଆଦରର ସ୍ମୃତି ଆଜି ତାଙ୍କୁ ପ୍ରବାସରେ ବ୍ୟଥିତ କରୁଛି । ସହରରେ ଆତ୍ମଜଙ୍କ ସହ ରହି ବି ନାନା କଟକଣାକୁ ସହ୍ୟ କରିବାକୁ ହେଉଛି । ବସ୍ତୁତଃ ସେମାନେ ଏକ ଅଲୋଡା ଜୀବନକୁ ନେଇ ସଦସନ୍ତ୍ରସ୍ତ । ଏଠି ପ୍ରଶ୍ନ ଉଠେ ସତରେ କ'ଣ ବୃଦ୍ଧାବୃଦ୍ଧମାନେ ଅଲୋଡା ? ଏ ସମ୍ବନ୍ଧରେ ଇଂଲିଶ ଲେଖକ ଜିନ୍ ଉରେଙ୍କ ଗଳ୍ପର ମର୍ମାଂଶ ବେଶ୍ ପ୍ରାସଙ୍ଗିକ ମନେହୁଏ । ଏକଦା ରୋମାନିଆର ଏକ ପଡୋଶୀ ଦେଶର ଶାସକଙ୍କୁ ଏକ ଉଦ୍ଭଟ ଚିନ୍ତାଗ୍ରାସ କଲା ଯେ ବୃଦ୍ଧମାନେ ଦେଶ ପ୍ରଗତିର ବାଧକ । ସେମାନେ କୌଣସି ଶାରୀରିକ ଶ୍ରମ ନ କରି ପରାଙ୍ଗପୁଷ୍ଟ ଜୀବଭାବେ ଦେଶ ସମ୍ପତ୍ତିକୁ ଭୋଗ କରୁଛନ୍ତି । ତେଣୁ ସେହି ଅଦରକାରୀ ବୟସ୍କମାନଙ୍କୁ ଲୋପ କରାଯିବା ଆବଶ୍ୟକ । ରାଜା ଆଦେଶ ଦେଲେ ଯେ ସବୁ ଯୁବକ ନିଜ ହାତରେ ନିଜ ବୃଦ୍ଧ ମାତାପିତାଙ୍କୁ ହତ୍ୟା କରନ୍ତୁ । ରାଜାଦେଶ ଅଲଂଘ୍ୟ । ଫଳରେ ଅଳ୍ପଦିନ ମଧ୍ୟରେ ଦେଶଟି ବୃଦ୍ଧଶୂନ୍ୟ ହୋଇଗଲା । ମାତ୍ର ଜଣେ ଯୁବକ ରାଜାଦେଶ ଲଙ୍ଘନର ନିର୍ମମ ପରିଣାମ ଜାଣି ମଧ୍ୟ ପିତୃଭକ୍ତିର ନିଦର୍ଶନ ସ୍ୱରୂପ ବୃଦ୍ଧ ପିତାଙ୍କୁ ହତ୍ୟା ନ କରି ଏକ ଗୁପ୍ତ କୋଠରିରେ ଲୁଚାଇ ରଖିଲା ।

ସେହିବର୍ଷ ଦେଶ ଉତ୍କଟ ମରୁଡିର ସମ୍ମୁଖୀନ ହେଲା । ପ୍ରବଳ ଶସ୍ୟହାନି ସାମ୍ନା କଲେ ଦେଶବାସୀ । ଘରେ ଥିବା ସାଇତା ଶସ୍ୟ ସରିଗଲା । ପରବର୍ଷ ବର୍ଷା ଯଥାରୀତି ହେଲା ସିନା କ୍ଷେତରେ ବୁଣିବାକୁ କାହାଘରେ ଶସ୍ୟକଣିକାଏ ନାହିଁ । ପଡିଶା ଦେଶର ସମାନ ସ୍ଥିତି ଥିବାରୁ ସେଠାରୁ ମଧ୍ୟ ବିହନଗଣ୍ଡାଏ ମିଳିପାରିଲା ନାହିଁ । ସର୍ବତ୍ର ଦୁଶ୍ଚିନ୍ତାର ବାତାବରଣ । ସଂପୃକ୍ତ ଯୁବକର ବିମର୍ଷଭାବକୁ ଲକ୍ଷ୍ୟକରି ତା'ର ବୃଦ୍ଧ ପିତା ଏହାର କାରଣ ପଚାରିବାରୁ ଯୁବକଟି ସବୁକଥା ପିତାଙ୍କୁ ଜଣାଇଲା । ବୃଦ୍ଧ ସବୁଶୁଣି କହିଲେ ଚିନ୍ତା କରନାହିଁ ପୁଅ । ତୁମେ ଆମ ଘର ସମ୍ମୁଖ ରାସ୍ତାକୁ ହଳ କରିଦିଅ, ତା'ପରେ ସମାଧାନର ବାଟ ଆପେ ଆପେ ଆସିବ । ପିତାଙ୍କ ଉପଦେଶ ମାନି ଯୁବକ ରାସ୍ତାକୁ ହଳ କରିଦେଲା । ପ୍ରଥମ ବର୍ଷାରେ ରାସ୍ତାରେ ଛତୁ ଫୁଟିଲାପରି ଶସ୍ୟ ଚାରାମାନ ଦେଖାଗଲା । ଯୁବକ ସେଗୁଡିକୁ ନେଇ କ୍ଷେତରେ ରୋପଣ କଲା । ସୁନ୍ଦର ଶସ୍ୟ ସମ୍ଭାରରେ କ୍ଷେତ ସବୁଜିମାମୟ ହୋଇଉଠିଲା । ତୁଣ୍ଡବାଇଦ ସହସ୍ର କୋଶ । ରାଜାଙ୍କର କର୍ଣ୍ଣଗୋଚର ହେବାକ୍ଷଣି ସେ ଯୁବକକୁ ଡକାଇ ଏହାର ରହସ୍ୟ ଜାଣିବାକୁ ଚାହିଁବାରୁ ଯୁବକଟି ସଭୟ କହିଲା- ମଣିମା ମୁଁ ରାଜାଦେଶ ଲଘଂନ କରିଛି । ମୋ ପିତାଙ୍କୁ ମୁଁ ହତ୍ୟା କରିନାହିଁ । ତେଣୁ ମୁଁ ଦଣ୍ଡଯୋଗ୍ୟ । ଆପଣ ମୋତେ ପ୍ରାଣଦଣ୍ଡ ଦେଇପାରନ୍ତି । କିନ୍ତୁ ଆଜି ମୋର ଯେଉଁ ସବୁଜ ଶସ୍ୟକ୍ଷେତ୍ର ଲହଡି ଭାଙ୍ଗୁଛି, ତାହା ମୋ ବୃଦ୍ଧ ପିତାଙ୍କର ଅବଦାନ । ରାଜା ବୃଦ୍ଧଙ୍କ ନିକଟକୁ ଯାଇ କ୍ଷମାଯାଚନା ପୂର୍ବକ ସବୁଜ ଶସ୍ୟର ରହସ୍ୟ ଜାଣିବାକୁ ଚାହିଁଲେ । ବୃଦ୍ଧ କହିଲେ, ଖରାଦିନେ ରାସ୍ତାରେ ଶଗଡରେ ଶସ୍ୟ ପରିବହନ ସମୟରେ ଅନେକ ଶସ୍ୟ ଭୂମିରେ ପଡିଥାଏ । ଉପଯୁକ୍ତ କର୍ଷଣ ଓ ଜଳଲାଭ କରି ସେଗୁଡିକ ଅଙ୍କୁରିତ ହୁଅନ୍ତି । ଏହା ମୋର ଦୀର୍ଘ ଅନୁଭୂତି, ଯାହା କରିବା ପାଇଁ ପୁଅକୁ ଉପଦେଶ ଦେଇଛି ମାତ୍ର, ରାଜାଙ୍କର ଜ୍ଞାନୋଦୟ ହେଲା ଯେ ବୃଦ୍ଧମାନେ ବାସ୍ତବିକ ପ୍ରାଜ୍ଞ ଓ ଅଭିଜ୍ଞ । ଗୋଟିଏ ପରିବାର କାହିଁକି ସମଗ୍ର ଦେଶକୁ ନିଶ୍ଚିତ ବିପଦରୁ ରକ୍ଷାକରିବାର କ୍ଷମତା ତାଙ୍କର ଅଛି । ରାଜା ଅନୁତାପ ଅନଳରେ ଦଗ୍ଧହୋଇ ନିଜ ଭୁଲ ପାଇଁ ପ୍ରଜାବର୍ଗଙ୍କ ନିକଟରେ ମଥାନତ କଲେ ।

ଏ ଗଳ୍ପର ନିଷ୍କର୍ଷ ଏତିକି ଯେ ବୟସ୍କମାନେ ଆଦୌ ଦେଶ ପ୍ରଗତିର ବାଧକ ନୁହନ୍ତି । ସେମାନେ ଦେଶର ଅମୂଲ୍ୟ ସମ୍ପଦ । ସେମାନଙ୍କ ଦୀର୍ଘଜୀବନର ଅନୁଭୂତି ଯୁବବର୍ଗ, ଶାସକ, ପ୍ରଶାସକ ଓ ସମାଜର ସବୁ ସ୍ତରର ଲୋକଙ୍କ ପାଇଁ ସଦା ମଙ୍ଗଳଦାୟକ ଓ ପ୍ରେରଣାପ୍ରଦ । ବୟସ୍କମାନେ ଶାରୀରିକ ଭାବେ ଅକ୍ଷମ ହୋଇପାରନ୍ତି, ମାତ୍ର ବୌଦ୍ଧିକ ଦୃଷ୍ଟିରୁ ଅତ୍ୟନ୍ତ ପରିପକ୍ୱ । ଗ୍ରାମୀଣ ବୃଦ୍ଧମାନଙ୍କର କୃଷିକର୍ମଣର ଅନୁଭୂତିସମ୍ପନ୍ନ ପରାମର୍ଶ କୌଣସି କୃଷି ବିଜ୍ଞାନୀଠାରୁ ଊଣାନୁହେଁ । ସେମାନଙ୍କ ବୌଦ୍ଧିକ ବିଚାରଧାରାକୁ ସମ୍ମାନ ଜଣାଇ ସେମାନଙ୍କୁ ଦେଶର ଅମୂଲ୍ୟ ସମ୍ପଦରୂପେ ବିବେଚନା କରାଯିବା ଉଚିତ ।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ:୯୯୩୭୪୫୦୫୪୦**



# ଭିତ୍ତିଭୂମି ନିର୍ମାଣର ଉତ୍ତରଦାୟିତ୍ୱ

ଡ. ପ୍ରମୋଦ କୁମାର ପଣ୍ଡା

ବିଖ୍ୟାତ ଅର୍ଥନୀତି ପ୍ରଫେସର ଲିଓନେଲ ରୋବିନସଙ୍କ ମତରେ ମନୁଷ୍ୟର ଆବଶ୍ୟକତା ଅସୀମିତ ଓ ସେହି ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ ସମ୍ବଳ ସର୍ବଦା ସୀମିତ । ଏହା ଯେ କେବଳ ବ୍ୟକ୍ତିବିଶେଷ ପାଇଁ ପ୍ରଯୁଜ୍ୟ ତାହା ନୁହେଁ, ଏହା ଗ୍ରାମପଞ୍ଚାୟତଠୁ ଆରମ୍ଭକରି ଜିଲା, ରାଜ୍ୟ, ଦେଶ ଓ ବିଶ୍ୱସ୍ତର ପାଇଁ ପ୍ରଯୁଜ୍ୟ । ଆମ ରାଜ୍ୟ ଓଡ଼ିଶା ଭାରତବର୍ଷର ଅଷ୍ଟମ ବୃହତ୍ତମ ରାଜ୍ୟ ହେଲେ ମଧ୍ୟ ମୁଣ୍ଡ ପିଛା ଘରୋଇ ଉତ୍ପାଦରେ (୨୦୨୧-୨୨) ଆମେ ଦେଶର ରାଜ୍ୟଗୁଡ଼ିକ ତାଲିକାରେ ୧୭ତମ ସ୍ଥାନରେ ଅଛୁ । ସେହିପରି ଆମର ନାନାବିଧ ବିକାଶ କାର୍ଯ୍ୟକ୍ରମ ବଜାୟ ରଖିବା ପାଇଁ ଆମ ରାଜ୍ୟରେ ପର୍ଯ୍ୟାପ୍ତ ସମ୍ବଳ ଅଭାବରୁ ଆମକୁ ପ୍ରତିବର୍ଷ ଋଣ କରିବାକୁ ପଡୁଛି । ରାଜ୍ୟର ସମସ୍ତ ଋଣକୁ ହିସାବକୁ ନେଲେ, ଜଣାଯାଏ ଯେ ୨୦୨୧-୨୨ରେ ଆମର ମୁଣ୍ଡପିଛା ଋଣ ଟ୨୨୦୪୨.୦୦ ଥିଲା । ଅର୍ଥାତ ଓଡ଼ିଶାର ପ୍ରତ୍ୟେକ ଅଧିବାସୀ ସେ ଧନୀ ହୁଅନ୍ତୁ କିମ୍ବା ଗରିବ ହୁଅନ୍ତୁ ସମସ୍ତଙ୍କ ମୁଣ୍ଡରେ ଟ ୨୨୦୪୨.୦୦ର ଋଣ ଲଦା ହୋଇଛି ଓ ଏହା ପ୍ରତିବର୍ଷ ବଢ଼ିବାରେ ଲାଗିଛି, ଯାହାକୁ ବର୍ତ୍ତମାନ ଓ ଭବିଷ୍ୟତରେ ସରକାରଙ୍କୁ ପରିଶୋଧ କରିବାକୁ ପଡ଼ିବ ସୁଧ ମୂଳ ସହିତ । ଏହି ବୋଝ ମଧ୍ୟ ରାଜ୍ୟବାସୀଙ୍କୁ ବୋହିବାକୁ ପଡ଼ିବ ବର୍ଦ୍ଧିତ ଟିକସ ହିସାବରେ । ସମସ୍ତ ଜନସାଧାରଣ ଏ ବିଷୟରେ ଅବଗତ ହେବା ଜରୁରୀ । ପ୍ରଶ୍ନ ଉଠେ , ଆମର ଯେଉଁ ସୀମିତ ସମ୍ବଳ ଅଛି, ସେ ସବୁର ସଦୁପଯୋଗ ହେଉଛି ତ ? କାରଣ ଯେତେ ଟଙ୍କା ଥିଲେ ବି ସେ ସବୁର ସଦୁପଯୋଗ ନ ହେଲେ, ନିଅଣ୍ଟ ପଡ଼ିବା ସାଭାବିକ ।

ଆଉ ଏକ କଥା ହେଲା, ବିକାଶ ପାଇଁ ଯେଉଁ ଋଣ କରୁଛୁ ତା'ର ସଦୁପଯୋଗ ହେଉଛି ତ ? ସାଧାରଣତଃ ଋଣ ଟଙ୍କାରେ ସେ ସବୁ କାର୍ଯ୍ୟ କରିବା ଉଚିତ, ଯଦ୍ୱାରା ଏହା ଅର୍ଥନୀତି ଅଭିବୃଦ୍ଧିରେ ସହାୟକ ହେବ । ଅନ୍ୟ ଅର୍ଥରେ ଆମେ ଋଣ ଟଙ୍କାକୁ ଏମିତି ବିନିଯୋଗ କରିବା ଉଚିତ, ଯେଉଁଥିରୁ ଜିନିଷ ଓ ରୋଜଗାର ସୃଷ୍ଟି ହୋଇପାରିବ ? ତା' ନ କରି ଯଦି ଆମେ ସ୍ଥୂଳ ନିବେଶ ବା ଅଳସୁଆ ନିବେଶ କରିବା, ସେଥିରୁ ଆଉ ଜିନିଷ ବା ଦ୍ରବ୍ୟ ଓ ରୋଜଗାର ସୃଷ୍ଟି ହେବ ନାହିଁ । ଫଳରେ ରାଜ୍ୟ ଅର୍ଥନୀତିରେ ଆଉ ବୃଦ୍ଧି ହେବ ନାହିଁ । ସେ ଯାହା ହେଉ ଗୋଟିଏ କଥାରେ ସମସ୍ତେ ସହମତ ହେବେ ଯେ, ରାଜ୍ୟର ନିଜସ୍ୱ ହେଉ କିମ୍ବା ଋଣ ଟଙ୍କା ହେଉ, ସବୁ ସମ୍ବଳର ସୁବିନିଯୋଗ ହେବା ଆବଶ୍ୟକ । ମାତ୍ର ଆଜି ଯଦି ଆମର ନାନାବିଧ ଖର୍ଚ୍ଚ ଓ ତା'ର ଉପଯୋଗିତାର ବାସ୍ତବତାକୁ ବିଶ୍ଳେଷଣ କରିବା, ଆପଣ ମୁଣ୍ଡରେ ହାତ ଦେବେ ।

ବ୍ରିଟିଶ ଶାସନ ସମୟରେ ଟେକ୍ନୋଲୋଜି ସେତେଟା ବିକଶିତ ହୋଇ ନ ଥିଲା । ସେମାନେ ନିଜ ଦେଶରେ କାର୍ଯ୍ୟ ନ କରି ଆମ ଦେଶରେ କରୁଥିଲେ । ମାତ୍ର ତାଙ୍କ ସମୟରେ ନିର୍ମିତ ପାର୍ଲାମେଣ୍ଟ ଭବନ, ରାଷ୍ଟ୍ରପତି ଭବନ ଓ ହାୱଡା ପୋଲ ଭଳି ବଡ଼ ବଡ଼ ନଦୀର ପୋଲ ଶହ ଶହ ବର୍ଷ ପରେ ଅତୁଟ ରହିଛି । କିନ୍ତୁ ସ୍ୱାଧୀନ ଭାରତରେ ଭାରତୀୟଙ୍କ ଦ୍ୱାରା ନିର୍ମିତ ପୋଲ କିମ୍ବା ରାସ୍ତା କିମ୍ବା ବିଲ୍‌ଡିଂ ଅକ୍ଷୁଣ୍ଣ ଭାବରେ ୧୦-୨୦ ବର୍ଷ



ଚାଲିବା ମୁସ୍କିଲ ହେଉଛି । ଏହାର ମୁଖ୍ୟ କାରଣ ହେଉଛି ଆମର ଭ୍ରଷ୍ଟାଚାର ଓ ନିମ୍ନମାନର କାର୍ଯ୍ୟ । କାରଣ ଆମେ ଭିତ୍ତିଭୂମି ନିର୍ମାଣର ନ୍ୟୂନତମ ସ୍ଥାୟିତ୍ୱ ନିର୍ଦ୍ଧାରିତ କରୁନାହାନ୍ତି କିମ୍ବା ନିମ୍ନମାନର କାର୍ଯ୍ୟ ପାଇଁ ଦଣ୍ଡ ବ୍ୟବସ୍ଥା କରୁନାହାନ୍ତି । ରାଜ୍ୟରେ ଶହେ ବର୍ଷରୁ ପୁରୁଣା ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୋଠା ସଗର୍ବେ ଐତିହାସିକ କୀର୍ତ୍ତି ପାଳଟୁଥିବା ବେଳେ ବର୍ତ୍ତମାନ ନିର୍ମିତ ହେଉଥିବା ସ୍କୁଲ, କଲେଜ ଓ ଅଫିସ ଗୃହରୁ କିଛି ଦିନ ପରେ ପାଣି ଗଳିବା ଦୁଃଖଦାୟକ ଘଟଣା । ଏ ବ୍ୟାଧିରୁ ଆମକୁ ମୁକ୍ତି ପାଇବାକୁ ପଡ଼ିବ । ଏଥିପାଇଁ ବିଶେଷଜ୍ଞ କମିଟି ଦ୍ୱାରା ଭିନ୍ନ ଭିନ୍ନ କାର୍ଯ୍ୟ ପାଇଁ ଭିନ୍ନ ଭିନ୍ନ ନ୍ୟୂନତମ ଗ୍ୟାରେଣ୍ଟିଡ ଅବଧି ନିର୍ଦ୍ଧାରଣ କରିବାକୁ ପଡ଼ିବ । ସେହି ଅବଧି ମଧ୍ୟରେ ଭିତ୍ତିଭୂମିର କ୍ଷୟକ୍ଷତି ପାଇଁ ନିର୍ମାତା କଣ୍ଟ୍ରାକ୍ଟରକୁ ଉତ୍ତରଦାୟୀ କରାଯିବା ସହିତ କ୍ଷତିପୂରଣ ଭରଣା ପାଇଁ ତା'ର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବ୍ୟବହାର କରିବା ପାଇଁ ଆଇନ ପ୍ରଣୟନ କରିବାକୁ ପଡ଼ିବ । ଏପରି ହେଲେ କଣ୍ଟ୍ରାକ୍ଟରଙ୍କ ମନରେ ଭୟ ସଂଚାର ହେବ ଓ ସେମାନେ ଗୁଣବତ୍ତା ନିର୍ମାଣ ଉପରେ ଧ୍ୟାନ ଦେବେ । ଫଳରେ ଆମର ବିତ୍ତୀୟ ସମ୍ପତ୍ତିର ଦୁରୁପଯୋଗ ନ ହୋଇ ସଦୁପଯୋଗ ହେବ । ଏକ କାମ ପାଇଁ ଆମକୁ ବାରମ୍ବାର ଉଧାର ନେବାକୁ ପଡ଼ିବ ନାହିଁ ।

ଆଉ ଏକପ୍ରକାର ସମ୍ବଳ ଅପଚୟ ହେଉଛି ଭିତ୍ତିଭୂମି ନିର୍ମାଣ କରିବା ପରେ ତାକୁ ତାଲା ପକାଇ ରଖିବା କିମ୍ବା ଅଧାପନ୍ତରିଆ କରି ଛାଡ଼ିଦେବା । ସର୍ବସାଧାରଣ ଶୌଚାଳୟ ନିର୍ମାଣ କରି ତାକୁ ତାଲା ପକାଇ ରଖିବା । ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରି ତାକୁ ଚାଲୁ ନ କରିବା । ସରକାରୀ ବସ୍ କିଣି ନ ଚଳାଇ ଖତ ଖୁଆଇବା । ଜଳସେଚନ ପ୍ରକଳ୍ପକୁ ଅଧାପନ୍ତରିଆ କରି ଛାଡ଼ିଦେବା । ନିରାଶ୍ରୟ ଗୃହ ନିର୍ମାଣ କରି ତାଲା ପକାଇ ରଖିବା । ବସ୍‌ଷ୍ଟାଣ୍ଡ ନିର୍ମାଣ କରି ସେଠାକୁ ବସ ନ ନେବା । କୌଣସି କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସମାପ୍ତ ନ କରି ବଜେଟ ବଢ଼ାଇବା ପାଇଁ ଅହେତୁକ ବିଳମ୍ବ କରିବା । ଏ ସବୁ କରିବା ଦ୍ୱାରା ଶହ ଶହ କୋଟି ଟଙ୍କାର ଭିତ୍ତିଭୂମି ବ୍ୟବହାର ନ ହୋଇ ନଷ୍ଟ ହେବାରେ ଲାଗୁଛି । ତାକୁ ପୁଣି ସଜାଡ଼ିବା ପାଇଁ କୋଟି କୋଟି ଟଙ୍କାର ଆବଶ୍ୟକତା ପଡୁଛି । ଏ ସବୁ ନିବେଶରୁ କିଛି ସୁଫଳ ମିଳୁନି । କରଦାତାଙ୍କ କଷ୍ଟ ଉପାର୍ଜିତ ଧନ ଅଯଥାରେ ବରବାଦ ହେଉଛି । ତେଣୁ ଯେଉଁ ଅଧିକାରୀ କିମ୍ବା ବିଭାଗ ସେପରି ଯୋଜନା ବା ଭିତ୍ତିଭୂମି ନିର୍ମାଣ ପାଇଁ ସୁପାରିସ ଓ ମଞ୍ଜୁରୀ ପ୍ରଦାନ କରିଛନ୍ତି, ସେମାନଙ୍କୁ ଉତ୍ତରଦାୟୀ କରାଯିବାର ଆବଶ୍ୟକତା ରହିଛି ଯେତେବେଳେ ସେଗୁଡ଼ିକ ବ୍ୟବହାର ନ ହୋଇ ପଡ଼ିରହୁଛି ବର୍ଷ ବର୍ଷ । ସେହି ଅଫିସରମାନଙ୍କଠୁ କ୍ଷତିପୂରଣ ଭରଣାର ବ୍ୟବସ୍ଥା କରାଗଲେ ଆବଶ୍ୟକତା ନ ଥାଇ ଖର୍ଚ୍ଚ କରାଯାଉଥିବା କାର୍ଯ୍ୟରେ ବିରାମ ଲଗାଯାଇ ପାରିବ ଓ ଯେଉଁ କାର୍ଯ୍ୟଗୁଡ଼ିକର ଆବଶ୍ୟକତା ଅଛି ତାକୁ କାର୍ଯ୍ୟ ସମାପ୍ତି ପରେ ତୁରନ୍ତ ବ୍ୟବହାରରେ ଲଗାଯାଇପାରିବ । ତେଣୁ ଆସନ୍ତୁ ସମସ୍ତେ ମିଶି ଭିତ୍ତିଭୂମି ନିର୍ମାଣରେ ଉତ୍ତରଦାୟିତ୍ୱ ସ୍ଥିର କରି କରଦାତାଙ୍କ ଅର୍ଥର ଅପଚୟ ରୋକିବା ସହିତ ସେଗୁଡ଼ିକର ପୂର୍ଣ୍ଣ ଉପଯୋଗିତା ବା ବ୍ୟବହାର ସୁନିଶ୍ଚିତ କରିବା ପାଇଁ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ।

**ଶ୍ୟାମଚାନ୍ଦ ପାଟଣା, ଭଦ୍ରକ**
**ମୋ:୮୯୧୭୪୨୬୪୪୦**

## ଏଇ ଭାରତରେ

ପରିଣତ ବୟସରେ ବିଶ୍ରାମ ଶରୀର ପାଇଁ ଅପରିହାର୍ଯ୍ୟ । କିନ୍ତୁ ଦିଲ୍ଲୀର ଏକ ଦମ୍ପତି ଯୋଗେଶ୍ୱର ଓ ସୁଷମା ଭାଲ୍ଲାଙ୍କ ନିଆରା ସଉକ ସେମାନଙ୍କ ବୟସକୁ ପଛରେ ପକାଇ ଦେଇଛି । ବୟସ ସେମାନଙ୍କ ପାଇଁ ଏକ ସଂଖ୍ୟା ପାଲଟିଛି । ଯୋଗେଶ୍ୱରଙ୍କ ବୟସ ୭୩ ହୋଇଥିବାବେଳେ ସୁଷମାଙ୍କ ବୟସ ୬୯ । ସେମାନେ ବିବାହ ପରେ ହନିମୁନ ଲାଗି ପ୍ରଥମେ ବାଇକ୍‌ରେ ଶ୍ରୀନଗର ଯାଇଥିଲେ । ପରେ ଯୋଗେଶ୍ୱର ଚାକିରିରୁ ଶୀଘ୍ର ଅବସର ନେଇ ତାଙ୍କ ବାଇକ୍ ଯାତ୍ରା ଆରମ୍ଭ କରିଥିଲେ । ସେମାନେ ଏକାଠି ରୟାଲ ଏନ୍‌ଫିଲ୍ଡ ବୁଲେଟ୍‌ରେ ଭୁଟାନ, ନେପାଳ, ଲେହ, ଲଦାଖ ବୁଲିସାରିଛନ୍ତି । କେବଳ ଏତିକି ନୁହେଁ, ଏହି ଦମ୍ପତି ବେଲ୍‌ଜିୟମ, ଦୁବାଇ, ଫ୍ରାନ୍ସ, କାତାର, ରୋମ, ସିଙ୍ଗାପୁର, ଇଂଲଣ୍ଡ, ସ୍କଟ୍‌ଲାଣ୍ଡ, ତୁର୍କୀ, ଭିଏନା ସମେତ ୨୨ଟି ଦେଶ ଭ୍ରମଣ କରିସାରିଲେଣି । ପରିଣତ ବୟସରେ ଯୋଗେଶ୍ୱରଙ୍କ ଏପରି ଦୁର୍ବାର ପ୍ରୟାସକୁ ସମସ୍ତେ ତାରିଫ କରନ୍ତି । ୨୦୨୧ରେ ଯୋଗେଶ୍ୱରଙ୍କ ଆଣ୍ଠୁ ରିପ୍ଲେସ୍‌ମେଣ୍ଟ ସର୍ଜରି ହୋଇଥିଲା । ସମସ୍ତେ ଭାବିଥିଲେ ସେ ଆଉ ଦୂର ଯାତ୍ରାକୁ ମନ ବଳାଇବେ ନାହିଁ । ହେଲେ ସେ କିଛିଦିନର ବିରତି ପରେ ପୁଣି ସାହାସ ଜୁଟାଇଥିଲେ । ଏବେ ସେ ସଫଳତା ପୂର୍ବକ ଦୂରଯାତ୍ରା ଜାରି ରଖିଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

**୪ ଡିସେମ୍ବର ୧୯୭୪**

- ଭୟାବହ ଅଗ୍ନିକାଣ୍ଡରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍‌ର ପଣସପଦା ଗ୍ରାମଟି ସମ୍ପୂର୍ଣ୍ଣ ଧ୍ୱଂସ ପାଇବା ସହ ୨ ଶହ ପରିବାର ବାସହରା ।
- ଦଳ ବିରୋଧୀ କାର୍ଯ୍ୟ କରୁଥିବା ଅଭିଯୋଗରେ ଜନସଂଘର ବିଶିଷ୍ଟ କାର୍ଯ୍ୟକାରୀ କମିଟି ସଭ୍ୟ ଶେଖ ରହମନ ଦଳରୁ ବହିଷ୍କୃତ ।
- ମନୁଷ୍ୟକୃତ ସର୍ବାଧିକ ଦ୍ରୁତଗାମୀ ମହାକାଶ ଯାନ 'ପାୟୋନିଓର-୧୧' ଶନି ଗ୍ରହର ମାଧ୍ୟାକର୍ଷଣ ମଧ୍ୟରେ ପ୍ରବେଶ କରିଛି ।

## ଚିରନ୍ତନୀ

ପାଇବାକୁ ଫେରି ଯୁଝିଲେ ଧରି ସେ ଜିଦି
ତିଆଗିଲେ ତନୁ କେତେ ଅମୂଲ୍ୟ ନିଧି
ଅସ୍ତ୍ର ବିହୀନ ଶୂନ୍ୟ ହାତରେ
ପତାଇଲେ ଛାତି ଯେହ୍ନୁ ଅକାତରେ
ବତାଇଲେ ଆମେ ବିନା କମାଣରେ
ଟାଳିବୁଁ ପ୍ରାଚୀନ ବିଧି
ଢାଳିଦେଲେ ପ୍ରାଣ କେତେ ଅମୂଲ୍ୟ ନିଧି ।
-(ଭାରତ ଆସିବ ଫେରି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 5 | | | | 6 |
| | | | | | 9 | | | |
| | 5 | 7 | | 6 | | 2 | | 4 |
| | 4 | 2 | 3 | 1 | | 7 | | |
| | | | 7 | | | 4 | | |
| | 1 | 5 | | | | | | 2 |
| | 3 | | | | 7 | | 9 | |
| | | 1 | | | | | | |
| | | 8 | | | 6 | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 7 | 3 | 1 | 6 | 9 | 4 | 5 |
| 4 | 1 | 6 | 7 | 5 | 9 | 3 | 2 | 8 |
| 9 | 5 | 3 | 8 | 2 | 4 | 1 | 7 | 6 |
| 5 | 9 | 4 | 6 | 8 | 2 | 7 | 3 | 1 |
| 6 | 7 | 2 | 4 | 3 | 1 | 8 | 5 | 9 |
| 1 | 3 | 8 | 5 | 9 | 7 | 4 | 6 | 2 |
| 8 | 6 | 9 | 2 | 7 | 3 | 5 | 1 | 4 |
| 7 | 4 | 1 | 9 | 6 | 5 | 2 | 8 | 3 |
| 3 | 2 | 5 | 1 | 4 | 8 | 6 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶାନ୍ତିପୂର୍ଣ୍ଣ ନିର୍ବାଚନ ହେଉ

ମହାଶୟ,

ସାଧାରଣ ନିର୍ବାଚନ ଲାଗୁ ସବୁ ଦଳ କସରତ ଆରମ୍ଭ କରିଦେଲେଣି । ବିଶେଷକରି ଶାସକ ବିଜୁ ଜନତା ଦଳ ଗ୍ରାମରୁ ସହର ପର୍ଯ୍ୟନ୍ତ ସଭାସମିତି କରି ଜନସମ୍ପର୍କ ଜାରି ରଖିଛନ୍ତି । ରାଜ୍ୟର ମୁଖ୍ୟ ବିରୋଧୀ ଦଳ ଭାରତୀୟ ଜନତା ପାର୍ଟି ବ୍ଲକରୁ ରାଜଧାନୀ ପର୍ଯ୍ୟନ୍ତ ଧାରଣା ବିକ୍ଷୋଭ କରି ସରକାରଙ୍କ ବିରୋଧରେ ଜନମତ ସୃଷ୍ଟି କରିବାକୁ ପ୍ରୟାସ ଚଳାଇଛି । ଅନ୍ୟପକ୍ଷରେ କଂଗ୍ରେସ ଜନମତକୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଥିଲେ ମଧ୍ୟ ଭୋଟ ସଂଗ୍ରହ କରିବାରେ ବ୍ୟର୍ଥ ହୋଇଛି । ଗଣମାଧ୍ୟମରେ କଂଗ୍ରେସର ଦବ୍‌ଦବା ପରିଲକ୍ଷିତ ହେଉଥିଲେ ମଧ୍ୟ ତୃଣମୂଳସ୍ତରରେ ବିଶେଷ ପ୍ରଭାବ ଅନୁଭୂତ ହେଉନାହିଁ । ଭାଜପା ଓ କଂଗ୍ରେସ ପରସ୍ପର ଆକ୍ଷେପ ପ୍ରତି ଆକ୍ଷେପ ଚଳାଇଥିବା ବେଳେ ବିଜେଡି ସାଙ୍ଗଠନିକ ଶକ୍ତି ବୃଦ୍ଧି କରିବାରେ ଲାଗିପଡିଛି । ରାଜ୍ୟରେ ଆଇନଶୃଙ୍ଖଳା, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଖଣି, ପାଣି, କଳକାରଖାନାରେ ନିଯୁକ୍ତି ନେଇ ବିରୋଧୀ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାରେ ବ୍ୟର୍ଥ ହୋଇଛନ୍ତି କହିଲେ ଭୁଲ୍ ହେବ ନାହିଁ । ମିରୋରାମ ଭଳି କେତେକ ହାତଗଣତି ରାଜ୍ୟ ବିନା ହୋହଲ୍ଲାରେ ନିର୍ବାଚନ କରିଥିବା ବେଳେ ଅନ୍ୟାନ୍ୟ ରାଜ୍ୟରେ ଏହାର ବ୍ୟତିକ୍ରମ ଦେଖାଯାଇଥିଲା । ଶାନ୍ତିପୂର୍ଣ୍ଣ ନିର୍ବାଚନ ସବୁ ଦଳର ଧ୍ୟେୟ ହେବା ଉଚିତ ।

**-ଚୌଧୁରୀ ନିର୍ମଳ ସାମଲ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ରାଜସ୍ଥାନରେ ଭାଜପାର ବିଜୟ ଖବର ଆସିବା ପରେ ଜୟପୁରସ୍ଥିତ ଦଳୀୟ ମୁଖ୍ୟାଳୟ ବାହାରେ କର୍ମୀ ଓ ସମର୍ଥକମାନେ ଉତ୍ସବ ମନାଉଛନ୍ତି।




ତେଲଙ୍ଗାନା ନିର୍ବାଚନରେ କଂଗ୍ରେସର ଐତିହାସିକ ବିଜୟ ଖବର ପ୍ରକାଶ ପାଇବା ପରେ ହାଇଦ୍ରାବାଦର ଗାନ୍ଧୀଭବନ ବାହାରେ ଦଳୀୟ ନେତା ଓ କର୍ମୀମାନେ ବିଜୟ ଉତ୍ସବ ପାଳନ କରୁଛନ୍ତି।

## ପ୍ରମୁଖ ବିଜୟୀ ପ୍ରାର୍ଥୀ


କମଳ ନାଥ (କଂଗ୍ରେସ) ଛିନ୍ଦୱାରା


ନରେନ୍ଦ୍ର ସିଂ ତୋମାର (ଭାଜପା) ଡିମାନୀ


ରାଜେନ୍ଦ୍ର ଭାରତୀ (କଂଗ୍ରେସ) ଡାଟିଆ


କୈଳାସ ବିଜୟଭର୍ଗୀୟ (ଭାଜପା)ଇନ୍ଦୋର


ବସୁନ୍ଧରା ରାଜେ (ଭାଜପା) ଝାଲପାଟଣା


ଅଶୋକ ଗେହଲଟ (କଂଗ୍ରେସ)ସର୍ଦ୍ଦାରପୁର


ରାଜ୍ୟବର୍ଦ୍ଧନ ସିଂ ରାଠୋର (ଭାଜପା) ଝୋଟୱାରା


ସଚିନ ପାଇଲଟ (କଂଗ୍ରେସ) ଟୋଙ୍କ


କିରୋଡିଲାଲ୍ ମୀନା(ଭାଜପା) ସାୱାଇ ମାଧୋପୁର


କେ. ଚନ୍ଦ୍ରଶେଖର ରାଓ (ବିଆର୍‌ଏସ୍) ଗଜୱେଲ


କେ.ଟି. ରାମାରାଓ (ବିଆର୍‌ଏସ୍) ସିର୍‌ଚିଲା


ରେଭନ୍ତ ରେଡ୍ଡୀ (କଂଗ୍ରେସ) ବୋଡ଼ାଙ୍ଗଲ


ଆକବରୁଦ୍ଦିନ ଓୱାଇସି (ଏଆଇଏମ୍‌ଆଇଏମ୍) ଚନ୍ଦ୍ରୟାଙ୍ଗୁଟା


ଭୂପେଶ ବଘେଲ(କଂଗ୍ରେସ) ପଟାନ


ରମଣ ସିଂ(ଭାଜପା) ରାଜନନ୍ଦଗାଁଓ

## ପ୍ରମୁଖ ପରାଜିତ ପ୍ରାର୍ଥୀ


ନରୋତ୍ତମ ମିଶ୍ରା (ଭାଜପା) ଡାଟିଆ


ସି.ପି. ଜୋଷୀ (କଂଗ୍ରେସ)ନାଥଦ୍ୱାର


କେ.ସି.ଆର୍ (ବିଆର୍‌ଏସ୍) କାମାରେଡ୍ଡୀ


ବନ୍ଦି ସଞ୍ଜୟ କୁମାର (ଭାଜପା) କରିମନଗର


ଟି.ଏସ୍. ସିଂଦେଓ (କଂଗ୍ରେସ) ଅମ୍ବିକାପୁର


ଅମିତ୍ ଯୋଗୀ (କଂଗ୍ରେସ) ପଟାନ

# ତେଲଙ୍ଗାନାରେ କଂଗ୍ରେସ ବିଜୟ ପଛରେ ସୁନୀଲ କନୁଗୋଲୁ

**ନୂଆଦିଲ୍ଲୀ,୩।୧୨**

ତେଲଙ୍ଗାନାରେ କଂଗ୍ରେସକୁ ବିସ୍ମୟଜନକ ଭାବେ ବିଜୟୀ କରାଇ ସୁନୀଲ କନୁଗୋଲୁ ପୁଣିଥରେ ନିଜକୁ ଜଣେ ସଫଳ ନିର୍ବାଚନୀ ରଣନୀତିକାର ଭାବେ ପ୍ରମାଣିତ କରିଛନ୍ତି। କର୍ଣାଟକରେ କଂଗ୍ରେସ କ୍ଷମତାକୁ ଆଣିବାର ମୁଖ୍ୟ ବିନ୍ଧାଣୀର ଭୂମିକା ନେଇଥିବା କନୁଗୋଲୁ ଅଳ୍ପ କେତେମାସ ହେଲା ତେଲଙ୍ଗାନାରେ ସର୍ବପୁରାତନ ଦଳର ନିର୍ବାଚନ ଦାୟିତ୍ୱ ନେଇଥିଲେ।



ପ୍ରଶାନ୍ତ କିଶୋରଙ୍କ ଆଇ-ପିଏସିରୁ କାମ ଆରମ୍ଭ କରିଥିବା କନୁଗୋଲୁ କର୍ଣାଟକରେ କଂଗ୍ରେସକୁ ବିଜୟୀ କରାଇବା ପରେ ସିଦ୍ଧାରାମାୟା ସରକାରରେ କ୍ୟାବିନେଟ୍ ପାହ୍ୟା ପାଇଥିଲେ। ଏଥର ତେଲଙ୍ଗାନାରେ କେ. ଚନ୍ଦ୍ରଶେଖର ରାଓଙ୍କ ନେତୃତ୍ୱାଧୀନ ବିଆର୍‌ଏସ୍ ସରକାରକୁ କ୍ଷମତାରୁ ହଟାଇବା ପାଇଁ କନୁଗୋଲୁ ଏବଂ ତେଲଙ୍ଗାନା ପିସିସି ସଭାପତି ଏ. ରେଭନ୍ତ ରେଡ୍ଡୀ ଦଳ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ। ହିନ୍ଦୀ ଭାଷାଭାଷୀ ରାଜ୍ୟ ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ରାଜସ୍ଥାନରେ କଂଗ୍ରେସ ପରାଜିତ ହୋଇଥିବାବେଳେ ତେଲଙ୍ଗାନାରେ ବିଜୟ ହାସଲ କରିପାରିଛି। କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱର ନିର୍ଦ୍ଦେଶକ୍ରମେ କନୁଗୋଲୁ ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ରଣନୀତି ପ୍ରସ୍ତୁତ କରିବାକୁ ଆଗେଇ ଆସିଥିଲେ ମଧ୍ୟ ଆଞ୍ଚଳିକ ନେତା ଅଶୋକ ଗେହଲଟ୍ ଏବଂ କମଲ ନାଥଙ୍କ ସମର୍ଥନ ପାଇ ନ ଥିଲେ। ସେ ରାଜସ୍ଥାନରେ ବିଜୟ ସମ୍ଭାବ୍ୟ ଦଳୀୟ ପ୍ରାର୍ଥୀଙ୍କ ବିଜୟ ସମ୍ଭାବନାକୁ ନେଇ କରିଥିବା ଆକଳନକୁ ଗେହଲଟ ଗ୍ରହଣ କରି ନ ଥିଲେ।

## ଭାଜପା ଶାସିତ ରାଜ୍ୟ ୧୨କୁ ବଢ଼ିବ

**ନୂଆଦିଲ୍ଲୀ,୩।୧୨**

ଭାଜପା ୩ଟି ରାଜ୍ୟରେ ବିଜୟୀ ହୋଇ ସରକାର ଗଢ଼ିବାକୁ ଯାଉଥିବାବେଳେ ଏହି ଦଳ ଶାସନାଧୀନ ରାଜ୍ୟ ସଂଖ୍ୟା ୧୨କୁ ବୃଦ୍ଧି ପାଇବାକୁ ଯାଉଛି। ଅନ୍ୟପକ୍ଷରେ ଦ୍ୱିତୀୟ ସର୍ବବୃହତ୍ ଜାତୀୟ ଦଳ କଂଗ୍ରେସ ରାଜସ୍ଥାନ ଓ ଛତିଶଗଡ଼ରେ ପରାଜିତ ହେବା ପରେ ଏହି ଦଳ ମାତ୍ର ୩ ରାଜ୍ୟରେ କ୍ଷମତାରେ ରହିବ। ଦିଲ୍ଲୀ ଓ ପଞ୍ଜାବରେ କ୍ଷମତାରେ ଥିବା ଆମ୍ ଆଦ୍‌ମୀ ପାର୍ଟି ତୃତୀୟ ଜାତୀୟ ଦଳର ପରିଚୟ ହାସଲ କରିଛି। ଭାଜପା ଏବେ ଉତ୍ତରାଖଣ୍ଡ, ହରିୟାଣା, ଉତ୍ତରପ୍ରଦେଶ, ଗୁଜରାଟ, ଗୋଆ, ଆସାମ, ତ୍ରିପୁରା, ମଣିପୁର, ଅରୁଣାଚଳପ୍ରଦେଶରେ କ୍ଷମତାରେ ଥିବାବେଳେ ମଧ୍ୟପ୍ରଦେଶରେ କ୍ଷମତା ବଜାୟ ରଖିଛି। ଏଥିସହିତ ରାଜସ୍ଥାନ ଓ ଛତିଶଗଡ଼ରେ ଦଳ ସରକାର ଗଢ଼ିବାକୁ ଯାଉଛି। ଏହା ବ୍ୟତୀତ ମହାରାଷ୍ଟ୍ର, ମେଘାଳୟ, ନାଗାଲାଣ୍ଡ ଏବଂ ସିକିମ୍‌ରେ ଭାଜପା ଅନ୍ୟ ଦଳ ସହ ମିଶି ସରକାରରେ ରହିଛି। କଂଗ୍ରେସ ଏବେ କର୍ଣାଟକ ଓ ହିମାଚଳପ୍ରଦେଶରେ ଶାସନରେ ରହିଥିବାବେଳେ ତେଲଙ୍ଗାନାରେ ବିଆର୍‌ଏସ୍‌କୁ ହରାଇ ସରକାର ଗଢ଼ିବାକୁ ଯାଉଛି।

## ତେଲଙ୍ଗାନା ପୋଲିସ ଡିଜି ନିଲମ୍ବିତ

**ହାଇଦ୍ରାବାଦ,୩।୧୨**

ଭୋଟଗଣତିବେଳେ ତେଲଙ୍ଗାନା କଂଗ୍ରେସ ସଭାପତି ରେଭନ୍ତ ରେଡ୍ଡୀଙ୍କୁ ଭେଟିଥିବା ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଞ୍ଜନୀ କୁମାରଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ନେଇ ଡିଜିପି ଏବଂ ଅନ୍ୟ ୨ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ବାଚନ କମିଶନ ସ୍ପଷ୍ଟୀକରଣ ମାଗିଥିଲେ। ରବିବାର ଅଞ୍ଜନୀ ଓ ଅନ୍ୟ ଦୁଇ ପୋଲିସ ଅଫିସର ଫୁଲତୋଡ଼ା ଧରି କଂଗ୍ରେସି ରେଡ୍ଡୀଙ୍କୁ ତାଙ୍କ ହାଇଦ୍ରାବାଦ ବାସଭବନରେ ଭେଟୁଥିବାର ଫଟୋ ଭାଇରାଲ ହୋଇଥିଲା।

## ନୋଟାକୁ ୧%ରୁ କମ୍ ଭୋଟ

**ନୂଆଦିଲ୍ଲୀ,୩।୧୨(ପି.ଟି.)**

ଏଥର ବିଧାନସଭା ନିର୍ବାଚନରେ 'ନନ୍ ଅଫ୍ ଦି ଏବଭ୍' (ନୋଟା) ବିକଳ୍ପକୁ ଖୁବ୍ କମ୍ ଭୋଟର ବାଛିଛନ୍ତି। ରାଜସ୍ଥାନ, ମଧ୍ୟପ୍ରଦେଶ ଓ ତେଲଙ୍ଗାନାରେ ନୋଟାକୁ ଯାଇଥିବା ଭୋଟ ହାର ୧ ପ୍ରତିଶତରୁ କମ୍ ହୋଇଥିବାବେଳେ ଛତିଶଗଡ଼ରେ ୧.୨୯ ପ୍ରତିଶତ ଭୋଟର ଏହି ବଟନ୍ ଚିପିଥିବା ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡ଼ିଛି। ମଧ୍ୟପ୍ରଦେଶରେ ମୋଟ ୭୭.୧୫ ପ୍ରତିଶତ ମତଦାନ ହୋଇଥିବାବେଳେ ୦.୯୯ ପ୍ରତିଶତ ନୋଟା ବିକଳ୍ପ ବାଛିଥିଲେ। ସେହିପରି ଛତିଶଗଡ଼ରେ ୭୬.୩ ପ୍ରତିଶତ ଭୋଟିଂ ହୋଇଥିବାବେଳେ




ନୋଟାକୁ ୧.୨୯ ପ୍ରତିଶତ ଭୋଟ ଯାଇଥିଲା। ତେଲେଙ୍ଗାନାରେ ମୋଟ ୭୧.୧୪ ପ୍ରତିଶତ ମତଦାନ ହୋଇଥିବାବେଳେ ନୋଟାକୁ ୦.୭୪ ପ୍ରତିଶତ ଚୟନ କରିଥିଲେ। ସେହିପରି ରାଜସ୍ଥାନରେ ୭୪.୬୨ ପ୍ରତିଶତ ଭୋଟିଂ ହୋଇଥିବାବେଳେ ନୋଟା ବିକଳ୍ପକୁ ୦.୯୬ ପ୍ରତିଶତ ବାଛିଥିଲେ।

## ତାପି ଉପନିର୍ବାଚନରେ ଏନ୍‌ଡିପିପି ପ୍ରାର୍ଥୀ ବିଜୟୀ

**କୋହିମା,୩।୧୨**

ନାଗାଲାଣ୍ଡର ମୋନ୍ ଜିଲା ଅନ୍ତର୍ଗତ ତାପି ବିଧାନସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନରେ ଶାସକ ଏନ୍‌ଡିପିପି ପ୍ରାର୍ଥୀ ୱାଙ୍ଗ୍‌ପାଙ୍ଗ କୋନ୍ୟକ ବିଜୟୀ ହୋଇଛନ୍ତି। ସେ କଂଗ୍ରେସର ୱାଙ୍ଗଲେମ୍ କୋନ୍ୟକଙ୍କୁ ୫,୩୩୩ ଭୋଟରେ ପରାଜିତ କରିଛନ୍ତି। ନଭେମ୍ବର ୭ରେ ତାପି ଆସନ ଲାଗି ହୋଇଥିବା ଉପନିର୍ବାଚନରେ ୯୬.୨୫% ଭୋଟିଂ ହୋଇଥିଲା। ଗତ ଅଗଷ୍ଟ ୨୮ରେ ଏନ୍‌ଡିପିପି ବିଧାୟକ ନୋକ୍ ୱାଙ୍ଗନାଓଙ୍କ ପରଲୋକ ଯୋଗୁ ଉକ୍ତ ଆସନରେ ଉପନିର୍ବାଚନ ଆବଶ୍ୟକ ହୋଇଥିଲା।

## ଫଳାଫଳକୁ ନେଇ ନେତାଙ୍କ ପ୍ରତିକ୍ରିୟା



" ତୁଷ୍ଟୀକରଣ ଏବଂ ଜାତି ରାଜନୀତିର ଯୁଗ ଶେଷ ହୋଇଥିବା ନିର୍ବାଚନ ଫଳାଫଳରୁ ପ୍ରମାଣିତ ହୋଇଛି। ନୂଆ ଭାରତ ପ୍ରଦର୍ଶନର ରାଜନୀତିକୁ ଭୋଟ ଦେଇଛନ୍ତି।

**-ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**



" ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ କଂଗ୍ରେସର ପ୍ରଦର୍ଶନ ଦୁଃଖଦାୟକ। ଦଳ ଏହି ସାମୟିକ ଝଟକାକୁ ଅତିକ୍ରମ କରି ଇଣ୍ଡିଆ ବ୍ଲକ୍‌ର ସହଯୋଗୀମାନଙ୍କ ସହ ଲୋକ ସଭା ନିର୍ବାଚନ ପାଇଁ ପୂର୍ଣ୍ଣ ମାତ୍ରାରେ ପ୍ରସ୍ତୁତ ହେବ।

**-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**



" ଲୋକ ସଭା ନିର୍ବାଚନ ପୂର୍ବରୁ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ଭୋଟ ଫଳାଫଳ ଗୁରୁତ୍ୱପୂର୍ଣ୍ଣ। ୩ ରାଜ୍ୟରେ ଭାଜପାର ସଫଳ କାହାଣୀଠାରୁ କଂଗ୍ରେସ ଅଧିକ ବିଫଳ ହୋଇଛି। କଂଗ୍ରେସର ଏହି ନୈରାଶ୍ୟଜନକ ପ୍ରଦର୍ଶନ ପରେ ଇଣ୍ଡିଆ ବ୍ଲକ୍ ସହଯୋଗୀ ଟିଏମ୍‌ସି ଜାତୀୟ ସ୍ତରରେ ଲଢ଼େଇର ନେତୃତ୍ୱ ନେବାକୁ ପ୍ରସ୍ତୁତ।

**-କୁନାଲ ଘୋଷ, ଟିଏମ୍‌ସି ମୁଖପାତ୍ର**



" ବିଧାନସଭା ନିର୍ବାଚନ ଫଳାଫଳ ପ୍ରତ୍ୟେକଙ୍କ ପାଇଁ ଅବାଞ୍ଛିତ ଥିଲା। କଂଗ୍ରେସ ଜନାଦେଶକୁ ବିନମ୍ରତାର ସହ ଗ୍ରହଣ କରୁଛି।

**-ଅଶୋକ ଗେହଲଟ, ରାଜସ୍ଥାନର ବିଦାୟୀ ମୁଖ୍ୟମନ୍ତ୍ରୀ**



" ୩ ପ୍ରମୁଖ ରାଜ୍ୟରେ କଂଗ୍ରେସ ପରାଜିତ ହୋଇଥିବାବେଳେ ଭାଜପା ବିଜୟୀ ହୋଇଛି। କଂଗ୍ରେସ ଏକାକୀ ନିର୍ବାଚନ ଜିତିବା ପାଇଁ ସକ୍ଷମ ନୁହେଁ ବୋଲି ଫଳାଫଳରୁ ସ୍ପଷ୍ଟ ହୋଇଛି। ପ୍ରତ୍ୟେକ ଇଣ୍ଡିଆ ବ୍ଲକ୍‌କୁ ସୁଦୃଢ଼ କରିବା ଆବଶ୍ୟକ।

**-କେ.ସି. ତ୍ୟାଗୀ, ଜେଡିୟୁ ମୁଖପାତ୍ର**



" ମଧ୍ୟପ୍ରଦେଶରେ ଭାଜପାର ବୃହତ୍ ବିଜୟର ଶ୍ରେୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡବଲ ଇଞ୍ଜିନ ସରକାରଙ୍କର। ପ୍ରଧାନମନ୍ତ୍ରୀ ମୋଦି ରାଜ୍ୟବାସୀଙ୍କ ହୃଦୟରେ ରହିଛନ୍ତି।

**-ଶିବରାଜ ସିଂ ଚୌହାନ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ**



" ପ୍ରଧାନମନ୍ତ୍ରୀଙ୍କ ଉପରେ ଜନସାଧାରଣଙ୍କ ଅଟଳ ଆସ୍ଥା ଏବଂ କଂଗ୍ରେସର ଫମ୍ପା ପ୍ରତିଶ୍ରୁତି ପ୍ରତ୍ୟାଖ୍ୟାନକୁ ନିର୍ବାଚନ ଫଳାଫଳ ସ୍ପଷ୍ଟ କରିଛି। କଲ୍ୟାଣକାରୀ ନୀତି, ସୁଶାସନକୁ ଲୋକେ ସ୍ୱୀକୃତି ଦେଇଛନ୍ତି।

**-ମନୋହରଲାଲ୍ ଖଟ୍ଟାର, ହରିୟାଣା ମୁଖ୍ୟମନ୍ତ୍ରୀ**



" ଏହି ବିଜୟ ଏକ ହ୍ୟାଟ୍ରିକ ଏବଂ ମୋଦିଙ୍କ ଗ୍ୟାରେଣ୍ଟି ଉପରେ ଜନସାଧାରଣଙ୍କ ଆସ୍ଥାର ଗ୍ୟାରେଣ୍ଟି।

**-ଯୋଗୀ ଆଦିତ୍ୟନାଥ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ**



" ଜନସାଧାରଣ ବିକାଶ ସପକ୍ଷରେ ଏବଂ ବଂଶବାଦ, ଜାତି ଓ ତୁଷ୍ଟୀକରଣ ରାଜନୀତି ବିରୋଧରେ ଭୋଟ ଦେଇଥିବା ଭାଜପାର ବିଜୟରୁ ପ୍ରମାଣିତ ହୋଇଛି।

**-ପୁଷ୍କର ସିଂ ଧାମି, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ**



" କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି ଭାରତରେ କାମ କରୁଥିବା ଭୋଟ ଫଳାଫଳ ପ୍ରମାଣିତ କରିଛି। ବିରୋଧୀ ଇଣ୍ଡିଆ ବ୍ଲକ୍ ଜାତି ନାମରେ ଦେଶକୁ ଭାଗଭାଗ କରିବାକୁ ଉଦ୍ୟମ କରୁଛି।

**-ଜେ.ପି. ନଡ୍ଡା, ଭାଜପା ଅଧ୍ୟକ୍ଷ**

## ୬ରେ ଇଣ୍ଡିଆ ବ୍ଲକ୍ ନେତାଙ୍କ ବୈଠକ

**ନୂଆଦିଲ୍ଲୀ,୩।୧୨**

ବିଧାନସଭା ନିର୍ବାଚନ ଫଳାଫଳ ଭାଜପା ସପକ୍ଷରେ ଯିବା ପରେ ଆସନ୍ତା ୬ ତାରିଖରେ ବିରୋଧୀ ଇଣ୍ଡିଆ ମେଣ୍ଟର ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ବାସଭବନରେ ହେବାକୁ ଥିବା ଏହି ବୈଠକରେ ବିରୋଧୀ ନେତାମାନେ ୨୦୨୪ ଲୋକ ସଭା ନିର୍ବାଚନ ପାଇଁ ରଣକୌଶଳ ସ୍ଥିର କରିବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ସାଧାରଣ ନିର୍ବାଚନରେ ଭାଜପାକୁ କିପରି ପରାସ୍ତ କରାଯିବ ସେନେଇ ବୈଠକରେ ଆଲୋଚନା ହୋଇ ଯୋଜନା ଚୂଡ଼ାନ୍ତ ହେବ। ରଣନୀତି ଯୋଜନା ଚୂଡ଼ାନ୍ତ କରିବା ପାଇଁ କଂଗ୍ରେସ ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳକୁ ଅପେକ୍ଷା କରି ରହିଥିଲା। ପୂର୍ବରୁ ଇଣ୍ଡିଆ ବ୍ଲକ୍‌ର ୨୬ ବିରୋଧୀ ଦଳ ପାଟନା, ବେଙ୍ଗାଲୁରୁ ଓ ମୁମ୍ବାଇରେ ଏକାଠି ହୋଇ ଆଲୋଚନା କରିଥିଲେ। ବିରୋଧୀ ନେତାମାନେ ଏବେଠାରୁ ମିଳିତ ରାଲିର ଯୋଜନା କରିବା ଆବଶ୍ୟକ ବୋଲି କେତେକ ସୂତ୍ର କହିଛନ୍ତି।



ରାଜସ୍ଥାନର ଜୟପୁରସ୍ଥିତ ଏକ କେନ୍ଦ୍ରରେ ରବିବାର ଭୋଟ ଗଣତି କରାଯାଉଛି।

# ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷାରେ ବିଭ୍ରାଟ

- ଦ୍ୱିତୀୟ ସିଟିଂ ପ୍ରଶ୍ନପତ୍ର ପ୍ୟାକେଟ୍‌ରୁ ବାହାରିଲା ପ୍ରଥମ ସିଟିଂର ୭୬ ପ୍ରଶ୍ନପତ୍ର
- ଅଭିଭାବକଙ୍କ ହୋହଲ୍ଲା, ଦ୍ୱିତୀୟ ସିଟିଂ ପରୀକ୍ଷା ବାତିଲ


ଅଭିଭାବକ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋହଲ୍ଲା କରୁଛନ୍ତି।

**ପାଣିକୋଇଲି,୩।୧୨(ବିକାଶ ମଲ୍ଲିକ):** ଯାଜପୁର ଜିଲା କୋରେଇ ଶିକ୍ଷା ମଣ୍ଡଳ ଅଧୀନ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ଅଷ୍ଟମ ଶ୍ରେଣୀ ପିଲାଙ୍କ ନ୍ୟାଶନାଲ ମିନ୍ସ କମ୍ ମେରିଟ ସ୍କଲାରଶିପ୍(ଏନ୍‌ଏମ୍‌ଏମ୍‌ଏସ୍) ପରୀକ୍ଷା ଚାଲିଥିବା ବେଳେ ପ୍ରଶ୍ନପତ୍ରରେ ବିଭ୍ରାଟ ଦେଖାଦେଇଛି। ଫଳରେ ଏହାକୁ ନେଇ ବିଦ୍ୟାଳୟ ପରିସରରେ ପରୀକ୍ଷାର୍ଥୀଙ୍କ ଅଭିଭାବକମାନେ ତୁମୁଳକାଣ୍ଡ ଘଟାଇଛନ୍ତି। ପ୍ରଥମ ପର୍ଯ୍ୟାୟ ପରୀକ୍ଷା ସରିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାରୁ ଛାତ୍ରୀଛାତ୍ର ବଞ୍ଚିତ ହୋଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ପ୍ରଶ୍ନପତ୍ର ପ୍ୟାକେଟରୁ ପ୍ରଥମ ପର୍ଯ୍ୟାୟର ୭୬ରୁ ଊର୍ଦ୍ଧ୍ୱ ପ୍ରଶ୍ନପତ୍ର ବାହାରିବାରୁ ଛାତ୍ରୀଛାତ୍ର ପରୀକ୍ଷା ଦେଇପାରି ନାହାନ୍ତି। ତେବେ ୨ ଘଣ୍ଟା ବିଳମ୍ବରେ ପ୍ରଶ୍ନପତ୍ର ପହଞ୍ଚିଥିଲେ ବି ଶେଷରେ ଅଭିଭାବକଙ୍କ ଅସନ୍ତୋଷକୁ ଦେଖି ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାକୁ ବାତିଲ କରାଯାଇଛି।

ପ୍ରଥମ ସିଟିଂରେ ମାନସିକ ଶକ୍ତି ବିଷୟରେ ପରୀକ୍ଷା ଥିଲା। ଏଠାରେ ୨୯୭ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବାବେଳେ ୨୮୩ ଜଣ ପରୀକ୍ଷା ଦେଇଥିଲେ ଓ ବାକି ୧୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଦ୍ୱିତୀୟ ସିଟିଂରେ ମେଧା ଶକ୍ତି ବିଷୟରେ ପରୀକ୍ଷା ଥିବାବେଳେ ବିଭ୍ରାଟ ଉପୁଜିଥିଲା। ଉକ୍ତ ବିଷୟରେ ୨୨୮ ସମ୍ପୃକ୍ତ ବିଷୟର ପ୍ରଶ୍ନପତ୍ର ଥିବାବେଳେ ୭୬ ପ୍ରଥମ ପର୍ଯ୍ୟାୟର ପ୍ରଶ୍ନପତ୍ର ବାହାରିଥିଲା। ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଅପରାହ୍ନ ଦୁଇଟାବେଳେ ଥିବାବେଳେ ପ୍ରଶ୍ନପତ୍ର ବିଭ୍ରାଟ ଯୋଗୁ ପରୀକ୍ଷାର୍ଥୀମାନେ ନିଜ ନିଜ ସ୍ଥାନରେ ବସି ରହିଥିଲେ ମଧ୍ୟ ପ୍ରଶ୍ନପତ୍ର ପାଇ ନ ଥିଲେ। କୌଣସି କାରଣରୁ ଉକ୍ତ ବିଷୟ ଜଣାପଡ଼ିବା ପରେ ବିଦ୍ୟାଳୟ ବାହାରେ ଅପେକ୍ଷାରତ ଅଭିଭାବକ ବିଦ୍ୟାଳୟ ପରିସରକୁ ପଶି ହୋହଲ୍ଲା କରିଥିଲେ।

ପରୀକ୍ଷା ନିୟନ୍ତ୍ରକ ଦାୟିତ୍ୱରେ ଥିବା ଜ୍ୟୋତିର୍ମୟୀ ମିଶ୍ର ଓ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଗାୟତ୍ରୀ ନାୟକ ଉକ୍ତ ତ୍ରୁଟି ପରୀକ୍ଷା କେନ୍ଦ୍ରର ନୁହେଁ ବରଂ ବୋର୍ଡର ବୋଲି କହିବା ସତ୍ତ୍ୱେ ଅଭିଭାବକ ମାନି ନ ଥିଲେ। ଜିଲାର ବହୁ ଦୂରରୁ ଆସିଥିବା ଛୋଟଛୋଟ ପିଲାମାନେ ପ୍ରଶ୍ନପତ୍ର ବିଭ୍ରାଟ ଲାଗି ଘଣ୍ଟାଘଣ୍ଟା ଧରି ନିଜ ସ୍ଥାନରେ ବସିରହିବା ଫଳରେ ଅଭିଭାବକମାନେ ଉତ୍ତେଜିତ ହୋଇପଡ଼ିଥିଲେ। ପିଲାମାନେ ଆଉ ପରୀକ୍ଷା ଦେବେ ନାହିଁ, ଆମେ ନେଇଯାଉଛୁ କହି ବହୁ ଅଭିଭାବକ ସେମାନଙ୍କ ପିଲାମାନଙ୍କୁ ନେଇଯାଇଥିଲେ। ଖବରପାଇ କୋରେଇ ବିଡିଓ ଅଶୋକ କୁମାର ମାଝି, ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ସମେତ ସ୍ଥାନୀୟ ସରପଞ୍ଚ ପଦ୍ମାବତୀ ପଣ୍ଡା, ନାଏବ ସରପଞ୍ଚ ଦେବେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଅଭିଭାବକ କୌଣସି ମତେ ମାନି ନ ଥିଲେ। ଫଳରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ପରୀକ୍ଷାକୁ ବାତିଲ କରାଗଲା ବୋଲି ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୂଚନା ଦେଇଥିଲେ। ଏହାପରେ ଆଡ୍‌ମିଟ କାର୍ଡକୁ କେନ୍ଦ୍ରକରି ହୋହଲ୍ଲା ହୋଇଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ଆଡ୍‌ମିଟ କାର୍ଡ ରଖିଥିଲେ। ହେଲେ ଅଭିଭାବକ ଜିଦ କରିବାରୁ ଶେଷରେ ଆଡ୍‌ମିଟ କାର୍ଡ ଫେରାଇବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ବାଧ୍ୟ ହୋଇଥିଲେ। ସେହିପରି ରସୁଲପୁର ବ୍ଲକ ଅଧୀନ ଓଡ଼ଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଜାତୀୟ ମେଧାବୃତ୍ତି ପରୀକ୍ଷାରେ ବିଭ୍ରାଟ ଦେଖାଦେଇଛି। ପରୀକ୍ଷା ହଲରେ ଦ୍ୱିତୀୟ ଭାଗ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ଯୋଗୁ ପରୀକ୍ଷା ବାତିଲ ହୋଇଛି।

## ସଂକ୍ଷେପରେ

### ସାମାଜିକ କର୍ମୀଙ୍କ ଅଙ୍ଗଦାନ ନିଷ୍ପତ୍ତି



**ବଡ଼ଚଣା,୩।୧୨(ଦିଲୀପ କୁମାର ମହାନ୍ତି):** ଚଣ୍ଡିଖୋଲ ଅଞ୍ଚଳର ବ୍ୟବସାୟୀ ତଥା ସାମାଜିକ କର୍ମୀ ରାମଚନ୍ଦ୍ର ସେନାପତି ନିଜର ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସେ ତାଙ୍କ ଶରୀରର ବିଭିନ୍ନ ଅଙ୍ଗ ଅଲ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ(ଏମ୍ସ)କୁ ପ୍ରଦାନ କରିବେ। ଏ ସମ୍ପର୍କରେ ସେ ଏମ୍ସ ମେଡିକାଲ ସହିତ ଏକ ଚୁକ୍ତି ପତ୍ର ସ୍ୱାକ୍ଷର କରି ପ୍ରମାଣପତ୍ର ପାଇଛନ୍ତି। ସେନାପତି ବୃତ୍ତିରେ ବ୍ୟବସାୟୀ ହେଲେ ମଧ୍ୟ ବଡ଼ଚଣା ଅଞ୍ଚଳର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଆଧାତ୍ମିକ ସଂଗଠନ ସହ ଜଡ଼ିତ ଅଛନ୍ତି। ଏଥିପାଇଁ ସେ ବହୁ ଅନୁଷ୍ଠାନରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ନିଜ ଶରୀରର ଅଙ୍ଗ ଦାନ ଫଳରେ ସେ ଅନ୍ୟମାନଙ୍କୁ ନୂତନ ଜୀବନ ଦେବା ସହ ସେମାନଙ୍କ ପରିବାର ମୁହଁରେ ହସ ଫୁଟାଇ ପାରିବେ ବୋଲି କହିଛନ୍ତି। ସେନାପତିଙ୍କ ଏଭଳି କାର୍ଯ୍ୟକୁ ବଡ଼ଚଣା ଅଞ୍ଚଳର ବହୁ ବିଶିଷ୍ଟ ବକ୍ତି ପ୍ରଂଶସା କରିବା ସହ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

### ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ସେବା ଅନୁଧ୍ୟାନ କଲେ ଜିଲାପାଳ

**ଯାଜପୁରରୋଡ୍,୩।୧୨(ପବିତ୍ର ରଞ୍ଜନ ମହାନ୍ତି):** ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଗସ୍ତ କରି ଚିକିତ୍ସା ସେବାର ଅନୁଧ୍ୟାନ କରିଛନ୍ତି। ୫-ଟି ଯୋଜନାରେ ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶମୂଳକ କାର୍ଯ୍ୟ ଚାଲିଛି। ତେବେ ଏହି କାର୍ଯ୍ୟ କିଭଳିଭାବେ ଚାଲିଛି ଜିଲାପାଳ ଏହାର ମଧ୍ୟ ଅନୁଧ୍ୟାନ କରିଛନ୍ତି। ଜିଲାପାଳ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଲାବ ସେଣ୍ଟର, ୱାର୍ଡ, ଅସ୍ତ୍ରୋପଚାର ଗୃହ ଓ ସ୍ୱାସ୍ଥ୍ୟକେନ୍ଦ୍ରର ପରିବେଶକୁ ବୁଲି ଦେଖିଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ ପୃଷ୍ଟିଙ୍କ ସମେତ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଏଠାରେ ଏବେ ମୁଖ୍ୟତଃ ଡାକ୍ତର ସମସ୍ୟା ରହିଥିବା ଦେଖିବାକୁ ମିଳୁଛି। ସ୍ୱାସ୍ଥ୍ୟକେନ୍ଦ୍ରଟି କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଲାଗି ରହିଥିବାରୁ ପ୍ରତ୍ୟେକ ଦିନ ଏଠାକୁ ବହୁ ଦୁର୍ଘଟଣାଜନିତ ରୋଗୀ ଆସୁଛନ୍ତି। ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ନେଇ ଦୈନିକ ୫ଶହରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହେବାକୁ ଆସିଥାନ୍ତି। ଏସବୁ ଦୃଷ୍ଟିରେ ଜିଲା ପ୍ରଶାସନ ପକ୍ଷରୁ ୫-ଟି ଯୋଜନାରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନ୍ତର୍ଭୁକ୍ତ କରି ବିକାଶ କାର୍ଯ୍ୟ ଆରମ୍ଭ କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି।

# ଭାରିଯାନ ପାଇଁ ରାସ୍ତା ଫାଟି ଆଁ

**ବ୍ରହ୍ମବରଦା,୩।୧୨ (ଯଯାତି କେଶରୀ ବେହେରା):** ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତସ୍ଥିତ ଚାରିଗାରପୁରଠାରୁ ବ୍ରହ୍ମବରଦା କଲେଜକୁ ସଂଯୋଗ କରୁଥିବା ରାସ୍ତା ଫାଟି ଆଁ କଲାଣି। ଏହି ରାସ୍ତା ମଧ ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟରାସ୍ତାକୁ ସଂଯୋଗ କରୁଛି। ବ୍ରହ୍ମବରଦା କଲେଜକୁ ଛାତ୍ରୀଛାତ୍ର ଓ ଚାଷୀମାନେ କ୍ଷେତକୁ ଯାତାୟାତ ପାଇଁ ନାଳିଗୋଡ଼ି ରାସ୍ତା ରହିଥିଲା। ବହୁ ବାଧାବିଘ୍ନ ପରେ କିଛି ବର୍ଷ ହେବ ଏହାକୁ କଂକ୍ରିଟ କରାଯାଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଉକ୍ତ ରାସ୍ତାଦେଇ ପ୍ରତିଦିନ କାକୁଡ଼ିକୁଦ ବାଲିଘାଟରୁ ବାଲି ପରିବହନ ହେଉଛି। ଫଳରେ ରାସ୍ତାର କିଛି ସ୍ଥାନ ଫାଟିଯାଇଛି। ଅନ୍ୟ କିଛି ସ୍ଥାନ ଦବିଯାଇ ଗର୍ତ୍ତ ସୃଷ୍ଟି ହୋଇଛି। ଦିନ ସମୟରେ ବାଲି ପରିବହନ ହେଉଥିବାରୁ କଲେଜ ଛାତ୍ରୀଛାତ୍ର ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତାୟାତ ସମୟରେ ବାଲି ଉଡ଼ି ଆଖିରେ ପଡୁଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟୁଛି। ଉକ୍ତ ରାସ୍ତାଦେଇ ଦିନ ଓ ରାତିରେ ଓଭରଲୋଡିଂ ଭାରିଯାନ ଯିବାଯୋଗୁ ରାସ୍ତା ଫାଟି ଆଁ କରୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କୁଡ଼ିକୁଦ ବାଲିଘାଟରୁ ବାଲି ପରିବହନ ପାଇଁ କୁଡ଼ିକୁଦ ଗ୍ରାମ ଦେଇ ଗାଡ଼ି ଯିବା ପାଇଁ ରୋଡ୍ ମ୍ୟାପ ଥିବାବେଳେ ଏହା କିପରି ୩ ବର୍ଷ ହେବ ବ୍ରହ୍ମବରଦା କଲେଜ ଦେଇ ଯାତାୟାତ କରୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶୀଘ୍ର ଉକ୍ତ ରାସ୍ତାରେ ବାଲି ପରିବହନ ବନ୍ଦ କରିବାକୁ ଛାତ୍ରୀଛାତ୍ର ଓ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।


ରାସ୍ତାରେ ସୃଷ୍ଟି ହୋଇଥିବା ଫାଟ।

# କାର୍ଯ୍ୟାନୁଷ୍ଠାନ ଦାବି

**ଦଳିତଙ୍କୁ ଆକ୍ରମଣ ମାମଲା**

**ପାଣିକୋଇଲି,୩।୧୨(ବିକାଶ ମଲ୍ଲିକ)** ଜେନାପୁର ଥାନା ଅଧୀନ ପାରିକ୍ଷେତ ଗ୍ରାମରେ ଦଳିତଙ୍କୁ ହୋଇଥିବା ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବିହୋଇଛି। ମୂଳନିବାସୀ ୟୁନାଇଟେଡ ଫୋରମ ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ମନୋରଂଜନ ଜେନାଙ୍କ ନେତୃତ୍ୱରେ ଏହି ଦାବି କରାଯାଇଛି। ପାରିକ୍ଷେତ ଗ୍ରାମରେ ସବର୍ଣ୍ଣ-ଅସବର୍ଣ୍ଣଙ୍କ ମିଳିତ ଗ୍ରାମ ଦେବତୀ ମା' ବିଭିଷିଆଣୀଙ୍କ ଘର ପାଇଁ ସରକାରୀ ଅନୁଦାନ ଆସିଥିଲା। ଏହି ଘରକୁ ସବର୍ଣ୍ଣ ତରଫରୁ ରଞ୍ଜନ ପାତ୍ର ଏକ ପାଖିଆ ଭାବେ ଗତ ମାସ ୨୭ ତାରିଖରେ ଭିତ୍ତିପ୍ରସ୍ତର ଫଳକ ପାଇଁ ପିଣ୍ଡି କରିଥିଲେ। ଏହାକୁ ଅସବର୍ଣ୍ଣ ଲୋକମାନେ ବିରୋଧ କରିଥିଲେ। ତେଣୁ ସବର୍ଣ୍ଣ ଲୋକମାନେ ଦଳିତ ସାହି ଲୋକମାନଙ୍କୁ ମାଡ ମାରିଥିଲେ। ଏନେଇ ଅଭିଯୋଗ ହେବାପରେ ତଦନ୍ତାଧିକାରୀ ଡିଏସପି ମିନତି ବିଶ୍ୱାଳ ଘଟଣାସ୍ଥଳକୁ ୨ ଥର ଯାଇ ତଦନ୍ତ କରିଛନ୍ତି। ମାତ୍ର ଏହି ଘଟଣାର ସମ୍ପୃକ୍ତ ଅଭିଯୁକ୍ତମାନେ ଗାଁରେ ବୁଲୁଥିଲେ ମଧ୍ୟ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରୁନାହିଁ। ଫଳରେ ଦଳିତ ଲୋକଙ୍କୁ ପୁନଃର୍ବାର ଧମକ ଚମକ ଦେଇ ଭୟଭିତ କରାଯାଇ ରାସ୍ତା ବଜାର ବନ୍ଦ କରିଥିବା ଅଭିଯୋଗ ହୋଇଛି ବୋଲି ଫୋରମ୍ ପକ୍ଷରୁ ଜିଲା ଆରକ୍ଷୀ ଅଧୀକ୍ଷକ ଭିନୀତ ଅଗ୍ରୱାଲଙ୍କୁ ତାଙ୍କ କାର୍ଯ୍ୟାଳୟରେ ଅବଗତ କରାଯାଇଛି। ଆରକ୍ଷୀ ଅଧୀକ୍ଷକ ଅଭିଯୋଗ ପାଇବା ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଜୀବନବିନ୍ଦୁରେ ୧୫୦୮ ୟୁନିଟ୍ ରକ୍ତ ସଂଗ୍ରହ


ଅତିଥିମାନେ ରକ୍ତଦାତାଙ୍କୁ ଉତ୍ସାହିତ କରୁଛନ୍ତି।

**ଚଣ୍ଡିଖୋଲ,୩।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):** ବଡ଼ଚଣା ବିଜୁ ଜନତା ଦଳ ପକ୍ଷରୁ ରବିବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଟି କେନ୍ଦ୍ର ଜରିଆରେ ୧୫୦୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଜୀବନବିନ୍ଦୁ କାର୍ଯ୍ୟକ୍ରମର ରାଜ୍ୟ ଆବାହକ ଅରୂପ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଓ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଚଣ୍ଡିଖୋଲ ବିଜୁ କଲ୍ୟାଣ ମଣ୍ଡପଠାରେ ୨୮୬ ୟୁନିଟ, ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ୨୫୬ ୟୁନିଟ୍, ବାଲିଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୧୮୫ ୟୁନିଟ୍, ଛତିଆ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟରେ ୨୧୮ ୟୁନିଟ୍, ବଡ଼ଚଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ୩୪୮ ୟୁନିଟ୍ ଓ ଗୋପାଳପୁର କଳ୍ପନା ଦେବୀ ବିଦ୍ୟାପୀଠରେ ଶିବିର ଆୟୋଜନ କରାଯାଇ ୨୧୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି।

ଟିମ୍ ବଡ଼ଚଣା ସଭାପତି ଅଦ୍ୱିତୀୟ ଶତପଥୀ, ବିଧାୟକ ଶତପଥୀ ଓ ଏମ୍‌ପି ସେଠୀ ସମସ୍ତ କେନ୍ଦ୍ର ପରିଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ବିଜେଡି ସଭାପତି ଅରବିନ୍ଦ ସାମଲ, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ମିହିର କୁମାର ସ୍ୱାଇଁ, ବିପିନ ବିହାରୀ ଜେନା, ପ୍ରବୀର ସାମଲ, ଫଣିନ୍ଦ୍ର ପଣ୍ଡା, ଅନନ୍ତ ସିଂହ, ପ୍ରକାଶ ପ୍ରଧାନ, ସଞ୍ଜୟ ସ୍ୱାଇଁ, ଦୀପକ ସାହୁ, ନିରଞ୍ଜନ ସେନାପତି, ସେକ୍ ମୋଇନ ଅହମ୍ମଦ, ବିପିନ ବିଶ୍ୱାଳ, ନବଦୀପ ନାୟକ ଓ ମନ୍ମଥ କୁମାର ସାହେବ ରାୟ ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭିନ୍ନକ୍ଷମ ଦିବସ ପାଳିତ

**ଯାଜପୁର ସଦର,୩।୧୨(ସମର ବିଜୟ ଶରଣ):** ଯାଜପୁର ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ତରଫରୁ ଜିଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ସ୍ଥାନୀୟ ବୈଦ୍ୟରାଜପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ନିବେଦିତା ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯାଜପୁର ଅତିରିକ୍ତ ଜିଲାପାଳ ନବକୃଷ୍ଣ ଯେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମଗ୍ର ଶିକ୍ଷା କାର୍ଯ୍ୟାଳୟର ବରିଷ୍ଠ ସହାୟକ ନାରାୟଣ ମହାଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହ ଶିକ୍ଷାଧିକାରୀ ଶଶୀଧର ସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଯାଜପୁର ସମଗ୍ର ଶିକ୍ଷା ଆନ୍ତଃନିବେସୀ ଶିକ୍ଷା ସଂଯୋଜିକା ବନ୍ଦନା ଯେନା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟଉପରେ ବିବରଣୀ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତାଭାବେ ଏଡିପିଏଚ୍‌ଓ ଡା. ଦେବରାଜ ହାଁସଦା ଯୋଗଦେଇ ବକ୍ତ୍ୟବ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ଶରତ ଚନ୍ଦ୍ର ଦାସ, ରମେଶ ଚନ୍ଦ୍ର ପାତ୍ର, ସ୍ମୃତି ରଞ୍ଜନ ମହାନ୍ତି, ଗାୟତ୍ରୀ ମହାନ୍ତି ଓ ଜ୍ୟୋସ୍ନାମୟୀ ଧଳ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଉପକରଣ ବଣ୍ଟନ କରାଯିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

### ମହିଳା ସମିତି ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ


ଭିନ୍ନକ୍ଷମମାନଙ୍କ ଗହଣରେ ମହିଳା ସମିତିର ସଦସ୍ୟାମାନେ।

**ଯାଜପୁରରୋଡ୍,୩।୧୨ (ପବିତ୍ର ରଞ୍ଜନ ମହାନ୍ତି):** ନବ ଉତ୍କଳ ମହିଳା ସମିତି ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ରବିବାର ସକାଳେ ଯାଜପୁରରୋଡ୍ ଶାନ୍ତିନିବାସରେ ରହୁଥିବା ୫୦ ଜଣ ଭିନ୍ନକ୍ଷମଙ୍କୁ ସମିତି ପକ୍ଷରୁ ଶୀତ ବସ୍ତ୍ର ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ସମିତି ସଭାନେତ୍ରୀ ଅମୂଲୀ ପହି, ଉପସଭାନେତ୍ରୀ ମମତା ବର୍ଦ୍ଧନ, ସମ୍ପାଦିକା ଜୟନ୍ତୀ ଜେନା, ସହସମ୍ପାଦିକା ଜେମାମଣି କଅଁର ଓ ପରିଷଦ ସଭ୍ୟା ସସ୍ମିତା ଦିଗାଲଙ୍କ ସମେତ ଶାନ୍ତିନିବାସର ଅଧ୍ୟକ୍ଷ ଅନୁରଞ୍ଜନ ସାର ଏବଂ ଉପାଧ୍ୟକ୍ଷ ବ୍ରଦର ଜନ ପ୍ରମୁଖ ଉପସ୍ଥିତ ଥିଲେ।

# ରଘୁନାଥ ଉଚ୍ଚ ବିଦ୍ୟାପୀଠରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ

**ଝୁମ୍ପୁରୀ,୩।୧୨(ସରୋଜ ନାୟକ):** ଦଶରଥପୁର ବ୍ଲକ୍ କନିକାପଡ଼ା ପଞ୍ଚାୟତ ଦାମୋଦରପୁରର ରଘୁନାଥପୁର ଉଚ୍ଚ ବିଦ୍ୟାଳୟରେ ଓଷ୍ଟା ପକ୍ଷରୁ ୪୦ତମ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ବ୍ଲକ୍ ସଭାପତି ଉମେଶ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ବ୍ଲକ୍ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ବିଭାଗର ଅନ୍ୱେଷଣ ପ୍ରତିଭା ବାହାର କରିବା ନିମନ୍ତେ ଏହି ଉତ୍ସବ ସହାୟକ ହୋଇପାରୁଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତାଭାବେ ଓଷ୍ଟା ଜିଲା ସମ୍ପାଦକ ଅମୂଲ୍ୟ କୁମାର ଦାସ, ସମ୍ମାନିତ ଅତିଥି ଶିକ୍ଷକନେତା ଧନଞ୍ଜୟ କେଶରୀ ରାଉତରାୟ, ପୀତାମ୍ବର ସ୍ୱାଇଁ ଓ ଦିଗାମ୍ବର ସାହୁ ପ୍ରମୁଖ ଯୋଗଦେଇ ଉତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ। ବ୍ଲକ୍ ଓଷ୍ଟା ସମ୍ପାଦକ ଶ୍ରୀକାନ୍ତ କୁମାର ସାହୁ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍ସବରେ ବୃତ୍ତି ପରୀକ୍ଷା, ଅଭିନୟ, ବକ୍ତୃତା, ନୃତ୍ୟ ଓ ଚିତ୍ରାଙ୍କନ ସମେତ ୧୦ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକ୍‌ର ୩୦ ବିଦ୍ୟାଳୟରୁ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିଲେ।


ଶିଶୁ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ଆକାଶଙ୍କ ମିଶନ ସବୁଜ କୋରେଇ ଅଭିଯାନ

**ପାଣିକୋଇଲିରେ ୧୫୦୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସମାଗମ**


କାର୍ଯ୍ୟକ୍ରମରେ ଆକାଶ ଦାସନାୟକ ଏବଂ ଅନ୍ୟମାନେ।

**କୋରେଇ,୩।୧୨(ଚନ୍ଦ୍ରକାନ୍ତ ପତି):** କୋରେଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାଣିକୋଇଲି ପଞ୍ଚାୟତରେ ରବିବାର ପୂର୍ବାହ୍ନରେ ପୂର୍ବତନ ବିଧାୟକ ତଥା ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସ ନାୟକଙ୍କ ପକ୍ଷରୁ ମିଶନ ସବୁଜ କୋରେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଚାନ୍ଦପୁର ଗ୍ରାମର ଲକ୍ଷ୍ମୀନୃସିଂହ ମନ୍ଦିରଠାରୁ ଏକ ବିଶାଳ ମୋଟରସାଇକେଲ ଶୋଭାଯାତ୍ରାରେ ଆକାଶଙ୍କୁ ପାଣିକୋଇଲି, ଅଳତିରି ଗ୍ରାମ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ଆକାଶ ଚାନ୍ଦପୁର ଗ୍ରାମର ଲକ୍ଷ୍ମୀନୃସିଂହ ମନ୍ଦିର ପ୍ରାଙ୍ଗଣରେ ଗ୍ରାମର ମୁରବୀ ଓ ମା'ମାନଙ୍କ ସହିତ ଚାରାରୋପଣ କରିଥିଲେ। ଏଥିସହିତ ପାଣିକୋଇଲି, ଅଳତିରି ଗ୍ରାମରେ ୪୦୦୦ ପିଜୁଳି, ଆମ୍ବ ଓ ପଣସ ଆଦି ଚାରାବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଯୋଗୁ ବିଭିନ୍ନ ପ୍ରକାର ପ୍ରାକୃତିକ ବ୍ୟାପର୍ଯ୍ୟାୟ ଘଟୁଛି। ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ଧନଜୀବନ ହାନୀ ହେଉଥିବା ପରିଲକ୍ଷିତ ହେଉଛି। ଗଛ ଲଗାଇବା ଦ୍ୱାରା ଏହିସବୁ ସମସ୍ୟାରୁ କିଛି ମାତ୍ରାରେ ମୁକ୍ତି ମିଳିପାରିବ ବୋଲି ଆଶା ବାନ୍ଧିଛନ୍ତି ଆକାଶ। ଏଥିସହିତ ଏହି ଗଛ ଛାଇରେ ଲୋକେ ଆରାମ ପାଇବେ, ରାସ୍ତାରେ ଯାତାୟାତ କରୁଥିବା ପଥଚାରୀ ନିଜର କ୍ଳାନ୍ତ ମେଣ୍ଟାଇ ପାରିବେ ବୋଲି ଆକାଶ କହିଛନ୍ତି। ତେଣୁ ନିଜର କର୍ମମୟ ଜୀବନରୁ ସମୟ ବାହାରକରି କିଛି କିଛି ଗଛ ଲଗାଇବାକୁ ସେ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ପାଣିକୋଇଲି ପୂର୍ବତନ ସରପଞ୍ଚ ବିଷ୍ଣୁଚରଣ ରାଉତ, କଳ୍ପତରୁ ମହାପାତ୍ର, ସୂର୍ଯ୍ୟମଣି ପଣ୍ଡା, ଆନନ୍ଦ ସାହୁ, ଶଶିକାନ୍ତ ମଲ୍ଲିକ, ନିରଞ୍ଜନ ନାୟକ, ପୂର୍ବତନ ସମିତିସଭ୍ୟ ଏସ୍‌କେ ଜହର ଅଲ୍ଲି, ସରପଞ୍ଚ ପଦ୍ମାବତୀ ପଣ୍ଡା, ମମତା ପଣ୍ଡା, ତାରିଣୀ ପଟ୍ଟନାୟକ, ଆମେ ବିପଦର ସାଥୀର ସମସ୍ତ ସଦସ୍ୟ, ହେଲ୍ପିଂ ଗ୍ରୁପ୍ର ସଦସ୍ୟ, ପୂର୍ବତନ ସମିତି ସଭ୍ୟ କୁଳମଣି ଦାସ ଓ ଅଶୋକ ବାରିକ ପ୍ରମୁଖ ସହଯୋଗ କରିଥିଲେ।

**ରାଜପଥ କଡ଼ରେ ତେଲ ଷ୍ଟୋର ଅଗ୍ନିକାଣ୍ଡ ଘଟଣା: ୨ ଗିରଫ**

ପାରାଦୀପ,(ଶରତ ରାଉତ): ପାରାଦୀପ ଲକ୍ଆନା ଅନ୍ତର୍ଗତ ପିପିଏଲ୍ ଛକ ଜାତୀୟ ରାଜପଥ କଡ଼ରେ ନଭେମ୍ବର୨୨ରେ ଏକ ଚୋରା ତେଲ ଷ୍ଟୋର ନିଆଁ ଲାଗି ଜଳିଯାଇଥିଲା। ଉକ୍ତ ଅଗ୍ନିକାଣ୍ଡରେ ଦୁଇଟି ଟ୍ରକ ଓ ଗୋଟିଏ କଣ୍ଟେନର ଜଳି ଯାଇଥିଲା। ଏହି ଘଟଣାରେ ପୋଲିସ ରବିବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତନ୍ମୟ କୁମାର ପ୍ରଧାନ ଓ ଚକ୍ରଧର ମଲ୍ଲିକ। ପୋଲିସ ଏନେଇ ୫୩୧/୨୩ରେ ମାମଲା ରୁଜୁ କରିଛି। ତେଲ ଷ୍ଟୋର କରିଥିବା ଶ୍ରୀବତ୍ସଙ୍କ ସହ ପାରିବାରିକ ଓ ଅର୍ଥ ନେଣଦେଣକୁ ନେଇ ବିବାଦ ଥିଲା ବୋଲି ସୂଚନା ମିଳିଛି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ମହିଳା ମୃତ

ରାଜକନିକା, ୩।୧୨(ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ଅଞ୍ଚଳର ଚନ୍ଦନ ପୋଖରୀରେ ରବିବାର ସନ୍ଧ୍ୟାରେ ଜଣେ ମହିଳା ବୁଡ଼ି ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସେ ହେଲେ ଝରମୁହଁ ଗାଁର ବୈଦେହୀ ପୃଷ୍ଟି (୬୫)। ସନ୍ଧ୍ୟାରେ ଶୌଚ ହେବାକୁ ଚନ୍ଦନ ପୋଖରୀକୁ ଯାଇଥିବା ବେଳେ କୌଣସି କାରଣରୁ ପାଣିରେ ବୁଡି ଯାଇଥିଲେ। ଚନ୍ଦନ ପୋଖରୀ ଛକରୁ କେହି ଦେଖି ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପାଣିରୁ ମହିଳାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ତାଙ୍କର ନିଜର ଆତ୍ମୀୟ ସ୍ୱଜନ କେହି ନ ଥିବାରୁ ତାଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ରାଜକନିକା ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସନ୍ଧ୍ୟା ଯୋଗୁ ମୃତଦେହ ବ୍ୟବଚ୍ଛେଦ ନ ହୋଇପାରି ଆଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଥିବା ଜଣାପଡିଛି।

### ବ୍ଲକସ୍ତରୀୟ ବିଶ୍ୱ ଭିନ୍ନକ୍ଷମ ଦିବସ

ରାଜନଗର, ୩।୧୨ (ଭାସ୍କର ରାଉତରାୟ)

ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ସିଆରସିସି ମଧୁସୂଦନ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଭିନ୍ନକ୍ଷମ ଦିବସର ତାତ୍ପର୍ଯ୍ୟ ସୂଚନା ଦେଇଥିଲେ। ଏଥିରେ ବିଆରଟିରଶ୍ମୀ ରଞ୍ଜନ ଜେନା, ହେମନ୍ତ କୁମାର ମଲ୍ଲିକ, ସିଆରସିସି ଚନ୍ଦ୍ରକାନ୍ତ ରାଉତ, ସମରେନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର, ଚିତ୍ରାଙ୍କନ ବିଭାଗରେ ପ୍ରତିଯୋଗିତା କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ଅଖିଳେଶ ରାଉତ ଯୋଗ ଦେଇଥିବା ବେଳେ ଗଦାଧର ରାଉତ, ରାଜୀବ ଲୋଚନ ସ୍ୱାଇଁ, ଅଭିରାମ ପାତ୍ର, କୁଞ୍ଜନ ନାୟକ, ଗଣେଶ୍ୱର ପଲାଇ ପ୍ରମୁଖ ପରିଚାଳନା କରିଥିଲେ।

### କଳିଙ୍ଗ ବାଲିଯାତ୍ରା ଉଦ୍‌ଯାପିତ

ପାରାଦୀପ,୩।୧୨(ଶରତ ରାଉତ)

ପାରାଦୀପର ସମୁଦ୍ର ବେଳାଭୂମିରେ ଗତମାସ ୨୬ରୁ ଚାଲିଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବ ରବିବାର ଶେଷ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ପୁରୁଣା ଡାକ୍ତରଖାନାରେ ହେବ

କେନ୍ଦ୍ରାପଡ଼ା, ୩।୧୨(ଜଗନ୍ନାଥ ଧଳ)

୨୦୨୪ ଜାନୁୟାରୀରେ କେନ୍ଦ୍ରାପଡ଼ା ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ସହରର ଖଡିଅଙ୍ଗସ୍ଥିତ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ସୂଚନା ମିଳିଛି। ଏହି ଦିବସ ସହରର ଟାଉନ ହଲ୍‌ଠାରେ ରବିବାର ଅନୁଷ୍ଠିତ ହୋଇଥିଲା। ଏଡିଏମ୍ ପୀତାମ୍ବର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ବେହେରା କହିଲେ, ଭିନ୍ନକ୍ଷମଙ୍କୁ ପ୍ରୋତ୍ସାହନ ଅଭାବରୁ ଅବହେଳାର ଶିକାର ହେବାକୁ ପଡୁଥିଲା। ଏବେ ସରକାରଙ୍କ ଯୋଜନା ସେମାନଙ୍କ ଜୀବନଶୈଳୀକୁ ବଦଳାଇ ଦେଇଛି। କ୍ରୀଡାଠାରୁ ସରକାରୀ ବେସରକାରୀ କର୍ମନିଯୁକ୍ତି କ୍ଷେତ୍ରରେ ପାରଦର୍ଶିତା ଦେଖିବାକୁ ମିଳୁଛି। ସେମାନଙ୍କ ପାଇଁ ଚିହ୍ନଟ, ଚିକିତ୍ସା, ଶିକ୍ଷା, ତାଲିମ, ଚାକିରି, ଛାତ୍ରବୃତ୍ତି, ଭିନ୍ନକ୍ଷମ ପ୍ରମାଣପତ୍ର, ବସ୍ ରିହାତି, ଆପତ୍ତି ଅଭିଯୋଗ ଓ ଅନ୍ୟ ସୁବିଧା ପାଇଁ ବ୍ୟବସ୍ଥା ହୋଇଛି। ସମସ୍ତଙ୍କ ସହଯୋଗ ଦ୍ୱାରା ସେମାନେ ଭିନ୍ନକ୍ଷମତା ଥିବା ମଣିଷ ଭାବେ ସମାଜରେ ଆଦର ପାଉଛନ୍ତି। କେନ୍ଦ୍ରାପଡ଼ା ଜିଲାରେ ଏହି ଯୋଜନାର ସଫଳ ରୂପାୟନ ହୋଇ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ପାଇବାକୁ ଯୋଗ୍ୟ ହୋଇଛି। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡା. ବୀରେନ୍ଦ୍ର କୁମାର ଦାସ, ଡା. ଜ୍ଞାନରଞ୍ଜନ ଦାସ, ସ୍ୱପ୍ନାଂଶୁ କୁମାର ଦାସ, ସମୀର କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଭିନ୍ନକ୍ଷମ ରଣଜିତ ନାୟକ, ଉମାକାନ୍ତ ଦାସ, ଭୀଷ୍ମ କୁମାର ଦାସ, ସୁଦର୍ଶନ ମାଝିଙ୍କୁ ସହାୟତା ଉପକରଣ, ରାଜଲକ୍ଷ୍ମୀ ବିଶ୍ୱାଳ, ସୌମ୍ୟରଞ୍ଜନ ବିଶ୍ୱାଳ, ବାବୁରାମ ଜେନା ଓ ମିନତି ଜେନା, ପ୍ରଦୀପ ମଲ୍ଲିକ ଓ କାମିନୀ ମଲ୍ଲିକଙ୍କୁ ଭିନ୍ନକ୍ଷମ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଦାସ ଜିଲାରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆର ସିଂହ, ଉପଖଣ୍ଡ ଜିଲା ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲି ପ୍ରିୟଦର୍ଶିନୀ ପ୍ରମୁଖ ପରିଚାଳନା କରିଥିଲେ।



ଅତିଥିମାନେ ବୀରେନ୍ଦ୍ର କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଦୁମୁକାହାଟ ଗାଁରେ ୨ପରିବାରର ୬ବଖରା ଜଳିଗଲା

ଡେରାବିଶ, ୩।୧୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ (ରଥପଡ଼ିଆ) ଗ୍ରାମରେ ରବିବାର ମଧ୍ୟାହ୍ନରେ ନିଆଁ ଲାଗି ୨ ପରିବାରର ୬ ବଖରା ପୋଡ଼ି ଯାଇଛି। ମଧ୍ୟାହ୍ନରେ ପ୍ରଥମେ ଗ୍ରାମର ଗୋବିନ୍ଦ ରାଉତଙ୍କ ଚାଳଛପର ଘରେ କୌଣସି କାରଣରୁ ନିଆଁ ଲାଗିଥିଲା। ଗ୍ରାମବାସୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଚାହୁଁଚାହୁଁ ଏହି ନିଆଁ ଗୋବିନ୍ଦଙ୍କ ପଡୋଶୀ ମୃତ୍ୟୁଞ୍ଜୟ ରାଉତଙ୍କ ଘରକୁ ମଧ୍ୟ କବଳିତ କରିଥିଲା। ଖବରପାଇ ଡେରାବିଶ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଗୋବିନ୍ଦଙ୍କ ୪ବଖରା ଖଞ୍ଜାଘର ଓ ମୃତ୍ୟୁଞ୍ଜୟଙ୍କ ୨ବଖରା ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଥିଲା। ନିଆଁର ପ୍ରକୋପ ଏତେ ଥିଲା ଯେ ଅଗ୍ନିବିପନ୍ନ ଉଭୟ ପରିବାରର ସଦସ୍ୟମାନେ ପିନ୍ଧିଥିବା ବସ୍ତ୍ର ବ୍ୟତୀତ ଅନ୍ୟ କୌଣସି ଆସବାବପତ୍ର, ଧାନ, ଚାଉଳ, ଘରେ ଥିବା ସମସ୍ତ ଦରକାରୀ କାଗଜପତ୍ର, ନଗଦ ଟଙ୍କା ଓ ଅଳଙ୍କାରକୁ ଉଦ୍ଧାର କରିବା ସମ୍ଭବପର ହୋଇ ପାରି ନ ଥିଲା। ଖବରପାଇ ଗୋଲରାହାଟ ରାଜସ୍ୱ ସର୍କଲ ଆର୍‌ଆଇ ଅଗ୍ନିକାଣ୍ଡ ସ୍ଥଳରେ ପହଞ୍ଚି ଉଭୟ ପରିବାରର କ୍ଷୟକ୍ଷତି ସମ୍ପର୍କରେ ଆକଳନ କରିଛନ୍ତି। ଉଭୟ ଗରିବ ବିପନ୍ନ ପରିବାରକୁ ତୁରନ୍ତ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି।

# ସାହିତ୍ୟ ମଣିଷକୁ ଗଢ଼େ, ସମାଜକୁ ଯୋଡ଼େ


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବିରିଡ଼ି, ୩।୧୨(ପ୍ରଶାନ୍ତ କୁମାର ରାଉତ)

ସାହିତ୍ୟ ମଣିଷକୁ ଗଢ଼େ ଓ ସମାଜକୁ ଯୋଡ଼େ। ସାହିତ୍ୟ ପାଇଁ ଆଜି ରାଜନୀତି, ଧର୍ମ ଓ ସାହିତ୍ୟର ତ୍ରିବେଣୀ ସଙ୍ଗମ ଘଟିଛି। ରାମାୟଣ ସତ୍ୟର ପ୍ରତୀକ ଥିବା ବେଳେ ମହାଭାରତ ରାଷ୍ଟ୍ରୀୟ ଧର୍ମ ଓ ଭାଗବତ ଭକ୍ତି ଭାବନାକୁ ଏକାକାର କରିଛି। ଭାରତୀୟ ସାହିତ୍ୟ ଏହି ଦିଗ୍‌ଦର୍ଶନ ପୃଥିବୀକୁ ଦେଇଛି ବୋଲି ରବିବାର ବିରିଡି ବ୍ଲକ ଦଳେଇଘାଇସ୍ଥିତ ଆଷାଢ଼ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ଯୋଗଦେଇ ସାହିତ୍ୟିକମାନେ କହିଛନ୍ତି । ହାଜିପୁରସ୍ଥିତ ଜେନେସିସି ଆଇଟିଆଇ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବକୁ ଧାନକୁଦ ପୀଠର ପୀଠାଧୀଶ ବାବା ଅରକ୍ଷିତ ଦାସ ମହାରାଜ ଉଦ୍‌ଘାଟନ କରିଥିଲେ। ସଂସଦର ସଭାପତି କବି ପୀତାମ୍ବର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅତିଥିଭାବେ ଡ. ଶ୍ରୀଚରଣ ଦାସ, ସାହିତ୍ୟିକ ବ୍ରଜକିଶୋର ଦାଶ, ଅଧ୍ୟାପିକା ପ୍ରତିଭା ସାହୁ, ଗୀତିକବି ବାମଦେବ ସ୍ୱାଇଁ, ଡ. ତୋଫାନ କୁମାର ଜେନା ଯୋଗଦେଇ ଥିଲେ । ଏହି ଅବସରରେ ଅତିଥିମାନେ

**ଆଷାଢ଼ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ**

ଆଷାଢ଼ର ବାର୍ଷିକ ସଂଖ୍ୟା ଓ ଦିଗମ୍ବର ସ୍ୱାଇଁଙ୍କ ଗୀତି ସଙ୍କଳନ 'ପ୍ରୀତି ସହାନାଇ'କୁ ଲୋକାର୍ପଣ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଭାଗୀରଥି ଦାସଙ୍କୁ ସାରସ୍ୱତ ସମ୍ମାନ, ସଚ୍ଚିଦାନନ୍ଦ ମିଶ୍ରଙ୍କୁ ଆଷାଢ଼ ସମ୍ମାନ, ପୀନାକୀ ସିଂଙ୍କୁ ଆଷାଢ଼ କବିତା ସମ୍ମାନ, ସନ୍ନିଭା ମିଶ୍ର ଦାଶଙ୍କୁ ଆଷାଢ଼ ଗଳ୍ପ ସମ୍ମାନ, ଅରୁଣ ମନ୍ତ୍ରୀଙ୍କୁ ଆଷାଢ଼ ଗୀତି ସମ୍ମାନ, ପ୍ରତାପ ବେହେରାଙ୍କୁ ଆଷାଢ ବ୍ୟଙ୍ଗ ସମ୍ମାନ, ଅଶୋକ ବେହେରାଙ୍କୁ ଆଷାଢ଼ ସୃଜନ ସମ୍ମାନ, ପ୍ରଣତି ତ୍ରିପାଠୀଙ୍କୁ ବର୍ଷା ସମ୍ମାନ, ଅଶୋକ ଲେଙ୍କାଙ୍କୁ ସୁଦର୍ଶନ ଶତପଥୀ କାବ୍ୟ ସମ୍ମାନ, ଅଶୋକ ସିଂହଙ୍କୁ ପରମାନନ୍ଦ ସାହୁ ସେବା ସମ୍ମାନ, ପ୍ରତ୍ୟୁଷ କୁମାରଙ୍କୁ ଆଷାଢ଼ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ ଗୁରୁପ୍ରସାଦ ରଥ ବେଦପାଠ, କାଦମ୍ବିନୀ ପରିଜା ସ୍ୱାଗତ ଭାଷଣ ଦେଇଥିବାବେଳେ ସୌମେନ୍ଦ୍ର ମହାପାତ୍ର ସଂଯୋଜନା ଓ ଦିଗାମ୍ବର ଧନ୍ୟବାଦ ଦେଇଥିଲେ।

# କେନ୍ଦ୍ରାପଡ଼ା ଜିଲା କାମ୍ବୋରୀ ଉଦ୍‌ଯାପିତ


କ୍ୟାମ୍ବୋରୀ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଧ୍ରୁବ ସାହୁ, ଜାତୀୟ ସ୍କାଉଟ ଉପସଭାପତି ଡ. କାଳୀପ୍ରସାଦ ମିଶ୍ର ଓ ଅନ୍ୟମାନେ।

ରାଜନଗର, ୩।୧୨(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ନାଗାନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ୩ ଦିନିଆ କେନ୍ଦ୍ରାପଡ଼ା ଜିଲ୍ଲା କାମ୍ବୋରୀ ଉଦ୍‌ଯାପିତ ହୋଇଯାଇଛି। ସ୍କାଉଟ ମାଷ୍ଟର ସରୋଜକାନ୍ତ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ଉଦ୍‌ଘାଟକ ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ସାହାସୀ ହେବା ସହିତ ଆତ୍ମ ନିର୍ଭରଶୀଳ ହୋଇପାରିଲେ, ସେମାନେ ଦେଶ ପାଇଁ ଗୌରବ ଆଣିବେ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତ ସ୍କାଉଟ ଆଣ୍ଡ ଗାଇଡର ଚିପ୍ କମିଶନର ତଥା ଜାତୀୟ ସ୍କାଉଟ ଉପସଭାପତି ଡ. କାଳିପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ଭାରତ ସ୍କାଉଟ୍ ଅଣ୍ଡ ଗାଇଡର ସଙ୍ଗଠନ ସମ୍ପାଦିକା ଅନାମିକା ଦାସ, ଜିଲା ଶିକ୍ଷା ଅଧିକାରିଣୀ ଶୁଭଲକ୍ଷ୍ମୀ ନାୟକ, ନୋଡାଲ ପ୍ରଧାନ ଶିକ୍ଷକ ଶୁଭ୍ରଜ କୁମାର ବରାଳ, ପରିଚାଳନା କମିଟି ସଭାପତି କାର୍ତ୍ତିକ ଚନ୍ଦ୍ର ବେହେରା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ଉପାଧ୍ୟକ୍ଷ ସୁଦର୍ଶନ ଦାସ, ସାମାଜିକ କର୍ମୀ ଲକ୍ଷ୍ମୀଧର ବାରିକ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଂସ୍କୃତି ଓ ପରମ୍ପରା ଅକ୍ଷୁର୍ଣ୍ଣ ରଖିବାରେ, ଛାତ୍ରୀଛାତ୍ରଙ୍କୁ ଆତ୍ମ ନିର୍ଭରଶୀଳ ଓ ସାହାସୀ ହେବାରେ ଏବଂ ଦେଶ ଗଠନରେ ସ୍କାଉଟ୍ ଆଣ୍ଡ ଗାଇଡର ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ। ନାଗାନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମାନସ ରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ। ଚଳିତବର୍ଷ ଚଉଦକୁଳାଟର ଜଗନ୍ନାଥ ବିଦ୍ୟାପୀଠ କ୍ରମାଗତ ଭାବେ ୪ର୍ଥ ବର୍ଷ ପାଇଁ ଚମ୍ପିୟାନ ଘୋଷିତ ହୋଇଥିଲେ। ବେଷ୍ଟ ସ୍କାଉଟ୍ ମାଷ୍ଟର ଭାବେ ରିତେଶ କୁମାର ବେହେରା, ଗାଇଡ କ୍ୟାପଟେନ ଭାବେ ଗାୟତ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବିରରେ ୫୮୦ ସ୍କାଉଟ ଆଣ୍ଡ ଗାଇଡ ଛାତ୍ରୀଛାତ୍ର ଯୋଗ ଦେଇଥିବା ବେଳେ ୬୦ଜଣ ସ୍କାଉଟ ମାଷ୍ଟର ଓ ଗାଇଡ କ୍ୟାପଟେନ ଯୋଗଦେଇଥିଲେ। ଏହି ଶିବିରକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ, ପରିଚାଳନା କମିଟିର ସଭ୍ୟାସଭ୍ୟ ଓ ପୁରାତନ ଛାତ୍ରୀଛାତ୍ରମାନେ ପରିଚାଳନା କରିଥିଲେ। ଡିଓସି ସ୍କାଉଟ୍ ଦେବରାଜ ନାୟକ, ବିସି ଗାଇଡ ଜୟନ୍ତୀ ଦେଈ, ହରପ୍ରିୟା କର, ଗାଇଡ ଟ୍ରେନିଂ କମିଶନର ଅର୍ନ୍ନପୂର୍ଣ୍ଣ ତୁଲି, ସ୍କାଉଟ୍ ଟ୍ରେନିଂ କମିଶନର ଗୋପୀନାଥ ଦ୍ୱିବେଦୀ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ବେକରେ ଗାମୁଛା ବାନ୍ଧି ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ପଟ୍ଟାମୁଣ୍ଡାଇ, ୩।୧୨
(କଳ୍ପତରୁ ନାୟକ/ ଅକ୍ଷୟ ବିଶ୍ୱାଳ)

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳରେ ରବିବାର ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହକୁ ଜବତ କରାଯାଇଛି। ମୃତ ଯୁବକ ହେଲେ ଆଳି ବ୍ଲକ ନାଟରା ଗାଁର ପ୍ରଦୀପ ସୁତାର (୩୯) ବୋଲି ଜଣାପଡ଼ିଛି। ପ୍ରଦୀପ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ପୋଖରିଆପଡା ଗାଁରେ ଦୀର୍ଘବର୍ଷ ଧରି ଭଡ଼ା ଘରେ ରହି କାଠକାମ କରି ନିଜର ପରିବାର ଚଳାଇ ଆସୁଥିଲେ। ଶନିବାର ବିଳମ୍ବିତ ରାତିରେ ପ୍ରଦୀପ ରହୁଥିବା ଭଡା ଘର ବାଡି ଆମ୍ବ ଗଛରେ ଏକ ଗାମୁଛା ସାହାଯ୍ୟରେ ବେକରେ ବାନ୍ଧି ମୃତ୍ୟୁ ହୋଇଥିବା ଜଣାପଡିଛି। ରବିବାର ସକାଳୁ ସ୍ଥାନୀୟ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବା ସହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରଦୀପଙ୍କ ମୃତ୍ୟୁ ସମ୍ପର୍କରେ ଜଣାପଡ଼ିବ ବୋଲି ଆଇଆଇସି ରଞ୍ଜିତ ମହାନ୍ତି ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ପ୍ରଦୀପଙ୍କ ଦେହରେ ସାମାନ୍ୟ କ୍ଷତ ଥିବାରୁ ଏହା ହତ୍ୟା ହୋଇଥାଇ ପାରେ ବୋଲି ପରିବାର ପକ୍ଷରୁ ସନ୍ଦେହ କରାଯାଉଛି। ତେବେ ଏହା ହତ୍ୟା ନାଁ ଆତ୍ମହତ୍ୟା ପୋଲିସ ଠିକ ମାର୍ଗରେ ତଦନ୍ତ କଲେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

### ଓଡ଼ିଶା କ୍ଷତ୍ରିୟ ଖଣ୍ଡାୟତ ମହାସଂଘ ଆଳି ବ୍ଲକର ବନ୍ଧୁ ମିଳନ

ଆଳି,୩।୧୨(ବନମାଳୀ ସେନାପତି)

ଓଡ଼ଶା କ୍ଷତ୍ରୀୟ ଖଣ୍ଡାୟତ ମହାସଂଘର ଆଳି ବ୍ଲକ ପକ୍ଷରୁ ଏକ ବନ୍ଧୁ ମିଳନ ଉତ୍ସବ ସିଙ୍ଗିରିର ଶୁଭମ୍ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସୁକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଆଳି ରାଜା ବ୍ରଜକେଶରୀ ଦେବ ଯୋଗଦେଇ ଥିବାବେଳେ ମହାସଂଘ ପ୍ରତିଷ୍ଠାତା ନିରଞ୍ଜନ ରଣସିଂଘ ଏବଂ ଅନ୍ୟ ରାଜ୍ୟ ଓ କେନ୍ଦ୍ରାପଡ଼ା ଜିଲାର ଅଶୋକ ଲେଙ୍କା, ଚନ୍ଦନ ପରିଡା, ଗୋଲେଖ ପଡିହାରୀ, ଦୁର୍ଯ୍ୟୋଧନ ମଲ୍ଲିକ, ପର୍ଶୁରାମ ରାଉତରାୟ, ଜଗତାନନ୍ଦ ବଳ, ଗଙ୍ଗାଧର ପରିଡା ପ୍ରମୁଖ ମତାମତ ରଖିଥିଲେ। ଜିଲା ସମ୍ପାଦକ ସୁମନ୍ତ ରାଉତ ସଭା ପରିଚାଳନା କରିଥିବା ବେଳେ ଜିଲାର ଉପଦେଷ୍ଟା ଧନେଶ୍ୱର ରାଉତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜିଲାର ସଭାପତି ଶରତ କୁମାର ବେହୁରାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଶହଦେବ ସିଂହ, ବିନୋଦ ପରିଡା, କମଳାକାନ୍ତ ସିଂହ,ରାଜେଶ ସ୍ୱାଇଁ, ମଞ୍ଜୁଲତା ସାମଲ ସହଯୋଗ କରିଥିଲେ।

# ମଣ୍ଡଳସ୍ତରୀୟ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ କ୍ରୀଡ଼ା ପ୍ରତିଯୋଗିତା

ଡେରାବିଶ, ୩।୧୨(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ପରିସରରେ ରବିବାର ମଣ୍ଡଳସ୍ତରୀୟ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ନିମନ୍ତେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଭିନ୍ନକ୍ଷମ ଦିବସ ଉପଲକ୍ଷେ ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଡେରାବିଶ ଶିକ୍ଷା ମଣ୍ଡଳ ଅଧୀନ ୨୬ଟି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରୁ ୮୦ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ତାଙ୍କ ପାରଦର୍ଶିତା ଦେଖାଇଥିଲେ। ଏହି ଉପଲକ୍ଷେ କାର୍ଯ୍ୟାଳୟ ପରିସରରେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନେ ବୃକ୍ଷରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୁଆଲସିଂ ସରପଞ୍ଚ ମଧୁସ୍ମିତା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ବରିଷ୍ଠ ଓ କନିଷ୍ଠ ବର୍ଗରେ ବିଭକ୍ତ କରାଯାଇ ଚିତ୍ରାଙ୍କନ, ମ୍ୟୁଜିକ୍ ଚେୟାର ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ମଧୁସ୍ମିତା ଦାସ, ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଦେବଦତ୍ତ ଶତପଥୀ ଓ ଶିକ୍ଷକ ଗୋପାଳ ଚନ୍ଦ୍ର ବାରିକ ଯୋଗଦେଇ ଏହି ପ୍ରତିଯୋଗିତା ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକାଶ କରିବାରେ ସହାୟକ ହେବ ବୋଲି କହିଥିଲେ। ଏଥିସହ ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ।

ଶିକ୍ଷକ ଜୟନ୍ତ ପ୍ରସାଦ ସ୍ୱାଇଁ ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ଆଲୋକ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଭବାନୀ ଶଙ୍କର ପଣ୍ଡା ଧନ୍ୟବାଦ ଦେଇଥିଲେ। ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବେ ନିରାକାର ମହାରଣା ଓ ଶୁଭମ ମହାରଣା ଯୋଗଦେଇଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତା ଓ ପରିବେଶ ସଚେତନତା କାର୍ଯ୍ୟକ୍ରମକୁ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ସୁଶାନ୍ତ କୁମାର ନାୟକ, ପ୍ରଦ୍ୟୁମ୍ନ କିଶୋର ଜେନା, ଗୋକୁଳି ତ୍ରିପାଠୀ, ଅନ୍ନପୂର୍ଣ୍ଣା ସାମଲ, ଦୀପକ କୁମାର ଦାସ, ସଞ୍ଜିତ କୁମାର ସ୍ୱାଇଁ, ସୁରେନ୍ଦ୍ର ଶତପଥୀ, ରମେଶ ଚନ୍ଦ୍ର ନାୟକ ପ୍ରମୁଖ ପରିଚାଳନା କରିଥିଲେ।


ଭିନ୍ନକ୍ଷମ ଦିବସରେ ଉପସ୍ଥିତ ଅତିଥିମାନେ।

# ଦିବ୍ୟାଙ୍ଗଙ୍କୁ ଆତ୍ମବଳ ଦେବା ପ୍ରତ୍ୟେକଙ୍କ ଦାୟିତ୍ୱ

**ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ**

ଜଗତ୍‌ସିଂହପୁର, ୩।୧୨
(ପ୍ରମୋଦ କୁମାର ନାୟକ)

ଦିବ୍ୟାଙ୍ଗମାନେ ସକ୍ଷମମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି। ଏହା ଥରେ ନୁହେଁ, ବାରମ୍ବାର ପ୍ରମାଣିତ ହୋଇଛି। ତେଣୁ ସେମାନଙ୍କ ପ୍ରତି ନକାରାତ୍ମକ ଭାବ ପୋଷଣ କରିବା ଅନୁଚିତ, ବରଂ ସେମାନଙ୍କ ମନରେ ଆତ୍ମବଳ ବୃଦ୍ଧି ସାଙ୍ଗକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଉଦ୍ୟମ ଜାରି ରହିବା ଆବଶ୍ୟକ। ରବିବାର ସ୍ଥାନୀୟ ଏକ ଅନୁଷ୍ଠାନ ପରିସରରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ଏହା କହିଛନ୍ତି। ସେମାନେ ଆହୁରି କହିଥିଲେ, ଦିବ୍ୟାଙ୍ଗ ଶିଶୁମାନଙ୍କ ଭିତରେ ଦିବ୍ୟଗୁଣ ଭରପୂର ରହିଛି। ତାର ପରିପ୍ରକାଶ ପାଇଁ ଉତ୍ତମ ପରିବେଶ ଓ ପ୍ରୋତ୍ସାହନ ଜରୁରୀ। ଅଷ୍ଟବକ୍ର ଋଷିଙ୍କଠାରୁ ହେନରୀ କିଲରଙ୍କ ପର୍ଯ୍ୟନ୍ତ ଦିବ୍ୟାଙ୍ଗମାନେ ବହୁ ଗୁଣର ଅଧିକାରୀ ଥିଲେ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମ ଆରମ୍ଭରୁ ଜିଲାରେ ୧୪,୮୬୭ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଦିଆଯାଇଥିବା କୁହାଯାଇଛି। ୨୦୨୨ରୁ ଏ ପର୍ଯ୍ୟନ୍ତ ୧୦୧ଟି ଟ୍ରାଇସାଇକେଲ, ୫୬ ହୁଇଲ ଚେୟାର, ୫ ଆଶାବାଡ଼ି, ୩ ବ୍ଲାଇଣ୍ଡ ଷ୍ଟିକ ଓ ୨୬ଟି ଶ୍ରବଣ ଯନ୍ତ୍ର ବଣ୍ଟନ କରାଯାଇଛି। ବିବାହ ସହାୟତା ରାଶି ବାବଦରେ ୨.୫ ଲକ୍ଷ ଟଙ୍କା ଲେଖାଁଏ ହିସାବରେ ୧୧ଜଣଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଛି। ୧୧ଜଣ ଭିନ୍ନକ୍ଷମ ମା'ବାପାଙ୍କୁ ସେମାନଙ୍କ ସନ୍ତାନଙ୍କ ଉଚ୍ଚ ଶିକ୍ଷା ପାଇଁ ସହାୟତା କରାଯାଇଛି। ଜଣେ ଭିନ୍ନକ୍ଷମ ଅନ୍ୟ ଜଣେ ସକ୍ଷମଙ୍କୁ ବିବାହ କଲେ ୨.୫ ଲକ୍ଷ ଟଙ୍କା ବିବାହ ସହାୟତା ରାଶି ଦିଆଯାଉଛି। ଏହି ହିସାବରେ କାର୍ଯ୍ୟକ୍ରମରେ ୫ ଜଣଙ୍କୁ ବିବାହ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହାବାଦ୍ ୮୬୭ ଜଣଙ୍କୁ ବାଣିଶ୍ରୀ ଛାତ୍ରବୃତ୍ତି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଜିଲାପାଳ ପାରୁଲ ପଟାୱାରି ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସକାଳେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏହାକୁ ଅତିରିକ୍ତ ଜିଲାପାଳ ଲଗ୍ନଜିତ୍ ରାଉତ ଶୁଭାରମ୍ଭ କରିଥିଲେ। ଜିଲା ସମାଜ ସୁରକ୍ଷା ଅଧିକାରୀ ସୁନିଲ ନାୟକ ଅତିଥି ପରିଚୟ ଓ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ସଦସ୍ୟ ଜଗନ୍ନାଥ ସାହୁ ଧନ୍ୟବାଦ ଦେଇଥିଲେ।


ଦିବ୍ୟାଙ୍ଗ ଦିବସରେ ଉପସ୍ଥିତ ଲୋକମାନେ।

## ସଂକ୍ଷେପରେ

### ସର୍ବଭାରତୀୟ ଏଲଆଇସି କ୍ରୀଡ଼ା

## ଦୌଡ଼ରେ ଆଶାରାଣୀଙ୍କୁ ବ୍ରୋଞ୍ଜ




**ଭଞ୍ଜନଗର, ୩।୧୨(ବାବୁଲା ପ୍ରଧାନ)** ସର୍ବଭାରତୀୟ ଏଲଆଇସି କ୍ରୀଡ଼ା ପ୍ରତିଯୋଗିତା ଗୋଆରେ ନଭେମ୍ବର ୨୮ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ଭଞ୍ଜନଗର ଏଲ୍ଆଇସି କାର୍ଯ୍ୟାଳୟର କର୍ମଚାରୀ ଆଶାରାଣୀ ପଣ୍ଡା ୮୦୦ ମିଟର ଦୌଡ ପ୍ରତିଯୋଗିତାରେ ଭାଗ ନେଇ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

## ନଗର ଭାଜପା କର୍ମକର୍ତ୍ତା ଚୟନ

**ବୁଗୁଡ଼ା,୩।୧୨(କାଳି ଚରଣ ଦାଶ):** ପୋଲସରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୁଗୁଡ଼ା ନଗର ମଣ୍ଡଳର ଏକ ସାଙ୍ଗଠନିକ ବୈଠକ କାଦପଡ଼ା ସ୍ଥିତ ଠାକୁରାଣୀ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସର୍ବସମ୍ମତି କ୍ରମେ ନୂତନ ମଣ୍ଡଳ କମିଟି ଗଠନ କରିବା ସହିତ ସଭାପତି ଭାବେ କେଦାରନାଥ ମହାରଣା ଏବଂ ସାଧାରଣ ସମ୍ପାଦକ ଭାବେ ସୁଜନ କୁମାର ଦାସଙ୍କୁ ଚୟନ କରାଗଲା। ବୈଠକରେ ପୂର୍ବତନ ସଭାପତି ତଥା ଆଇନଜୀବୀ ହରପ୍ରସାଦ ଦାସ, ବ୍ଲକ୍ ସଂଯୋଜକ ହରିକୃଷ୍ଣ ସାହୁ, କାର୍ଯ୍ୟକାରିଣୀ ସଦସ୍ୟ ଗଙ୍ଗାଧର ନାୟକ, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାପାତ୍ର, ଉପସଭାପତି କୈଳାଶ ପ୍ରଧାନ, ଗୌର ଚରଣ ପ୍ରଧାନ, ମନୋଜ କୁମାର ପାଣିଗ୍ରାହୀ, କାଉନସିଲର ପ୍ରତିନିଧି ଚିତ୍ତରଞ୍ଜନ ଦାସ, ଯୁବମୋର୍ଚ୍ଚା ସଭାପତି ଶୁଭମ୍ ମିଶ୍ର, ସାଧାରଣ ସମ୍ପାଦକ ସୁନିଲ କୁମାର ନାୟକ, ଅନୁସୂଚିତ ଜାତିର ମୋର୍ଚ୍ଚା ସଭାପତି ଗନ୍ଧମାର୍ଦ୍ଦନ ସେଠୀ ଉପସ୍ଥିତ ଥିଲେ।

## ବାସ ହରା ଜୀବନ କାଟୁଛନ୍ତି ହଳପାଣି



**ଖଜୁରିପଡ଼ା,୩।୧୨(ବିଦୁର ବେହେରା):** ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଦଳ ପଡା ପଞ୍ଚାୟତର ଲେମ୍ପା କୁମ୍ପା ଗ୍ରାମର ହଳପାଣି ଜାନି ବହୁ ଦିନ ହେବ ବାସ ହରା ହୋଇ ସାହି ପଡିଶାଙ୍କ ଘର ବାରଣ୍ଡାରେ ଜୀବନ କାଟୁଥିବା ଗ୍ରାମବାସୀ କହିଛନ୍ତି। ହଳ ପାଣିଙ୍କ କହିବା ଅନୁଯାୟୀ, ସେ ଘର ଖଣ୍ଡେ ପାଇଁ ପଞ୍ଚାୟତରେ ଦରଖାସ୍ତ କରିଥିଲେ କିନ୍ତୁ ଘର ଖଣ୍ଡେ ନ ମିଳିଥିବାରୁ କ୍ଷୋଭ ପ୍ରକାଶ କରିଛି। ସ୍ତ୍ରୀ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଆରପାରିକୁ ଚାଲି ଯାଇଥିବା ବେଳେ ପୁଅ ଝିଅ କେହି ନାହାନ୍ତି । ଏକାକୀ ଏବେ ସାହି ପଡ଼ିଶାଙ୍କ ଘର ଦୁଆରେ ରହି ଜୀବନ କାଟୁଥିବା କହିଛନ୍ତି। ଏ ନେଇ ଦଳ ପଡା ସରପଞ୍ଚ ପଦ୍ମିନୀ ମଲ୍ଲିକଙ୍କୁ ପଚାରିବାରୁ ଏ ସମ୍ବନ୍ଧରେ ବିଡିଓଙ୍କ ସହିତ କଥା ହୋଇ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

# ସେମିଫାଇନାଲରେ ଏମ୍ଏମ୍ସିସି ସମ୍ବଲପୁର ଦଳ




କ୍ଷମାସାଗର ବଳଙ୍କୁ ଅତିଥିମାନେ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି।

### ଚତୁର୍ଦ୍ଦଶ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ମ୍ୟାଚ

**ଭାପୁର,୩।୧୨ (ଭରତ କୁମାର ବେହେରା )**

ଭାପୁର ବ୍ଲକ ଅନ୍ତର୍ଗତ ଫତେଗଡ଼ ନାଳିସାଗର ଖେଳପଡ଼ିଆରେ ଚତୁର୍ଦ୍ଦଶ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ କ୍ୱାର୍ଟର ମ୍ୟାଚରେ ଟସ୍ ଜିତି ଏମ୍ଏମ୍ସିସି ସମ୍ବଲପୁର ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ରାଞ୍ଚି ଜୋହର କ୍ରିକେଟ କ୍ଲବ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୧୨୦ରନ କରିଥିଲା। ଦଳ ପକ୍ଷରୁ ଓ୍ୱଲଫ୍ରେଡ୍ ବେଗ, ୯ଟା ଚଉକା ଓ ୨ଟି ଛକା ସହାୟତାରେ ସର୍ବାଧିକ ୬୬ରନ କରିଥିଲେ। ଜବାବରେ ସମ୍ବଲପୁର ଦଳ ଦ୍ରୁତଗତିରେ ୮.୩ ଓଭରରେ ଗୋଟିଏ ଉଇକେଟ୍ ହରାଇ ବିଜୟୀ ହେବା ସହ ପ୍ରଥମ ସେମି ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ କ୍ଷମାସାଗର ବଳ ୩୦ ବଲରୁ ୮ ଚଉକା ଓ ୬ଟି ଛକା ସହାୟତାରେ ୮୦ ରନ କରିବା ସହ ବୋଲିଂ କରି ୩ ଗୋଟି ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉଦ୍‌ଘାଟିତ ମ୍ୟାଚରେ ଖେଳ ପରିଚାଳନା କରିଥିଲେ ଓସିଏ ଅମ୍ପାୟାର ଦୁର୍ଗା ପ୍ରସାଦ ପଟ୍ଟନାୟକ ଏବଂ ଆଶୁତୋଷ ପାଣି। ଏଥିସହ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ କିରଣ ମନୋହର ମହାନ୍ତି, ବିଭୁତି ଭୂଷଣ ସାହୁ ଏବଂ କିଷାନ ମନୋହର ମହାନ୍ତି। ମ୍ୟାଚ ରେଫରୀ ଭାବେ ସୁଧୀ ରଞ୍ଜନ ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ଭାଷ୍ୟକାର ଭାବେ ବୁବୁ ସିହ୍ନା ଓ ସରୋଜ କୁମାର ମହାପାତ୍ରୟ ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ୍ ଲୋକନାଥ ଆଚାର୍ଯ୍ୟ, ସମାଜସେବୀ ବୈକୁଣ୍ଠ ନାଥ ସାହୁ, ଚକ୍ରଧର ପ୍ରଧାନ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ବିଜେଡ଼ି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ ଯୋଗଦେଇ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ମ୍ୟାନ ଅଫ୍ ମ୍ୟାଚ ପୁରସ୍କାର ପ୍ରଧାନ କରିଥିଲେ। ସୋମବାର ଦ୍ୱିତୀୟ ମ୍ୟାଚରେ ସାଇ ଇଲେଭେନ ଭୁବନେଶ୍ୱର ସହ ବିଳାସପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଫତେଗଡ ଯୁବକ ସଂଘର ସଭାପତି ବେଣୁଧର ପ୍ରଧାନ ସୂଚନା ଦେଇଛନ୍ତି।

# ୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



ପ୍ରକଳ୍ପ ଉଦ୍‌ଘାଟନ ଉତ୍ସବରେ ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ଅନ୍ୟମାନେ।

**ଗଣିଆ,୩।୧୨ (ସନ୍ତୋଷ କୁମାର ପ୍ରଧାନ)**

ଗଣିଆ ବ୍ଲକ ଆଡକଟାଠାରୁ ନୂଆଗାଁ ବ୍ଲକ ମହିତମା ରାସ୍ତାର ନବୀକରଣ ଓ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୩୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଗୃହ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ରବିବାର ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରଥମେ ଆଡକଟାଠାରେ ୧୭କୋଟି ୨୫ଲକ୍ଷ ବ୍ୟୟରେ ଆଡକଟା- ମହିତମା ପୂର୍ତ୍ତ ବିଭାଗ ରାସ୍ତାର ନବୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ୫ମହଲା କୋଠାରେ ୩୦ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଗୃହ ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଆୟୋଜିତ ସଭାରେ ବିଧାୟକ ନବୀନ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ କହିଥିଲେ। ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୩୦ ଶଯ୍ୟା ବିଶିଷ୍ଟ ନୂତନ ଗୃହ ନିର୍ମାଣ, ରାଜିଙ୍ଗି ଓ ରାସଙ୍ଗରେ ନୂତନ ସବ ସେଟଂର, ଛାମୁଣ୍ଡିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନକରି ୧୦୮ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ତେବେ ଏଥିପାଇଁ ଗଣିଆ ଅଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ ଉପସ୍ଥିତ ଅତିଥିମାନେ । ଏହି କାର୍ଯ୍ୟକ୍ରମରେ ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, କନ୍ଧମାଳ ସାଂସଦଙ୍କ ବ୍ଲକ ପ୍ରତିନିଧି ଶେଷଦେବ ସ୍ୱାଇଁ, ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ମଧୁସୂଦନ ଦାସ, ଗଣିଆ ବ୍ଲକ ଆମ୍ବା କମିଟି ଅଧ୍ୟକ୍ଷା ଗୀତାରାଣୀ ରାଉତ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଜାନକୀ ଦେହୁରୀ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜନ ସଇତ ସୁନ୍ଦରାୟ, ଆଡକଟା ସରପଞ୍ଚ ବିଳାସିନୀ ବାରିକି, ଗଣିଆ ପଚାଂୟତ ସମିତିସଭ୍ୟ ଫକୀର ମୋହନ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଆୟ ଭିତ୍ତିକ ମେଧାବୃତ୍ତି ପରୀକ୍ଷାରେ ତ୍ରୁଟି

**ନୟାଗଡ଼,୩।୧୨(ଲୋକନାଥ ମିଶ୍ର)**

- ଇଂରାଜି ଫର୍ମାଟରେ ପଡ଼ି ନ ଥିଲା ପ୍ରଶ୍ନ
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର ହଇରାଣ
- ଶିକ୍ଷାମନ୍ତ୍ରୀ, ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକଙ୍କୁ ଫେରାଦ୍

ରବିବାର ନୟାଗଡ଼ ଜିଲାର ୬ଟିସେଣ୍ଟରରେ ଜାତୀୟ ଆୟ ଭିତ୍ତିକ ମେଧା ବୃତ୍ତି ପରୀକ୍ଷା (ଏନ୍ଏମ୍ଏମ୍ଏସ୍) ହୋଇଛି। ସମ୍ପୃକ୍ତ ପରୀକ୍ଷାର ପ୍ରଶ୍ନପତ୍ରରେ ତ୍ରୁଟି ରହିଥିବା ଅଭିଯୋଗ ହୋଇଛି। ପରୀକ୍ଷାରେ ପ୍ରତିବର୍ଷ ଓଡ଼ିଆ ଓ ଇଂରାଜି ଫର୍ମାଟରେ ପ୍ରଶ୍ନ ଆସୁଥିଲା। ଚଳିତବର୍ଷ କେବଳ ଓଡ଼ିଆ ଫର୍ମାଟରେ ପ୍ରଶ୍ନ ଆସିବାରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପରୀକ୍ଷାର୍ଥୀମାନେ ହଇରାଣ ହୋଇଛନ୍ତି। ଓଡ଼ିଆ ପ୍ରଶ୍ନପତ୍ରକୁ ଠିକ୍ ଭାବେ ପଢି ପାରି ନ ଥିବାରୁ ନମ୍ବର ଭଲ ରହିବ ନାହିଁ ବୋଲି ଅଭିଯୋଗ ଉଠିଛି। ତ୍ରୁଟି ସମ୍ପର୍କରେ ନୟାଗଡ଼ ଜିଲାର ଅନେକ ଛାତ୍ରୀଛାତ୍ର ଶିକ୍ଷାମନ୍ତ୍ରୀ, ଷ୍ଟେଟ କାଉନସିଲ ଅଫ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ(ଏସ୍‌ସିଇଆର୍‌ଟି)ର ନିର୍ଦ୍ଦେଶକ, ନୟାଗଡ଼ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଫେରାଦ୍ ହୋଇଛନ୍ତି। ରବିବାର ପରୀକ୍ଷାର ପ୍ରଥମ ସିଟିଂରେ ମେଣ୍ଟାଲ ଆବାଲିଟି ଟେଷ୍ଟ (ମ୍ୟାଟ) ପରୀକ୍ଷା ଥିଲା। ୨ୟ ସିଟିଂରେ ଗଣିତ, ବିଜ୍ଞାନ ଓ ସମାଜିକ ପାଠର ସବଜେକ୍ଟ ଆଟିଚ୍ୟୁଟ ଟେଷ୍ଟ(ସ୍ୟାଟ) ଥିଲା। ୯୦ ମିନିଟ୍‌ରେ ୯୦ ନଂ. ଲେଖାଏଁ ୧୮୦ ନଂ.ର ପ୍ରଶ୍ନ ଆସିଥିଲା।

## ବିଜୟାନନ୍ଦ ହାଇସ୍କୁଲର ବାର୍ଷିକ ଉତ୍ସବ

**କାଶୀନଗର,୩।୧୨(ଟି କ୍ରିଷ୍ଣା)** କାଶୀନଗର ବ୍ଲକ ଅନ୍ତର୍ଗତ ଅଲଡା ଗ୍ରାମପଞ୍ଚାୟତରେ ଥିବା ବିଜୟାନନ୍ଦ ହାଇସ୍କୁଲର ୨୮ତମ ବାର୍ଷିକ ଉତ୍ସବ ବ୍ଲକ ଅଧ୍ୟକ୍ଷା ବାଲା ସାଇ ଆମ୍ମାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିବା ବେଳେ ସ୍ଥାନୀୟ ବିଡିଓ ଅନୁପ କୁମାର ପଣ୍ଡା, ଅତିରିକ୍ତ ସହକାରୀ ଯନ୍ତ୍ରୀ ନାରାୟଣ ପଡି ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟପ୍ରକାଶ ଶତପଥୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପରେ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଇ.ଏ.ଥୋମାସ ବିଦ୍ୟାଳୟ ୧୯୯୪ରୁ କିପରି ବହୁ ସମସ୍ୟା ଦେଇ ଗତି କରୁଥିଲା ସେ ବିଷୟରେ ଉପସ୍ଥିତ ଥିବା ସମସ୍ତ ଅତିଥି ଓ ସ୍ଥାନୀୟ ଗ୍ରାମବାସୀଙ୍କୁ ଅବଗତ କରି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

# ଆଶ୍ରୟରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ




ଅତିଥିମାନେ ଭିନ୍ନକ୍ଷମମାନଙ୍କୁ ଆଶାବାଡ଼ି ଓ ଅନ୍ୟ ଉପକରଣ ପ୍ରଦାନ କରୁଛନ୍ତି।

**ଶରଣକୁଳ, ୩।୧୨ (ଦୀପକ କର )**

ଶରଣକୁଳ ନିକଟ ବାଉଁଶିଆଠାରେ ଗଢ଼ି ଉଠିଥିବା ଭିନ୍ନକ୍ଷମ, ଦୁସ୍ଥ ଓ ଅସହାୟମାନଙ୍କ ବହୁ ବିଦ୍ଧ କଲ୍ୟାଣ ନିମନ୍ତେ କାର୍ଯ୍ୟ କରୁଥିବା ଆଶ୍ରୟ ଦିବ୍ୟାଙ୍ଗ ସେବଗ୍ରାମ ପରିସର ମଧ୍ୟରେ ରବିବାର ଭିନ୍ନକ୍ଷମ ଦିବସ ଅନୁଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଲୋକନାଥ ଦାଶଙ୍କ ଅଧ୍ୟକ୍ଷତାରେ ପାଳନ କରାଯାଇଛି। ଏଥିରେ ଆଞ୍ଚଳିକ ତଥା ଜିଲାର ବିଭିନ୍ନ ପ୍ରାନ୍ତଃରୁ ୩୫ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ବ୍ୟକ୍ତି ଯୋଗ ଦେଇଥିଲେ। ଏଥିରେ ସାଧାରଣ ସମାଜ ବନାମ ଭିନ୍ନକ୍ଷମ ସମାଜ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ସମାଜରେ ଭିନ୍ନକ୍ଷମମାନଙ୍କ ଅଧିକାର, ଥଇଥାନ, ଆତ୍ମନିର୍ଭରଶୀଳତା, କାର୍ଯ୍ୟଦକ୍ଷତା, ଦୃଢ଼ତା ଓ ଦୂରଦର୍ଶିତା ବିଷୟରେ ଦାଶ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପାଣ୍ଡ ନାୟକ, କାର୍ତ୍ତିକ ମୁଦୁଲି, ଶିବରାମ ପାତ୍ର, ରବୀନ୍ଦ୍ର କୁମାର ଦାଶ ଭିନ୍ନକ୍ଷମମାନେ ନିଜକୁ ଅକ୍ଷମଣୀୟ ନ ଭାବି କିପରି ସମାଜରେ ଆତ୍ମନିର୍ଭରଶୀଳ, କାର୍ଯ୍ୟକୁଶଳୀ ଓ ସ୍ୱାବଲମ୍ବୀ ହୋଇପାରିବେ ତା'ର ଆଲୋଚନା ଓ ପର୍ଯ୍ୟାଲୋଚନା କରିଥିଲେ। ଚିର ପ୍ରଚଳିତ ପ୍ରତିଭା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଉପସ୍ଥିତ ଭିନ୍ନକ୍ଷମ ପ୍ରତିଭାମାନଙ୍କୁ ସମାଜରେ ଅଧିକାର ଓ କାର୍ଯ୍ୟଶୈଳୀ ବିଷୟରେ ମତ ପୋଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ସାମଗ୍ରୀ ବିତରଣ କରାଯାଇଥିଲା। ପରିଚାଳନାରେ ଭିକ୍ଷାରୀ ଚରଣ ସ୍ୱାଇଁ, ପ୍ରଫୁଲ୍ଲ ନାହାକ, ଦିଲୀପ କୁମାର ସାହୁ, ଅଶୋକ ପ୍ରଧାନ, ଆନନ୍ଦ ଚନ୍ଦ୍ର ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ରାମକୃଷ୍ଣ ମହାରଣା ଧନ୍ୟବାଦ ଦେଇଥିଲେ।

## ଖଣ୍ଡପଡ଼ାରେ ବିଶ୍ୱ ଭିନ୍ନକ୍ଷମ ଦିବସ

**ଖଣ୍ଡପଡ଼ା,୩।୧୨ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ଅଦାଲତ କାର୍ଯ୍ୟାଳୟ ପରିସରରେ ରବିବାର ଅନ୍ତର୍ଜାତିୟ ଭିନ୍ନକ୍ଷମ ଦିବସ ଅନୁଷ୍ଠିତ ହୋଇଯାଇଛି। ତାଲୁକ୍ ଆଇନ ସେବା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଦେୱାନୀ ଜଜ୍ ବିଭୂଦତ୍ତ ନାୟକ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମିସ ତସଲିମା ଦାସ ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ରହି ନାନା ସମସ୍ୟା ମଧ୍ୟରେ ରହିଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଆଇନର ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ ଯୋଗଦେଇ ଆଜିର ଦିବସ ସମ୍ପର୍କରେ ଆଲୋକପାତ କରି ବିଭିନ୍ନ ସମସ୍ୟା ମଧ୍ୟରେ ରହିଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ କିପରି ମାଗଣାରେ ଆଇନର ସହାୟତା ପ୍ରଦାନ କରାଯିବ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଇନଜୀବୀ ଯୁଧିଷ୍ଠିର ସାହୁ, ପଞ୍ଚାନନ ସାହୁ, ସିଦ୍ଧାର୍ଥ ଶେଖର ରାୟ, ବୃନ୍ଦାବନ ବେହେରା, ଅପର୍ତ୍ତି ମହାରଣା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଠାଣି ସାମନ୍ତ ଦିବ୍ୟାଙ୍ଗ ସଂଘର ସଭାପତି ନୀଳମଣି ମହାନ୍ତି, ପାରାଲିଗାଲ ଭଲେଣ୍ଟିୟର, ଅଦାଲତର କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଶାନ୍ତ କୁମାର ସାହୁ ସଂଯୋଜନା କରିଥିଲେ।

## ଟାଏକୋଣ୍ଡୋ ପ୍ରତିଯୋଗିତା, ସାଇ ସଂପ୍ରତିଙ୍କୁ ବ୍ରୋଞ୍ଜ

**ପାତ୍ରପୁର,୩।୧୨(ଉମା ଚରଣ ନେପାକ):** ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀସ୍ଥିତ ଲକ୍ଷ୍ମୀନାରାୟଣ ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ ଉତ୍ତରାଖଣ୍ଡଠାରେ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ସାଇ ସଂପ୍ରତି ପ୍ରଧାନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସାଇ ସଂପ୍ରତିଙ୍କ ସଫଳତା ପରେ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।

# ନୂଆଗାଁରେ ବିଶ୍ୱ ଭିନ୍ନକ୍ଷମ ଦିବସ




ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ନୂଆଗାଁ, ୩।୧୨ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ରବିବାର ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନୂଆଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ପାଠ ପଢୁଥିବା ଭିନ୍ନକ୍ଷମ ଛାତ୍ରୀଛାତ୍ର ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ହାତରେ ପ୍ଲାଗକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଥିଲେ। ପରିକ୍ରମା ସାରି ସ୍କୁଲରେ ପହଞ୍ଚିବା ପରେ ସମସ୍ତ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଜ୍ୟୋସ୍ନାରାଣୀ ସେଠୀ, ଅତିରିକ୍ତ ଶିକ୍ଷାଧିକାରୀ କବିତା ଦାସ, ବିଆର୍‌ପି ବିଷ୍ଣୁପ୍ରିୟା ଦାସ, ବିସ୍ମିତା ଗଡପାଲ, ଇତିଶ୍ରୀ ତ୍ରିପାଠୀ, ସିଆର୍‌ସିସି କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

## ୨ୟ ପୁରସ୍କାର ସ୍ୱାଗତିକା ରାଜ୍ୟପାଳଙ୍କଠାରୁ ଗ୍ରହଣ କଲେ

**ନୟାଗଡ଼,୩ା ୧୨(ଲୋକନାଥ ମିଶ୍ର)**

### ମହିଳା ବିଶ୍ୱବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ୯ମ ପ୍ରତିଷ୍ଠା ଦିବସ ଅବସରରେ ରବିବାର ଆୟୋଜିତ ଉତ୍ସବରେ ରାଜ୍ୟପାଳ ରଘୁବର ଦାସଙ୍କଠାରୁ ବିଶ୍ୱବିଦ୍ୟାଳୟର ଛାତ୍ରୀ ସ୍ୱାଗତିକା ମିଶ୍ର ପୁରସ୍କୃତ ହୋଇଛନ୍ତି। ବିଶ୍ୱ ନାଗରିକତାରେ ମାତୃଭାଷା ପ୍ରତିବନ୍ଧକ ଉପରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ସ୍ୱାଗତିକା ୨ୟ ସ୍ଥାନ ଅକ୍ତିଆର କରିଥିଲେ। ଭାଟସାହି ପଞ୍ଚାୟତ ଲଡୁକେଶ୍ୱରପୁର ସ୍ୱାଗତିକାଙ୍କ ଘର ନୟାଗଡ଼ ବ୍ଲକ ଗାଁରେ ବୋଲି ଜଣାପଡ଼ିଛି।



ରାଜ୍ୟପାଳ ରଘୁବର ଦାସ ସ୍ୱାଗତିକା ମିଶ୍ରଙ୍କୁ ପୁରସ୍କୃତ କରୁଛନ୍ତି।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**କବିସୂର୍ଯ୍ୟନଗର,୩।୧୨(କୃପାସିନ୍ଧୁ ସ୍ୱାଇଁ)**

କବିସୂର୍ଯ୍ୟନଗର ବ୍ଲକ ସୁନାପଲ୍ଲୀ ପଞ୍ଚାୟତ ଗୁଣ୍ଡୁପଡ଼ା ଗ୍ରାମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଗ୍ରାମର ଦଳିତସାହି କୋଠଘର, ସାବିତ୍ରୀ ମନ୍ଦିର, ହନୁମାନ ମନ୍ଦିର, କାଳୀ ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ପରେ ପ୍ରାକ୍ତନ ଡିଆରଡିଏ ଅଧ୍ୟକ୍ଷ ସୁରଥ ପ୍ରଧାନ ସଭାପତିତ୍ୱରେ ମେରୁପଡ଼ିଆ ଠାରେ ଏକ ସଭା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟିକା ସ୍ୱାଇଁ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଜିଲା ପରିଷଦ ସଭ୍ୟ ବଳରାମ ପ୍ରଧାନ, ସମବାୟ ବ୍ୟାଙ୍କ ସଭାପତି ମଙ୍ଗୁଲୁ ସାହୁ, ପ୍ରାକ୍ତନ ସମିତି ସଭ୍ୟ ବିବେକାନନ୍ଦ ପ୍ରଧାନ ଓ ରଞ୍ଜିତା ସେଠି, କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ଛାତ୍ର ସଭାପତି ନୀଳାଞ୍ଚଳ ମଣ୍ଡଳ, ଜଳନ୍ଧର ନାହାକ, ମନୋଜ ଆପଟଙ୍କ ସମେତ ଶରତ ଚନ୍ଦ୍ର ସ୍ୱାଇଁ, ରୋହିତ ପରିଡା, ଉମାକାନ୍ତ ରଥ, ବାପୁଜୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।



ମହିଳାମାନେ ବିଧାୟିକାଙ୍କୁ ପାଛୋଟି ନେଉଛନ୍ତି।

# ଘାଇ ଆଶଙ୍କାରେ ନଈକୂଳିଆବାସୀ ଆତଙ୍କିତ

■ ଦ୍ୱିତୀୟ ଦିନରେ ବିରୂପା ନଦୀପଠା ଅତଡ଼ା ଫାଟ ବୃଦ୍ଧି ପାଇଲା

■ ଅଧୀକ୍ଷଣ ଯନ୍ତ୍ରୀଙ୍କ ଘଟଣାସ୍ଥଳ ପରିଦର୍ଶନ

**ଡେରାବିଶ, ୩।୧୨(ବେବର୍ତ୍ତା ଅଜୟ ଦାସ)**



ବିରୂପା ନଦୀର ଘଣ୍ଟପଦାଠାରେ ପଠାରୁ ମାଟି ଅତଡ଼ା ଖସିଛି।

ବିରୂପା ନଦୀର ଡେରାବିଶ ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତ ତ୍ରିପୁରାରିପୁର ଗ୍ରାମ ଘଣ୍ଟପଦାସ୍ଥିତ ଶାଗୁଣାଘାଇଠାରେ ଶନିବାର ଅପରାହ୍ଣରେ ନଦୀବନ୍ଧ ନିକଟରେ ଥିବା ପଠାରେ ୧୦୦ଫୁଟରୁ ଊର୍ଦ୍ଧ୍ୱ ଲମ୍ବ ଓ ୧୫ ଫୁଟରୁ ଊର୍ଦ୍ଧ୍ୱ ଗଭୀରର ଫାଟ ସୃଷ୍ଟି ହୋଇ ଅତଡ଼ାମାନ ଭୁଶୁଡ଼ିବାରେ ଲାଗିଥିଲା। ଏହି ଘଟଣାରେ ନଦୀକୂଳିଆ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଖବରପାଇ ବିଳମ୍ବିତ ରାତିରେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟଙ୍କ ସମେତ ଅନ୍ୟ ଯନ୍ତ୍ରୀମାନେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ତେବେ ରବିବାର ସକାଳୁ ନଦୀପଠାରେ ଏହି ଫାଟ କ୍ରମଶଃ ବୃଦ୍ଧି ପାଇଥିଲା।

ଘଣ୍ଟପଦା ଗ୍ରାମର ପ୍ରଫୁଲ୍ଲ କୁମାର ସିଂଙ୍କ ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟା ସୁଦ୍ଧା ଏହି ଫାଟ କ୍ରମଶଃ ୧୫୦ ଫୁଟରୁ ଊର୍ଦ୍ଧ୍ୱ ଲମ୍ବର ଏବଂ ୩୦ ଫୁଟରୁ ଅଧିକ ଗଭୀର ଦବି ଯାଇଥିବାରୁ ସାଧାରଣରେ ଆତଙ୍କ ଖେଳିଯାଇଛି। ଏହି ବନ୍ଧର ଗୋଟିଏ ପାର୍ଶ୍ୱରେ ବିରୂପା ନଦୀ ଥିବାବେଳେ ଅନ୍ୟ ପାର୍ଶ୍ୱରେ ପଟ୍ଟାମୁଣ୍ଡାଇ କେନାଲ ପ୍ରବାହିତ ହେଉଛି। ଜଳସମ୍ପଦ ବିଭାଗ ପକ୍ଷରୁ ନଦୀବନ୍ଧ ସୁଦୃଢ଼ୀକରଣ କରାଯିବା ସହ ଯାଜପୁର ଜିଲା ବାଲିଚନ୍ଦ୍ରପୁରଠାରୁ ପଟ୍ଟାମୁଣ୍ଡାଇ ଯାଏ ବନ୍ଧକୁ ଉଚ୍ଚ କରାଯାଇ ସବୁଦିନିଆ ରାସ୍ତାରେ ପରିଣତ କରାଯାଇଛି। ଏହି ରାସ୍ତା ଦେଇ ଦୈନିକ ଶହଶହ ସଂଖ୍ୟାରେ ଯାନବାହନ ଚଳାଚଳ କରୁଥିବା ବେଳେ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାର ମୁଖ୍ୟ ରାସ୍ତା ପାଲଟିଛି। ମାତ୍ର ନଦୀବନ୍ଧର ଉନ୍ନତୀକରଣ ସମୟରେ ଶାଗୁଣାଘାଇଠାରେ ଥିବା ପୁରୁଣା କେନାଲ ବନ୍ଧ ରାସ୍ତାଟିକୁ ବାଦ୍ ଦିଆଯାଇ ବନ୍ଧକୁ ଉଚ୍ଚା କରାଯାଇଥିବାରୁ ଘଣ୍ଟପଦା ନିକଟରେ ଏହି ସ୍ଥାନଟି ଅର୍ଦ୍ଧଚନ୍ଦ୍ର ଅବସ୍ଥାରେ ଖାଲୁଆ ହୋଇ ରହିଛି। ଫଳରେ ଏଠାରେ ବର୍ଷା ପାଣି ଜମି ରହିବା ସହ ନଦୀକୁ ଝର ମଧ୍ୟ ସୃଷ୍ଟି ହେଉଛି, ଯାହାକି ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି ହୋଇଥିବା ନେଇ ସେ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ପକ୍ଷରୁ ଶାଗୁଣାଘାଇଠାରେ ନଦୀର ଗଭୀର ୪୫ ଫୁଟରୁ ଊର୍ଦ୍ଧ୍ୱ ରହିଥିବା ବେଳେ ବନ୍ଧକୁ ସୁରକ୍ଷିତ ରଖିବା ପାଇଁ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ପକ୍ଷରୁ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୧୧ଟି ସ୍ପର୍ ନିର୍ମାଣ କରାଯାଇଛି। ନଦୀର ଯେଉଁଠି ସ୍ପର୍ ନାହିଁ ସେହି ସ୍ଥାନରେ ପଠାରେ ଫାଟ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ତେବେ ଏହି ସ୍ଥାନରେ ପଥରର ୱାଲ୍ ନିର୍ମାଣ କରାଯାଇ ଅଧିକ ସଂଖ୍ୟାରେ ସ୍ପର୍ ନିର୍ମାଣ କରାଗଲେ ବନ୍ଧ ପ୍ରତି ବିପଦ ରୁହନ୍ତା ନାହିଁ ବୋଲି ପ୍ରଫୁଲ୍ଲ କହିଛନ୍ତି। ଏହି ବନ୍ଧଠାରୁ ନଦୀର ଦୂରତା ୧୦୦ଫୁଟ ଥିବାବେଳେ ବର୍ତ୍ତମାନ ତାହା ବନ୍ଧ ଆଡ଼କୁ କ୍ରମଶଃ ଫାଟ ସୃଷ୍ଟି ହୋଇ ଅତଡ଼ା ଖାଇବାରେ ଲାଗିଥିବାରୁ ନଦୀକୂଳିଆ ଗ୍ରାମ ପ୍ରତି ବିପଦ ଦେଖାଦେଇଛି। ଏ ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଘଟଣାସ୍ଥଳ ପରିଦର୍ଶନ ପରେ ବନ୍ଧକୁ ସୁରକ୍ଷିତ ରଖିବା ପାଇଁ ବିଭାଗ ପକ୍ଷରୁ ଏକ ଏଷ୍ଟିମେଟ୍ କରାଯାଇ ତୁରନ୍ତ କାର୍ଯ୍ୟ ହେବା ନେଇ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି।

# ପ୍ରଶ୍ନପତ୍ରରେ ତ୍ରୁଟି ଯୋଗୁ ପରୀକ୍ଷା ବାତିଲ



ପରୀକ୍ଷା କେନ୍ଦ୍ର ଆଗରେ ଅଭିଭାବକ ହୋହଲ୍ଲା କରୁଛନ୍ତି।

**ଜାତୀୟ ମେଧାବୃତ୍ତି ପରୀକ୍ଷା**

■ ପରୀକ୍ଷାର୍ଥୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ, ପୁନଃ ପରୀକ୍ଷା ଦାବି

**ରସୁଲପୁର,୩।୧୨(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅଧୀନ ଓଡ଼ଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ରବିବାର ଜାତୀୟ ମେଧାବୃତ୍ତି ବା (ଏନ୍ଏମ୍ଏମ୍ଏସ୍)ନ୍ୟାଶନାଲ ମିନ୍ସ କମ୍ ମେରିଟ ସ୍କୋଲାରଶିପ୍ ପରୀକ୍ଷାରେ ବିଭ୍ରାଟ ଦେଖାଦେଇଛି। ପରୀକ୍ଷା ହଲରେ ଦ୍ୱିତୀୟ ଭାଗ ପରୀକ୍ଷାରେ ପ୍ରଶ୍ନପତ୍ରରେ ତ୍ରୁଟି ଯୋଗୁ ପରୀକ୍ଷା ବାତିଲ ହୋଇଛି। ଏହାକୁ ନେଇ ଅଭିଭାବକ ଓ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବଞ୍ଚିତ ପରୀକ୍ଷାର୍ଥୀଙ୍କ ପାଇଁ ପୁନଃ ପରୀକ୍ଷା କରିବାକୁ ଦାବି ହୋଇଛି।

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଭୁବନେଶ୍ୱର ପକ୍ଷରୁ ଦେଢ଼ଲକ୍ଷ ଟଙ୍କାରୁ କମ୍ ବାର୍ଷିକ ଆୟ ଥିବା ଅଭିଭାବକଙ୍କ ମେଧାବୀ ପିଲାଙ୍କୁ ନେଇ ଏହି ପରୀକ୍ଷା ଅନୁଷ୍ଠିତ ହେଉଥିଲା। ଏହି କେନ୍ଦ୍ରରେ ୨୧୯ଜଣ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୧୦ଜଣ ପରୀକ୍ଷାର୍ଥୀ ପରୀକ୍ଷାରେ ଯୋଗ ଦେଇଥିଲେ। ପରୀକ୍ଷା ପାଇଁ ପ୍ରଥମ ଭାଗରେ ଏମ୍ଏଟି(ମେଣ୍ଟାଲ ଆବିଲିଟ୍ ଟେଷ୍ଟ) ଓ ଦ୍ୱିତୀୟ ଭାଗରେ ଏସଏଟି(ସ୍କୋଲାରଶିପ୍ ଆପ୍ଟିଚିଉଟ୍ ଟେଷ୍ଟ) ଭଳି ଦୁଇଟି ପରୀକ୍ଷା ହେବାରଥିଲା। ପ୍ରଥମ ଭାଗ ପରୀକ୍ଷା ପୂର୍ବାହ୍ଣ ୧୧ଟାରୁ ଆରମ୍ଭ ହୋଇ ୧୨ଟା୩୦ରେ ଶେଷ ହୋଇଥିଲା। ଦ୍ୱିତୀୟ ଭାଗ ପରୀକ୍ଷା ଅପରାହ୍ଣ ୨ଟାରୁ ଆରମ୍ଭ ହୋଇଥିଲା। ପରୀକ୍ଷା ଆରମ୍ଭର ୧୫ ମିନିଟ ପୂର୍ବରୁ ହଲରେ ପ୍ରଶ୍ନପତ୍ର ପ୍ୟାକେଟ୍ ଖୋଲାଯାଇ ବଣ୍ଟାଯାଇଥିଲା। ହେଲେ ଏସ୍ଏଟି ପ୍ରଶ୍ନପତ୍ର ବଦଳରେ ପରୀକ୍ଷାର୍ଥୀଙ୍କୁ ଏମ୍ଏଟି ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା। ୧୪୪ଜଣ ପରୀକ୍ଷାର୍ଥୀଙ୍କୁ ଏଭଳି ପ୍ରଶ୍ନପତ୍ର ଦିଆଯାଇଥିଲା। ଏ ସମ୍ପର୍କରେ ପିଲାମାନେ ପରୀକ୍ଷାକେନ୍ଦ୍ରର ସୁପରିଟେଣ୍ଡେଣ୍ଟଙ୍କୁ ଅବଗତ କରାଇଥିଲେ। ସମସ୍ୟା ସମ୍ପର୍କରେ ପରୀକ୍ଷା ପରିଚାଳକଙ୍କୁ ଅବଗତ କରାଯାଇଥିଲା। ଅନ୍ୟ ପରୀକ୍ଷାକେନ୍ଦ୍ରରୁ ପ୍ରଶ୍ନପତ୍ର ଯୋଗାଡ କରି ଆଣି କେନ୍ଦ୍ରରେ ପହଞ୍ଚାଇବା ପାଇଁ ରସୁଲପୁର ବ୍ଲକ ଶିକ୍ଷାଧିକାରୀ ନିଳାମ୍ବର ମିଶ୍ରଙ୍କୁ ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ବ୍ଲକ ଶିକ୍ଷାଧିକାରୀ କିଛି ପ୍ରଶ୍ନପତ୍ର କେତେକ ପରୀକ୍ଷାକେନ୍ଦ୍ରରୁ ସଂଗ୍ରହ କରି ପହଞ୍ଚିଲାବେଳକୁ ପରୀକ୍ଷା ସମୟ ଅତିକ୍ରମ ହୋଇସାରିଥିଲା। ସେତେବେଳକୁ ପରୀକ୍ଷାର୍ଥୀମାନେ କେନ୍ଦ୍ର ଛାଡ଼ି ପଳାଇଥିଲେ। ଏଭଳି ଅବ୍ୟବସ୍ଥାକୁ ନେଇ ବାହାରେ ଥିବା ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରଶ୍ନପତ୍ର ନେଇ ଆସିଥିବା ବ୍ଲକ ଶିକ୍ଷାଧିକାରୀଙ୍କୁ ବିଦ୍ୟାଳୟ ଫାଟକ ନିକଟରେ ଅଭିଭାବକ ଓ ଖବରଦାତାମାନେ ଘେରି ଯାଇଥିଲେ। ଫଳରେ ଶିକ୍ଷାଧିକାରୀ କେନ୍ଦ୍ର ଭିତରକୁ ପଶି ପାରି ନ ଥିଲେ। ପରୀକ୍ଷାକୁ ବନ୍ଦ କରିଦିଆଯାଇ ଥିଲା। ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ ପହଞ୍ଚିଥିଲେ। ପରିସ୍ଥିତି ଶାନ୍ତ ହୋଇଥିଲା, ହେଲେ ପରୀକ୍ଷାର୍ଥୀମାନେ ପରୀକ୍ଷା ନ ଦେଇ ଘରକୁ ଫେରିଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ପରୀକ୍ଷାରେ ତାଙ୍କର କୌଣସି ଭୂମିକା ନାହିଁ। ସେ ପୁରୁଷୋତ୍ତମପୁର ହାଇସ୍କୁଲ ପରୀକ୍ଷାକେନ୍ଦ୍ରକୁ ଅବଜରଭର ହୋଇଯାଇଥିଲେ। ଓଡ଼ଙ୍ଗ କେନ୍ଦ୍ରରେ ପ୍ରଶ୍ନପତ୍ର ବିଭ୍ରାଟ ସମ୍ପର୍କରେ ଅବଗତ ହେବା ପରେ ବିଭାଗ ପକ୍ଷରୁ ନିର୍ଦ୍ଦେଶ ପାଇ ପାଖ ପରୀକ୍ଷା କେନ୍ଦ୍ରରୁ କେତେକ ପ୍ରଶ୍ନପତ୍ର ଯୋଗାଡ଼କରି ଆସି କେନ୍ଦ୍ରରେ ପହଞ୍ଚିଥିଲେ। ହେଲେ ବିଦ୍ୟାଳୟ ଫାଟକ ବାହାରେ ଥିବା ଲୋକେ ତାଙ୍କୁ କେନ୍ଦ୍ର ଭିତରକୁ ଯିବା ଦେଇ ନ ଥିଲେ। ଫଳରେ ପରୀକ୍ଷାକୁ ବାତିଲ୍ କରି ଦିଆଯାଇଥିଲା।

## ମା’ ସାତଭଉଣୀ ପୀଠରୁ ଲକ୍ଷାଧିକ ଟଙ୍କାର ଚୋରି

**ପଟ୍ଟାମୁଣ୍ଡାଇ ୩।୧୨ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଡିହାପଡା ପଞ୍ଚାୟତର ମା’ ସାତ ଭଉଣୀ ପୀଠରୁ ଶନିବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ଗହଣା, ଟଙ୍କା ଓ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର କବାଟ ଭାଙ୍ଗି ଭିତରେ ପଶି ଲକ୍ଷାଧିକ ଟଙ୍କାର ଗହଣା ସହ ଠାକୁରଙ୍କ ହୁଣ୍ଡି ବାକ୍ସରେ ଥିବା ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଥାନାରେ ରବିବାର ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ମା’ ସାତଭଉଣୀ ମନ୍ଦିର କବାଟ ଭାଙ୍ଗି ରାତିରେ ଦୁର୍ବୃତ୍ତମାନେ ଭିତରେ ପଶି ଭଣ୍ଡାର ଘର କବାଟ ଓ ଦାନପାତ୍ର ମଧ୍ୟ ଭାଙ୍ଗି ଥିଲେ। ମନ୍ଦିର ମଧ୍ୟରୁ ଟଙ୍କା ପଇସା, ଅଳଙ୍କାର, ମୁକୁଟ, ଅଣ୍ଟା ସୁତା, ମଥାମଣି, ଚିତା, ପିତଳ ଘଣ୍ଟାଘଣ୍ଟି, ପୂଜା ସାମଗ୍ରୀ, ବାଲଟି ଥାଳି, ଡାଲ ସହ ଖଣତି, କୁରାଢ଼ୀ, କୋଦାଳ ଓ ରୋଷାଇ ସାମଗ୍ରୀ ଆଦି ଲୁଟି ନେଇଛନ୍ତି। ରବିବାର ମା’ଙ୍କ ପୂଜକ ମନ୍ଦିରରେ ପୂଜା କରିବା ପାଇଁ ଯିବାବେଳେ କବାଟ ଓ ଭଣ୍ଡାର ଘର କବାଟ ଭଙ୍ଗା ଯାଇଥିବା ଦେଖିବାକୁ ପାଇ ପୀଠ ଉନ୍ନୟନ କମିଟି ସଦସ୍ୟଙ୍କୁ ଜଣାଇଥିଲେ। ପରେ କମିଟିର ସଦସ୍ୟମାନେ ମା’ ସାତଭଉଣୀ ମନ୍ଦିରକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିବା ସହ ଏ ସମ୍ପର୍କରେ ବୈଠକ କରି ମନ୍ଦିର ସୁରକ୍ଷା ପାଇଁ ଥାନାରେ ଏତଲା ଦେବାକୁ ନିଷ୍ପତ୍ତି ନେଇଥିଲେ। ପରେ ମା’ ସାତଭଉଣୀ ପୀଠ ଉନ୍ନୟନ କମିଟି ସଭାପତି ଶ୍ରୀକାନ୍ତ ନାୟକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆଇଆଇସି ପଦ୍ମାଳୟା ପ୍ରଧାନ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଜ୍ୟୋତ୍ସ୍ନାରାଣୀ



@ ଦୀପଙ୍କର



@ ଘନଶ୍ୟାମ



@ କୃଷ୍ଣଚନ୍ଦ୍ର



@ ମଧୁସ୍ମିତା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜଳ ଯେସନେ ବୃକ୍ଷଛାଇ ପୁସ୍ତକ ଲୋକାର୍ପିତ

**ଧର୍ମଶାଳା,୩।୧୨(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ସିଭିକ ସେଣ୍ଟର ପରିସରରେ ‘ଜଳ ଯେସନେ ବୃକ୍ଷଛାଇ’ ପ୍ରବନ୍ଧ ପୁସ୍ତକ ଲୋକାର୍ପିତ ହୋଇଯାଇଛି। ବିଶିଷ୍ଟ କବି ଡ. ଗୌତମ ଜେନାଙ୍କ ସଭାପତିତ୍ୱରେ ରବିବାର ପୂର୍ବାହ୍ଣରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କଥାକାର ଯଜ୍ଞଦତ୍ତ ଆର୍ଯ୍ୟ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ କବି ବିଦ୍ୟୁତଲତା ଦାସଙ୍କ ସାହିତ୍ୟ କୃତି ଉପରେ ଆଧାରିତ ଏହି ପୁସ୍ତକକୁ ଲୋକର୍ପଣ କରିଥିଲେ। କବି ଦାସଙ୍କ ଚାରି ଦଶନ୍ଧିଧରି ସାହିତ୍ୟ ପ୍ରତି ଥିବା ପ୍ରତିବଦ୍ଧତାକୁ ଏହି ପୁସ୍ତକରେ ପ୍ରାବନ୍ଧିକମାନେ ଉତ୍ଥାପନ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ପ୍ରାବନ୍ଧିକ ଡ. ବେଣୁଧର ପାଢ଼ୀ ଯୋଗଦେଇ ନାରୀ ସତାର ଗୁରୁତ୍ୱକୁ ଏହି ପୁସ୍ତକରେ ପରିପ୍ରକାଶ କରାଯାଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି ବିଶିଷ୍ଟ କଥାଶିଳ୍ପୀ ପ୍ରକାଶ ମହାପାତ୍ର ଯୋଗଦେଇ ପ୍ରକାଶିତ ଏହି ପୁସ୍ତକର ଉଚିତ ମୂଲ୍ୟାଙ୍କନ କରିଥିଲେ। ପୁସ୍ତକକୁ ପ୍ରାବନ୍ଧିକ ତଥା କବି ମହେଶ୍ୱର ପାଢ଼ୀ ସମ୍ପାଦନା କରିଛନ୍ତି। ପୁସ୍ତକ ସମ୍ପର୍କରେ ଲେଖିକା ଦାସ ସୂଚନା ଦେବା ସହିତ ତାଙ୍କର ସାହିତ୍ୟ କୃତିକୁ ନେଇ ରାଜ୍ୟର ପ୍ରାବନ୍ଧିକମାନେ ଲେଖନୀ ମାଧ୍ୟମରେ ପରିପ୍ରକାଶ କରିଥିବାରୁ ସେମାନଙ୍କୁ ସାଧୁବାଦ ଜଣାଇଥିଲେ। କବି ବନ୍ଦନା ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ପାଢ଼ୀ ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ। କବି ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ରାଜ୍ୟସ୍ତରୀୟ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। କବି ପ୍ରଭାକର ଶତପଥୀ, ଧନଞ୍ଜୟ ସ୍ୱାଇଁ, କବି ରବୀନ୍ଦ୍ର ବିହାରୀ ଓ ପ୍ରସନ୍ନ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କବିତା ସମ୍ପର୍କରେ ଆଲୋକପାତ କରିଥିଲେ।

ଅଧ୍ୟାପିକା ରଶ୍ମିରାଣୀ ଦାସଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠ ଉତ୍ସବରେ କବି ଡ. ରାଜ କିଶୋର ପାଢ଼ୀ,ଭରତ ବେହେରା, ଚିତ ମିଶ୍ର , ପଦ୍ମଜା ଶରଣ, ରାମଚନ୍ଦ୍ର ଦାଶ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଡ. ବିକ୍ରମ ମହାପାତ୍ର, ଦେବାଶିଷ ଚକ୍ରବର୍ତ୍ତୀ, ବିମଳ ପତି, ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାସ, ବନ୍ଦନା ସାମଲ, ପ୍ରେମଲତା ମହାରଣା, ଶିଶିର ପଣ୍ଡା, ବାଇଧର ମାଝି, ସବିତା ମିଶ୍ର, କାମିନୀ ନାୟକ, ଅକ୍ଷୟ ବାରିକ, ଗଣେଶ୍ୱର ବେହେରା, ଅକ୍ଷୟ ଦାସ, ଡ. ମହେଶ୍ୱର ଜେନାସାମନ୍ତ, ଅକ୍ଷୟ କୁମାର ସ୍ୱାଇଁ, ମୋହିତ ଚକ୍ରବର୍ତ୍ତୀ, ରଞ୍ଜିତା ଦାସ, ପୂର୍ଣ୍ଣ ଦାସ, ଡ. ଅଜୟ ପଣ୍ଡା ଓ ଦେବାଶିଷ ପଟ୍ଟନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀ ପ୍ରେମଲତା ମହାରଣା ଧନ୍ୟବାଦ ଦେଇଥିଲେ।




ଅତିଥି ପୁସ୍ତକ ଲୋକାର୍ପଣ କରୁଛନ୍ତି।

# ଚୋରା ବାଲି ଚାଲାଣକାରୀଙ୍କ ଟାର୍ଗେଟରେ ନଦୀଶଯ୍ୟା

■ ବ୍ରାହ୍ମଣୀ ନଦୀରୁ ବେଆଇନ ଉତ୍ତୋଳନ ହେଉଛି ଶତାଧିକ ଟ୍ରିପ୍ ବାଲି

■ ପ୍ରଶାସନର ନଜରରେ ଚାଲିଛି ବାଲି ଚାଲାଣ

■ ନଷ୍ଟ ହେଉଛି ଚାଷ ଜମି, ଗ୍ରାମ୍ୟ ଜଙ୍ଗଲ

**ପଟ୍ଟାମୁଣ୍ଡାଇ,୩।୧୨ (କଳ୍ପତରୁ ନାୟକ)**



ବେଆଇନ ଭାବେ ବ୍ରାହ୍ମଣୀ ନଦୀରୁ ଜେସିବି ଓ ହାଇୱା ଦ୍ୱାରା ବାଲି ଉତ୍ତୋଳନ କରାଯାଉଛି।

କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳରେ ଚୋରା ବାଲି ଚାଲାଣକାରୀଙ୍କ ଟାର୍ଗେଟରେ ବ୍ରାହ୍ମଣୀ ନଦୀଶଯ୍ୟା। ଦୈନିକ ବେଆଇନ ଭାବେ ବ୍ରାହ୍ମଣୀ ନଦୀରୁ ଉତ୍ତୋଳନ ହେଉଛି ଶତାଧିକ ଟ୍ରିପ୍ ବାଲି। ଫଳରେ ସରକାର ରାଜସ୍ୱ ହରାଉଥିବା ବେଳେ କ୍ଷୟ ହେଉଛି ନଦୀ ଶଯ୍ୟା। ବେଆଇନ ବାଲି ଚାଲାଣ ହେବା ଦ୍ୱାରା ସ୍ଥାନୀୟ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ଏବେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଲୋକେ ଆନ୍ଦୋଳନକୁ ଓହ୍ଲାଇବା ଲାଗି ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

ସୂଚନା ଅଧିକାର କର୍ମୀ ନରେନ୍ଦ୍ର ଧଳ, ପେଣ୍ଠପାଳ ସମିତିସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ତରଡ଼ିପାଳ ସମିତି ସଭ୍ୟ ନିରଞ୍ଜନ ବାରକ, ଅଳପୁଆ ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, ସିହଂଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ, ଅର୍ଜୁନୀ ବିଶ୍ୱାଳ ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ବ୍ଲକରେ ସରକାରଙ୍କ ପକ୍ଷରୁ ୪ଟି ବାଲି ସଇରାତ ନିଲାମ ଦିଆଯାଇଛି ବୋଲି ତହସିଲଦାର ସୂଚନା ଦେଇଛନ୍ତି। ମାତ୍ର ଏହି ୪ଟି ସଇରାତ ବ୍ୟତୀତ ବ୍ରାହ୍ମଣୀ ନଦୀର ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଉଛି। ପ୍ରତ୍ୟହ ଶତାଧିକ ଟ୍ରାକ୍ଟର ଯୋଗେ ଏସବୁ ବାଲି ଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। ଏ ନେଇ ଧୋୟାଞ୍ଚଳବାସୀ ବାରମ୍ବାର ତହସିଲଦାରଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅତୀତରେ ଲୋକଦେଖାଣିଆ ଭାବେ କେତେବେଳେ କେମିତି ଚଢ଼ାଉ କରାଯାଉଥିବା ବେଳେ ଏବେ ଚଢାଉ ହେଉ ନ ଥିବାରୁ ବାଲି ମାଫିଆମାନେ ଦିନରାତି ବାଲି ବୋହି ଚାଲିଛନ୍ତି। ଫଳରେ ସରକାରଙ୍କ ବିପୁଳ ରାଜସ୍ୱହାନି ହେଉଥିବାବେଳେ ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି ହେଉଛି। ବ୍ଲକର ଅଳପୁଆ, ନାହିଆଡିଆ, ଅମୃତମଣୋହି, ତରଡିପାଳ ସଇରାତ ନିଲାମ ଦିଆଯାଇଛି ବୋଲି ତହସିଲଦାର ସୂଚନା ଦେଇଥିବା ବେଳେ ତମାଳଶାସନ ଗ୍ରାମ ନିକଟସ୍ଥ ନଦୀ ପଠାରୁ ଓ ନୀଳକଣ୍ଠପୁର ସଇରାତରୁ ପ୍ରତ୍ୟହ ଟ୍ରାକ୍ଟର ଯୋଗେ ବାଲି ବେଆଇନ ଭାବେ ଚାଲାଣ ହେଉଛି। ବାଲି ଚୋରାଚାଲାଣକାରୀମାନେ ଦିନରାତି ଏଠାରୁ ବାଲି ଉତ୍ତୋଳନ କରୁଛନ୍ତି। ବିଭିନ୍ନ ସ୍ଥାନରେ ଠିକାଦାର କରୁଥିବା ରାସ୍ତା ଓ ଘର କାମରେ ଏସବୁ ବାଲି ବ୍ୟବହାର କରାଯାଉଛି। ବାଲି ଚାଲାଣ ସମୟରେ ରାଜସ୍ୱ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉନାହିଁ। ବେଆଇନ ଭାବେ ବାଲି ଚାଲାଣ ଯୋଗୁ ନଦୀପଠା ଖୋଳି ହୋଇ ବନ୍ଧ ପ୍ରତି ବିପଦ ସୃଷ୍ଟି କରୁଛି। ଏଥିସହ ନଦୀପଠାରେ ଥିବା ଚାଷ ଜମି ଓ ସୃଷ୍ଟି ହୋଇଥିବା ଗ୍ରାମ୍ୟ ଜଙ୍ଗଲ ନଷ୍ଟ ହେଉଛି। ଏଭଳି ବାଲି ଉତ୍ତୋଳନ ଯୋଗୁ ଆଗକୁ ବନ୍ୟାପାଣି ଆସିଲେ ତାହା ସିଧାସଳଖ ନଦୀବନ୍ଧରେ ପିଟି ହେବାର ଆଶଙ୍କା ରହିଛି ବୋଲି ସେମାନେ କହିଛନ୍ତି। ସେହିପରି ଏହି ବାଲି ବିନା ଟ୍ରାନଜିଟ୍ ପରମିଟ୍‌ରେ ନିକଟସ୍ଥ ଯାଜପୁର ଜିଲାକୁ ଚାଲାଣ ହେଉଛି। ଏହା ଉପରେ ରାଜସ୍ୱ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ତେଣୁ ଏ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକଙ୍କୁ ପଚାରିବାରୁ ବେଆଇନ ବାଲି ଚାଲାଣ ରୋକିବାକୁ ଆଗାମୀଦିନରେ ଚଢ଼ାଉ ଜାରି ରହିବ ବୋଲି ସେ କହିଛନ୍ତି।

# ସଙ୍କଟରେ ଜାତୀୟ ପ୍ରାଣୀ ବାଘ

ନୟାଗଡ଼,୩। ୧୨(ଲୋକନାଥ ମିଶ୍ର)

- ଗୋଟିଏ ପରେ ଗୋଟିଏ ଯାଉଛି ଜୀବନ
- ବାଘଛାଲ, ନଖ ଉଦ୍ଧାର କରି ନିଆଯାଉଛି ବାହାବା
- ୩ ବର୍ଷରେ ୧୨ରୁ ଊର୍ଦ୍ଧ୍ୱ ବାଘଛାଲ ଜବତ
- ଭିନ୍ନ ବନଖଣ୍ଡର ଦର୍ଶାଯାଇ ଖସାଯାଉଛି ଦୋଷ
- ବଂଶ ବୃଦ୍ଧି ପାଇଁ ନାହିଁ ସଚେତନତା

ନୟାଗଡ଼ ଜିଲାରେ ରହିଥିବା ଖୋର୍ଦ୍ଧା ବନଖଣ୍ଡର ରଣପୁର ରେଞ୍ଜ, ନୟାଗଡ଼ ବନଖଣ୍ଡର ଜଙ୍ଗଲ ଓ ମହାନଦୀ ବନ୍ୟପ୍ରାଣୀ ଡିଭିଜନରେ ଜାତୀୟ ପ୍ରାଣୀ ବାଘ ବିପଦରେ ରହିଛି ବୋଲି ଅଭିଯୋଗ ହୋଇଆସୁଛି। ଦୁଇ ବନଖଣ୍ଡ ଓ ମହାନଦୀ ବନ୍ୟପ୍ରାଣୀ ଡିଭିଜନ ଜଙ୍ଗଲରେ ବାଘ ଅଛନ୍ତି କି ନାଁ ବନ ବିଭାଗ ମୁହଁ ଖୋଲୁନି। ତେବେ ୩ବର୍ଷରେ ୧୨ରୁ ଊର୍ଦ୍ଧ୍ୱ ବାଘଛାଲ ଜବତ ପରେ ବନବିଭାଗ କାର୍ଯ୍ୟଦକ୍ଷତା ଉପରେ ଅଙ୍ଗୁଳି ଉଠିଛି। ତେବେ ବିଭିନ୍ନ ସମୟରେ ବାଘଛାଲ, ନଖ ଜବତ କରାଯାଇ ବାହାବା ନିଆଯାଉଛି। ଶିକାର ହୋଇଥିବା ବାଘ ଅନ୍ୟ ବନଖଣ୍ଡର ଦର୍ଶାଯାଇ ଦୋଷ ଖସା ଚାଲିଛି। ଅନ୍ୟପକ୍ଷେ ବାଘ ବଂଶ ବୃଦ୍ଧି ପାଇଁ ସଚେନତା ସୃଷ୍ଟି କରାଯାଉନି।

ନୟାଗଡ଼ ବନଖଣ୍ଡ ଇଟିରି ପଞ୍ଚାୟତ ଝରଦେଇ ପୀଠ ନିକଟରୁ ନୟାଗଡ଼ ବନବିଭାଗ ଓ ମହାନଦୀ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଚଢ଼ାଉ କରାଯାଇ କଲରାପତରିଆ ବାଘ ଛାଲ ଜବତ କରାଯିବା ସହ ୩ବ୍ୟବସାୟୀଙ୍କୁ ଗିରଫ କରାଯାଇ ରବିବାର ଜେଲ ପଠାଯାଇଛି। ସେହିପରି ଦଶପଲ୍ଲା ବ୍ଲକ କୁଆଁରିଆଁ ଡ୍ୟାମ ହରିଣ ପାର୍କ ନିକଟରୁ ନଭେମ୍ବର ୧୧ରେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ ବାଣିଗୋଛା ଥାନା ବାଲିବେରଣୀ ଗାଁର ଜଣେ ବାଘ ଶିକାରୀଙ୍କୁ ଗିରଫ ସହ ୨ଟି କଲରାପତରିଆ ବାଘଛାଲ ଜବତ କରିଥିଲା। ପୁଣି ପଞ୍ଚରିଡା ରେଞ୍ଜର ବନ କର୍ମଚାରୀମାନେ ୨୦୨୨ ଅଗଷ୍ଟରେ ଗୋଡିପଲ୍ଲୀ ଗାଁର ସଞ୍ଜୟ ସ୍ୱାଇଁ ନାମକ ଜଣେ କଲରାପତରିଆ ବାଘ ଶିକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ୪ବର୍ଷ ତଳେ ୪ଜଣ ଶିକାରୀ ମିଳିତ ହୋଇ ବାଘ ଶିକାର କରିଥିଲେ। ତେବେ ଶିକାର ସମୟରେ ବାଘ ସହ ଏକ ଫଟୋ ଉଠାଇ ଜଣେ ଶିକାରୀ ଫସିଥିବାବେଳେ ୩ଜଣ ଫେରାର ଅଛନ୍ତି। ୨୦୨୨ ସେପ୍ଟେମ୍ବରରେ ରଣପୁର ରେଞ୍ଜ ରଣପୁର ମଣିନାଗସାହିରୁ ଖୋର୍ଦ୍ଧା ବନବିଭାଗ ଚଢ଼ାଉ କରି ବାଘ ଦାନ୍ତ ଜବତ କରିଥିଲା। ୨୦୨୨ ନଭେମ୍ବର ୫ ଏସ୍‌ଟିଏଫ ଟିମ୍ ପକ୍ଷରୁ ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ରେଞ୍ଜ(ପଶ୍ଚିମ) ବାଣିଗୋଛା ରେଞ୍ଜର କୁଆଁରିଆ ଡ୍ୟାମ ନିକଟସ୍ଥ ଭୋଗବାଡ଼ି ଗାଁ ନିକଟରୁ ୨ଟି କଲରାପତରିଆ ବାଘଛାଲ, ୧ ହରିଣଛାଲ ଓ ୧ଟି ଶାଳିଆପତନି ଛାଲ ଜବତ କରିଥିଲା। ବାଘ ସମେତ ବନ୍ୟପ୍ରାଣୀ ଶିକାର ଅଭିଯୋଗରେ ଏସ୍‌ଟିଏଫ ପକ୍ଷରୁ ଭୋଗବାଡ଼ି ଗାଁର ଭାଗବତ ମାଝି ଓରଫ ରମେଶ (୩୦) ନାମକ ଜଣେ ଶିକାରୀଙ୍କୁ ଗିରଫ କରାଯାଇଥିଲା। ପୁଣି ରଣପୁର ରେଞ୍ଜ ଅସୁରକୁମାରୀ ଜଙ୍ଗଲରେ ୨୦୨୦ ଏପ୍ରିଲରେ ଘଟିଥିବା ୨ ବାଘ ଶିକାର ଘଟଣା ଲୁଚିବା ବଦଳରେ ଗୁମର ଖୋଲିଗଲା। ହାଇକୋର୍ଟଙ୍କ ଛାଟ ପରେ ରଣପୁର ଥାନା ପୋଲିସ ବାଧ ହୋଇ ୯ ମାସ ପରେ ଖୋର୍ଦ୍ଧା ବନଖଣ୍ଡର ତତ୍‌କାଳୀନ ଏସିଏଫ୍ ରବୀନ୍ଦ୍ର ମହାପାତ୍ର, ତତ୍‌କାଳୀନ ରଣପୁର ଭାରପ୍ରାପ୍ତ ସହକାରୀ ରେଞ୍ଜର ଶରତ ଚନ୍ଦ୍ର ଶତପଥୀ, ତତ୍‌କାଳୀନ ଫରେଷ୍ଟ ଗାର୍ଡ ରିତା ସାହୁ, ରଣପୁର ଫରେଷ୍ଟର କୈବଲ୍ୟ ବେହେରା, ମା' ଅସୁରକୁମାରୀ ବନ ସୁରକ୍ଷା ସମିତିର ସଭାପତି ସଦାଶିବ ଇନ୍ଦ୍ରଜିତ ଓ ସମ୍ପାଦକ ବିଜୟ କୁମାର ପରିଡା, ବଜ୍ରକୋଟ ଗାଁ ସଭାପତି ସୁରେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱଙ୍କ ନାଁରେ ମାମଲା କରି ତଦନ୍ତ କରିଥିଲା। ସେହିପରି ୨୦୨୦ ଜୁନରେ ବନ୍ଦମୁଣ୍ଡା ସମିତି ସଭ୍ୟଙ୍କଠାରୁ ଗୋଟିଏ ବାଘଛାଲ ଜବତ କରାଯାଇ ଗିରଫ କରାଯାଇଥିଲା। ସେହିମାସ ୮ ତାରିଖରେ ଦଶପଲ୍ଲା ରେଞ୍ଜ ଗିରିପୂଜା ଜଙ୍ଗଲରୁ ୨ଜଣଙ୍କୁ ଗିରଫ କରାଯାଇ ବାଘ ଓ ହରିଣ ଛାଲ ଜବତ କରାଯାଇଥିଲା। ଏ ନେଇ ସମାଜିକ କର୍ମୀ ଦିଲୀପ ସମାନ୍ତରା କୁହନ୍ତି, ନୟାଗଡ଼ ଓ ଖୋର୍ଦ୍ଧା ବନଖଣ୍ଡ, ମହାନଦୀ ବନ୍ୟପ୍ରାଣୀ ଡିଭିଜନରେ କଲରାପତରିଆ ବାଘ ଅଛନ୍ତି। ବିଭିନ୍ନ ସମୟରେ ପୁଣି ଶିକାର ହେଉଛି। ହେଲେ ଯେଉଁମାନେ ସୁରକ୍ଷା ଦେବା ପାଇଁ କାମ କରୁଛନ୍ତି ଓ ବାଘ ଶିକାର ଲୋକଲୋଚନକୁ ଆଣୁଛନ୍ତି ସେମାନଙ୍କ ନାଁରେ ମାମଲା ରୁଜୁ କରାଯାଉଛି। ଏଣୁ ବାଘ ବଂଶ ବୁଡ଼ି ଚାଲିଛି କହି କ୍ଷୋଭ ପ୍ରକାଶ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଜ୍ୟୋତ୍ସ୍ନାରାଣୀ



@ ଦୀପଙ୍କର



@ ଘନଶ୍ୟାମ



@ କୃଷ୍ଣଚନ୍ଦ୍ର



@ ମଧୁସ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ତାଲୁକ ଆଇନ ସେବା ସମିତି ଦ୍ୱାରା ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ

ଓଡ଼ଗାଁ,, ୩।୧୨
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ କୋର୍ଟ ପରିସରରେ ରବିବାର ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଓଡ଼ଗାଁ ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଆୟୋଜିତ ଦିବସରେ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ମାନସ ରଞ୍ଜନ ରଥ ଅଧ୍ୟକ୍ଷତା କରିଥିଲେ। ଓଡ଼ଗାଁ ଦେୱାନୀ କନିଷ୍ଠ ଜଜ୍ ଫୌଜଦାରୀ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ହର ମୋହନ ଦାଶ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସହକାରୀ ସରକାରୀ ଓକିଲ ଇନ୍ଦୁଭୂଷଣ ମିଶ୍ର, ବରିଷ୍ଠ ଅଭିବକ୍ତା ସୁବାସ ଚନ୍ଦ୍ର ପାତ୍ର, ରବି ନାରାୟଣ ବରାଡ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ରାଜେସ୍ୱିନୀ ପ୍ରଧାନ ମଞ୍ଚାସୀନ ଥିଲେ। ଏହି ଅବସରରେ ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନା, ଆର୍ଥିକ, ସାମାଜିକ ଅନୁଦାନ, ଶିକ୍ଷା ବୃତ୍ତି ଓ ବିଭିନ୍ନ ସଂରକ୍ଷଣ ସମ୍ପର୍କରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ପ୍ରଧାନ ଓ ପ୍ରକୃତିବନ୍ଧୁ ତଥା ଶିକ୍ଷାବିତ ସୁକାନ୍ତ ଚୌଧୁରୀ ବିସ୍ତାର ଭାବେ ସୂଚନା ଦେଇଥିଲେ। ହେଲେ ମଂଚାସୀନ ବରିଷ୍ଠ ଅଭିବକ୍ତା ତଥା ସହକାରୀ ସରକାରୀ ଓକିଲଙ୍କ ସହିତ ବିଚାରପତି ଦାଶ ଭିନ୍ନକ୍ଷମମାନେ କେବେ ହେଲେ ନିଜକୁ ଅକ୍ଷମ ମନେ ନ କରି ସକ୍ଷମ ଭାବିବା ସହିତ କେବେ ବି ଇଚ୍ଛାଶକ୍ତିକୁ ଦୁର୍ବଳ ନ କରିବାକୁ ପରାମର୍ଶ ଦେଇଥିଲେ। ଖବରଦାତା ଅଶୋକ କୁମାର ମହାପାତ୍ର ଅଲୋଚନାରେ ଅଂଶଗ୍ରହଣ କରିବା ସହ ସମାଜର ସବୁ ବର୍ଗର ଲୋକେ ମାନସିକ , ଆର୍ଥିକ ଓ ବିଭିନ୍ନ ସ୍ତରରେ ରୁଗଣ ଥିବାବେଳେ କେହି ଭିନ୍ନକ୍ଷମ ବୋଲି ଆଦୌ ସମ୍ବୋଧନ ନ କରିବାକୁ ଦୃଢତା ପ୍ରକାଶ କରିଥିଲେ। ଭଗବତୀ ପ୍ରସାଦ ଗ୍ରାମର କାଳୁ ଚରଣ ଦଳ ବେହେରା ନିଜ ଭିନ୍ନକ୍ଷମ ପୁଅଙ୍କୁ ବର୍ଷ ବର୍ଷ ଧରି ଆବାସ ଯୋଜନାରୁ ବଞ୍ଚିତ କରିଥିବା କଥା ତାଲୁକ ଆଇନ ସେବା ସମିତିର ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିସ୍ଥଳେ ସରକାରୀ ଯୋଜନା ଓ ସୁବିଧାରୁ ବଞ୍ଚିତ ହେଉଥିବା ଭିନ୍ନକ୍ଷମମାନେ ତାଲୁକ ଆଇନ ସେବା ସମିତିରେ ସହାୟତା ନେଇ ପାରିବେ ବୋଲି ସମିତି ଅଧ୍ୟକ୍ଷ ତଥା ବିଚାରପତି ରଥ ସୂଚନା ଦେଇଥିଲେ। ଏଥିସହ କେବଳ ଏହି ଦିନରେ ସମସ୍ତଙ୍କୁ ସ୍ନେହ ଓ ଶ୍ରଦ୍ଧା ବାଣ୍ଟିବା ନିମନ୍ତେ ଉଦ୍ୟମ କରାଯାଇଛି ବୋଲି କହିଥିଲେ। ଏଥିରେ ସ୍ଥାନୀୟ ଖବରଦାତା, ବୁଦ୍ଧିଜୀବୀଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ଓ ସହଯୋଗୀ ଉପସ୍ଥିତ ରହି ବିଭିନ୍ନ ଉପାଦେୟ ତଥ୍ୟ ହାସଲ କରିଥିଲେ।




ଅତିଥିଙ୍କ ଗହଣରେ ଭିନ୍ନକ୍ଷମମାନେ।

# ପ୍ରାଚୀନ ଗୁମ୍ଫାର ନବୀକରଣ ଦାବି



ପାହାଡ଼ରେ ସାଧୁ, ସନ୍ଥଙ୍କ ପାଇଁ ଥିବା ଗୁମ୍ଫା ।

ଖଣ୍ଡପଡା,୩।୧୨
(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଭାବରେ କଣ୍ଟିଲୋର ଶ୍ରୀନୀଳମାଧବ ଜୀଉ ସର୍ବଜନ ବିଦିତ। ବ୍ରହ୍ମାଦ୍ରୀ ଓ ପଦ୍ମାଦ୍ରୀ ପାହାଡ଼ ଉପରେ ଅବସ୍ଥିତ ଶ୍ରୀନୀଳମାଧବଙ୍କ ମନ୍ଦିର ପଶ୍ଚିମ ପାର୍ଶ୍ୱରେ ସାଧୁ ସନ୍ଥମାନଙ୍କ ପାଇଁ ଥିବା ବହୁ ପ୍ରାଚୀନ ଗୁମ୍ଫା କାଳକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ଦୁର୍ବଳ ହେବାରେ ଲାଗିଛି। ଏହି ଗୁମ୍ଫାର ସୁରକ୍ଷାର ଆବଶ୍ୟକତା ରହିଛି। ଇତିମଧ୍ୟରେ ନୀଳମାଧବ ମନ୍ଦିର ବିକାଶ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଏହି ପ୍ରକଳ୍ପ କାର୍ଯ୍ୟ ମଧ୍ୟରେ ଶହଶହ ବର୍ଷ ପୂର୍ବର ଏହି ପ୍ରାଚୀନ ଗୁମ୍ଫାର ଆବଶ୍ୟକ ରକ୍ଷଣାବେକ୍ଷଣ ଓ ଏହାର ସୌନ୍ଦର୍ଯ୍ୟକରଣ ଦିଗରେ ରାଜ୍ୟ ସରକାର ନତୁବା ପ୍ରତ୍ନତତ୍ତ୍ୱ ବିଭାଗ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ସୂଚନାଯୋଗ୍ୟ, ନୀଳମାଧବ ମନ୍ଦିର ପଶ୍ଚିମପାର୍ଶ୍ୱ ମହାବୀର ହନୁମାନଙ୍କ ମନ୍ଦିର ପରିସର ଛାତ ତଳେ ତଥା ପାହାଡ ମଧ୍ୟରେ ଲମ୍ବା ଧାଡ଼ିରେ ରହିଥିବା ଶହ ଶହ ବର୍ଷ ପୂର୍ବର ଗୁମ୍ଫା ମଧ୍ୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ସାଧୁ ସନ୍ଥମାନେ ଭିତରେ ଆଶ୍ରୟ ନେଉଥିଲେ। ଏହି ଗୁମ୍ଫା ମଧ୍ୟରେ ମଧ ଏକ ଯଜ୍ଞ କୁଣ୍ଡ ରହିଛି। ଯେଉଁଠାରେ ସିଦ୍ଧ ସାଧୁମାନେ ଅବସ୍ଥାନ କରି ଜଗତ କଲ୍ୟାଣ ନିମନ୍ତେ ହୋମଯଜ୍ଞ କରି ଦୀର୍ଘଦିନ ଧରି ସେଠାରେ ଅବସ୍ଥାନ କରୁଥିଲେ।

ଉଲ୍ଲେଖଯୋଗ୍ୟ, ଶଙ୍ଖବାବା ନାମକ ଜଣେ ଯୁବ ସାଧୁ ଦୀର୍ଘବର୍ଷ କାଳ ଏଠାରେ ଅବସ୍ଥାନ କରି ପ୍ରାତଃ ଓ ସନ୍ଧ୍ୟା ସମୟରେ ଶଙ୍ଖ ଧ୍ୱନୀ କରି ଅଞ୍ଚଳବାସୀଙ୍କୁ ଆଧାତ୍ମିକ ମାର୍ଗରେ ସଚେତନ କରାଉଥିଲେ। ଏହାଛଡା ନେତାଜୀ ସୁବାଷ ବୋଷଙ୍କ ଆଜାଦ ହିନ୍ଦ ଫୌଜ ଗୋଷ୍ଠୀର ସଦସ୍ୟ କୁହାଯାଉଥିବା ଦାମୋଦର ଦାସ ୧୯୫୫ରୁ ୧୯୬୦ରେ ଏହି ଗୁମ୍ଫା ମଧ୍ୟରେ ସାଧୁ ଭାବେ ରହି ଆସୁଥିଲେ। ତେବେ ପ୍ରତ୍ୟେହ ମନ୍ଦିର ପାଦ ଦେଶରେ ପ୍ରବାହିତ ମହାନଦୀକୁ ସ୍ନାନ ଶୌଚାଦି ସମ୍ପନ୍ନ ପାଇଁ ଯାଇଥିବା ବେଳେ ସେ ମହାନଦୀର ସ୍ରୋତରେ ଭାସି ଯାଇଥିଲେ। ଦୀର୍ଘବର୍ଷ ଧରି ପୁରାତନ କିର୍ତ୍ତିରାଜି ବହନ କରି ଆସୁଥିବା ସାଧୁ ସନ୍ଥମାନଙ୍କର ରାତ୍ରୀ ଯାପନ ପ୍ରକ୍ରିୟା ଏବେ ଫିକା ପଡ଼ି ଯାଇଥିବା ବେଳେ ଏହାକୁ ଉଜ୍ଜିବିତ କରିବାର ଆବଶ୍ୟକତା ରହିଛି। ପାହାଡ ଉପରେ ଥିବା ଏହି ଗୁମ୍ଫା ମଧ୍ୟକୁ ବର୍ଷାପାଣି ଲିକ୍ କରୁଥିବାବେଳେ ଏ ଭିତରେ ରହିବା ବିପଦ ଶଙ୍କୁଳ ହୋଇପଡିଛି। ନୀଳମାଧବ ବିକାଶ ପ୍ରକଳ୍ପ ଯୋଜନା ମଧ୍ୟରେ ସମ୍ପୃକ୍ତ ଗୁମ୍ଫାଗୁଡ଼ିକର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଭକ୍ତି ସଙ୍ଗୀତ ପ୍ରତିଯୋଗିତା ଉଦ୍‌ଘାଟିତ

ନୟାଗଡ଼,୩।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ଅଗ୍ରଣୀ ସଙ୍ଗୀତାନୁଷ୍ଠାନ 'ସଙ୍ଗୀତଧାରା' ପକ୍ଷରୁ ପ୍ରଥମ ପର୍ଯ୍ୟାୟ ଭକ୍ତି ସଙ୍ଗୀତ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଛି। ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ନୟାଗଡ଼ ଏବଂ ଓଡ଼ଗାଁ ବ୍ଲକର ପ୍ରତିଯୋଗୀମାନଙ୍କୁ ନେଇ ପ୍ରଥମ ପର୍ଯ୍ୟାୟ ଜୋନ୍‌ସ୍ତରୀୟ ପ୍ରତିଯୋଗିତାକୁ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଉଦଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ବିଜୟ ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସଙ୍ଗୀତଧାରାର ମୁଖ୍ୟ ପୃଷ୍ଠପୋଷକ ପ୍ରମୋଦ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ କଣ୍ଠଶିଳ୍ପୀ ପ୍ରଶାନ୍ତ ଦାଶ ଧନ୍ୟବାଦ ଦେଇଥିଲେ। ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରୁ ୧୪ରୁ ୨୪ବର୍ଷ ବୟସ୍କ ୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୧ଜଣ ପ୍ରତିଯୋଗୀ ଦ୍ୱିତୀୟ ପର୍ଯ୍ୟାୟ ତଥା ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ସୁରଗନ୍ଧର୍ବ ନବକିଶୋର ମିଶ୍ର, ଗୁରୁ ପ୍ରଭାତ ଦାଶ ଏବଂ ରଜନୀକାନ୍ତ ମହାପାତ୍ର ଯୋଗଦାନ କରି ଶ୍ରେଷ୍ଠ ୧୧ଜଣ ପ୍ରତିଯୋଗୀଙ୍କୁ ବାଛିଥିଲେ। ସଙ୍ଗୀତଧାରା ସଦସ୍ୟ ତଥା କଣ୍ଠଶିଳ୍ପୀ ପ୍ରଦୀପ୍ତ ରଥ, ଆଶୁତୋଷ ମିଶ୍ର, ଜୟଶ୍ରୀ ଦେବୀ, ବିଜୟାନନ୍ଦ ମହାପାତ୍ର, ନିର୍ମଳ ଶୂରଦେଓ, ଲକ୍ଷ୍ମୀଧର ସାହୁ, ପ୍ରଶାନ୍ତ ପଟ୍ଟନାୟକ, ଗୋପୀନାଥ ସେଠୀ, ଅଶୋକ ମଲ୍ଲ, ଉମାକାନ୍ତ ମିଶ୍ର, ଗୋକୁଳ ଷଡ଼ଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ। ଡିସେମ୍ବର ୧୭ରେ ଖଣ୍ଡପଡ଼ା ଏବଂ ଭାପୁର ବ୍ଲକର ପ୍ରତିଯୋଗୀମାନଙ୍କୁ ନେଇ ଖଣ୍ଡପଡ଼ାଠାରେ ଜୋନସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସଙ୍ଗୀତଧାରା ପକ୍ଷରୁ ସୂଚନା ଦିଆଯାଇଛି।




ଉଦ୍‌ଘାଟନ ଦିବସରେ ଅତିଥିମାନଙ୍କ ସହ ପ୍ରତିଯୋଗୀମାନେ।

# ବଡ଼ମୂଳ ଅଞ୍ଚଳରୁ ମୁହଁ ଫେରାଉଛନ୍ତି ଇଣ୍ଡିୟାନ ସ୍କିମର

ଗଣିଆ,୩।୧୨
(ସନ୍ତୋଷ କୁମାର ପ୍ରଧାନ)



ଶୀତଋତୁ ଆସିଲେ ସାତକୋଶିଆ ଗଣ୍ଡର ବଡ଼ମୂଳଠାରେ ବହୁ ଦେଶୀୟ ପକ୍ଷୀଙ୍କ ସହ ବିଭିନ୍ନ ପ୍ରଜାତିର ବିଦେଶାଗତ ପକ୍ଷୀଙ୍କ ଆଗମନ ଦେଖିବାକୁ ମିଳିଥାଏ। ଏହି ବିଦେଶାଗତ ଅତିଥି ପକ୍ଷୀମାନଙ୍କ ମଧ୍ୟରେ ସାଇବେରିଆ ଅଞ୍ଚଳରୁ ଆସୁଥିବା ଇଣ୍ଡିୟାନ ସ୍କିମର ପକ୍ଷୀ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ସାତକୋଶିଆ ଗଣ୍ଡରେ ବୋଟିଂ କରୁଥିବା ବେଳେ ପର୍ଯ୍ୟଟକମାନେ ଦଳ ଦଳ ଇଣ୍ଡିୟାନ ସ୍କିମର ପକ୍ଷୀମାନଙ୍କୁ ଦେଖି ଭରପୁର ମଜ୍ଜା ଉଠାଉ ଥିଲେ। ହେଲେ ୨ବର୍ଷ ଧରି ଏହି ପକ୍ଷୀ ବଡ଼ମୂଳ ଅଞ୍ଚଳରୁ ମୁହଁ ଫେରାଇ ନେଇଥିବା ଦେଖିବାକୁ ମିଳିଛି। ମହାନଦୀର ବାଲୁକା ଶଯ୍ୟାରେ ଦଳ ଦଳ ହୋଇ ବିଚରଣ କରୁଥିବା ଏହି ପକ୍ଷୀ ଆଉ ଦେଖିବାକୁ ମିଳୁନାହାନ୍ତି। ଚଳିତବର୍ଷ ଅନ୍ୟ ବିଦେଶାଗତ ପକ୍ଷୀମାନେ ମଧ୍ୟ ଏଠାକୁ ଆସି ନ ଥିବା ଜଣାପଡିଛି। ପ୍ରତିବର୍ଷ ଶୀତଋତୁ ଆସିଲେ ସାଇବେରିଆ, ହିମାଳୟ ଓ ଲଦାଖ ଅଞ୍ଚଳରୁ ଆସୁଥିବା ଏହି ବିଦେଶୀ ପକ୍ଷୀମାନେ ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ସାତକୋଶିଆ ଗଣ୍ଡର ବଡ଼ମୂଳ ଅଞ୍ଚଳରେ ରହି ପୁନର୍ବାର ଫେରିଯାଇଥାନ୍ତି। କେତେଗୋଟି ଇଣ୍ଡିୟାନ ସ୍କିମର ପକ୍ଷୀ କଟକ ଜିଲାର ମୁଣ୍ଡୁଳିଠାରେ ବର୍ଷସାରା ସହାବସ୍ଥାନ କରୁଥିବା ବନ୍ୟପ୍ରାଣୀ ବିଭାଗର ପକ୍ଷୀ ଗଣନା ବେଳେ ସୂଚନା ମିଳିଛି। ତେବେ ଖାଦ୍ୟାଭାବ, ପ୍ରତିକୂଳ ପରିବେଶ ଓ ଲୋକଙ୍କ ଅବାଧ ପ୍ରବେଶ ଯୋଗୁଁ ଏହି ପକ୍ଷୀମାନେ ବଡ଼ମୂଳ ଅଞ୍ଚଳକୁ ୨ ବର୍ଷ ଧରି ଆସୁ ନ ଥିବା ପରିବେଶବିତମାନେ ମତ ପ୍ରକାଶ କରୁଛନ୍ତି। ସୂଚନାଥାଉ କି, ଇଣ୍ଡିୟାନ ସ୍କିମର ପକ୍ଷୀ ପ୍ରତିବର୍ଷ ସାତକୋଶିଆ ଗଣ୍ଡକୁ ଆସୁଛନ୍ତି କି ନାହିଁ ଜାଣିବା ପାଇଁ ଗତ ୨୦୧୬-୧୭ରେ ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଓ ପକ୍ଷୀ ବିଶେଷଜ୍ଞଙ୍କ ଦ୍ୱାରା ବାର୍ଡ ରିଙ୍ଗିଙ୍ଗ୍ କରାଯାଇଥିଲା। ଇଣ୍ଡିୟାନ ସ୍କିମର ପକ୍ଷୀମାନଙ୍କ ଗୋଡରେ ନମ୍ବର ଲେଖାଯାଇଥିବା ଚିପ୍ ର ରିଙ୍ଗ୍ ଲଗାଯାଇଥିଲା। ଚିହ୍ନିତ ହୋଇଥିବା ଏହି ପକ୍ଷୀ ୨ବର୍ଷ ଧରି ଏଠାକୁ ପୁନଃର୍ବାର ଆସିଥିଲେ। ପରେ ଆଉ ଏଠାକୁ ନ ଆସି କଟକ ଜିଲାର ମୁଣ୍ଡୁଳି ଅଞ୍ଚଳରେ ରହୁଥିବା ପକ୍ଷୀ ଗଣନା ବେଳେ ଦେଖିବାକୁ ମିଳିଥିଲ। ୨ବର୍ଷ ଧରି ବିଦେଶାଗତ ପକ୍ଷୀ ବଡ଼ମୂଳ ଅଞ୍ଚଳରୁ ମୁହଁ ଫେରାଇ ନେଉଥିବା ଯୋଗୁ ପର୍ଯ୍ୟଟକ ଓ ପ୍ରକୃତିପ୍ରେମୀମାନଙ୍କ ମଧ୍ୟରେ ନିରାଶା ଭାବ ସୃଷ୍ଟି କରିଛି। ଚଳିତବର୍ଷ ଏହି ପକ୍ଷୀ ସାତକୋଶିଆ ଗଣ୍ଡର ଉପରମୁଣ୍ଡ ସୁନାଖଣିଆ ଓ ଟିକରପଡ଼ା ଅଞ୍ଚଳକୁ ଆସୁଛନ୍ତି କି ନାହିଁ ତାହା ପକ୍ଷୀ ଗଣନା ସମୟରେ ଜଣାପଡ଼ିବ ବୋଲି ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ରିଙ୍କି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ୍ ବିଜୟୀ

**ଭୁବନେଶ୍ୱର 'ଏ' ଡିଭିଜନ ଫୁଟ୍‌ବଲ ଲିଗ୍**

ଭୁବନେଶ୍ୱର, ୩।୧୨ (ସରୋଜ ଜେନା)

ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ 'ଗତିକୃଷ୍ଣ ପଣ୍ଡା ମେମୋରିଆଲ' ଭୁବନେଶ୍ୱର 'ଏ' ଡିଭିଜନ ଫୁଟବଲ ଲିଗ୍‌ରେ ରବିବାର ବିଜୟୀ ହୋଇଛି ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ୍। ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଖେଳା ଯାଇଥିବା ମ୍ୟାଚ୍‌ରେ ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ୍ ୭-୧ରେ ଘାଟିକିଆ ବଜରଙ୍ଗ କ୍ଲବକୁ ପରାସ୍ତ କରିଛି। ବଜରଙ୍ଗ କ୍ଲବ ପକ୍ଷରୁ ୨୩ତମ ମିନିଟ୍‌ରେ ତୋଫାନ ନାୟକ ପ୍ରଥମ ଗୋଲ ଦେଇଥିଲେ। ତେବେ ୩୯ତମ ମିନିଟ୍‌ରେ ରାହୁଲ ମୁଖୀ ଓ ୪୩ତମ ମିନିଟ୍‌ରେ ରାଜେଶ ନାୟକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧରେ ୨-୧ରେ ଆଗୁଆ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ୫ ଗୋଲ ଦେଇଥିଲା ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ୍। ଆକାଶ ନାୟକ(୭୮) ଓ ପ୍ରକାଶ ନାୟକ(୮୨) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ରାଜେଶ ନାୟକ(୬୮, ୭୧ ଓ ୮୬) ମିନିଟରେ ଆଉ ୩ଟି ଗୋଲ ଦେଇ ହ୍ୟାଟ୍ରିକ ପୂରଣ କରିଥିଲେ। ୪ ଗୋଲ ସ୍କୋର କରିଥିବା ରାଜେଶ ନାୟକଙ୍କୁ ବା'ର ବରିଷ୍ଠ କାର୍ଯ୍ୟକାରୀ ସମିତି ସଦସ୍ୟ ରଜତ ବଲ୍ଲଭ ଦାସ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଏମ୍ ଏସ୍ ବେଗ୍ ଖେଳ ପରିଚାଳନା କରିଥିବା ବେଳେ ସୁଶାନ୍ତ ମିଶ୍ର ଓ ଶେଖାଓ୍ୱତ ଖାଁ ସହକାରୀ ରେଫରି ରହିଥିଲେ। ସୋମବାର କିସ୍ ଫୁଟବଲ କ୍ଲବ ଓ କ୍ଲବ୍ ୭୩ ମଧ୍ୟରେ ମ୍ୟାଚ ଖେଳାଯିବ।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ରାଜେଶ ନାୟକଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

# ୨୦୨୯ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ବିଡ୍ ଦାଖଲ କରିବ ଭାରତ

ଅମୃତସର,୩।୧୨(ପି.ଟି.)

ବିଶ୍ୱର ଅନ୍ୟତମ କ୍ରୀଡ଼ା ମହାଶକ୍ତି ହେବା ଦିଗରେ ଅଗ୍ରସର ହେଉଥିବା ଭାରତ ୨୦୨୯ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ବିଡ୍ ଦାଖଲ କରିବାକୁ ଯାଉଛି। ପୂର୍ବରୁ ୨୦୨୭ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଭାରତ ବିଡ୍ ଦାଖଲ କରିବାର ଯୋଜନା ରହିଥିଲା। ତେବେ ରବିବାର ଏହି ସମ୍ଭାବନାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ପୂର୍ବରୁ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ ଇଣ୍ଡିଆ (ଏଏଫ୍‌ଆଇ) ଓ ଭାରତୀୟ ଅଲିମ୍ପିକ୍ସ ମହାସଂଘ(ଆଇଓସି) ପକ୍ଷରୁ ୨୦୨୭ ବିଶ୍ୱ ଚାମ୍ପିୟନଶିପ୍ ଓ ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ଯୋଜନା କରାଯାଇଥିଲା। ତେବେ ଏଏଫ୍‌ଆଇ ୨୦୨୯ରେ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ ପାଇଁ ବିଡ୍ ଦାଖଲ କରିବ ବୋଲି ଏହାର ଉପସଭାପତି ଅଞ୍ଜୁ ବବି ଜର୍ଜ କହିଛନ୍ତି। ଏଏଫ୍‌ଆଇର ବାର୍ଷିକ ସାଧାରଣ ବୈଠକରେ ଏହି ପ୍ରସଙ୍ଗରେ ନିଷ୍ପତ୍ତି ନିଆଯାଇଥିବା ଅଞ୍ଜୁ କହିଛନ୍ତି।

# ଟାଏକୋଣ୍ଡୋ ପାଇଁ ୧୩ ଜଣିଆ ଓଡ଼ିଶା ଦଳ


ଟାଏକୋଣ୍ଡୋ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ।

ଭୁବନେଶ୍ୱର,୩।୧୨(ସରୋଜ ଜେନା)

ଦାର୍ଜିଲିଂର କାଲିପଙ୍ଗଠାରେ ଡିସେମ୍ବର ୯ ଓ ୧୦ ତାରିଖରେ ହେବାକୁ ଥିବା ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ପାଇଁ ୧୩ ଜଣ ଖେଳାଳି ମନୋନୀତ ହୋଇଛନ୍ତି। ଅଲ ଇଣ୍ଡିଆ ଟାଏକୋଣ୍ଡୋ ଫେଡେରେଶନ ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜିତ ହେଉଛି। ସବ୍ ଜୁନିୟର, ଜୁନିୟର, ସିନିୟର ପୁରୁଷ ଓ ମହିଳା ପରି ୪ ବର୍ଗରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ। କୋଚ୍ ପାର୍ଥସାରଥି ରାଉତଙ୍କ ନେତୃତ୍ୱରେ ଏହି ୧୩ ଜଣିଆ ଦଳ କାଲିପଙ୍ଗ ଗସ୍ତ କରିବ। ଓଡ଼ିଶା ରୟାଲ ଟାଏକୋଣ୍ଡୋ ସଭାପତି ହିମାଂଶୁ ଶେଖର ପ୍ରଧାନ, ଯୁଗ୍ମ ସମ୍ପାଦକ ଅମିତ କୁମାର ରାଉତ ଓଡ଼ିଶା ଦଳ ସହ ଯାତ୍ରା କରିଛନ୍ତି। ସଂଘର ସଦସ୍ୟ କୀର୍ତ୍ତି ପ୍ରଭା ରାଉତ, ପ୍ରଫୁଲ୍ଲ କିଶୋର ସାହୁ ଓ ବିବେକାନନ୍ଦ ପାତ୍ର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


**୫୦ତମ ବିବାହବାର୍ଷିକ ଶୁଭେଚ୍ଛା**



**ବଂଶୀଧର ବେହେରା ଓ କଳ୍ପନା ବେହେରା**
ବାଲିଅନ୍ତା, ଅଣ୍ଡିଲୋ (କ)
ଆଜି ୫୦ତମ ବିବାହ ବାର୍ଷିକୀ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଆପଣଦ୍ୱୟଙ୍କ ଚଲାପଥ କୁସୁମିତ କରନ୍ତୁ। ଆପଣଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ହେଉ।
ଶୁଭେଚ୍ଛା ସହ: ପୁଅ: ଦିଲୀପ, ବୋହୂ: ସସ୍ମିତା, ଝିଅ: ସବିତା, ଜ୍ୱାଇଁ: ପ୍ରଭାତ, ନାତି: ଜଗଦୀଶ ଓ ରୁଦ୍ରନାରାୟଣ, ନାତୁଣୀ: ସଞ୍ଜନା, ରିତୁପର୍ଣ୍ଣା, ଅନ୍ନପୂର୍ଣ୍ଣା।
ଧ-୭୧୨୨୫


# ସିରିଜ ଜିତିଲେ ଇଂଲଣ୍ଡ 'ଏ' ମହିଳା

**ମୁମ୍ବାଇ,୩।୧୨(ପି.ଟି.):** ଭାରତ'ଏ' ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌କୁ ଜିତି ନେଇଛି ଇଂଲଣ୍ଡ 'ଏ'। ରବିବାର ମୁମ୍ବାଇରେ ଖେଳାଯାଇଥିବା ଅନ୍ତିମ ମ୍ୟାଚ୍‌କୁ ୨ ଉଇକେଟରେ ଜିତି ନେଇଥିଲା ଇଂଲଣ୍ଡ। ଲୋ ସ୍କୋରିଂ ମ୍ୟାଚ୍‌ରେ ଭାରତ 'ଏ' ପ୍ରଥମେ ବ୍ୟାଟିଂ କରି ୧୯.୨ ଓଭରରେ ୧୦୧ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଇଂଲଣ୍ଡ ୧୯.୧ ଓଭରରେ ୮ ଉଇକେଟ ହରାଇ ୧୦୪ ରନ୍ କରି ମ୍ୟାଚ୍ ଜିତି ନେଇଥିଲା।

# ଅଂଶଗ୍ରହଣ କଲେ ୩୦୦ରୁ ଉର୍ଦ୍ଧ୍ୱ ଯୁବ ସନ୍ତରଣକାରୀ

**ଆଇ ସୁଇମ୍ ଜୁନିୟର ମିଟ୍**

ଭୁବନେଶ୍ୱର, ୩।୧୨ (ବିଜୟ ରଣା)

କିସ୍, ଗ୍ଲେନମାର୍କ ଆକ୍ୱାଟିକ୍ ଓ କିଟ୍‌ର ମିଳିତ ଆନୁକୂଲ୍ୟରେ ରବିବାର କିଟ୍ ପରିସରରେ ରହିଥିବା ୬ଟି ସୁଇମିଂ ପୁଲ୍‌ରେ ଆଇସୁଇମ ଜୁନିୟର ସୁଇମ୍ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଇଭେଣ୍ଟରେ ୩୦୦ରୁ ଉର୍ଦ୍ଧ୍ୱ ଉତ୍ସାହୀ ଯୁବ ସନ୍ତରଣକାରୀ ଭାଗ ନେଇ ଇଭେଣ୍ଟକୁ ସଫଳ କରିଥିଲେ। ଯୁବ ସନ୍ତରଣକାରୀମାନେ ୩୦ ପୃଥକ୍ ପୃଥକ୍ ଇଭେଣ୍ଟରେ ଭାଗ ନେଇଥିଲେ। ସମଗ୍ର ରାଜ୍ୟର ୬ରୁ ଅଧିକ କ୍ଲବ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଇଭେଣ୍ଟର ସଫଳତାକୁ ନେଇ ଆନନ୍ଦ ପ୍ରକାଶ କରିବା ସହ ଯୁବ ସନ୍ତରଣକାରୀଙ୍କ ଶକ୍ତି ଓ ଉତ୍ସାହ ତାଙ୍କୁ ଅଭିଭୂତ କରିଛି ବୋଲି କହିଥିଲେ। ଏଭଳି ପ୍ରତିଯୋଗିତା ସୁସ୍ଥ ଜୀବନଶୈଳୀ ବ୍ୟତୀତ ଶୃଙ୍ଖଳା ଓ ପ୍ରତିଯୋଗିତାର ଭାବନା ସୃଷ୍ଟି କରିବ। ଗ୍ଲେନମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ନେହା ସଲଦାନହା କହିଛନ୍ତି, ଆଇ ସୁଇମ୍ କେବଳ ଏକ ସୁଇମ୍ ମିଟ୍ ନୁହେଁ ବରଂ ସନ୍ତରଣ କ୍ରୀଡ଼ାର ପ୍ରସାର ଏବଂ ଯୁବ ପ୍ରତିଭାଙ୍କୁ ଉତ୍ସାହିତ କରିବାରେ ସହାୟକ ହୋଇଛି।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।


ପଦକ ହାସଲକାରୀ ୫ ଓଡ଼ିଆ କରାଟେକା।

# ଓଡ଼ିଶା ପ୍ରତିଯୋଗୀଙ୍କୁ ୫ ପଦକ

**ସାଉଥ୍ ଏସିଆ କରାଟେ**

ଭୁବନେଶ୍ୱର,୩।୧୨(ସରୋଜ ଜେନା)

ନେପାଳରେ ଅନୁଷ୍ଠିତ ସାଉଥ୍ ଏସିଆ କରାଟେ ପ୍ରତିଯୋଗିତାରେ ଓଡ଼ିଆ ପ୍ରତିଯୋଗୀଙ୍କୁ ସଫଳତା। ଓଡ଼ିଶାରୁ ସମୁଦାୟ ୫ ଜଣ ପ୍ରତିଯୋଗୀ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ବେଳେ ଓଡ଼ିଶା ଦୁଇ ସ୍ୱର୍ଣ୍ଣ ପଦକ ସହିତ ୫ ପଦକ ବିଜୟୀ ହୋଇଛନ୍ତି। ଏହା ସହିତ ଦୁଇଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ପ୍ରଥମ ଦିନରେ ୨୧ ବର୍ଷରୁ କମ୍ ବୟସ ବର୍ଗରେ ସୁରୋମିତା ଓ ସୁମନ ଶେଖର ସ୍ୱର୍ଣ୍ଣ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ଆଉ ୩ ପଦକ ଜିତିଛନ୍ତି। ଭାଲେନା ଭାଲେଣ୍ଟିନା ଓ ସୁରମିତା ସିହ୍ନାଙ୍କ ମହିଳା କାଟା ଟିମ୍ ରୌପ୍ୟ ପଦକ ହାସଲ କରିଥିଲେ। ମହିଳା ୫୦ କିଗ୍ରା ଫାଇଟିଂରେ ଲୋମା ସ୍ୱାଇଁ ରୌପ୍ୟ ପଦକ ବିଜୟୀ ହୋଇଥିବା ବେଳେ ୭୬+ କିଗ୍ରା ଫାଇଟିଂରେ ଓଡ଼ିଶା ପ୍ରତିଯୋଗୀ ଏକ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଖେଳାଳିଙ୍କ ସମସ୍ତ ଖର୍ଚ୍ଚ ବହନ କରାଯାଇଥିଲା। ସଫଳତା ପାଇଁ ରାଜ୍ୟ କରାଟେ ସଂଘ ପକ୍ଷରୁ ଖେଳାଳି ମାନଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

# ଭିନ୍ନକ୍ଷମ ଦିବସରେ କ୍ରୀଡ଼ା ପ୍ରତିଯୋଗିତା



ପୋଡିୟମ୍‌ରେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

ଭୁବନେଶ୍ୱର, ୩।୧୨ (ବିଜୟ ରଣା)

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଦୁଇ ଦିନ ଧରି ଦୂତୀଚାନ୍ଦ ଇନ୍‌ଡୋର ଷ୍ଟାଡିୟମରେ ଏକ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ସ୍ୱତନ୍ତ୍ର ବିଦ୍ୟାଳୟ ତଥା ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନଗୁଡ଼ିକରୁ ପ୍ରାୟ ୨୦୦ ଦୃଷ୍ଟିବାଧିତ, ଶ୍ରବଣବାଧିତ, ସେରେବ୍ରାଲ୍ ପାଲ୍‌ସି ଓ ଅଟିଜିମ୍‌ଗ୍ରସ୍ତ ତଥା ମାନସିକ ଅନଗ୍ରସର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ବର୍ଗରେ ୧୦୦ ମିଟର ଓ ୨୦୦ ମିଟର ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ଶଟ୍‌ପୁଟ୍ ଥ୍ରୋ ସାଙ୍ଗକୁ ହ୍ୱିଲଚେୟାର ରେସ୍ ଓ ସଫ୍ଟ ବଲ୍ ଥ୍ରୋ ସମେତ ଅନ୍ୟ ବହୁ କ୍ରୀଡ଼ା ପ୍ରତିଯୋଗିତ ହୋଇଥିଲା। ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଦିଲୀପ କୁମାର ରାୟ ଓ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ପ୍ରମୁଖ ଯୋଗଦାନ କରି କୃତି ପ୍ରତିଯୋଗୀଙ୍କୁ ଅର୍ଥରାଶି ସହ ପ୍ରଶଂସାପତ୍ର ବିତରଣ କରିଥିଲେ। ବିଭାଗ ପକ୍ଷରୁ ନିଶିକାନ୍ତ ଟେଟେ ଓ କବିତାଶ୍ରୀ ଅମାତ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ଶ୍ରେୟା, ସୁୟଶଙ୍କୁ ଟାଇଟଲ୍


ପୁରସ୍କୃତ ଖେଳାଳି।

ଭୁବନେଶ୍ୱର,୩।୧୨(ସରୋଜ ଜେନା)

କେଟି ଗ୍ଲୋବାଲ ସ୍କୁଲରେ ଆୟୋଜିତ ଏମ୍‌ଓସିଏଫ୍ ଏଆଇଟିଏ ଓ ଟିଏ କେଟି ଗ୍ରାସରୁଟ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଛି। ବାଳିକା ସିଙ୍ଗଲ୍ସରେ ଶ୍ରେୟା ମହାପାତ୍ର ଓ ବାଳକ ସିଙ୍ଗଲ୍ସରେ ସୁୟଶ ପଟ୍ଟନାୟକ ବିଜୟୀ ହୋଇଛନ୍ତି। କେଟି ଗ୍ଲୋବାଲ ସ୍କୁଲ ଓ ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ୍ ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ବାଳିକା ସିଙ୍ଗଲ୍ସ ଇଭେଣ୍ଟ ଫାଇନାଲରେ ଟପ୍ ସିଡ୍ ଶ୍ରେୟା ମହାପାତ୍ର ୬-୩ ଓ ୭-୫ରେ ଦ୍ୱିତୀୟ ସାଇ ରୂପୀ ସୌର୍ଯ୍ୟା ମହାନ୍ତିଙ୍କୁ ପରାସ୍ତ କରିଥିଲେ। ସେହିପରି ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଦ୍ୱିତୀୟ ସିଡ୍ ସୂର୍ଯ୍ୟ ପଟ୍ଟନାୟକ ୩-୬, ୬-୨,୬-୨ରେ ଟପ୍ ସିଡ୍ ସୂର୍ଯ୍ୟ ପ୍ରତାପ ନାୟକଙ୍କୁ ପରାସ୍ତ କରିଥିଲେ। ପୂର୍ବତନ ପ୍ରଫେଶନାଲ ଏଟିପି ଟେନିସ୍ ଖେଳାଳି ଚିନ୍ମୟ ପ୍ରଧାନ ବିଜୟୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।


## Classified Everyday
0674-2580101, 2549949




**SALE**

Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – 9658562429. D-75276

Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 7008459987. D-75272

2634sqft. stitiban gharabadi plot W/ Boundary, front road for sale at Senapati Bagicha, Puri @ 75 Lakhs: negotiable. Contact No- 9437281290, 8895729136. D-1835

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

ଭୁବନେଶ୍ୱର ଏୟାରପୋର୍ଟରୁ ୧୪କିମି, ଜଟଣୀ-ପିପିଲି ମେନ୍‌ରୋଡ଼ ପାଖରେ ୩୦ ଫୁଟ ରୋଡଥାଇ ଘରବାଡି ପ୍ଲଟ୍ ବର୍ଗଫୁଟକୁ- 850/-,1100/- କିଣି ଘର କରନ୍ତୁ। 9853150290. D-75274




Newly open spa positively Heath benefits with expert therapist. 9040286886. D- 75173

Newly Healthcare benefited spa Experience Therapist in Bhubaneswar. Contact: 9938843929 D- 75172

Relax, Refresh your body, Mind at Saikrupa Spa with best therapies. 8984068077. D-1873

Full Body massage by experience therapist @999 only-9078484455 (Bhubaneswar). D-1928

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75066

Ashirvaad Salon and SPA get good massage for your health tha best therapy. 7077181074. D-75069

**LOST**

Lost my original B.Tech (Mechanical) Certificate vide Regd. No.- 0901293115, while going from Kachery Market to Fandi Chhak on 01.12.2023 at about 10AM, if any one found/seen please contact - Subhasish Dash, Mob- 7008091789. D-1943

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ଏପତିତପାବନ ପରିଡ଼ା**
ଗ୍ରାମ: ନଳୀବସନ୍ତ, ଡେଲାଙ୍ଗ, ପୁରୀ
ଆବିର୍ଭାବ- ୦୪।୦୪।୧୯୪୦
ତିରୋଧାନ- ୧୫।୧୧।୨୦୨୨
ଚାଲିବାର ବାଟ ଦେଖାଇ ହାତଛାଡ଼ି ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ନୀତି, ଆଦର୍ଶ, ମଣିଷପଣିଆ ଆମପାଇଁ ପ୍ରେରଣାର ଉତ୍ସ ତଥା ସ୍ମୃତି ହୋଇ ରହିବ। ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାମୃତରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରାର୍ଥନା।
ଶୋକସନ୍ତପ୍ତ- ପୁଅ: ମନୋଜ, ଧନଞ୍ଜୟ, ସଞ୍ଜୟ, ଭାଗୀରଥି, ଦାଶରଥି, ଅଶୋକ, ପୂର୍ଣ୍ଣଚନ୍ଦ୍ର, କୃଷ୍ଣଚନ୍ଦ୍ର, ବୋହୂ: ସରୋଜିନୀ, ବିଦ୍ୟୁଲତା, ସୋନୀ, ବୀଣାପାଣି, ତିଲତ୍ତମା, ବାସନ୍ତି, ଝିନି, ରମା, ଉର୍ବଶୀ, ନାତି/ନାତୁଣୀ: ରିଙ୍କୁ, ପପୁ, ନିସି, ଲୁସି, ଦୀପୁ, ତପୁ, ପିଙ୍କୁ, ମାମୁନି, ପ୍ରଶାନ୍ତ, ଟୁନା, କାଳୁ, ସନିଆ, ମନୁଆ।
ଧ-୧୯୪୦

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଏସୁନୀତା ସ୍ୱାଇଁ**
ରାମଚନ୍ଦ୍ରପୁର, ପିତଳ, ଗଞ୍ଜାମ
ଆବିର୍ଭାବ: ୨୦।୦୬।୧୯୬୫
ତିରୋଧାନ: ୨୪।୧୧।୨୦୨୩
(କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ)
ତୁମର ମଧୁର ସ୍ମୃତି, ସ୍ନେହ, ଶ୍ରଦ୍ଧା ତଥା ପ୍ରତିଟି କାର୍ଯ୍ୟରେ ପ୍ରତି ମୁହୂର୍ତ୍ତରେ ନିଃସ୍ୱାର୍ଥପର ତଥା ଉତ୍ସର୍ଗୀକୃତ ସଚ୍ଚୋଟ ସାଥିର ଅନୁପସ୍ଥିତି ସଦା ଅନୁଭୂତ। ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାର: ଦେବରାଜ ସ୍ୱାଇଁ (ସ୍ୱାମୀ), ଶୁଭ୍ରାଂଶୁ (ଜ୍ୟେଷ୍ଠପୁତ୍ର), ପୁନମ୍ (ପୁତ୍ରୀ), ସମ୍ବିତ୍ (କନିଷ୍ଠ ପୁତ୍ର), ଶୀତାଂଶୁ (ଜାମାତା), ଆକାଂକ୍ଷିକା (ଜ୍ୟେଷ୍ଠ ପୁତ୍ରବଧୂ), ସୌମ୍ୟା (କନିଷ୍ଠ ପୁତ୍ରବଧୂ), ସ୍ୱୟଂସିଦ୍ଧିଓ ସୁଦୀକ୍ଷା (ନାତୁଣୀଦ୍ୱୟ) ତଥା ସମ୍ପୂର୍ଣ୍ଣ ସ୍ୱାଇଁ ପରିବାର।
ଧ-୧୯୪୪

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ଏଗୌରାଙ୍ଗ ଚରଣ ମହାପାତ୍ର**
ପ୍ରାଚୀବିହାର, ପଳାଶୁଣି
ଆବିର୍ଭାବ: ୦୫।୧୧।୧୯୪୫
ତିରୋଧାନ: ୧୪।୧୧।୨୦୨୨
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣାଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ନାତି
ଧ-୧୯୩୯

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଏବ୍ରଜ ବଲ୍ଲଭ ମେହେର**
ଅବସରପ୍ରାପ୍ତ ଅଧୀକ୍ଷକ, ଖଣି ଓ ଭୂତତ୍ତ୍ୱ ବିଭାଗ ରାଜ୍ୟ ଲୋକସେବା ଭବନ, ଭୁବନେଶ୍ୱର ତଥା ଓଡ଼ିଆ ସିନେ କଳାକାର
(୧୫।୦୮।୧୯୪୭- ୨୫।୧୧।୨୦୨୩)
ଯଦିଓ ତୁମ ମୃତ୍ୟୁ ''ନିତିଆ'' ଓ ''ବାବୁଲି'' ପରି ଅସମୟ କି ଅପ୍ରତ୍ୟାଶିତ ନ ଥିଲା, କିନ୍ତୁ ତୁମର ଶେଷ ପନ୍ଦର ଦିନର ଦେହ ଅବସ୍ଥା ଆମ ସମସ୍ତଙ୍କୁ ବ୍ୟସ୍ତ ଓ ବିବ୍ରତ କରିଥିଲା। କ'ଣ ଆଉ କରାଯାଇପାରେ? ସବୁ ସେହି ନିରାମୟଙ୍କର ଇଚ୍ଛା। ଆଜିର ଏହି ପୁଣ୍ୟତିଥିରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ବନ୍ଧୁ: ସୁଶୀଳ କୁମାର ନନ୍ଦ (ନନ୍ଦ), ସୁରେନ୍ଦ୍ର ନାଥ ସରକାର (ସୁରେନ୍) ଓ ''ପ୍ରେଷ୍ଟିଜ'' ପରିବାର
ଧ-୬୭୪୨୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ନିରୁପମା ଜେନା**
(ପ୍ରାକ୍ତନ ଶିକ୍ଷୟିତ୍ରୀ, ବଙ୍କ ସ୍କୁଲ, ଭଦ୍ରକ)
DOB- 16.06.1943
DOD- 04.12.2022
ତିଥି- ମାର୍ଗଶିର ମାସ ଦି୧୮ନ ଏକାଦଶୀ
ଆଜିର ଦିନରେ ତମର ଅମର ଆତ୍ମାର ଶାନ୍ତି କାମନା କରିବା ସହ ଚେତନାରେ ଅଧିକରୁ ଅଧିକ ପ୍ରଗତି କର ଏବଂ ସୂକ୍ଷ୍ମରେ ଆଧାତ୍ମିକ ଅନୁଭୂତି ଦୃଢ଼ୀଭୂତ ହେଉ। ଶ୍ରୀମା ଶ୍ରୀଅରବିନ୍ଦଙ୍କ ନିକଟରେ ଏତିକି ପ୍ରାର୍ଥନା।
ପରିବାରବର୍ଗ ଓ ସହକର୍ମୀବୃନ୍ଦ
ଧ-୧୯୪୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଏଗୌରାଙ୍ଗ ଦେବ ଦାସ**
(ଅବସରପ୍ରାପ୍ତ OFS ପ୍ରଶାସନିକ ଅଧିକାରୀ)
ସ୍ଥାନ: ବଳରାମପୁର, ତଳସାହି
ଆବିର୍ଭାବ: ୨୧।୦୨।୧୯୫୮
ତିରୋଧାନ: ୧୫।୧୧।୨୦୨୨
(କୃଷ୍ଣପକ୍ଷ ସପ୍ତମୀ ତିଥି)
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ନିବେଦନ କରୁଛୁ। ଯେଉଁଠି ଥା'ନ୍ତୁ ଭଲରେ ରୁହନ୍ତୁ, ଏତିକି କାମନା।
ଶୋକସନ୍ତପ୍ତ: ପତ୍ନୀ: ସରୋଜିନୀ, ପୁତ୍ର: ରାଜେଶ, ରାକେଶ, କନ୍ୟା: ରାଜଶ୍ରୀ ଏବଂ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୧୯୪୨

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଚାଲିବା ଓ ଟାଇପ୍-୨ ଡାଇବେଟିସ୍



ଟାଇପ୍-୨ ଡାଇବେଟିସ୍‌ଠାରୁ ନିଜକୁ ଦୂରେଇ ରଖିବାର ଏକ ସରଳ ତଥା ସହଜ ଉପାୟ ରହିଛି। ତାହା ପୁଣି ହାତ ପାଆନ୍ତାରେ। ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ପ୍ରତିଦିନ ଘଣ୍ଟାଏ ସମୟ ମଧ୍ୟରେ ୪.୮-୬ କିମି ଚାଲନ୍ତି ତେବେ ତାହା ଆପଣଙ୍କୁ ଟାଇପ୍-୨ ଡାଇବେଟିସ୍‌ଠାରୁ କେତେକାଂଶରେ ଦୂରେଇ ରଖିପାରିବ। ନ୍ୟୁୟର୍କସ୍ଥିତ ନର୍ଥୱେଲ୍ ଲେନକ୍ସ ହିଲ୍ ହସ୍‌ପିଟାଲର ଡାଇବେଟିସ ବିଶେଷଜ୍ଞମାନେ ଏ ନେଇ ଏକ ସର୍ଭେ କରିଥିଲେ। ଡା. ମିନସା ସୁଦ୍‌ଙ୍କ ତତ୍ତ୍ୱାବଧାନରେ ଏହି ସର୍ଭେ କରାଯାଇଥିଲା। ଏ ନେଇ ସେ କହନ୍ତି, 'ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ପ୍ରତିଦିନ ୪-୬ କିମି ଚାଲିବାକୁ ପରାମର୍ଶ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ଟାଇପ୍-୨ ଡାଇବେଟିସ୍‌ର ଲକ୍ଷଣ ଦେଖିବାକୁ ମିଳି ନ ଥିଲା। ଏଭଳି ଚାଲିବାକୁ ଜଣେ ଯଦି ଅଭ୍ୟାସରେ ପରିଣତ କରନ୍ତି ତେବେ ତାଙ୍କଠାରେ ଟାଇପ୍-୨ ଡାଇବେଟିସ୍ ଲକ୍ଷଣ ଦେଖାଯିବାର ଆଶଙ୍କା ଅନେକାଂଶରେ କମ୍ ରହିଛି। ଚାଲିବା ସମୟରେ ଟିକେ ଦ୍ରୁତ ବେଗରେ ଚାଲିଲେ ତାହାର ଆହୁରି ସୁଫଳ ମିଳିଥାଏ।'

## ଉପକାରୀ ଲେମ୍ବୁ



ଲେମ୍ବୁ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ତାହା କହିବା ଅନାବଶ୍ୟକ। ଏଥିରେ ଭିଟାମିନ୍-ସି ଭରି ରହିଛି, ଯାହାକି ମନୁଷ୍ୟ ଶରୀର ପାଇଁ ଅତି ଉପକାରୀ। ଯଦି ଆମେ ପ୍ରତିଦିନ ଖାଦ୍ୟରେ ଲେମ୍ବୁ ଖାଇବା, ତେବେ ଏହାଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହାର ଆଉ କେତେକ ଉପକାରୀ ଗୁଣ ରହିଛି। ସେଗୁଡିକ ମଧ୍ୟରେ ରକ୍ତହୀନତା ଦୂର କରିବା ଏବଂ ପାଚନ ଶକ୍ତି ବୃଦ୍ଧି କରାଇବା ଅନ୍ୟତମ। ଲେମ୍ବୁ ମିଶ୍ରିତ ଉଷୁମ ପାଣି ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭପ୍ରଦ। ଏଭଳି ପାଣି ନିୟମିତ ପିଇବା ଦ୍ୱାରା ମେଦବହୁଳତା ଅନେକାଂଶରେ ହ୍ରାସ ପାଇଥାଏ। ଏହାକୁ ନିୟମିତ ଖାଇଲେ ତାହା ହୃଦ୍‌ଜନିତ ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ ବୋଲି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହା ମଧ୍ୟ କିଡ୍‌ନୀ ଷ୍ଟୋନ୍ ସୃଷ୍ଟିକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ। ଲେମ୍ବୁକୁ ଖାଦ୍ୟ ସହ ପାଣିରେ ଚିପୁଡ଼ି କିମ୍ବା 'ଗ୍ରୀନ୍ ଟି' କରି ମଧ୍ୟ ସେବନ କରିପାରିବା। ଲେମ୍ବୁରସକୁ ବିଭିନ୍ନ ପ୍ରଣାଳୀରେ ଖାଦ୍ୟ ରୂପେ ଗ୍ରହଣ କରିବା ଦ୍ୱାରା ଶରୀରରେ ବିଭିନ୍ନ ପ୍ରକାର ଭୂତାଣୁଜନିତ ରୋଗକୁ ପ୍ରତିରୋଧ କରାଯାଇପାରିବ। ଦିନରେ ଅତିବେଶିରେ ଦୁଇଟି ଗୋଟି ଲେମ୍ବୁ ଖାଇବା ଉଚିତ। ଦୈନନ୍ଦିନ ଖାଦ୍ୟ ତାଲିକାରେ ଲେମ୍ବୁକୁ ସାମିଲ କରିବା ନିହାତି ଆବଶ୍ୟକ। ଏହାଦ୍ୱାରା ଆମେ ସୁସ୍ଥ ତଥା ନୀରୋଗ ଜୀବନ ବିତାଇପାରିବା।

## ଏକ୍‌ଜିମା ଅଧିକ କୁଣ୍ଡାଇ ହୁଏ କାହିଁକି



ଏକ୍‌ଜିମା ଏକ ଚର୍ମଜନିତ ସମସ୍ୟା। ଏହାର ପ୍ରାରମ୍ଭିକ ସ୍ତରରୁ ଚିକିତ୍ସା କରାଇନେବା ଦରକାର। ନ ହେଲେ ଏଭଳି ସମସ୍ୟା ଧୀରେ ଧୀରେ କାୟା ବିସ୍ତାର କରିଥାଏ। ଏକ୍‌ଜିମା ହେଲେ ସେହି ସ୍ଥାନରେ ବାରମ୍ବାର କୁଣ୍ଡାଇ ହୁଏ। ବେଳେବେଳେ ପ୍ରବଳ କୁଣ୍ଡାଇ ହୁଏ। ତେବେ ଏଭଳି ହୁଏ କାହିଁକି ? ବିଶେଷଭାବରେ ଇନ୍‌ଫ୍ଲାମେଶନ ପାଇଁ ଏହା କୁଣ୍ଡାଇ ହୋଇଥାଏ। ତେବେ ଏହା ପଛରେ ଥିବା ଆଉ ଏକ କାରଣକୁ ନିକଟରେ ଖୋଜି ପାଇଛନ୍ତି ହାର୍ଭାର୍ଡ ମେଡିକାଲ ସ୍କୁଲର ବିଶେଷଜ୍ଞମାନେ। ଏ ନେଇ ସେମାନେ ପ୍ରାୟ ଦୁଇ ବର୍ଷ ଧରି ଗବେଷଣା କରିବା ପରେ ଏକ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ଉକ୍ତ ସ୍କୁଲର ଇମ୍ୟୁନୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର ଡା. ଆଇଜାକ୍ ଚିନୁ କହନ୍ତି, "ଏକ୍‌ଜିମା ହେବା ଦ୍ୱାରା ଚର୍ମର ସେହି ସ୍ଥାନରେ ଅନେକ ବ୍ୟାକ୍ଟେରିଆ ଏକାଠି ହୋଇଯାଆନ୍ତି। ସେଥିଯୋଗୁ ଆକ୍ରାନ୍ତ ସ୍ଥାନ କୁଣ୍ଡାଇ ହୋଇଥାଏ। ପୁଣି ବେଳେବେଳେ ଏହି କୁଣ୍ଡାଇ ହେବା ଅସହ୍ୟ ହୋଇପଡେ। ଉକ୍ତ ବ୍ୟାକ୍ଟେରିଆଟି ହେଲା 'ଷ୍ଟେଫିଲୋକସ ଆୟୁରସ'। ଏକ୍‌ଜିମା ସ୍ଥାନରେ ଏହି ବ୍ୟାକ୍ଟେରିଆ ଯେତେବେଳେ ଅଧିକ ସକ୍ରିୟ ହୋଇଉଠନ୍ତି, ସେତେବେଳେ ସେହି ଜାଗା ପ୍ରବଳ କୁଣ୍ଡାଇ ହୁଏ।"

# ନିଃଶବ୍ଦ ଘାତକ : ଉଚ୍ଚ ରକ୍ତଚାପ



ଡା. ନିତ୍ୟାନନ୍ଦ ସ୍ୱାଇଁ




"ହୃତ୍‌ପିଣ୍ଡ ସଙ୍କୁଚିତ ହେବା ପରେ ଅତି ସ୍ୱଳ୍ପ ସମୟ ପାଇଁ ତାହା ଶିଥିଳ ହୋଇ ରହେ। ଏହି ସମୟରେ ମଧ୍ୟ ଅବ୍ୟାହତ ରହିଥାଏ ରକ୍ତ ପ୍ରବାହ ଏବଂ ଧମନୀର ପାଚେରିରେ ସାମାନ୍ୟ ଚାପ ଅନୁଭୂତ ହୁଏ। ଏହି ପ୍ରକାରର ଚାପକୁ କୁହାଯାଏ 'ଡାୟୋଷ୍ଟୋଲିକ ରକ୍ତଚାପ' ଏବଂ ଏହା ସିଷ୍ଟୋଲିକ ରକ୍ତଚାପଠାରୁ ଊଣା। ସିଷ୍ଟୋଲିକ୍ ଚାପ ହେଉଛି ହୃତ୍‌ପିଣ୍ଡ ସଙ୍କୋଚନ ସମୟରେ ସର୍ବାଧିକ ଚାପ ଏବଂ ଡାୟୋଷ୍ଟୋଲକ ଚାପ ହେଉଛି ହୃତ୍‌ପିଣ୍ଡ ଶିଥିଳତା ବା ପ୍ରସାରଣ ସମୟର ସର୍ବନିମ୍ନ ଚାପ।"

**ରକ୍ତଚାପ କ'ଣ :** ସାଧାରଣ ଭାବରେ କହିଲେ ରକ୍ତ ସ୍ରୋତ ଦ୍ୱାରା ଧମନୀଗୁଡ଼ିକର ପାଚେରି ଉପରେ ପଡୁଥିବା ଚାପକୁ 'ରକ୍ତଚାପ' କହନ୍ତି। ଡାକ୍ତରୀ ଭାଷାରେ କହନ୍ତି 'ବ୍ଲଡପ୍ରେସର', ସଂକ୍ଷେପରେ ବି.ପି.। ହୃତ୍‌ପିଣ୍ଡ ସଙ୍କୁଚିତ ହେଲେ ତା' ଭିତର ରକ୍ତ ଧମନୀ ଭିତରକୁ ପିଚ୍‌କି ଯାଏ। ହୃତ୍‌ପିଣ୍ଡ ସଙ୍କୁଚିତ ହୋଇ ରକ୍ତ ପ୍ରେରଣ କଲା ବେଳେ ଧମନୀର ୱାଲ୍ ବା ପାଚେରିରେ ଯେଉଁ ଚାପ ଅନୁଭୂତ ହୁଏ, ତାହାକୁ କୁହାଯାଏ 'ସିଷ୍ଟୋଲିକ୍ ରକ୍ତଚାପ'। କିନ୍ତୁ ହୃତ୍‌ପିଣ୍ଡ ସଙ୍କୁଚିତ ହେବା ପରେ ଅତି ସ୍ୱଳ୍ପ ସମୟ ପାଇଁ ତାହା ଶିଥିଳ ହୋଇ ରହେ। ଏହି ସମୟରେ ମଧ୍ୟ ଅବ୍ୟାହତ ରହିଥାଏ ରକ୍ତ ପ୍ରବାହ ଏବଂ ଧମନୀର ପାଚେରିରେ ସାମାନ୍ୟ ଚାପ ଅନୁଭୂତ ହୁଏ। ଏହି ପ୍ରକାରର ଚାପକୁ କୁହାଯାଏ 'ଡାୟୋଷ୍ଟୋଲିକ ରକ୍ତଚାପ' ଏବଂ ଏହା ସିଷ୍ଟୋଲିକ ରକ୍ତଚାପ ଠାରୁ ଊଣା। ସିଷ୍ଟୋଲିକ୍ ଚାପ ହେଉଛି ହୃତ୍‌ପିଣ୍ଡ ସଙ୍କୋଚନ ସମୟରେ ସର୍ବାଧିକ ଚାପ ଏବଂ ଡାୟୋଷ୍ଟୋଲକ ଚାପ ହେଉଛି ହୃତ୍‌ପିଣ୍ଡ ଶିଥିଳତା ବା ପ୍ରସାରଣ ସମୟର ସର୍ବନିମ୍ନ ଚାପ।

**ଆମ ସମସ୍ତଙ୍କର କ'ଣ ରକ୍ତଚାପ ରହିଛି :** ହଁ, ପିଲା, ବୁଢ଼ା, ନାରୀ, ପୁରୁଷ ସମସ୍ତଙ୍କର ରକ୍ତଚାପ ଅଛି। ଏପରି କି ପ୍ରତ୍ୟେକ ଶିଶୁ ମଧ୍ୟ ନିଜ ରକ୍ତଚାପକୁ ଧରି ଭୂମିଷ୍ଠ ହୋଇଥାଏ। ପ୍ରତ୍ୟେକ ସୁସ୍ଥ ବ୍ୟକ୍ତିଙ୍କର ରକ୍ତଚାପକୁ ଆମେ ସାଧାରଣ ରକ୍ତଚାପ ବା 'ନର୍ମାଲ ବ୍ଲଡ ପ୍ରେସର' ବୋଲି କହିଥାଉ। ଏହା ବଢ଼ିଗଲେ ସେହି ଅସ୍ୱାଭାବିକତାକୁ କୁହାଯାଏ 'ଉଚ୍ଚ ରକ୍ତଚାପ' ବା ହାଇପର ଟେନ୍‌ସନ୍ ('ହାଇପର'ର ଅର୍ଥ ଅଧିକ ଏବଂ 'ଟେନ୍‌ସନ୍'ର ଅର୍ଥ ଚାପ)। ଶରୀର ସାରା ରକ୍ତ ସଞ୍ଚାଳନ ପାଇଁ ରକ୍ତଚାପ ଅପରିହାର୍ଯ୍ୟ। ରକ୍ତର ଚାପ ଥିବାରୁ ହିଁ ରକ୍ତରେ ଥିବା ଜଳ, ଅମ୍ଳଜାନ ଓ ଖାଦ୍ୟ ଉପାଦାନମାନ ଶରୀରର ସବୁକୋଷରେ ସହଜରେ ପହଞ୍ଚିଥାଏ।

**ରକ୍ତଚାପକୁ ପ୍ରକାଶ କରାଯାଏ କିପରି**

ରକ୍ତଚାପକୁ ଦୁଇଟି ସଂଖ୍ୟା ଭାବରେ ପ୍ରକାଶ କରାଯାଏ ଓ ଭଗ୍ନାଂଶ ଲେଖିବା ପ୍ରକାରେ ଉପର ଓ ତଳ ରୀତିରେ ଲେଖାଯାଏ। ଏଥିରେ ଉପର ସଂଖ୍ୟାଟି ସିଷ୍ଟୋଲିକ୍ ରକ୍ତଚାପ ଏବଂ ତଳ ସଂଖ୍ୟାଟି ଡାୟୋଷ୍ଟୋଲିକ୍ ରକ୍ତଚାପ। ରକ୍ତଚାପର ଏକକ ହେଉଛି ମିଲିମିଟର ଅଫ୍ ମର୍କ୍ୟୁରୀ (mm of Hg)। ଉଦାହରଣସ୍ୱରୂପ ୧୨୦/୮୦ ଏମ୍ଏମ୍ ଅଫ୍ ଏଚ୍‌ଜି ବୋଲି ଲେଖିଲେ ସିଷ୍ଟୋଲିକ୍ ରକ୍ତଚାପ ହେଉଛି ୧୨୦ ଏବଂ ଡାୟୋଷ୍ଟୋଲିକ ରକ୍ତଚାପ ହେଉଛି ୮୦ ଏମ୍ଏମ୍ ଅଫ୍ ଏଚ୍‌ଜି। ୧୮ ବର୍ଷ ବୟସରୁ ଅଧିକ ବୟସର ବ୍ୟକ୍ତିଙ୍କର ସିଷ୍ଟୋଲିକ ଓ ଡାୟୋଷ୍ଟୋଲିକ ରକ୍ତଚାପ ହେଉଛି ୮୦ ଏମ୍ଏମ୍ ଅଫ୍ ଏଚ୍‌ଜି।

୧୮ବର୍ଷ ବୟସରୁ ଅଧିକ ବ୍ୟକ୍ତିଙ୍କର ସିଷ୍ଟୋଲିକ୍ ଓ ଡାୟୋଷ୍ଟୋଲିକ୍ ରକ୍ତଚାପ ଯଥାକ୍ରମେ ୧୨୦ରୁ କମ୍ ଓ ୮୦ରୁ କମ୍ ରହିଥିଲେ ତାହା ସାଧାରଣ ରକ୍ତଚାପ ବା ନର୍ମାଲ ବ୍ଲଡ ପ୍ରେସର। ଏହା ଯଥାକ୍ରମେ ୧୨୦ରୁ ୧୩୯ ଏବଂ ୮୦ରୁ ୮୯ ମଧ୍ୟରେ ରହିଥିଲେ ତାହା ପ୍ରାକ୍ ଉଚ୍ଚ ରକ୍ତଚାପ ଅବସ୍ଥା ବା ପ୍ରିହାଇପରଟେନ୍‌ସନ୍। ମାତ୍ର ଏହା ଯଥାକ୍ରମେ ୧୪୦ରୁ ବେଶି ଏବଂ ୯୦ରୁ ବେଶି ରହିଥିଲେ ତାହା ଉଚ୍ଚ ରକ୍ତଚାପ ବା 'ହାଇପରଟେନ୍‌ସନ୍'। ଏହି ପରିପ୍ରେକ୍ଷୀରେ ଦେଖିଲେ ରକ୍ତଚାପ ୧୨୦/୮୦ ମିଲିମିଟର ଅଫ୍ ମର୍କ୍ୟୁରୀରୁ ବେଶି ରହିଥିଲେ ତାହା ଆଦୌ ନିରାପଦ ନୁହେଁ।

**କେଉଁ କେଉଁ କାରକ ରକ୍ତଚାପକୁ ପ୍ରଭାବିତ କରିଥାନ୍ତି**

-ବାପା କିମ୍ବା ମା' ଉଭୟ ଉଚ୍ଚ ରକ୍ତଚାପ ରୋଗୀ ହୋଇଥିଲେ ସନ୍ତାନମାନେ ଉଚ୍ଚ ରକ୍ତଚାପ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ବେଶି।

-ବୟସ ବଢ଼ିଲେ ରକ୍ତଚାପ କିଛି ମାତ୍ରାରେ ବଢ଼ିପାରେ। ତେବେ ୪୫ରୁ ୬୦ ବର୍ଷ ବୟସ ଏହି ରୋଗ ପାଇଁ ସମ୍ବେଦନଶୀଳ ବୟସ। ଶିଶୁ ଓ କିଶୋରୀକିଶୋରମାନଙ୍କଠାରେ ମଧ୍ୟ ରକ୍ତଚାପ ବଢ଼ିପାରେ।

-ସୁସ୍ଥ ପୁରୁଷମାନଙ୍କ ତୁଳନାରେ ସୁସ୍ଥ ମହିଳାମାନଙ୍କ ରକ୍ତଚାପ ସାମାନ୍ୟ ଊଣା। ଠିଆ ହେବା ଭଙ୍ଗୀରେ ସିଷ୍ଟୋଲିକ୍ ଚାପ ଟିକିଏ କମ୍ ଏବଂ ଡାୟୋଲୋଷ୍ଟିକ ଚାପ ଟିକିଏ ବେଶି। ବିଛଣାରେ ଶୋଇ ରହିବା ଅବସ୍ଥାରେ ଡାୟୋଷ୍ଟୋଲିକ୍ କମ୍ ଓ ସିଷ୍ଟୋଲିକ୍ ବେଶି।

-ବ୍ୟାୟାମ କରୁଥିବା ବେଳେ ରକ୍ତଚାପ ବଢ଼ିଯାଏ ଏବଂ ବ୍ୟାୟାମ ବନ୍ଦ କରିଦେଇ ବିଶ୍ରାମ ନେଲେ ରକ୍ତଚାପ ତାହାର ପୂର୍ବ ଅବସ୍ଥାକୁ ଫେରିଆସେ।

-କ୍ରୋଧ, ବିରକ୍ତି, ବିଷାଦ, କଳହ, ଅଶାନ୍ତି ଓ ଅସ୍ୱାଭାବିକ ମାନସିକ ଚାପ ରକ୍ତଚାପକୁ ବଢ଼ାଇ ଦିଏ।

-ଶରୀରରେ ଚର୍ବି ଜମି ମେଦବହୁଳତା ପ୍ରକାଶ ପାଇଲେ ରକ୍ତଚାପ ବଢ଼ିଯାଇ ପାରେ।

-ନିୟମିତ ଭାବରେ ଅଧିକ ପରିମାଣର ଲୁଣ, ଲହୁଣି, ଘିଅ, ବନସ୍ପତି, ଅନ୍ୟାନ୍ୟ ତେଲ, ମଦ, ପଶୁ ମାଂସ ବିଶେଷଭାବରେ ଚର୍ବି ଲାଗିଥିବା ମାଂସ ଖାଇଲେ ରକ୍ତଚାପ ବଢ଼ିଯିବାର ଆଶଙ୍କା ଅଧିକ। ବେଶି ପରିମାଣର ଫାଷ୍ଟଫୁଡ୍ ଏବଂ ମିଠା ଖାଇଚାଲିଲେ ମେଦବହୁଳତା ହୋଇ ରକ୍ତଚାପ ବଢ଼ାଏ। ଏକ ଆକଳନରୁ ଜଣାପଡିଛି ଯେ, ପୃଥିବୀରେ ଉଚ୍ଚ ରକ୍ତଚାପ ରୋଗୀଙ୍କ ସଂଖ୍ୟା ପାଖାପାଖି ୧୦୦ କୋଟି ୩୦ ଲକ୍ଷ। ଏମାନଙ୍କ ମଧ୍ୟରେ କେବଳ ଭାରତରେ ରହିଛନ୍ତି ୨୨ କୋଟି। ଏଭଳି ରୋଗୀଙ୍କ ସଂଖ୍ୟା ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ କମ୍।





**ଲକ୍ଷଣ :** ଜାଣି ରଖନ୍ତୁ ଯେ, ରକ୍ତଚାପ ଅଧିକ ଥିବା ସତ୍ତ୍ୱେ କୌଣସି ଲକ୍ଷଣ ପ୍ରକାଶ ପାଉ ନ ଥିବା ଅତି ସାଧାରଣ। ତେଣୁ ଉଚ୍ଚ ରକ୍ତଚାପକୁ କୁହାଯାଏ ନିଃଶବ୍ଦ ଘାତକ (sailent killer) ବା ନୀରବ ଘାତକ। ତେବେ ରକ୍ତଚାପର ମାତ୍ରା ବେଶି ବଢ଼ିଗଲେ ମୁଣ୍ଡ ବଥାଏ, ମୁଣ୍ଡ ଘୂରାଇପାରେ, ନାକରୁ ରକ୍ତ ପଡ଼ିପାରେ, ଆଖିକୁ ଜାଲୁଜାଲୁଆ ଦେଖାଯାଇପାରେ, କାନରେ ସେଁ ସେଁ ଶବ୍ଦ ଶୁଣାଯାଇପାରେ। କାହା କାହାଠାରେ ଅନୁଭୂତ ହୋଇପାରେ ଶ୍ୱାସକଷ୍ଟ।

**କେଉଁ କେଉଁ ଜଟିଳତା ପ୍ରକାଶ ପାଇପାରେ :** ରକ୍ତଚାପ ବେଶି ରହିଲେ ହୃଦ୍ ରକ୍ତନଳୀ ଆକ୍ରାନ୍ତ ହୋଇ ହୋଇପାରେ ହାର୍ଟ ଆଟାକ୍। ହୋଇପାରେ ହାର୍ଟ ଫେଲ୍ୟୁୟର। ମସ୍ତିଷ୍କର ରକ୍ତନଳୀ ଫାଟିଯାଇ ମସ୍ତିଷ୍କ ଭିତରକୁ ରକ୍ତସ୍ରାବ ହୋଇପାରେ; ଫଳରେ ଜାତ ହୋଇପାରେ ବ୍ରେନ୍ ଆଟାକ ବା ଷ୍ଟ୍ରୋକ୍ ଏବଂ ପାରାଲିସିସ। ଚକ୍ଷୁ ଭିତରକୁ ରକ୍ତସ୍ରାବ ହୋଇ ଦୃଷ୍ଟିଶକ୍ତି ହାନି ହୋଇପାରେ। ପ୍ରକାଶ ପାଏ କ୍ରନିକ କିଡ୍‌ନୀ ଡିଜିଜ ବା ଦୀର୍ଘକାଳୀନ ବୃକ୍କ ରୋଗ ଓ ତଜ୍ଜନିତ ରେନାଲ ଫେଲ୍ୟୁୟର। ଘଟିପାରେ ସ୍ମୃତିହାନି ତଥା ଏକାଗ୍ରତାହାନି। (କ୍ରମଶଃ..)

-ଅଭୀପ୍‌ସା, ସେକ୍ଟର-୬, ପ୍ଲଟ ନଂ-୧୧୩, ଅଭିନବ ବିଡ଼ାନାସୀ, କଟକ-୧୪
ମୋ : ୯୪୩୭୭୬୬୧୧୭

## କଣ୍ଟାକ୍ଟ ଲେନ୍ସ ଲଗାଇଥିଲେ...

କଣ୍ଟାକ୍ଟ ଲେନ୍ସର ବ୍ୟବହାର ଏବେ ଏକ ଫ୍ୟାଶନ ପାଲଟି ଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ। କିନ୍ତୁ ଏହି ସମୟରେ କେତେକ ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଦରକାର। ଏହାକୁ ଲଗାଇବା ପୂର୍ବରୁ ହାତକୁ ପରିଷ୍କାର ଭାବରେ ଧୁଅନ୍ତୁ। ଯଦି ବାହାରକୁ ଏହି ଲେନ୍ସ ଲଗାଇ ଯାଇଛନ୍ତି ତେବେ ଫେରିବା ପରେ ତାହାକୁ କାଢ଼ି ଦିଅନ୍ତୁ। ବିଶେଷଭାବରେ ଶୋଇବା ପୂର୍ବରୁ ଏହାକୁ ବାହାର କରିଦେବା ନିହାତି ଦରକାର। ଯଦି ଏଭଳି ନ କରନ୍ତି ତେବେ ଆଖିରେ ଇନଫେକଶନ ହେବାର ଆଶଙ୍କା ରହିଛି। ତାହାକୁ ଆଖିରୁ ବାହାର କରିବା ପୂର୍ବରୁ ହାତକୁ ଭଲ ଭାବରେ ସାବୁନ କିମ୍ବା ହ୍ୟାଣ୍ଡୱାଶରେ ଧୁଅନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଯଦି ଆପଣ କଣ୍ଟାକ୍ଟ ଲେନ୍ସ ଲଗାଇଛନ୍ତି ତେବେ ଆଖିକୁ ଆଦୌ ରଗଡନ୍ତୁ ନାହିଁ। କାରଣ ଏହାଦ୍ୱାରା ଆଖିର ପରଦା ପ୍ରଭାବିତ ହୋଇଥାଏ। ଯଦି ଏହାକୁ ଲଗାଇବା ପରେ ଆଖି କୁଣ୍ଡାଇ ହେଉଛି ତେବେ ବିଳମ୍ବ ନ କରି ତାହାକୁ ବାହାର କରିଦିଅନ୍ତୁ। ଯଦି କିଛି ସମସ୍ୟା ଦେଖାଦେଲା, ତେବେ ତୁରନ୍ତ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ଆଉ ଏକ ଜିନିଷ ପ୍ରତି ସତର୍କ ରହିବା ନିହାତି ଦରକାର। ତାହା ହେଲା କଣ୍ଟାକ୍ଟ ଲେନ୍ସର ଏକ୍ସପାଏରି ତାରିଖ। ଏଥିପ୍ରତି ସଚେତନ ରୁହନ୍ତୁ ଏବଂ ସେହି ତାରିଖରେ ତାହାକୁ ବଦଳାଇ ଦିଅନ୍ତୁ। ବାଇକ୍ ଚଲାଇବା ବେଳେ ଯଦି ପ୍ରବଳ ପବନ କିମ୍ବା ଧୂଳିଝଡ଼ ଅଥବା ବର୍ଷା ହେଉଛି ତେବେ କଣ୍ଟାକ୍ଟ ଲେନ୍ସକୁ ସାମୟିକ ସମୟ ପାଇଁ କାଢ଼ି ଦିଅନ୍ତୁ।



## ପାଞ୍ଚଟି କଥା



ଆଜିକାଲିର ବ୍ୟସ୍ତ ଜୀବନ ଭିତରେ ନିଜକୁ ସୁସ୍ଥ ରଖିବା ଅପରିହାର୍ଯ୍ୟ। ଏଭଳି କେତୋଟି କଥା ରହିଛି, ଯାହାକୁ ଅନୁସରଣ କଲେ ତା'ର ସୁଫଳ ଆମକୁ ମିଳିପାରିବ। ସେଭଳି ପ୍ରମୁଖ ପାଞ୍ଚଟି କଥା ବିଷୟରେ ସୂଚନା ଦିଆଯାଉଛି। ପ୍ରଥମ କଥା ହେଲା ସକାଳୁ ଠିକ୍ ସମୟରେ ଉଠନ୍ତୁ। ଉଠିବା ପରେ ନିତ୍ୟକର୍ମ ଶେଷ କରନ୍ତୁ। ଦ୍ୱିତୀୟ କଥା ହେଲା ଉଷୁମ ପାଣି। ଏହି ପାଣି ଆମ ସ୍ୱାସ୍ଥ୍ୟ ପାଇଁ କେତେ ଲାଭପ୍ରଦ ତାହା କହିବା ଅନାବଶ୍ୟକ। ତେଣୁ ସକାଳୁ ଉଠିବା ପରେ ୧ ଗ୍ଲାସ ଉଷୁମ ପାଣି ପିଅନ୍ତୁ। ତୃତୀୟ କଥା ହେଉଛି ବ୍ୟାୟାମ। ସୁସ୍ଥ ଶରୀର ପାଇଁ ବ୍ୟାୟାମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ଏହାକୁ ସାମିଲ କରନ୍ତୁ। ଚତୁର୍ଥ କଥା ହେଲା ବ୍ରେକ୍‌ଫାଷ୍ଟ। ପ୍ରତିଦିନ ଠିକ୍ ସମୟରେ ବ୍ରେକଫାଷ୍ଟ ବା ପ୍ରାତଃଭୋଜନ କରନ୍ତୁ। ଏଥିରେ ତଟକା ଫଳମୂଳ ଏବଂ ଏଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ପଞ୍ଚମ କଥା ହେଉଛି ମେଡିଟେସନ ବା ଧ୍ୟାନ। ପ୍ରତିଦିନ ସକାଳୁ କିଛି ସମୟ ମେଡିଟେସନ କରନ୍ତୁ। ଏହା ଶରୀରକୁ ସୁସ୍ଥ ରଖିବା ସହ ମାନସିକ ଶାନ୍ତି ପ୍ରଦାନ କରିଥାଏ। ଏହାବ୍ୟତୀତ ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ ଏବଂ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

- ଦୈନନ୍ଦିନ ଖାଦ୍ୟ ତାଲିକାରେ ଦହିକୁ ସାମିଲ୍ କରନ୍ତୁ। ଏହା ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରିଥାଏ। ଶରୀରରେ କୋଲେଷ୍ଟରଲ୍ ଏବଂ ମେଦବହୁଳତାକୁ ଏହା କେତେକାଂଶରେ କମାଇଥାଏ।
- ରକ୍ତରେ ଶର୍କରା ବା ସୁଗାର ପରିମାଣକୁ ସନ୍ତୁଳିତ ରଖିବାରେ ସଜନା ଶାଗ ଅନେକାଂଶରେ ସହାୟକ ହୋଇଥାଏ। ରକ୍ତଚାପକୁ ଏହା ମଧ୍ୟ ସନ୍ତୁଳିତ ରଖେ। ତା' ସହ ରକ୍ତରେ ହିମୋଗ୍ଲୋବିନ୍‌ର ପରିମାଣକୁ ବୃଦ୍ଧି କରିଥାଏ।
- ନିୟମିତ କଲରା ଖାଇଲେ ତାହା ଆଲର୍ଜି ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖେ। ଏହା ମଧ୍ୟ କ୍ୟାନ୍‌ସର ସେଲକୁ ବୃଦ୍ଧି କରିବାକୁ ଦିଏ ନାହିଁ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି।



- ଦୀର୍ଘ ସମୟ ଧରି କିଛି କାମ କରୁଛନ୍ତି, ତେବେ ମଝିରେ ମଝିରେ କିଛି ସମୟ ବିରତି ନିଅନ୍ତୁ। ଫଳରେ ଏଥିଯୋଗୁ ମାନସିକ ଶାନ୍ତି ମିଳିବା ସହ ଅଧିକ କାମ କରିବାକୁ ଆଗ୍ରହ ସୃଷ୍ଟି ହୋଇଥାଏ।
- ବାହାର ଜିନିଷ ଯେତେ କମ୍ ଖାଇବେ ତାହା ସ୍ୱାସ୍ଥ୍ୟ ପାଇଁ ସେତେ ଭଲ। କାରଣ ଏହାକୁ ନିୟମିତ ଖାଇଲେ ତାହା ଏସିଡିଟି ବ୍ୟତୀତ ପେଟଜନିତ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି।

## ଓଜନ କମାଇବାର ସହଜ ଉପାୟ

ଆଜିକାଲି ଓଜନ ବୃଦ୍ଧି ବା ମେଦବହୁଳତା (ଓବେସିଟି) ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଅସନ୍ତୁଳିତ ଜୀବନଶୈଳୀ, ଖାଦ୍ୟପେୟ ଏଥିପାଇଁ ମୁଖ୍ୟତଃ ଦାୟୀ। ଓଜନକୁ ଯଦି ନିୟନ୍ତ୍ରଣରେ ରଖା ନ ଯାଏ ତେବେ ପରବର୍ତ୍ତୀ ସମୟରେ ତାହା ପରୋକ୍ଷରେ ଅନେକ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ତେବେ ଏହାର ଏକ ସହଜ ତଥା ସରଳ ଉପାୟ ହାତ ପାଆନ୍ତାରେ ରହିଛି। ଯଦି ଜଣେ ବ୍ୟକ୍ତି ରକ୍ତରେ ସୁଗାର ପରିମାଣକୁ ସନ୍ତୁଳିତ ରଖିପାରିଲେ ତେବେ ସେ ଓଜନ ବୃଦ୍ଧି ପରି ସମସ୍ୟାର ସମ୍ମୁଖୀନ ହେବାର କମ୍ ଆଶଙ୍କା ରହିଛି ବୋଲି ବର୍ଲିନ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଯଦି ଆପଣଙ୍କର ବ୍ଲଡପ୍ରେସର ବା ରକ୍ତଚାପ ରହିଛି ତେବେ ଏହାକୁ ନିୟନ୍ତ୍ରଣ ରଖିବା ଆବଶ୍ୟକ। ଓଜନ ବୃଦ୍ଧିରେ ଏହା କେତେକାଂଶରେ ସହାୟକ ହୋଇଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡିଛି।



# ଟାଟା ଏଆଇଏର ନୂତନ ଉତ୍ପାଦ

ଭୁବନେଶ୍ୱର,୩।୧୨

ଟାଟା ଏଆଇଏ ଲାଇଫ ଇନ୍ସ୍ୟୁରାନ୍ସ କମ୍ପାନୀ ଲିମିଟେଡ ବା ଟାଟା ଏଆଇଏର ନୂତନ ଉତ୍ପାଦ 'ଟାଟା ଏଆଇଏ ଫର୍ଚ୍ୟୁନ ଗ୍ୟାରେଣ୍ଟି ରିଟାୟାରମେଣ୍ଟ ରେଡିନେସ'ପ୍ଲାନ୍‌ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷ କରି ଏହା ଲୋକଙ୍କ ଅବସର ଜୀବନକୁ ସୁବର୍ଣ୍ଣ ବର୍ଷରେ ପରିଣତ କରିବା ଲାଗି ଯତ୍ନର ସହ ପ୍ରସ୍ତୁତ କରାଯାଇଛି। ଏପରିକି ଟାଟା ଏଆଇଏ ଫର୍ଚ୍ୟୁନ ଗ୍ୟାରେଣ୍ଟି ରିଟାୟାରମେଣ୍ଟ ରେଡିନେସ୍ ପ୍ଲାନ୍‌ରେ ଅନେକ ପ୍ରକାର ସୁବିଧା ସୁଯୋଗ ଯଥା ମାଇଁ ପେନ୍‌ସନ୍, ପାର୍ଟନର ପେନ୍‌ସନ୍ ଏବଂ ପାର୍ଟନର ପେନ୍‌ସନ୍ ପ୍ଲସ ଭଳି ବିକଳ୍ପ ସୁବିଧା ରହିଛି। ସେହିଭଳି ପ୍ରତି ବିକଳ୍ପର ଆବଶ୍ୟକତା ଭିନ୍ନ ଭିନ୍ନ ରହିଛି, ଯାହା ଜରିଆରେ ହିତାଧିକାରୀ ନିଜର ଓ ନିଜ ସାଥୀଙ୍କ ଅବସରକାଳୀନ ଯୋଜନାକୁ ଭଲ ଭାବେ ପ୍ରସ୍ତୁତ କରିପାରିବେ।

# ଏଏମ୍‌ଏନ୍‌ଏସ୍‌କୁ ଏଚ୍‌ଏସ୍‌ଇ ଇନୋଭେଶନ୍ ଆୱାର୍ଡ

ଭୁବନେଶ୍ୱର, ୩।୧୨ (ଅଭୟ ଦାଶ)



ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆ ଲିମିଟେଡକୁ ନିକଟରେ ଆଉ ଏକ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ପୁଣେର ପ୍ରୋ-ଏମ୍‌ଏଫ୍‌ଜି ମିଡ଼ିଆ ଦ୍ୱାରା ଆୟୋଜିତ କ୍ୟୁୟୁପିଆଇଡି କନ୍‌ଫରେନ୍ସଆଣ୍ଡ ଆୱାର୍ଡ-୨୦୨୩ ସମାରୋହରେ ଏଏମ୍‌ଏନ୍‌ଏସ୍‌କୁ ଏଚ୍‌ଏସଇ ଇନୋଭେଶନ୍ ଆୱାର୍ଡ-୨୦୨୩ ପ୍ରଦାନ କରାଯାଇଛି। ବିଶେଷ କରି ବୃହତ ପ୍ରକ୍ରିୟା ପ୍ଲାଣ୍ଟ ବର୍ଗରେ ଏଏମ୍‌ଏନଏସ୍ ଇଣ୍ଡିଆର ଓଡ଼ିଶା ଅପରେସନ୍ସକୁ ଉକ୍ତ ପୁରସ୍କାର ଦିଆଯାଇଛି। ଏପରିକି କମ୍ପାନୀର ଏହା ଏକ ଉଲ୍ଲେଖନୀୟ ସଫଳତା ହୋଇଥିବାବେଳେ ସମଗ୍ର ଭାରତର ୩୫୦ରୁ ଅଧିକ ଅନୁଷ୍ଠାନ ବିଭିନ୍ନ ବର୍ଗରେ ପ୍ରାୟ ୭୦୦ ନାମାଙ୍କନ କରିଥିଲେ।

ଏ ସମ୍ପର୍କରେ ଏଏମ୍‌ଏନଏସ୍ ଇଣ୍ଡିଆ ଏବଂ ଇଣ୍ଡୋନେସିଆର ହେଡ (ଏଚ୍ ଆଣ୍ଡ ଏସ୍) ସାରଙ୍ଗ ଅରୁଣ ମହାଜନ କହିଛନ୍ତି, ଆମେ ଶୂନ୍ୟ ଦୁର୍ଘଟଣା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ। ଏପରିକି ଏଚଏସଇ ନୀତି ଓ ମାନଦଣ୍ଡର ଉନ୍ନତି ଉପରେ ଆମେ ବିଶେଷ ଧ୍ୟାନ ଦେବା ଜାରି ରଖିଛୁ। ସେହିଭଳି ଏଏମ୍‌ଏନଏସ୍ ଇଣ୍ଡିଆର ଓଡ଼ିଶା ଅପରେସନ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା.ଜି କହିଛନ୍ତି, ଏଚ୍‌ଏସଇ ଇନୋଭେଶନ୍ ଆୱାର୍ଡ ପାଇ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହା ଏକ କର୍ମକ୍ଷେତ୍ର ଓ ସଂସ୍କୃତି ପ୍ରତିପାଦନ କରିବା ପାଇଁ ଆମର ଅଦମ୍ୟ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ।

# ଓଟିସ୍ ଇଣ୍ଡିଆର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୩।୧୨

ଦେଶର ପ୍ରମୁଖ ଘରୋଇ ସଂସ୍ଥା ଓଟିସ୍ ଇଣ୍ଡିଆର ସ୍ୱତନ୍ତ୍ର ଅଭିଯାନ 'ଜେନ୍ ୩ଟିମ୍ ନୋଭା ରେଞ୍ଜର ଅନଲାଇନ ଅର୍ଡର ବୁକିଂ' ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଘରୋଇ ବଜାରର କୋଠାବାଡି ମାଲିକ ଓ ଫାସିଲିଟି ମ୍ୟାନେଜରମାନେ ଓଟିସ୍ ଇଣ୍ଡିଆର ଜେନ୍‌୩ ନୋଭା ଏଲିଭେଟର (ଲିଫ୍ଟ)କୁ କମ୍ପାନୀର ଅନଲାଇନ ପ୍ଲାଟଫର୍ମରେ କିଣିପାରିବେ। କମ୍ପାନୀର ଇ-କମର୍ସ ପୋର୍ଟାଲ ଓଟିସ.କମ୍‌ରେ ମଧ୍ୟ ଉକ୍ତ ଉତ୍ପାଦ ଉପଲବ୍ଧ, ଉକ୍ତ ପୋର୍ଟାଲ ପ୍ରଥମେ ଏଲିଭେଟରର ଜେନ୍‌୨ ପ୍ରାଇମ୍ ରେଞ୍ଜ ଦ୍ୱାରା ୨୦୨୧ରେ ଲଞ୍ଚ ହୋଇଥିଲା ଏବଂ ଏହାର ସୁବିଧା ଓ ପାରଦର୍ଶିତା ଯୋଗୁ ଏହା ଶୀଘ୍ର ଗ୍ରାହକମାନଙ୍କ ଦ୍ୱାରା ନିକଟତର ହୋଇଥିଲା। ବର୍ତ୍ତମାନ ଜେନ୍‌୩ ନୋଭା ରେଞ୍ଜ ପ୍ରତ୍ୟକ୍ଷ ବିକ୍ରି ପାଇଁ ଉପଲବ୍ଧ ରହିଛି। ଏ ସମ୍ପର୍କରେ ଓଟିସ୍ ଇଣ୍ଡିଆର ପ୍ରେସିଡେଣ୍ଟ ସେବି ଯୋଶେଫ କହିଥିଲେ, ଏଲିଭେଟରର ପ୍ରତ୍ୟକ୍ଷ ବିକ୍ରି ପାଇଁ ଆମର ଇ-କମର୍ସ ପୋର୍ଟାଲରେ ଜେନ୩ ନୋଭା ରେଞ୍ଜର ଯୋଗ କରି ଆମେ ବେଶ ଉତ୍ସାହିତ ଅଛୁ।

# ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ଫ୍ରି ହେଲ୍‌ଥ କ୍ୟାମ୍ପ

ଭୁବନେଶ୍ୱର,୩।୧୨



ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ଓ ଜୟନାଥ କ୍ୟାନସର ଏଡ ଫାଉଣ୍ଡେଶନ (ଜେସିଏଫ)ର ମିଳିତ ସହଯୋଗରେ ଏକ ଦୁଇଦିନିଆ ମାଗଣା ସ୍ୱାସ୍ଥ୍ୟ ଶିବିର ନିକଟରେ ଆୟୋଜିତ ହୋଇଯାଇଛି। ବିଶେଷ କରି କେନ୍ଦୁଝର ଜିଲାର କୋଇରା ଏବଂ ଜଜାଙ୍ଗ ଭଳି ଅନେକ ଗ୍ରାମର ୪୦୦ରୁ ଅଧିକ ଲୋକଙ୍କୁ ମାଗଣା ଚିକିତ୍ସା ପ୍ରଦାନ କରାଯାଇଥିଲା। ଏପରିକି କ୍ୟାନସର ସ୍କ୍ରିନିଂ ତଥା ମଧୁମେହ, ଉଚ୍ଚ ରକ୍ତଚାପ, ଏସପିଓ-୨, ପଲ୍‌ସ, ବିଏମଆଇ, କାର୍ଡିଓଲୋଜି, ଅର୍ଥୋପେଡିକ ଓ ଗାଇନୋକୋଲୋଜି ଭଳି ପରୀକ୍ଷା ଉପରେ ଧ୍ୟାନ ଦେଇ ଏଭଳି ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ଟାଟା ମେମୋରିଆଲ କ୍ୟାନସର ହସପିଟାଲ ମୁମ୍ବାଇର ଡା. ଶିଶିର କୁମାର ସେଟି, ଭୁବନେଶ୍ୱରର ଉତ୍କଳ ହସପିଟାଲ ଓ କିମ୍ସର କ୍ୟାନସର ଆଣ୍ଡ ଏଣ୍ଡୋକ୍ରାଇନ ସର୍ଜନ ଡା. ଦିଲିପ କର ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଏଡିଏମଓ ଡ. କାହ୍ନୁଚରଣ ନାୟକ ଉକ୍ତ ଶିବିର ପରିଦର୍ଶନ କରି କମ୍ପାନିର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୋଇଡା ସରପଞ୍ଚ ହୃଷୀକେଶ ଦେୱାରିଶ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଉକ୍ତ ଶିବିରକୁ ଜିଲାର ଜଜାଙ୍ଗ, ଗାନୁଆ, ନୂଆଗାଁ, ନାରାୟଣପୋଷୀ ଭଳି ଅନେକ ଗ୍ରାମର ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟ ଶିବିରରେ ଭାଗ ନେବାକୁ ଫାଉଣ୍ଡେଶନ ପକ୍ଷରୁ ଆମନ୍ତ୍ରଣ କରାଯାଇଥିଲା।

ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ୫୦ତମ ଜନ୍ମବାର୍ଷିକୀ ଅବସରରେ ବରୀ ନିର୍ବାଚନମଣ୍ଡଳୀର ସମସ୍ତ ଭାଇ, ଭଉଣୀ ଓ ଗୁରୁଜନମାନଙ୍କୁ ଅଭିନନ୍ଦନ ଜଣାଉଛି।
ପ୍ରଜ୍ଞା ପରମିତା ପରିଡ଼ା
ସରପଞ୍ଚ, ମହାକାଳପଡ଼ା ଗ୍ରାମପଞ୍ଚାୟତ

ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ କର୍ମକର୍ତ୍ତା, ଅଗଣିତ ପାଠକ ପାଠିକା ଓ ବରୀ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
ଚପଳା ମଲ୍ଲ
ସରପଞ୍ଚ, ଚନ୍ଦନପୁର ଗ୍ରାମପଞ୍ଚାୟତ

ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ୫୦ତମ ଜନ୍ମବାର୍ଷିକୀ ଅବସରରେ ବରୀ ନିର୍ବାଚନମଣ୍ଡଳୀର ସମସ୍ତ ଭାଇ, ଭଉଣୀ ଓ ଗୁରୁଜନମାନଙ୍କୁ ଅଭିନନ୍ଦନ ଜଣାଉଛି।
ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ
ସମିତି ସଭ୍ୟା, କଳାମାଟିଆ ଗ୍ରାମପଞ୍ଚାୟତ

ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ କର୍ମକର୍ତ୍ତା, ଅଗଣିତ ପାଠକ ପାଠିକା ଓ ବରୀ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
ସଞ୍ଜୀବ କୁମାର ଜେନା
ସମିତି ସଭ୍ୟ, ବରୀ ଗ୍ରାମପଞ୍ଚାୟତ

ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ୫୦ତମ ଜନ୍ମବାର୍ଷିକୀ ଅବସରରେ ବରୀ ନିର୍ବାଚନମଣ୍ଡଳୀର ସମସ୍ତ ଭାଇ, ଭଉଣୀ ଓ ଗୁରୁଜନମାନଙ୍କୁ ଅଭିନନ୍ଦନ ଜଣାଉଛି।
ସୁଶାନ୍ତ ଦାସ
ସରପଞ୍ଚ, ବାଇଁଶିରିଆ ଗ୍ରାମପଞ୍ଚାୟତ

ଅଭିନନ୍ଦନ
'ଧରିତ୍ରୀ' ର ୫୦ ବର୍ଷ ପାଳନ ଅବସରରେ ସୁନ୍ଦରଗଡ଼ ଜିଲ୍ଲା ତଥା ରାଉରକେଲାବାସୀଙ୍କୁ ମୋର ଅନେକ ଶୁଭେଚ୍ଛା ଓ ଶୁଭ କାମନା। ଧରିତ୍ରୀ ନିଃସ୍ୱାର୍ଥପର ଭାବେ ଏଭଳି ଖବର ପ୍ରସାରଣ କରୁଥାଉ, ଏତିକି ମୋ କାମନା।
ରିଲିଜିୟସ୍ ବେକ୍
ପାନପୋଷ କୃଷି ଜିଲ୍ଲା ଅଧିକାରୀ, ରାଉରକେଲା

ଧରିତ୍ରୀର ୫୦ ବର୍ଷରେ ପଦାର୍ପଣ କରିଥିବାରୁ ସମସ୍ତ ପାଠକ ପାଠିକାଙ୍କୁ ମୋର ଅନେକ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥ ସୁନ୍ଦରଗଡ଼ ଜିଲ୍ଲା ତଥା ରାଉରକେଲାବାସୀଙ୍କୁ ନିରାମୟ ଓ ସମୃଦ୍ଧି ପ୍ରଦାନ କରନ୍ତୁ, ଏତିକି ମୋ କାମନା।
ଅଭିନନ୍ଦନ
ବିରେନ ରାୟ
ପ୍ରୋପ୍ରାଇଟର, ରାୟ କନ୍‌ଷ୍ଟ୍ରକ୍ସନ

ଅଭିନନ୍ଦନ
ନିରପେକ୍ଷ ଲୋକପ୍ରିୟ ଖବରକାଗଜ 'ଧରିତ୍ରୀ'ର ୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ। ଏ ଅବସରରେ ସମସ୍ତ ଭାଇ ଭଉଣୀ ଓ ଗୁରୁଜନମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା।
ଆଶିଷ ସାମଲ
ଯୁବନେତା (ବିଜେଡି), ବରୀ

ଅଭିନନ୍ଦନ
ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ସମସ୍ତ ପାଠିକା ଓ ପାଠକଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା। ଧରିତ୍ରୀ ନିଃସ୍ୱାର୍ଥପର ଭାବେ ଏଭଳି ଖବର ପ୍ରସାରଣ କରୁଥାଉ, ଏତିକି ମୋ କାମନା। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସମୃଦ୍ଧି ପ୍ରଦାନ କରନ୍ତୁ, ଏତିକି ମୋ କାମନା।
ଚିତ୍ତ ରଞ୍ଜନ ରାଉତ
ପୀଠ ରାଜା ଓ ସମାଜସେବୀ

ଅଭିନନ୍ଦନ
'ଧରିତ୍ରୀ' ର ୫୦ ବର୍ଷ ପାଳନ ଅବସରରେ ଧରିତ୍ରୀର ପାଠକପାଠିକାଙ୍କ ସହ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା। ରାଜ୍ୟରେ ଧରିତ୍ରୀ ଏଭଳି ନିଃସ୍ୱାର୍ଥପର ଭାବେ ଖବର ପ୍ରସାରଣ କରି ଆଗେଇ ଚାଲୁ, ଏତିକି ଆମ କାମନା।
ଧରିତ୍ରୀର ଜଣେ ଶୁଭେଚ୍ଛୁ

'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତ କର୍ମକର୍ତ୍ତା ଓ ଓଡ଼ିଶାର ଅଗଣିତ ପାଠକ ପାଠିକା ଓ ବରୀ ଅଞ୍ଚଳର ଜନସାଧାରଣଙ୍କୁ ମୋର ଶୁଭେଚ୍ଛା।
ରଶ୍ମିତା ପରିଡ଼ା
ସରପଞ୍ଚ, କଳାମାଟିଆ ଗ୍ରାମପଞ୍ଚାୟତ

'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତ କର୍ମକର୍ତ୍ତା ଓ ଓଡ଼ିଶାର ଅଗଣିତ ପାଠକ ପାଠିକା ଓ ବରୀ ଅଞ୍ଚଳର ଜନସାଧାରଣଙ୍କୁ ମୋର ଶୁଭେଚ୍ଛା।
ରଞ୍ଜନ କୁମାର ପଣ୍ଡା
ଯୁବ ବିଜେଡି ସଭାପତି, ବରୀ

'ଧରିତ୍ରୀ' ୫୦ ବର୍ଷରେ ପଦାର୍ପଣ କରିଥିବାରୁ ସମସ୍ତ ପାଠକ ଓ ପାଠିକାଙ୍କୁ ମୋର ଅନେକ ଶୁଭେଚ୍ଛା। ମୋର ସୁନ୍ଦରଗଡ଼ ଜିଲ୍ଲା ତଥା ରାଉରକେଲାବାସୀଙ୍କ ସହ ରାଉରକେଲା ଅର୍ବାନ କୋ- ଅପରେଟିଭ ବ୍ୟାଙ୍କର ସଦସ୍ୟ, ଗ୍ରାହକ, କର୍ମଚାରୀ, ପୃଷ୍ଠପୋଷକଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ନିରାମୟ ପ୍ରଦାନ କରନ୍ତୁ, ଏତିକି ମୋ କାମନା।
ଅଭିନନ୍ଦନ
ଦିଲୀପ କୁମାର ମହାପାତ୍ର
ସଭାପତି, ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ, ରାଉରକେଲା

ଅଭିନନ୍ଦନ
'ଧରିତ୍ରୀ' ର ୫୦ ବର୍ଷ ପାଳନ ଅବସରରେ ଆଧାରସିଲା ଆର୍କିଟେକ୍ ଏଣ୍ଡ ଇଞ୍ଜିନିୟର୍ସ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା ଜଣାଉଛୁ। ସୁନ୍ଦରଗଡ଼ ଜିଲ୍ଲା ତଥା ରାଉରକେଲାବାସୀଙ୍କୁ ପ୍ରଭୁ ଶ୍ରୀଜଗନ୍ନାଥ ସୁଖ, ଶାନ୍ତି, ସମୃଦ୍ଧି ପ୍ରଦାନ କରନ୍ତୁ ଏତିକି ମୋ କାମନା।
Adharshila
ଇଂ. ଆର୍.ଏନ୍. ମିଶ୍ର
ଅଧକ୍ଷ, ଆଧାରସିଲା ଆର୍କିଟେକ୍ ଏଣ୍ଡ ଇଞ୍ଜିନିୟର୍ସ ପ୍ରାଇଭେଟ ଲିମିଟେଡ

ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ୫୦ତମ ଜନ୍ମବାର୍ଷିକୀ ଅବସରରେ ବରୀ ନିର୍ବାଚନମଣ୍ଡଳୀର ସମସ୍ତ ଭାଇ, ଭଉଣୀ ଓ ଗୁରୁଜନମାନଙ୍କୁ ଅଭିନନ୍ଦନ ଜଣାଉଛି।
ମଧୁସ୍ମିତା ସାମଲ
ସରପଞ୍ଚ, ବାଲିବିଲ ଗ୍ରାମପଞ୍ଚାୟତ

ଅଭିନନ୍ଦନ
ଦୈନିକ ଓଡ଼ିଆ ଖବରକାଗଜ 'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ଓ ବରୀ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଉଛି।
ଅଶୋକ ବେହେରା
ସମାଜସେବୀ, ବରୀ

ଅଭିନନ୍ଦନ
ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ଧରିତ୍ରୀର ପାଠକ ପାଠିକାଙ୍କ ସହ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା। ମୋ ସୁନ୍ଦରଗଡ଼ ଜିଲ୍ଲା ତଥା ରାଉରକେଲାବାସୀଙ୍କୁ ପ୍ରଭୁ ଶ୍ରୀଜଗନ୍ନାଥ ସୁଖ, ଶାନ୍ତି, ସମୃଦ୍ଧି ପ୍ରଦାନ କରନ୍ତୁ, ଏତିକି ମୋ କାମନା।
ରବି ରାୟ
ଓଡ଼ିଶା ପ୍ରଦେଶ କମିଟି, ପୂର୍ବତନ ପିସିସି ସଭାପତି, ରାଉରକେଲା

ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ସମସ୍ତ ପାଠକ ଓ ପାଠିକାଙ୍କୁ ମୋର ଅନେକ ଶୁଭେଚ୍ଛା ଓ ଶୁଭ କାମନା। ସାରା ରାଜ୍ୟରେ ଧରିତ୍ରୀ ଏଭଳି ନିଃସ୍ୱାର୍ଥପର ଭାବେ ଖବର ପ୍ରସାରଣ କରି ଆଗେଇ ଚାଲୁ, ଏତିକି ମୋ କାମନା।
ଅଭିନନ୍ଦନ
ରାଜୀବ କୁମାର ସିଂ
୬ଷ୍ଠ ଡନ୍ ବ୍ଲାକ୍ ବେଲ୍ଟ ଜାତୀୟ, ଅନ୍ତର୍ଜାତୀୟ କରାଟେ ମେଡାଲିଷ୍ଟ ଓ ଏସୀୟ କରାଟେ ଫେଡେରେସନ କୋଚ୍ ଓ ଜଜ୍

ଅଭିନନ୍ଦନ
ସର୍ବପ୍ରିୟ, ଜନଗଣଙ୍କ ଅଧିକାର ଓ ଓଡ଼ିଶାର ଗର୍ବ ଗୌରବକୁ ରକ୍ଷା କରିବା ସହ ମହିଳା, ଶିଶୁ ଅଧିକାର ପାଇଁ ସର୍ବଦା ଚେଷ୍ଟିତ ରହି ଆସୁଥିବା 'ଧରିତ୍ରୀ' ପରିବାରର ସମସ୍ତ ସଦସ୍ୟଙ୍କୁ ମୋର ହୃଦୟର ଧନ୍ୟବାଦ ଜଣାଉଛି।
ରାଜଲକ୍ଷ୍ମୀ ପାତ୍ର
ଅନନ୍ତ ଉଦୟ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷା ଓ ସମାଜସେବୀ, ରାଉରକେଲା

ରାଉରକେଲା ଟ୍ରକ୍ ମାଲିକ ସଂଘ
'ଧରିତ୍ରୀ' ର ୫୦ ବର୍ଷ ପାଳନ ଅବସରରେ ଧରିତ୍ରୀର ସମସ୍ତ ପରିବାର ସଦସ୍ୟଙ୍କୁ ମୋର ଅନେକ ଶୁଭେଚ୍ଛା। ଧରିତ୍ରୀ ଏଭଳି ଭାବେ ନିର୍ଭିକ ଖବର ପ୍ରସାରଣ କରି ଆଗେଇ ଚାଲିଥାଉ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର କାମନା।
ମୁକେଶ ସିଂ
ସଭାପତି
ଜଗଦିଶ ଜସୱାଲ
ସମ୍ପାଦକ
ରାଉରକେଲା ଟ୍ରକ୍ ଓନର ଆସୋସିଏସନ, ମହତାବ ରୋଡ, ରାଉରକେଲା

# ୪-୧ରେ ସିରିଜ୍ ଜିତିଲା ଭାରତ

**ବେଙ୍ଗାଲୁରୁ,୩।୧୨**

ଅନ୍ତିମ ଟି୨୦ରେ ଅଷ୍ଟ୍ରେଲିଆକୁ ୬ ରନରେ ହରାଇ ୫ ମ୍ୟାଚ୍ ବିଶିଷ୍ଟ ସିରିଜକୁ ୪-୧ରେ ଜିତି ନେଇଛି ଭାରତ। ଆର. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ ଶ୍ରେୟସ ଆୟରଙ୍କ ଅର୍ଦ୍ଧଶତକ ବଳରେ ଭାରତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୦ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୨୦ ଓଭରରେ ୮ ଉଇକେଟ ହରାଇ ୧୫୪ ରନ୍ କରିଥିଲା। ମାଥ୍ୟୁ ୱେଡ୍ ଟସ୍ ଜିତି ଭାରତକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲେ। ମେଘୁଆ ପାଗ କାରଣରୁ ପିଚ୍ ବ୍ୟାଟିଂ ସହାୟକ ନଥିବା ବେଳେ ଭାରତୀୟ ବ୍ୟାଟରଙ୍କୁ ସ୍କୋର କରିବାରେ ଅସୁବିଧା ହୋଇଥିଲା।

ଯଶସ୍ୱୀ ଜୟସ୍ୱାଲ(୨୧) ଓ ଋତୁରାଜ ଗାଏକ୍ୱାଡ (୧୦) ପ୍ରଥମ ଉଇକେଟରେ ୩୩ ରନ୍ ଯୋଡିଥିଲେ। ମାତ୍ର ୩ ବଲ୍ ବ୍ୟବଧାନରେ ଉଭୟ ଓପନର ପ୍ୟାଭିଲିୟନ ଫେରିଥିଲେ। ଦଳୀୟ ସ୍କୋର ୪୬ରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ(୫) ରନ୍ କରି ଆଉଟ ହୋଇଥିଲେ। ନିର୍ଭରଯୋଗ୍ୟ ରିଙ୍କୁ ସିଂ ମାତ୍ର ୫ ରନ୍ କରି ଦଳୀୟ ସ୍କୋର ୫୫ରେ ଆଉଟ ହୋଇଥିଲେ। ୫୫ ରନ୍‌ରେ ୪ ଉଇକେଟ ହରାଇବା ପରେ ଶ୍ରେୟସ୍ ଆୟର (୫୩) ଓ ଜିତେଶ ଶର୍ମା(୨୪) ପଞ୍ଚମ ଉଇକେଟରେ ୪୨ ରନ୍ ଯୋଡିଥିଲେ। ଜିତେଶ ୧୬ ବଲ୍ ଖେଳି ୩ ଚୌକା ଓ ୧ ଛକା ମାରିଥିଲେ। ପରବର୍ତ୍ତୀ ବ୍ୟାଟର ଅକ୍ଷର ପଟେଲ(୩୧) ରନ୍ ସ୍କୋର କରିବା ସହ ଆୟରଙ୍କ ସହ ମିଶି ୪୬ ରନ୍ ଯୋଡିଥିଲେ। ୨୧ ବଲ୍ ଖେଳି ପଟେଲ ୨ ଚୌକା ଓ ୧ ଛକା ମାରିଥିଲେ। ଶେଷ ଓଭରରେ ନିଜର ଅର୍ଦ୍ଧଶତକ ପୂରଣ କରିଥିବା ଆୟର ୩୭ ବଲ୍ ଖେଳି ୫୩ ରନ୍ କରିଥିଲେ। ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି ସେ ୫ ଚୌକା ଓ ୨ ଛକା ମାରିଥିଲେ। ଜାସନ୍ ବେହେଣ୍ଡ୍ରଫ୍ ଓ ବେନ୍ ଡ୍ୱାର୍ସୁଇସ୍ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆରୋନ ହାର୍ଡି, ତନଭୀର ସାଂଘା ଓ ନାଥାନ ଏଲିସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଏକ ପୁଲ୍ ଶଟ୍ ଖେଳିବା ଅବସରରେ ଶ୍ରେୟାସ ଆୟର।

୧୬୧ ରନ୍‌ର ଲକ୍ଷ୍ୟ ନେଇ ଇନିଂସ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ପକ୍ଷରୁ ଟ୍ରାଭିସ୍ ହେଡ୍(୨୮) ଓ ଜୋଶ ଫିଲିପ୍(୬) ପ୍ରଥମ ଉଇକେଟରେ ୨୨ ରନ୍ ଯୋଡିଥିଲେ। ପରବର୍ତ୍ତୀ ବ୍ୟାଟର ବେନ୍ ମ୍ୟାକଡେରମଟ୍ଟ(୫୪) ଓ ଟିମ୍ ଡେଭିଡ୍ (୧୭) ଚତୁର୍ଥ ଉଇକେଟରେ ୪୭ ରନ୍ ଯୋଡିଥିଲେ। ଶେଷ ଆଡକୁ ମାଥ୍ୟୁ ୱେଡ୍(୨୨) ରନ୍ କରିଥିଲେ ହେଁ ବିଜୟ ପାଇଁ ଏହା ଯଥେଷ୍ଟ ନ ଥିଲା। ଭାରତ ପକ୍ଷରୁ ମୁକେଶ କୁମାର ୩ ଉଇକେଟ ନେଇଥିବା ବେଳେ ରବି ବିଷ୍ଣୋଇ ଓ ଅର୍ଶଦୀପ ସିଂ ଦୁଇ ଓ ଅକ୍ଷର ପଟେଲ ୧ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୬୦/୮(ଶ୍ରେୟସ୍ ଆୟର-୫୩, ଅକ୍ଷର ପଟେଲ-୩୧, ଜିତେଶ ଶର୍ମା-୨୪, ଜାସନ୍ ବେହେଣ୍ଡ୍ରଫ-୨/୩୮, ବେନ୍ ଡ୍ୱାର୍ସୁଇସ୍-୨/୩୦, ଆରୋନ୍ ହାର୍ଡି-୧/୨୧)। ଅଷ୍ଟ୍ରେଲିଆ ୨୦ ଓଭରରେ ୧୫୪/୮(ବେନ୍ ମ୍ୟାକଡେରମଟ୍ଟ-୫୪, ଟ୍ରାଭିସ୍ ହେଡ୍-୨୮, ମାଥ୍ୟୁ ୱେଡ୍-୨୨, ମୁକେଶ କୁମାର-୩/୩୨, ରବି ବିଷ୍ଣୋଇ-୨/୨୯, ଅର୍ଶଦୀପ ସିଂ-୨/୪୦, ଅକ୍ଷର ପଟେଲ-୧/୧୪)।

# ହର୍ଷିତ ରଞ୍ଜନ ଚାମ୍ପିୟନ


ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର, ୩।୧୨ (ବିଜୟ ରଣା)**

ରୟାଲ ପବ୍ଲିକ ସ୍କୁଲ କେସୁରା ଓ ଭୁବନେଶ୍ୱର ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ୧୬ତମ ସନ୍ଦୀପ ମେମୋରିଆଲ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ କଟକସ୍ଥିତ ସେଣ୍ଟ ଜାଭିୟର୍ସ ସ୍କୁଲର ହର୍ଷିତ ରଞ୍ଜନ ସାହୁ ୪.୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଥିବା ବେଳେ କଟକ, ଓଲ୍ଡ ଷ୍ଟିୱାର୍ଟ ସ୍କୁଲର ଲଳିତ ରଞ୍ଜନ ସାହୁ (୪.୫ପଏଣ୍ଟ) ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଯଥାକ୍ରମେ ୩ୟରୁ ୧୦ମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ହେଲେ ରବୀନ୍ଦ୍ର ସାହୁ (କଳାହାଣ୍ଡି), ରବୀନ୍ଦ୍ର କୁମାର ଓଝା (କଟକ), ସୌମ୍ୟରଞ୍ଜନ ମିଶ୍ର (ଭୁବନେଶ୍ୱର), ପ୍ରକାଶଚନ୍ଦ୍ର ସାହୁ (ଦାଣ୍ଡମୁକୁନ୍ଦପୁର), ସୃଜନ ପ୍ରଣୟୀ ରାୟ (ଭୁବନେଶ୍ୱର), ସ୍ୱସ୍ତିକ ରଞ୍ଜନ ସ୍ୱାଇଁ, ମଣ୍ଟୁ ଲୁହା ଓ ଆୟୁଷମାନ ବେହେରା। ସେହିପରି ୭ବର୍ଷରୁ କମ୍ ବୟସ ବର୍ଗରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଖେଳାଳି ହେଲେ ସତ୍ୟନାରାୟଣ ସ୍ୱାଇଁ ଓ ଆଦିତ୍ୟ ଶଙ୍କର ବେହେରା। ୯ ବର୍ଷରୁ କମ୍ ବିଭାଗରେ ସାକେତ କୁମାର ମାଇତି ଓ ବିନୟ ଆଶୁତୋଷ ମହାରଣା ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି। ୧୧ବର୍ଷରୁ କମ୍ ବିଭାଗରେ ପ୍ରତୀକ କୁଶାଲ ରାଉତ ପ୍ରଥମ ଓ ସତ୍ୟମ୍ ସ୍ୱରୂପ ସାହୁ ଦ୍ୱିତୀୟ ହୋଇଛନ୍ତି। ୧୩ ବର୍ଷରୁ କମ୍ ବିଭାଗରେ ଆଦିତ୍ୟ ନାରାୟଣ ମହାନ୍ତି ଓ ସାତ୍ତ୍ୱିକ ପଟ୍ଟନାୟକ ଯଥାକ୍ରମ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି। ବାଳିକା ବିଭାଗରେ ସାନଭି ପଣ୍ଡା ଓ ଶାନ୍‌ଭି ମହାପାତ୍ର ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। କେଶୁରା, ରୟାଲ ପବ୍ଲିକ ସ୍କୁଲ, ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଚାମ୍ପିୟନଶିପ୍‌ର ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଉପସ୍ଥିତ ଥିଲେ ରୟାଲ ପବ୍ଲିକ ସ୍କୁଲର ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପରିମିତା ସାହ ଓ ମ୍ୟାନେଜର ଅଜୟ କୁମାର ଦାସ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ଭୁବନେଶ୍ୱର ଚେସ୍ ଆସୋସିଏଶନ ଯୁଗ୍ମ ସମ୍ପାଦକ ସୁରିନ୍ଦରନାଥ ମହାନ୍ତି।

# ୮ରୁ ଅଲ୍ ଓଡ଼ିଶା ନାଲ୍‌କୋ ଟେନିସ୍


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆୟୋଜକ ଓ କର୍ମକର୍ତ୍ତା।

**ଭୁବନେଶ୍ୱର,୩।୧୨ (ସରୋଜ ଜେନା)**

■ ୩୦୦ରୁ ଅଧିକ ପ୍ରତିଯୋଗୀ ଭାଗନେବେ
■ ୪ ଲକ୍ଷ ୩୨ ହଜାରର ପୁରସ୍କାର ରାଶି

ଭୁବନେଶ୍ୱର ଜିଲା ଟେନିସ ସଂଘ(ବିଡିଟିଏ) ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି ୨୨ତମ ଅଲ୍ ଓଡ଼ିଶା ନାଲ୍‌କୋ ଟେନିସ୍ ଟୁର୍ନାମେଣ୍ଟ। ଡିସେମ୍ବର ୮-୧୦ ମଧ୍ୟରେ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ୯ ବର୍ଗରେ ୩୦୦ରୁ ଅଧିକ ଖେଳାଳି ଭାଗ ନେବାକୁ ଥିବାବେଳେ ମୋଟ ୪ ଲକ୍ଷ ୩୨ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ରବିବାର ଏ ସମ୍ପର୍କିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ବିଡିଟିଏ ସମ୍ପାଦକ ଶାଶ୍ୱତ ମିଶ୍ର କହିଥିଲେ, କୋଭିଡ୍ କାରଣରୁ ୩ ବର୍ଷ ବନ୍ଦ ରହିବା ପରେ ଏହି ଟୁର୍ନାମେଣ୍ଟ ପୁନର୍ବାର ଆରମ୍ଭ ହେବାକୁ ଯାଉଛି। ନାଲ୍‌କୋ ଏହାର ମୁଖ୍ୟ ପ୍ରାୟୋଜକ ରହିଥିବା ବେଳେ ଓଏମ୍‌ସି ଓ ଟାଟା ଷ୍ଟିଲ ସହ ପ୍ରାୟୋଜକ ରହିଛନ୍ତି। ତେଣୁ ଅଲ ଓଡ଼ିଶା ଟେନିସ ଟୁର୍ନାମେଣ୍ଟ ସହ ନାଲ୍‌କୋକୁ ଯୋଡା ଯାଇଛି। ବିଡିଟିଏ ସହ ନାଲ୍‌କୋ ୫ ବର୍ଷ ପାଇଁ ପ୍ରାୟୋଜକ ଚୁକ୍ତି ସ୍ୱାକ୍ଷର କରିଛି। ୧୪ ବର୍ଷରୁ କମ୍ ବାଳକ-ବାଳିକା, ୧୮ ବର୍ଷରୁ କମ ବାଳକ, ମହିଳା ଓପନ, ପୁରୁଷ ଓପନ, ପୁରୁଷ ଡବଲ୍ସ, ପୁରୁଷ ଭେଟେରାନ(୪୦ ବର୍ଷରୁ ଉର୍ଦ୍ଧ୍ୱ) ଡବଲ୍ସ, ପୁରୁଷ ଭେଟେରାନ(୫୦ ବର୍ଷରୁ ଉର୍ଦ୍ଧ୍ୱ) ଏବଂ ପୁରୁଷ ଭେଟେରାନ (୬୦ ବର୍ଷରୁ ଉର୍ଦ୍ଧ୍ୱ) ଆଦି ୯ ବର୍ଗରେ ୩୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ସିଙ୍ଗଲ୍ସ ବୟସ ବର୍ଗରେ ୨୦୦ ଟଙ୍କା, ପୁରୁଷ ଓ ମହିଳା ବର୍ଗର ଓପନ ନିମନ୍ତେ ୩୦୦ ଟଙ୍କା ଏବଂ ଭେଟେରାନ ଡବଲ୍ସ ନିମନ୍ତେ ୫୦୦ ଟଙ୍କା ପ୍ରବେଶିକା ଫି ପ୍ରତିଯୋଗୀଙ୍କ ନିମନ୍ତେ ଧାର୍ଯ୍ୟ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରବିବାର କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ ସେଣ୍ଟରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଡିଟିଏ ସମ୍ପାଦକ ଶାଶ୍ୱତ ମିଶ୍ର, କୋଷାଧ୍ୟକ୍ଷ ଅଜୟ ସାହୁ, ଦେବୀ ବିଶ୍ୱାଳ ଏବଂ ସରୋଜ ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ।

# ବିଜୟ ହଜାରେ ଟ୍ରଫି: ଓଡ଼ିଶାର ବୃହତ୍ ବିଜୟ

**ଭୁବନେଶ୍ୱର,୩।୧୨ (ସରୋଜ ଜେନା)**

ବିଜୟ ହଜାରେ ଟ୍ରଫିରେ ଓଡ଼ିଶା ଏହାର ତୃତୀୟ ବିଜୟ ହାସଲ କରିଛି। ରବିବାର ତ୍ରିପୁରାକୁ ଦଳ ୯ ଉଇକେଟରେ ପରାସ୍ତ କରିଛି। ଟସ୍ ଜିତି ଓଡ଼ିଶା ପ୍ରଥମେ ବୋଲିଂ କରିଥିଲା। ତ୍ରିପୁରା ୩୪.୪ ଓଭରରେ ୧୧ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଓଡ଼ିଶା ୨୧.୫ ଓଭରରେ ୧ ଉଇକେଟ ହରାଇ ବିଜୟ ହାସଲ କରିଥିଲା।

ଓଡ଼ିଶା ଟସ୍ ଜିତି ବୋଲିଂ କରିଥିବା ବେଳେ ଦେବବ୍ରତ ପ୍ରଧାନ ଘାତକ ବୋଲିଂ କରିଥିଲେ। ଦେବବ୍ରତ (୮.୪-୪-୧୬-୪)ଚମତ୍କାର ସ୍ପେଲ ସହିତ ତ୍ରିପୁରା ବ୍ୟାଟିଂ ଲାଇନ୍‌ଅପ୍‌କୁ ଧ୍ୱସ୍ତ କରି ଦେଇଥିଲେ। ତ୍ରିପୁରା ୩୫ ରନ୍‌ରେ ୬ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ଦଳ ପକ୍ଷରୁ ୭ ଜଣ ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ସପ୍ତମ ଉଇକେଟରେ ପାଲଜୋର ତମାଙ୍ଗ(୪୨) ଓ ସୁମିତ ସିଂ(୧୪)ଙ୍କ ମଧ୍ୟରେ ୩୮ ରନ୍‌ର ଭାଗୀଦାରି ହୋଇଥିଲା। ଓଡ଼ିଶା ପକ୍ଷରୁ ଦେବବ୍ରତ ପ୍ରଧାନ ୪ ଉଇକେଟ ନେଇଥିବା ବେଳେ ତାରିଣୀ ସ' ୩ ଉଇକେଟ ନେଇଥିଲେ। ଗୋବିନ୍ଦ ପୋଦ୍ଦାର ଓ ଅଭିଷେକ ରାଉତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୧୨ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଓଡ଼ିଶା ୧୦ ରନରେ ଓପନର ତଥା ଅଧିନାୟକ ଶାନ୍ତନୁ ମିଶ୍ର(୪)ଙ୍କ ଉଇକେଟ ହରାଇଥିଲା। ତେବେ ସନ୍ଦୀପ ପଟ୍ଟନାୟକ(୫୭) ଓ କାର୍ତ୍ତିକ ବିଶ୍ୱାଳ(୪୪) ଦ୍ୱିତୀୟ ଉଇକେଟରେ ଅବିଭାଜିତ ୧୦୭ ରନ୍ ଯୋଡି ଓଡ଼ିଶାକୁ ଏହାର ତୃତୀୟ ବିଜୟ ପ୍ରଦାନ କରିଥିଲେ। ସନ୍ଦୀପ ୬୧ ବଲ୍ ଖେଳି ୩ ଚୌକା ଓ ୨ ଛକା ମାରିଥିଲେ। କାର୍ତ୍ତିକ ୬୩ ବଲ୍ ଖେଳି ୩ ଚୌକା ମାରିଥିଲେ। ତ୍ରିପୁରା ପକ୍ଷରୁ ସୁମିତ ସିଂ ଏକମାତ୍ର ଉଇକେଟ ନେଇଥିଲେ। ଓଡ଼ିଶା ଏହାର ଅନ୍ତିମ ମ୍ୟାଚରେ ମୁମ୍ବାଇକୁ ଭେଟିବ।







# ଖେଳରତ୍ନ ପୁରସ୍କାର କମିଟି ଗଠିତ

**ନୂଆଦିଲ୍ଲୀ, ୩।୧୨(ପି.ଟି.):** ମେଜର ଧ୍ୟାନଚାନ୍ଦ ଖେଳରତ୍ନ, ଅର୍ଜୁନ ଓ ଧ୍ୟାନଚାନ୍ଦ ପୁରସ୍କାର ପାଇଁ ଚୟନ କମିଟି ଗଠନ କରାଯାଇଥିବା କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ରବିବାର ଘୋଷଣା କରାଯାଇଛି। ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ଏଏମ୍ ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିର ସଦସ୍ୟ ସଂଖ୍ୟା ୧୨ ରହିଛି। ତନ୍ମଧ୍ୟରେ ୬ଜଣ ଜଣାଶୁଣା କ୍ରୀଡ଼ା ବ୍ୟକ୍ତିତ୍ୱ ଅଛନ୍ତି। ସେମାନେ ହେଲେ ଭାରତର ପୂର୍ବତନ ହକି ଅଧିନାୟକ ଧନରାଜ ପିଲ୍ଲେ, ଅଲିମ୍ପିଆନ ବକ୍ସର ଅଖିଲ କୁମାର, ଶୁଟର ଶୁମା ଶିରୁର୍, ଟେବୁଲ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆ ତରଫରୁ ପ୍ରତିନିଧିତ୍ୱ କରୁଥିବା ୮ ଥର ଜାତୀୟ ଟେବୁଲ ଟେନିସ ଚାମ୍ପିୟନ କମଲେଶ ମେହେଟା। ପୂର୍ବତନ ଭାରତୀୟ ମହିଳା କ୍ରିକେଟ ଅଧିନାୟିକା ଅଞ୍ଜୁମ ଚୋପ୍ରା ଏବଂ ମିଶନ ଅଲିମ୍ପିକ ସେଲ ଓ ଫାର୍ମାନ ବାଶା ଅଫ୍ ପାୱାର ଲିଫ୍ଟିଂ ଫେଡେରେଶନର ଅଂଶ ବିଶେଷ ଥିବା ବ୍ୟାଡ୍‌ମିଣ୍ଟନ ଖେଳାଳି ତ୍ରୁପତି ମୁରୁଗୁଣ୍ଡେ ମଧ୍ୟ କମିଟିର ସଦସ୍ୟ ରହିଛନ୍ତି। ମିଡିଆ ପ୍ରତିନିଧି ଭାବେ ଦୈନିକ ଜାଗରଣର ସ୍ପୋର୍ଟ୍ସ ଏଡିଟର ଅଭିଷେକ ତ୍ରିପାଠୀ, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ମହାନିର୍ଦ୍ଦେଶକ ସନ୍ଦୀପ ପ୍ରଧାନ, ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍‌ର ସିଇଓ ପୁଷ୍ପେନ୍ଦ୍ର ଗର୍ଗ ଏବଂ ସରକାରୀ ଅଫସିଆଲ ଭାବେ ଯୁଗ୍ମ ସଚିବ (ଏମ୍‌ୱାଇଏଏସ୍) ପ୍ରେମ୍ କୁମାର ଝା ଏହି କମିଟିରେ ସ୍ଥାନ ପାଇଛନ୍ତି।


ଏଏମ୍ ଖାନ୍‌ୱିଲକର

# ଅଶ୍ୱିନୀ-ତନିଶା ଯୋଡ଼ି ରନର ଅପ୍

**ଲକ୍ଷ୍ନୌ, ୩।୧୨ (ପି.ଟି.):** ଭାରତର ଡବଲ୍ସ ଯୋଡ଼ି ଅଶ୍ୱିନୀ ପୋନ୍ନାପ୍ପା ଓ ତନିଶା କ୍ରାଷ୍ଟୋ ଏଠାରେ ଚାଲିଥିବା ସୟଦ ମୋଦୀ ଇଣ୍ଟରନ୍ୟାଶନାଲ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ମହିଳା ଡବଲ୍ସ ରନର ଅପ୍ ହୋଇଛି। ରବିବାର ଫାଇନାଲରେ ବିଶ୍ୱର ୩୨ ନମ୍ବର ଭାରତୀୟ ଯୋଡ଼ି ତୃତୀୟ ସିଡ୍ ଜାପାନର ରିନ୍ ଇୱାନାଗା ଓ କିଏ ନାକାନିଶିଙ୍କଠାରୁ ୧୪-୨୧, ୨୧-୧୭, ୧୫-୨୧ରେ ହାରି ଯାଇଛନ୍ତି।

# ଜନ୍ମଦିନ ବିଶେଷାଙ୍କ ଧରିତ୍ରୀ 50

ଧରିତ୍ରୀର ୫୦ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ। ଏଥିରେ ଧରିତ୍ରୀର ୫୦ ବର୍ଷର ଯାତ୍ରାପଥରେ ବିଭିନ୍ନ ଉଲ୍ଲେଖନୀୟ ଘଟଣାର ଫଟୋଚିତ୍ର ସମେତ ଦାରୁଦିଅଁଙ୍କ ୫୦ ନୀତି, ୫୦ ମିଠାପିଠା, ଅନୁସରଣୀୟ ୫୦ ବ୍ୟକ୍ତିତ୍ୱ, ଓଡ଼ିଶାର ୫୦ ଜନଜାତି, ପର୍ଯ୍ୟଟନର ୫୦ ଆକର୍ଷଣ, ଓଡ଼ିଆ ସାହିତ୍ୟରେ ଛାପ ଛାଡ଼ିଥିବା ୫୦ ବହି, ୫୦ ଆମ ଖେଳ ଓ ଖେଳାଳି, ୫୦ ଲୋକପ୍ରିୟ ଓଡ଼ିଆ ସିନେମା ଗୀତ ସହ ୧୯୭୪ରୁ ୨୦୨୩ ମସିହା ମଧ୍ୟରେ ଧରିତ୍ରୀର ପୃଷ୍ଠା ମଣ୍ଡନ କରିଥିବା ବହୁ ପ୍ରବୀଣ ଲେଖକଙ୍କ ଗୃହୀତ ଗଳ୍ପ, କବିତା ଓ ପ୍ରବନ୍ଧକୁ ନେଇ ଏହି ସଂଖ୍ୟା ସମୃଦ୍ଧ। ଏଥିସହ ବିଶିଷ୍ଟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର କଳାକୃତିରେ ପୁଷ୍ଟ ଏହି ବିଶେଷାଙ୍କର ପ୍ରଚ୍ଛଦ।

**ମୂଲ୍ୟ:୧୦୦**

**ଯୋଗାଯୋଗ- ଭୁବନେଶ୍ୱର:** ସମୀର ରଞ୍ଜନ ପରିଡ଼ା- ୯୮୫୩୧୯୮୯୮୫୬
**(କଟକ ସହର,ଖୋର୍ଦ୍ଧା,ପୁରୀ):**
ଅରବିନ୍ଦ ପାଠୀ -୭୦୦୮୯୫୦୪୨୫
**କଟକ ସଦର:** ପ୍ରମୋଦ ନାୟକ - ୮୨୪୯୨୯୦୩୭୨
**ବାଲେଶ୍ୱର:** ଆଲୋକ କାନୁନ୍‌ଗୋ-୮୨୪୯୫୮୪୦୧୦
**ସମ୍ବଲପୁର:** ନରୋତ୍ତମ ଜେନା- ୯୩୪୮୨୦୯୫୩୪
**ଅନୁଗୋଳ:** ସୌରଭ ତ୍ରିପାଠୀ-୮୮୪୭୮୬୨୦୯୨
**ରାୟଗଡ଼ା:** ବିଶ୍ୱଜିତ୍ ପାଲଟାସିଂ-୭୯୭୮୦୩୮୨୦୩
**ବ୍ରହ୍ମପୁର:** ମଳୟ କୁମାର ସାହୁ-୯୪୩୯୬୮୩୯୯୯




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ।

**ଦୂରଭାଷ: ୦୬୭୪-୨୫୮୦୧୦୧, ୨୫୪୯୩୦୨**




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ